# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୪/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, September 4/2025 | Page 14 | ₹ 7.00

୫୧ଶ ଭାଗ ୨୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 280 | ମୂଲ୍ୟ ₹୭/-


भारत सरकार
GOVERNMENT OF INDIA

सत्यमेव जयते

## ରାଷ୍ଟ୍ର ପାଇଁ ଦୀପାବଳିର ଐତିହାସିକ ଭେଟି

# ନେକ୍ସଟ୍-ଜେନ୍ ଜିଏସ୍‌ଟି ସଂସ୍କାର

## ଜୀବନଯାପନକୁ ସହଜ କରିବା ଓ ଆତ୍ମନିର୍ଭର ଭାରତ ଗଢ଼ିବା ପାଇଁ

**ଚାଷୀଙ୍କଠାରୁ ଉଦ୍ୟୋଗ ପର୍ଯ୍ୟନ୍ତ, ଘରରୁ ବ୍ୟବସାୟ ପର୍ଯ୍ୟନ୍ତ, ନେକ୍ସଟ୍-ଜେନ୍ ଜିଏସ୍‌ଟି ଆଣିଛି ସମସ୍ତଙ୍କ ପାଇଁ ଖୁସି!**

### ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ବଡ଼ ସଞ୍ଚୟ

| ସାମଗ୍ରୀ | ଥିଲା | ହେଲା |
|---|---|---|
| ହେୟାର ଅଏଲ୍, ଶାମ୍ପୁ, ଟୁଥ୍‌ପେଷ୍ଟ, ଟଏଲେଟ୍ ସୋପ୍ ବାର୍, ଟୁଥ୍ ବ୍ରଶ୍, ଶେଭିଂ କ୍ରିମ୍ | ୧୮% | ୫% |
| ବଟର୍, ଘିଅ, ଚିଜ୍ ଓ ଡେୟାରୀ ସ୍ପ୍ରେଡ୍‌ସ | ୧୨% | ୫% |
| ପ୍ରି-ପ୍ୟାକେଜ୍‌ଡ ନମ୍‌କିନ୍, ଭୁଜିଆ ଓ ମିକ୍ସର୍ | ୧୨% | ୫% |
| ବାସନକୁସନ | ୧୨% | ୫% |
| ଫିଡିଂ ବଟଲ, ଶିଶୁଙ୍କ ପାଇଁ ନାପ୍‌କିନ୍ ଓ କ୍ଲିନିକାଲ୍ ଡାଇପର୍ସ | ୧୨% | ୫% |
| ସିଲେଇ ମେଶିନ ଓ ଯନ୍ତ୍ରାଂଶ | ୧୨% | ୫% |

### କୃଷକ ଓ କୃଷି ପାଇଁ ଲାଭ

| ସାମଗ୍ରୀ | ଥିଲା | ହେଲା |
|---|---|---|
| ଟ୍ରାକ୍ଟର ଟାୟାର ଓ ଯନ୍ତ୍ରାଂଶ | ୧୮% | ୫% |
| ଟ୍ରାକ୍ଟର | ୧୨% | ୫% |
| ବିନିର୍ଦ୍ଦିଷ୍ଟ ଜୈବ-କୀଟନାଶକ, ସୂକ୍ଷ୍ମ-ପୋଷକ | ୧୨% | ୫% |
| ବୁନ୍ଦା ଜଳସେଚନ ପ୍ରଣାଳୀ ଏବଂ ସ୍ପ୍ରିଙ୍କଲର୍ | ୧୨% | ୫% |
| କୃଷି, ଉଦ୍ୟାନକୃଷି କିମ୍ବା ବନୀକରଣ, ମୃତ୍ତିକା ପ୍ରସ୍ତୁତି, ଚାଷ, ଅମଳ ଓ ଥ୍ରେସିଂ ପାଇଁ ଉଦ୍ଦିଷ୍ଟ ଯନ୍ତ୍ର | ୧୨% | ୫% |

### ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉପଶମ

| ସାମଗ୍ରୀ | ଥିଲା | ହେଲା |
|---|---|---|
| ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଓ ଜୀବନ ବୀମା | ୧୮% | ଶୂନ |
| ଥର୍ମୋମିଟର | ୧୮% | ୫% |
| ମେଡିକାଲ ଗ୍ରେଡ୍ ଅକ୍ସିଜେନ୍ | ୧୨% | ୫% |
| ସମସ୍ତ ଡାଇଗ୍ନୋଷ୍ଟିକ୍ କିଟ୍‌ସ ଓ ରିଜେଣ୍ଟ୍‌ସ | ୧୨% | ୫% |
| ଗ୍ଲୁକୋମିଟର୍ ଓ ଟେଷ୍ଟ ଷ୍ଟ୍ରିପ୍‌ସ | ୧୨% | ୫% |
| ଡାକ୍ତରୀ ଚଷମା | ୧୨% | ୫% |

### ଅଟୋମୋବାଇଲ ହେଲା ଆହୁରି ସୁଲଭ

| ସାମଗ୍ରୀ | ଥିଲା | ହେଲା |
|---|---|---|
| ପେଟ୍ରୋଲ ଓ ପେଟ୍ରୋଲ ହାଇବ୍ରିଡ୍, ଏଲ୍‌ପିଜି, ସିଏନ୍‌ଜି କାର୍ (୧୨୦୦ ସିସି ଓ ୪୦୦୦ ମିମିରୁ ଅଧିକ ନୁହେଁ) | ୨୮% | ୧୮% |
| ଡିଜେଲ ଓ ଡିଜେଲ ହାଇବ୍ରିଡ୍ କାର୍ (୧୫୦୦ ସିସି ଓ ୪୦୦୦ ମିମିରୁ ଅଧିକ ନୁହେଁ) | ୨୮% | ୧୮% |
| ୩ ଚକିଆ ଯାନ | ୨୮% | ୧୮% |
| ମୋଟର ସାଇକେଲ (୩୫୦ ସିସି ଓ କମ୍) | ୨୮% | ୧୮% |
| ମାଲ୍ ପରିବହନ ପାଇଁ ମୋଟର ଯାନ | ୨୮% | ୧୮% |

### ସୁଲଭ ଶିକ୍ଷା

| ସାମଗ୍ରୀ | ଥିଲା | ହେଲା |
|---|---|---|
| ମ୍ୟାପ୍, ଚାର୍ଟ ଓ ଗ୍ଲୋବ୍ସ | ୧୨% | ଶୂନ |
| ପେନ୍‌ସିଲ, ଶାର୍ପେନର୍, କ୍ରେୟନ୍ ଓ ପାଷ୍ଟେଲ୍ସ | ୧୨% | ଶୂନ |
| ଅଭ୍ୟାସ ପୁସ୍ତକ ଓ ନୋଟ୍‌ବୁକ୍ | ୧୨% | ଶୂନ |
| ଇରେଜର୍ | ୫% | ଶୂନ |

### ଇଲେକ୍ଟ୍ରୋନିକ୍ ଉପକରଣରେ କରନ୍ତୁ ସଞ୍ଚୟ

| ସାମଗ୍ରୀ | ଥିଲା | ହେଲା |
|---|---|---|
| ଏୟାର୍ କଣ୍ଡିସନର୍ସ | ୨୮% | ୧୮% |
| ଟେଲିଭିଜନ୍ (୩୨'' ରୁ ଅଧିକ) (ଏଲ୍‌ଇଡି ଓ ଏଲ୍‌ସିଡି ଟିଭି ସମେତ) | ୨୮% | ୧୮% |
| ମନିଟର୍ ଓ ପ୍ରୋଜେକ୍ଟର | ୨୮% | ୧୮% |
| ଡିଶ୍ ୱାଶିଂ ମେଶିନ୍ | ୨୮% | ୧୮% |

### ପ୍ରକ୍ରିୟା ସଂସ୍କାର

**ପଞ୍ଜୀକରଣ**

ଆବେଦନକାରୀଙ୍କ ପାଇଁ ୩ଟି କାର୍ଯ୍ୟଦିବସ ମଧ୍ୟରେ ସ୍ୱଚାଳିତ ପଞ୍ଜୀକରଣ

- ଡେଟା ବିଶ୍ଳେଷଣ ଆଧାରରେ ସିଷ୍ଟମ୍ ଦ୍ୱାରା ଚିହ୍ନଟୀକରଣ
- ଯେଉଁମାନେ ଏହା ନିର୍ଦ୍ଧାରିତ କରିଛନ୍ତି ଯେ, ସେମାନଙ୍କର ମାସିକ ₹୨.୫ ଲକ୍ଷ ଟଙ୍କାରୁ ଅଧିକ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ଅତିକ୍ରମ କରିବ ନାହିଁ ସେମାନେ ଏହି ଯୋଜନାର ଲାଭ ଉଠାଇପାରିବେ

**ରିଫଣ୍ଡ**

ସିଷ୍ଟମ୍ ଆଧାରିତ କ୍ଷତିଭୟ ମୂଲ୍ୟାୟନ ମାଧ୍ୟମରେ ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ଅସ୍ଥାୟୀ ରିଫଣ୍ଡର ମଞ୍ଜୁରୀ:

- ଜିରୋ ରେଟେଡ୍ ଯୋଗାଣ ପାଇଁ
- ଇନ୍‌ଭର୍ଟେଡ୍ ଡ୍ୟୁଟି ଷ୍ଟ୍ରକ୍ଚର୍ ପାଇଁ



"ଏହି ଦୀପାବଳିରେ ନେକ୍ସଟ୍ ଜେନେରେଶନ୍ ଜିଏସ୍‌ଟି ସଂସ୍କାର ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଉପହାର । ଜନସାଧାରଣଙ୍କୁ ଅପେକ୍ଷାକୃତ କମ୍ ଟିକସ ଦେବାକୁ ପଡ଼ିବ । ଆମର ଏମ୍‌ଏସ୍‌ଏମ୍‌ଇ ଓ ଲଘୁ ଉଦ୍ୟୋଗୀ ବହୁଳ ଭାବେ ଉପକୃତ ହେବେ । ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଶସ୍ତା ହେବ ଏବଂ ଏହା ଅର୍ଥନୀତିକୁ ଏକ ନୂଆ ପ୍ରୋତ୍ସାହନ ମଧ୍ୟ ଯୋଗାଇବ ।"

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

**ନେକ୍ସଟ୍-ଜେନ୍ ଜିଏସ୍‌ଟି - ଶ୍ରେୟସ୍କର ଓ ଆହୁରି ସରଳ!**

ସବିଶେଷ ସୂଚନା ପାଇଁ ଦୟାକରି ସିବିଆଇସି ୱେବ୍‌ସାଇଟ୍ **'www.cbic.gov.in'** ପରିଦର୍ଶନ କରନ୍ତୁ

@cbic_india | @cbicindia | @CBICINDIA | @cbicindia | @CBICIndia | www.cbic.gov.in

CBC 15502/13/0006/2526

ଧରିତ୍ରୀ 51 Years
ଭୁବନେଶ୍ୱର, ଗୁରୁବାର, ୪ ସେପ୍ଟେମ୍ବର, ୨୦୨୫

**ବେଲୁଚିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ: ୧୪ ମୃତ**

ପାକିସ୍ତାନର କ୍ୱେଟା ସହରର ସରିଆବ୍‌ସ୍ଥିତ ଶାହୱାନୀ ଷ୍ଟାଡିୟମରେ ବେଲୁଚିସ୍ତାନ ନ୍ୟାଶନାଲ ପାର୍ଟି(ବିଏନ୍‌ପି) ଦ୍ୱାରା ଆୟୋଜିତ ଏକ ରାଲି ସମାପନ ହେବାର ଠିକ୍ ପରେ ଆତ୍ମଘାତୀ ବୋମା ବିସ୍ଫୋରଣ ଘଟି ୧୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩୫ ଜଣ ଆହତ ହୋଇଛନ୍ତି। ସର୍ଦ୍ଦାର ଅତାଉଲ୍ଲାହ ମେଙ୍ଗଲଙ୍କ ଚତୁର୍ଥ ପୁଣ୍ୟତିଥି ଅବସରରେ ବିଏନ୍‌ପି ପକ୍ଷରୁ ଉକ୍ତ ରାଲିର ଆୟୋଜନ କରାଯାଇଥିଲା।



## ଦିଲ୍ଲୀରେ ଆଜି



ନୂଆଦିଲ୍ଲୀରେ ଯମୁନା ନଦୀ ଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଯମୁନା ଖାଦରରେ ଥିବା ପାର୍କ ବନ୍ୟା ପାଣିରେ ବୁଡ଼ିଯାଇଛି। (ଫଟୋ- ଚମନ ଗୌତମ)

## ଗୁରୁତ୍ୱପୂର୍ଣ୍ଣ ଖଣିଜ ପୁନଃ ଚକ୍ରଣ ପାଇଁ ୧,୫୦୦ କୋଟି

### ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ, ୩।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଅଧ୍ୟକ୍ଷତାରେ ବୁଧବାର କେନ୍ଦ୍ର କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଦେଶରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ପୁନଃ ଚକ୍ରଣକୁ ପ୍ରୋତ୍ସାହିତ କରିବା ପାଇଁ ୧,୫୦୦ କୋଟି ଟଙ୍କାର ଏକ ପ୍ରୋତ୍ସାହନ ଯୋଜନାକୁ ଏହି କ୍ୟାବିନେଟ ବୈଠକରେ ମଞ୍ଜୁରୀ ମିଳିଛି। ଆର୍ଥିକ ବର୍ଷ ୨୦୨୫-୨୬ରୁ ୨୦୩୦-୩୧ ପର୍ଯ୍ୟନ୍ତ ୬ ବର୍ଷ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହି ଯୋଜନା ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ (ଏନ୍‌ସିଏମ୍ଏମ୍)ର ଏକ ଅଂଶ ହୋଇଥିବାବେଳେ ଏହାଦ୍ୱାରା ପ୍ରାୟ ୮ ହଜାର କୋଟି ଟଙ୍କାର ନିବେଶ ଏବଂ ପ୍ରାୟ ୭୦ ହଜାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବାର ଆଶା କରାଯାଉଛି।

## 'ଷଡ଼ଯନ୍ତ୍ର ହୋଇଛି': ବିଆର୍‌ଏସ୍‌ରୁ କବିତାଙ୍କ ଇସ୍ତଫା

**ହାଇଦ୍ରାବାଦ, ୩।୯**



ଦଳ ବିରୋଧୀ କାର୍ଯ୍ୟକଳାପରେ ସାମିଲ ଥିବା ଦର୍ଶାଇ ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ କେ. କବିତାଙ୍କୁ ମଙ୍ଗଳବାର ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ରୁ ନିଲମ୍ବନ କରାଯାଇଥିଲା। ଏହାର ଦିନକ ପରେ ସେ ବିଆର୍‌ଏସ୍‌ରୁ ଇସ୍ତଫା ଦେଇଛନ୍ତି। ସେହିପରି କବିତା ତେଲଙ୍ଗାନା ବିଧାନ ପରିଷଦର ସଦସ୍ୟତା ମଧ୍ୟ ଛାଡ଼ିଛନ୍ତି। ବୁଧବାର ହାଇଦ୍ରାବାଦରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କବିତା କହିଛନ୍ତି, ବିଆର୍‌ଏସ୍‌ର କିଛି ନେତା ମିଶି ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚିଥିଲେ ଏବଂ ତାଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ତାଙ୍କୁ ତାଙ୍କ ଭାଇ ତଥା ବିଆର୍‌ଏସ୍‌ର କାର୍ଯ୍ୟକାରୀ ସଭାପତି କେ.ଟି. ରାମା ରାଓଙ୍କ ସହଯୋଗ ମିଳି ନ ଥିଲା ବୋଲି କବିତା କ୍ଷୋଭର ସହ କହିଛନ୍ତି।

## ଭାରତ ଆମକୁ ଟାରିଫ୍‌ରେ ମାରୁଛି: ଟ୍ରମ୍ପ

**ୱାଶିଂଟନ, ୩।୯ (ପି.ଟି.)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଟାରିଫ୍ ପ୍ରସଙ୍ଗକୁ ନେଇ ଭାରତକୁ ଟାର୍ଗେଟ କରିଛନ୍ତି। ସ୍କଟ୍ ଜେନିଙ୍ଗ୍‌ସ ରେଡିଓ ଶୋ'ରେ ଏକ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି, ଆମେରିକା ସାମଗ୍ରୀ ଉପରେ ସବୁ ଟାରିଫ୍‌କୁ ହଟାଇବା ପାଇଁ ଭାରତ ପକ୍ଷରୁ ନିକଟରେ ତାଙ୍କୁ ପ୍ରସ୍ତାବ ଦିଆଯାଇଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକାର ୫୦% ଟାରିଫ୍ ପରେ ଏହା ସମ୍ଭବ ହୋଇପାରିଛି। ଟ୍ରମ୍ପ କହିଛନ୍ତି, ଆମେରିକା ସାମଗ୍ରୀ ଉପରେ ସର୍ବାଧିକ ଟାରିଫ୍ ଲଗାଉଥିବା ଦେଶ ହେଉଛି ଭାରତ। ଚାଇନା ଏବଂ ବ୍ରାଜିଲ ପରି ଭାରତ ମଧ୍ୟ ଆମେରିକାକୁ ଟାରିଫ୍‌ରେ ମାରୁଥିବା ସେ କହିଛନ୍ତି।

## ପୱନଙ୍କ ସ୍ତ୍ରୀ ୨ ଭୋଟର କାର୍ଡ ରଖିଛନ୍ତି: ଭାଜପା

**ନୂଆଦିଲ୍ଲୀ, ୩।୯ (ପି.ଟି.)**

କଂଗ୍ରେସ ମୁଖପାତ୍ର ପୱନ ଖେରାଙ୍କ ସ୍ତ୍ରୀ କୋଟା ନିଲିମାଙ୍କ ନିକଟରେ ୨ଟି ଭୋଟର ଆଇଡି କାର୍ଡ ଥିବା ନେଇ ବୁଧବାର ଭାଜପା ମୁଖପାତ୍ର ଶାଜିଆ ଇଲ୍‌ମି ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି। ନିଲିମା ତେଲଙ୍ଗାନା କଂଗ୍ରେସରେ ସକ୍ରିୟ ଥିବାବେଳେ ୨୦୨୩ ତେଲଙ୍ଗାନା ବିଧାନସଭା ନିର୍ବାଚନରେ ସେ ଖଇରତାବାଦ ଆସନରୁ ଦଳୀୟ ପ୍ରାର୍ଥୀ ହୋଇଥିଲେ। ତାଙ୍କର ୨ଟି ସକ୍ରିୟ ଇପିଆଇସି (ଭୋଟର ଫଟୋ ପରିଚୟ ପତ୍ର) କାର୍ଡ ରହିଛି। ଗୋଟିଏ କାର୍ଡ ତେଲଙ୍ଗାନାର ଖଇରତାବାଦ ବିଧାନସଭା ଆସନରେ ପଞ୍ଜୀକୃତ ଥିବାବେଳେ ଅନ୍ୟଟି ଦିଲ୍ଲୀର ନୂଆଦିଲ୍ଲୀ ବିଧାନସଭା ଆସନରେ ପଞ୍ଜୀକୃତ ଥିବା ଶାଜିଆ କହିଛନ୍ତି। ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିଜ ଦଳୀୟ ନେତାଙ୍କ ଏପରି ଆପରାଧିକ କାର୍ଯ୍ୟକୁ ନେଇ କେବେ ସ୍ୱର ଉଠାଇବେ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଉତ୍ତର ଭାରତରେ ଜଳତାଣ୍ଡବ

**ନୂଆଦିଲ୍ଲୀ/ ଚଣ୍ଡିଗଡ଼/ ଶ୍ରୀନଗର/ ଶିମ୍ଲା, ୩।୯**

- ହିମାଚଳରେ ଭୂସ୍ଖଳନ: ୭ ମୃତ
- ପଞ୍ଜାବରେ ମୃତ୍ୟୁସଂଖ୍ୟା ୩୭କୁ ବୃଦ୍ଧି, ୭ ଯାଏ ସ୍କୁଲ ବନ୍ଦ
- କଶ୍ମୀରରେ ୨ ମୃତ, ବିପଦ ସଙ୍କେତ ଟପିଲା ଝେଲମ, ଚେନାବ ଜଳସ୍ତର

ଜମ୍ମୁ-କଶ୍ମୀର, ପଞ୍ଜାବ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଦିଲ୍ଲୀ ପରି ଉତ୍ତର ଭାରତୀୟ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ପ୍ରକୃତିର କୋପ ଜାରି ରହିଛି। ହିମାଚଳ ପ୍ରଦେଶର ମଣ୍ଡି ଜିଲାସ୍ଥିତ ଜନଗାମ୍‌ବାଗ୍‌ଠାରେ ଭୂସ୍ଖଳନ ଘଟି ୨ଟି ଘର ଭୁଶୁଡ଼ିପଡ଼ିଥିବା ବେଳେ ୭ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଜଣେ ନିଖୋଜ ରହିଛନ୍ତି। ଭୂସ୍ଖଳନ ଯୋଗୁ ରାଜ୍ୟର ୭ଟି ଜାତୀୟ ରାଜପଥ ସହ ୧୧୫୫ଟି ରାସ୍ତାରେ ଗମନାଗମନ ବନ୍ଦ ରହିଛି।

ପଞ୍ଜାବରେ ବନ୍ୟା ସ୍ଥିତି ଉତ୍କଟ ରୂପ ଧାରଣ କରିଛି। ବୁଧବାର ସୁଦ୍ଧା ରାଜ୍ୟରେ ବନ୍ୟା ସମ୍ବନ୍ଧିତ ବିଭିନ୍ନ ଘଟଣାରେ ୩୭ ଜଣ ପ୍ରାଣ ହରାଇଥିବା ବେଳେ ୧,୬୫୫ ଗ୍ରାମର ୩ ଲକ୍ଷ ୫୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ରାଜ୍ୟର ସମସ୍ତ ୨୩ ଜିଲାର ୧.୭୫ ଲକ୍ଷ ହେକ୍ଟର ଜମିରେ ଫସଲ କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ବନ୍ୟା ପ୍ରଭାବିତ ଏବଂ ତଳି ଅଞ୍ଚଳରୁ ପ୍ରାୟ ୨୦ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରାଜ୍ୟରେ ୧୯୮୮ ପରଠାରୁ ଏହା ସବୁଠାରୁ ଭୟଙ୍କର ବନ୍ୟା ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ କହିଛନ୍ତି। ବନ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ସ୍କୁଲ ଓ କଲେଜକୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି।

ଜମ୍ମୁ-କଶ୍ମୀରରେ ଲଗାଣ ବର୍ଷା ଲାଗିରହିଥିବା ବେଳେ ଅଖ୍‌ନୁରରେ ବନ୍ୟା ଯୋଗୁ ଜଣେ ମହିଳା ଓ ତାଙ୍କ ଝିଅଙ୍କ ମୃତ୍ୟୁ ଘଟିଛି। ସେହିପରି ବନ୍ୟା ଘେରରେ ଗ୍ରାମରେ ଫସିରହିଥିବା ୧୦୦ ଲୋକଙ୍କୁ ବୁଧବାର ରେସ୍କ୍ୟୁ ଟିମ୍ ଉଦ୍ଧାର କରିଛନ୍ତି। ଲଗାଣ ବର୍ଷା ଯୋଗୁ ଜମ୍ମୁ ଅଞ୍ଚଳର ଚେନାବ ଏବଂ କଶ୍ମୀରର ଝେଲମ ନଦୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିଛି। ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଜମ୍ମୁ-କଶ୍ମୀରର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖାଯାଇଛି। କଶ୍ମୀରକୁ ଦେଶର ଅନ୍ୟାନ୍ୟ ଅଂଶ ସହ ସଂଯୋଗ କରୁଥିବା ଏକମାତ୍ର ସଡ଼କ ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବନ୍ଦ ରହିଛି। ପ୍ରକୃତିର କୋପରୁ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ମଧ୍ୟ ତ୍ରାହି ପାଇନାହିଁ। ଲଗାଣ ବର୍ଷା ଯୋଗୁ ଦିଲ୍ଲୀ-ଏନ୍‌ସିଆରର ଅନେକ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ଯମୁନାର ଜଳସ୍ତରରେ ବୃଦ୍ଧି ଘଟି ୨୦୭.୩୩ ମିଟରରେ ପହଞ୍ଚିଛି। ୨୦୧୩ ପରଠାରୁ ଯମୁନାର ଜଳସ୍ତର ସର୍ବାଧିକ ସ୍ତରରେ ପହଞ୍ଚିଛି। ଲଗାଣ ବର୍ଷା ଯୋଗୁ ଦିଲ୍ଲୀରେ ବିମାନ ସେବା ବାଧାପ୍ରାପ୍ତ ହୋଇଛି। ବୁଧବାର ଦିଲ୍ଲୀ ଏୟାରପୋର୍ଟରୁ ୨୭୩ଟି ବିମାନ ବିଳମ୍ବରେ ଉଡ଼ାଣ ଭରିଥିବା ବେଳେ ୭୩ ବିମାନ ବିଳମ୍ବରେ ପହଞ୍ଚିଛି।



ବନ୍ୟା ପ୍ରଭାବିତ ଫିରୋଜପୁରକୁ ବୋଟ୍‌ରେ ପରିଦର୍ଶନ କରୁଛନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂ ମାନ୍।

## ରିଲିଫ୍, ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାହୁଲଙ୍କ ଅନୁରୋଧ

**ନୂଆଦିଲ୍ଲୀ,୩।୯**

ପଞ୍ଜାବଠୁ ନେଇ ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ହରିୟାଣା ଓ ଜାତୀୟ ରାଜଧାନୀ ଦିଲ୍ଲୀ ପର୍ଯ୍ୟନ୍ତ ଦେଖିବାକୁ ମିଳିଛି ପ୍ରକୃତିର କୋପ। ମୌସୁମୀଜନିତ ଲଗାଣ ବର୍ଷା ଓ ବାଦଲଫଟା ବର୍ଷା ବିଭିନ୍ନ ସ୍ଥାନରେ ନାହିଁ ନ ଥିବା ସ୍ଥିତି ଉପୁଜାଇଛି। ଦିଲ୍ଲୀରେ ୧୦,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ହିମାଚଳରେ ୩୦୦ରୁ ଅଧିକ ଲୋକଙ୍କ ଜୀବନ ଯିବା ପରେ ଏହାକୁ ବିପର୍ଯ୍ୟୟ ପ୍ରଭାବିତ ରାଜ୍ୟ ରୂପେ ଘୋଷଣା କରାଯାଇଛି। ପଞ୍ଜାବରେ ବହୁ ଲୋକଙ୍କ ଧନଜୀବନ ହାନି ଘଟିଥିବାବେଳେ ଆସାମର ବ୍ରହ୍ମପୁତ୍ର ବନ୍ୟାରେ ପ୍ରାୟ ସାଢ଼େ ୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଏଭଳି ବିପତ୍ତି ସମୟରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛନ୍ତି। ଏଭଳି କଠିନ ସମୟରେ କେନ୍ଦ୍ର ସରକାର ତତ୍ପରତା ସହ ଲୋକଙ୍କୁ ସହାୟତାର ହାତ ବଢ଼ାନ୍ତୁ ବୋଲି ରାହୁଲ କହିଛନ୍ତି।

## ବିମାନରେ ମଦ୍ୟପ ଓକିଲଙ୍କ ସ୍ଲୋଗାନ 'ହର୍ ହର୍ ମହାଦେବ'

**କୋଲକାତା, ୩।୯**

ଦିଲ୍ଲୀରୁ କୋଲକାତା ଯାଉଥିବା ଏକ ଇଣ୍ଡିଗୋ ଫ୍ଲାଇଟ୍‌ରେ ଜଣେ ଓକିଲ ମଦ୍ୟପାନ କରି 'ହର୍ ହର୍ ମହାଦେବ' ସ୍ଲୋଗାନ ଦେଇଚାଲିଥିଲେ, ଯାହାକୁ ନେଇ ବିବାଦ ଦେଖାଦେଇଥିଲା। ରିପୋର୍ଟ ଅନୁଯାୟୀ, ଗତ ୧ରେ ଇଣ୍ଡିଗୋର '୬ଇ ୭୫୭୧' ବିମାନର ୩୧ଡି ସିଟ୍‌ରେ ବସିଥିବା ଜଣେ ଓକିଲ ମଦନିଶାରେ 'ହର୍ ହର୍ ମହାଦେବ' ସ୍ଲୋଗାନ ଦେଇଚାଲିଥିଲେ ଏବଂ ଅନ୍ୟ ପାସେଞ୍ଜରମାନଙ୍କୁ 'ଜୟ ଶ୍ରୀରାମ' ପରି ଅନ୍ୟ ଧାର୍ମିକ ସ୍ଲୋଗାନ ଦେବାପାଇଁ ଉସ୍କାଇଥିଲେ। ଏପରି ନ କରିବାକୁ ବିମାନର କ୍ରିଉ ସଦସ୍ୟ ତାଙ୍କୁ ତାଗିଦା କରିଥିବା ବେଳେ ଓକିଲ ଜଣଙ୍କ ଅଧିକ ଉତ୍ତେଜିତ ହୋଇ କ୍ରିଉ ସଦସ୍ୟମାନଙ୍କୁ ଗାଳିଗୁଲଜ କରିବା ସହ ସେମାନଙ୍କ ପ୍ରତି ଆପତ୍ତିଜନକ ଆଚରଣ କରିଥିଲେ। ବାରମ୍ବାର 'ହର୍ ହର୍ ମହାଦେବ' ସ୍ଲୋଗାନରୁ ବିମାନରେ ଥିବା ଅନ୍ୟ ଯାତ୍ରୀମାନେ ହଇରାଣ ହୋଇଥିଲେ। ବିମାନ ମଧ୍ୟରେ ସ୍ଥିତି ଅତ୍ୟଧିକ ବିଗିଡ଼ିଥିବାରୁ କୋଲକାତାରେ ଫ୍ଲାଇଟ୍ ଲାଣ୍ଡିଂ କରିବା ପରେ କ୍ରିଉ ସଦସ୍ୟଙ୍କ ପକ୍ଷରୁ ଅଭିଯୁକ୍ତ ଓକିଲଙ୍କୁ ସୁରକ୍ଷା କର୍ମୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଇଣ୍ଡିଗୋ ପକ୍ଷରୁ ତାଙ୍କ ବିରୋଧରେ ଏତଲା ମଧ୍ୟ ଦାଖଲ ହୋଇଥିବା ନେଇ ବୁଧବାର ଏୟାରଲାଇନ୍ସ ସୂଚନା ଦେଇଛି। ବିମାନରେ ପ୍ରତି ଇଣ୍ଡିଗୋ ଶୂନ ସହନଶୀଳତା ନୀତି ଅବଲମ୍ବନ କରିଆସୁଛି ବୋଲି ଏୟାରଲାଇନ୍ସ ପକ୍ଷରୁ ବିବୃତି ଜାରି କରି କୁହାଯାଇଛି।

## ଆଇସିୟୁରେ ମୂଷା କାମୁଡ଼ା: ଆଉ ଜଣେ ଶିଶୁ ମୃତ

**ଇନ୍ଦୋର, ୩।୯**

ମଧ୍ୟପ୍ରଦେଶର ଇନ୍ଦୋରସ୍ଥିତ ମହାରାଜା ଯଶୱନ୍ତ ରାଓ (ଏମ୍‌ୱାଇ) ହସ୍ପିଟାଲର ଇଣ୍ଟେନସିଭ୍ କେୟାର ୟୁନିଟ (ଆଇସିୟୁ)ରେ ମୂଷା କାମୁଡ଼ା ମାମଲାରେ ବୁଧବାର ଦ୍ୱିତୀୟ ନବଜାତକର ମୃତ୍ୟୁ ଘଟିଛି। ଏନେଇ ଏମ୍‌ୱାଇ ହସ୍ପିଟାଲର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଜିତେନ୍ଦ୍ର ବର୍ମା ସୂଚନା ଦେଇ କହିଛନ୍ତି, ମୃତ ନବଜାତକ ଶିଶୁକନ୍ୟାର ଓଜନ ୧.୬୦ କେ.ଜି. ରହିଥିଲା। ସେପ୍ଟିସେମିଆରେ ପୀଡ଼ିତ ଥିବାରୁ ତାଙ୍କୁ ୭ ଦିନ ତଳେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାପୂର୍ବରୁ ମଙ୍ଗଳବାର ମଧ୍ୟ ଏହି ମୂଷା କାମୁଡ଼ା ମାମଲାରେ ଆଉଜଣେ ଶିଶୁକନ୍ୟାଙ୍କର ମୃତ୍ୟୁ ହୋଇଥିଲା। ଘଟଣାକୁ ନେଇ ହସ୍ପିଟାଲ କର୍ତ୍ତୃପକ୍ଷ ଡ୍ୟୁଟିରେ ଥିବା ୨ ଜଣ ନର୍ସଙ୍କୁ ନିଲମ୍ବନ କରିଥିଲେ।

# ଚାଇନାର ସାମରିକ ଶକ୍ତି ପ୍ରଦର୍ଶନ

### ତିଆନନ୍‌ମେନ୍ ସ୍କୋୟାରରେ ଜିନ୍‌ପିଙ୍ଗଙ୍କ ସହ ପୁଟିନ୍, କିମ୍

**ବେଜିଂ,୩।୯(ରଏଟର୍ସ/ଏପି)**

ସମ୍ପ୍ରତି ବିଶ୍ୱକୁ ଶାନ୍ତି ଓ ଯୁଦ୍ଧ ଭିତରୁ ଗୋଟିଏକୁ ବାଛିବାକୁ ପଡ଼ିବ। ମଣିଷ ଜାତିକୁ ଆଲୋଚନା କିମ୍ବା ମୁହାଁମୁହିଁ ସ୍ଥିତି, ବିଜୟ ଅଥବା ପରାଜୟ ମଧ୍ୟରୁ ଗୋଟିଏ ଦିଗରେ ଅଗ୍ରସର ହେବାକୁ ପଡ଼ିବ। ଚାଇନାବାସୀ ଦୃଢ଼ ଭାବେ ଇତିହାସର ଉପଯୁକ୍ତ ପକ୍ଷରେ ଛିଡ଼ା ହୋଇଛନ୍ତି ବୋଲି ବୁଧବାର ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ କହିଛନ୍ତି। ବେଜିଂର ତିଆନନ୍‌ମେନ୍ ସ୍କୋୟାରରେ ଆୟୋଜିତ ବିଶାଳ ସାମରିକ ପରେଡ୍‌ରେ ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ) ସୈନ୍ୟଙ୍କୁ ନେଇ ଅଭୂତପୂର୍ବ ଶକ୍ତି ପ୍ରଦର୍ଶନ ବେଳେ ଜିନ୍‌ପିଙ୍ଗଙ୍କ ସହ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ଉତ୍ତର କୋରିଆ ଶାସକ କିମ୍ ଜୋଙ୍ଗ୍ ଉନ୍ ସାମିଲ ହୋଇଛନ୍ତି।



ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍(ମଝି)ଙ୍କ ସହ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍ ଓ ଉତ୍ତରକୋରିଆ ଶାସକ କିମ୍ ଜୋଙ୍ଗ୍ ଉନ୍।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଚାଇନା ଜାପାନକୁ ହରାଇବାର ୮୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲେଜର ୱିପନ୍, ନ୍ୟୁକ୍ଲିୟର ବାଲାଷ୍ଟିକ୍ ମିଶାଇଲ, ଜାଏଣ୍ଟ ଅଣ୍ଡରୱାଟର ଡ୍ରୋନ୍, ପଞ୍ଚମ ପିଢ଼ିର ଏୟାରକ୍ରାଫ୍ଟ ସମେତ ଅନେକ ନୂଆ ଯୁଦ୍ଧାସ୍ତ୍ର ପ୍ରଦର୍ଶନ କରାଯାଇଛି। ଏହାକୁ ୫୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ଦେଖିଛନ୍ତି। ଅନ୍ୟପକ୍ଷେ ଉକ୍ତ ପରେଡ୍‌ର ଉଦ୍ଦେଶ୍ୟକୁ ନେଇ ପାଶ୍ଚାତ୍ୟ ନିନ୍ଦା କରିଛି।

ପରେଡ୍‌ରେ ଯୋଗଦେଇଥିବା ପୁଟିନ୍ ଆଲୋଚନା ବେଳେ ଏକଛତ୍ରବାଦୀ ଶାସକ କିମ୍‌ଙ୍କୁ ରୁଷିଆକୁ ନିମନ୍ତ୍ରଣ କରିଥିଲେ। କିମ୍ କହିଥିଲେ, ମସ୍କୋକୁ ସହଯୋଗ କରିବା ପାଇଁ ସେ ସବୁକିଛି କରିବାକୁ ପ୍ରସ୍ତୁତ। ପୁଟିନ୍ କହିଥିଲେ, ଆପଣଙ୍କ ଅପେକ୍ଷାରେ ରହିଲୁ, ମସ୍କୋ ଆସନ୍ତୁ। କିମ୍ ପୁଣି ରୁଷିଆ ଗଲେ ୬ ବର୍ଷ ମଧ୍ୟରେ ଏହା ତାଙ୍କର ତୃତୀୟ ଗସ୍ତ ହେବ। ୨୦୨୨ରୁ ଚାଲିଥିବା ୟୁକ୍ରେନ୍ ବିରୋଧୀ ଯୁଦ୍ଧରେ ଉତ୍ତର କୋରିଆ ରୁଷିଆକୁ ଅସ୍ତ୍ରଶସ୍ତ୍ର ଯୋଗାଣ ସହ ସୈନ୍ୟ ପ୍ରେରଣ କରି ସମର୍ଥନ କରିଆସିଛି। ଉତ୍ତର କୋରିଆ ସୈନ୍ୟଙ୍କ ସହଯୋଗ ପାଇଁ ପୁଟିନ୍ କିମ୍‌ଙ୍କୁ ଧନ୍ୟବାଦ ଦେଇଥିଲେ। ଜିନ୍‌ପିଙ୍ଗଙ୍କ ୧୪ ବର୍ଷର ଶାସନ କାଳରେ ପ୍ରଥମ ଥର ପାଇଁ ତାଙ୍କ ସହ ପୁଟିନ୍ ଓ କିମ୍‌ଙ୍କୁ ଦେଖିବାକୁ ମିଳିଛି।

## ଚର୍ଚ୍ଚାରେ କିମ୍‌ଙ୍କ ଝିଅ

**ବେଜିଂ,୩।୯**




ଉତ୍ତର କୋରିଆ ଶାସକ କିମ୍ ଜୋଙ୍ଗ୍ ଉନ୍ ଚାଇନା ଗସ୍ତରେ ଆସିଥିବାବେଳେ ବେଜିଂକୁ ନିଜ ଝିଅ କିମ୍ ଜୁ ଆଏଙ୍କୁ ସାଙ୍ଗରେ ଆଣିଛନ୍ତି। ୧୨ କିମ୍ବା ୧୩ ବର୍ଷୀୟ ଆଏଙ୍କ ସମ୍ପର୍କରେ ବିଶ୍ୱବାସୀ ଏକପ୍ରକାର ଅଜ୍ଞ। କାରଣ ତାଙ୍କୁ କୌଣସି କାର୍ଯ୍ୟକ୍ରମରେ ସେତେଟା ଦେଖିବାକୁ ମିଳି ନ ଥାଏ। ସମ୍ଭବତଃ କୌଣସି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ସେ ପ୍ରଥମ ଥର ସାମିଲ ହୋଇଛନ୍ତି। ଚାଇନାର ବିଜୟ ଦିବସ ପରେଡ୍‌ରେ ଆଏଙ୍କ ଉପସ୍ଥିତିକୁ ନେଇ ନାନା ଚର୍ଚ୍ଚା ଲାଗିରହିଛି। ସେ କିମ୍‌ଙ୍କ ରାଜନୈତିକ ଉତ୍ତରାଧିକାରୀ ହୋଇପାରନ୍ତି ବୋଲି କୁହାଯାଉଛି। ତାଙ୍କୁ ଉତ୍ତର କୋରିଆର ପରବର୍ତ୍ତୀ ସୁପ୍ରିମ ଲିଡର ଭାବେ ପ୍ରସ୍ତୁତ କରାଯାଉଛି ବୋଲି ୨୦୨୪ରେ ଦେଶର ଗୋଇନ୍ଦା ସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଥିଲା।

ଧରିତ୍ରୀ DHARITRI 51 Years

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୪/୨୦୨୫ | Bhubaneswar, Thursday, September 4/2025 | ପୃଷ୍ଠା-୧



ଲଗାଣ ବର୍ଷା ଯୋଗୁ ହିମାଚଳ ପ୍ରଦେଶର କୁଲ୍ଲୁରେ ବୁଧବାର ଏକ ବ୍ରିଜ୍ ଭୁଶୁଡ଼ିପଡ଼ିଛି।

# ବିନା ପାସ୍‌ପୋର୍ଟରେ ଭାରତରେ ରହିପାରିବେ ସଂଖ୍ୟାଲଘୁ ଶରଣାର୍ଥୀ

**୨୦୨୪ ଡିସେମ୍ବର ୩୧ ପୂର୍ବରୁ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶରୁ ଭାରତକୁ ପ୍ରବେଶ କରିଥିବା ସଂଖ୍ୟାଲଘୁ ଶରଣାର୍ଥୀମାନେ ଦେଶରେ ବିନା ପାସ୍‌ପୋର୍ଟରେ ବସବାସ କରିପାରିବେ। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଜାରି ଏକ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଏହି ପଡ଼ୋଶୀ ଦେଶଗୁଡ଼ିକରୁ ଧର୍ମୀୟ ଅତ୍ୟାଚାର ସହି ନ ପାରି ଭାରତକୁ ଚାଲିଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକଙ୍କ ନିକଟରେ ପାସ୍‌ପୋର୍ଟ କିମ୍ବା ଅନ୍ୟ କୌଣସି ବୈଧ ଦସ୍ତାବିଜ ନ ଥିଲେ ମଧ୍ୟ ସେମାନଙ୍କୁ ଭାରତରେ ରହିବାକୁ ଅନୁମତି ଦିଆଯିବ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି। କିନ୍ତୁ ସେମାନେ କେତେଦିନ ଯାଏ ରହିବେ ଏବଂ ସେମାନଙ୍କୁ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଅନୁଯାୟୀ ଭାରତର ନାଗରିକତ୍ୱ ମିଳିବ କି ନାହିଁ ତାହା ଉକ୍ତ ନିର୍ଦ୍ଦେଶାନାମାରେ ଉଲ୍ଲେଖ ନାହିଁ। ଏଭଳିସ୍ଥଳେ ବିନା କୌଣସି ବୈଧ କାଗଜପତ୍ରରେ ବିଦେଶୀଙ୍କୁ ରହିବାକୁ ସୁଯୋଗ ଦିଆଯିବା ନେଇ ଅନେକେ ପ୍ରଶ୍ନ ଉଠାଇଛନ୍ତି।**

**୨୦୨୪ ଡିସେମ୍ବର ୩୧ ପୂର୍ବରୁ ପାକିସ୍ତାନ, ଆଫଗାନିସ୍ତାନ, ବାଂଲାଦେଶରୁ ଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିଆନଙ୍କୁ ମିଳିବ ସୁବିଧା**

ନୂଆଦିଲ୍ଲୀ,୩।୯

୨୦୨୪ ମାର୍ଚ୍ଚ ୧୧ରୁ ସିଏଏ କାର୍ଯ୍ୟକାରୀ ହୋଇଛି। ତଦନୁସାରେ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତକୁ ଆସିଥିବା ସଂଖ୍ୟାଲଘୁ ଶରଣାର୍ଥୀଙ୍କୁ ଦେଶର ନାଗରିକତ୍ୱ ପ୍ରଦାନର ବ୍ୟବସ୍ଥା ରହିଥିବାବେଳେ ଏହି ସୁବିଧାରୁ ମୁସଲମାନମାନଙ୍କୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷେ ନିକଟରେ ପ୍ରଣୀତ ଇମିଗ୍ରେଶନ୍ ଆଣ୍ଡ୍ ଫରେନର୍ସ ଆକ୍ଟ, ୨୦୨୫ ସୋମବାରଠାରୁ ଦେଶରେ କାର୍ଯ୍ୟକାରୀ ହୋଇଛି। ତଦନୁସାରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ଅର୍ଡରରେ ୨୦୨୪ ଡିସେମ୍ବର ସୁଦ୍ଧା ଆସିଥିବା ଲୋକଙ୍କୁ ଭାରତରେ ବିନା ପାସ୍‌ପୋର୍ଟରେ ରହିବାକୁ ଅନୁମତି ଦିଆଯାଇଥିବାବେଳେ ନାଗରିକତ୍ୱର ଗ୍ୟାରେଣ୍ଟି ପ୍ରଦାନ କରାଯାଇନାହିଁ। ତଥାପି ୨୦୧୪ ପରେ ପାକିସ୍ତାନରୁ ଭାରତକୁ ଆସିଥିବା ବହୁସଂଖ୍ୟକ ଲୋକ ବିଶେଷକରି ☞ପୃଷ୍ଠା-୨

# ଜିଏସ୍‌ଟି ହାର କମିଲା, ୨୨ରୁ ଲାଗୁ

## ବନ୍ଦ ହେଲା ୧୨%, ୨୮% ସ୍ଲାବ୍

**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୫୦% ଟାରିଫ୍‌ର ପ୍ରଭାବ ଭାରତର ଅର୍ଥନୀତି ଉପରେ ପଡ଼ିଛି। ଏହି ସଙ୍କଟରୁ ଅର୍ଥନୀତିକୁ ମୁକୁଳାଇ ଉଚିତ୍ ଟ୍ରାକ୍‌ରେ ଗତିଶୀଳ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକର ସହମତିରେ ମିଳିତ ଉଦ୍ୟମ ଆରମ୍ଭ ହୋଇଛି। ପାର୍ବଣ ଋତୁର ଠିକ୍ ପୂର୍ବରୁ ଦେଶର ଖାଉଟି, କୃଷକ ଓ ଶ୍ରମିକ ବର୍ଗଙ୍କୁ ଆର୍ଥିକ ସଶକ୍ତ କରିବା ପାଇଁ ଗୁରୁବାର ୫୯ତମ ଜିଏସ୍‌ଟି କାଉନସିଲ ବୈଠକରେ ପ୍ରଚଳିତ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ବ୍ୟାପକ ପରିବର୍ତ୍ତନ ଅଣାଯାଇଛି। ତଦନୁସାରେ ପୂର୍ବରୁ ବ୍ୟବସ୍ଥାରେ ଥିବା ୧୨% ଓ ୨୮% ସ୍ଲାବ୍‌କୁ ଉଚ୍ଛେଦ କରାଯାଇଥିବାବେଳେ କେତେକ ସୌଖୀନ ଓ ଅବଗୁଣ ସାମଗ୍ରୀକୁ ୪୦% ନୂଆ ସ୍ଲାବ୍ ଅଧୀନକୁ ଅଣାଯାଇଛି। ଏଥିଯୋଗୁ ହାନିକାରକ ସାମଗ୍ରୀ ବ୍ୟବହାର ହ୍ରାସ ପାଇବା ସହ ଅର୍ଥନୀତି ସୁଦୃଢ଼ ହେବ ବୋଲି ଜିଏସ୍‌ଟି କାଉନସିଲ ବୈଠକରେ ମତ ପ୍ରକାଶ ପାଇଛି।**

ନୂଆଦିଲ୍ଲୀ,୩।୯(ପି.ଟି.)

ଦେଶରେ ସାମଗ୍ରୀ ଓ ସେବାଗୁଡ଼ିକ ଉପରେ ସେପ୍ଟେମ୍ବର ୨୨ରୁ ଦୁଇଟି ଟିକସ ସ୍ଲାବ୍ ଲଗାଯିବ। ୫୬ତମ ଜିଏସ୍‌ଟି କାଉନ୍‌ସିଲ ବୈଠକରେ ବୁଧବାର ରାତିରେ ଏ ସମ୍ପର୍କିତ ପ୍ରସ୍ତାବ ମଞ୍ଜୁରୀ ଲାଭ କରିଛି। ତଦାନୁସାରେ ପୂର୍ବ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ୫% ଏବଂ ୧୮% ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବ୍ୟବସ୍ଥା କରାଯାଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୂଚନା ଦେଇଛନ୍ତି। ଏଥିରୁ ଦେଶର ସାଧାରଣ ନାଗରିକ ଲାଭବାନ୍ ହେବେ। କୃଷକଙ୍କଠାରୁ ନେଇ ଶ୍ରମିକଙ୍କ ପର୍ଯ୍ୟନ୍ତ ଧ୍ୟାନରେ ରଖି ସ୍ଲାବ୍‌ରେ ଏପରି ହ୍ରାସ କରାଯାଇଥିବା ସୀତାରାମନ୍ କହିଛନ୍ତି। ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଥିରେ ସବୁ ରାଜ୍ୟର ଅର୍ଥମନ୍ତ୍ରୀ ସହମତି ପ୍ରକାଶ କରିଥିବା ପ୍ରାୟ ୧୧ ଘଣ୍ଟାର ମାରାଥନ୍ ବୈଠକରୁ ଜଣାପଡ଼ିଛି। ତେବେ ଏଥିଯୋଗୁ ପ୍ରାୟ ୯୩,୦୦୦ କୋଟି ଟଙ୍କାର ରାଜସ୍ୱ ନିଅଣ୍ଟ ହୋଇପାରେ। ରାଜ୍ୟଗୁଡ଼ିକ ସହିବାକୁ ଥିବା ରାଜସ୍ୱ କ୍ଷତିର ଭରଣା ଲାଗି କୌଣସି ନିଷ୍ପତ୍ତି ନିଆଯାଇନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଜିଏସ୍‌ଟିରେ ସଂସ୍କାର ଯୋଗୁ ନାଗରିକଙ୍କ ଜୀବନରେ ଉନ୍ନତି ଆସିବା ସହ କ୍ଷୁଦ୍ର ବ୍ୟବସାୟୀ ଓ ବିଜ୍‌ନେସମ୍ୟାନ୍‌ଙ୍କ ବ୍ୟବସାୟରେ ସହଜତା ଆସିବ। ଏଥିସହ ଦେଶର ଅର୍ଥନୀତି ମଧ୍ୟ ମଜ୍‌ଭୁତ ହେବ ☞ପୃଷ୍ଠା-୨

**ଜିଏସ୍‌ଟି ମୁକ୍ତ**

ରୁଟି, ପରଟା, ଛେନା, ପନିର, ପାଉରୁଟି, ପିଜା, ମ୍ୟାପ୍, ଚାର୍ଟ, ଗ୍ଲୋବ୍, ପେନ୍‌ସିଲ, ନୋଟ୍‌ବୁକ୍, ବ୍ୟକ୍ତିଗତ ସ୍ୱାସ୍ଥ୍ୟବୀମା ଓ ଜୀବନବୀମା, ୩୩ ପ୍ରକାର ଜରୁରୀ ଔଷଧ

## ୪୦% ମହଙ୍ଗା ହେବ ସିଗାରେଟ୍, ତମାଖୁ, ସୌଖୀନ ସାମଗ୍ରୀ



ଜିଏସ୍‌ଟି କାଉନ୍‌ସିଲ ସ୍ୱାସ୍ଥ୍ୟ ଓ ସମାଜ ପାଇଁ କ୍ଷତିକାରକ ସାମଗ୍ରୀ ବା ସିନ୍ ଗୁଡ୍ସ ଉପରେ ୪୦% ଟିକସ ଲଗାଯିବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ତମାଖୁ ଓ ସିଗାରେଟ୍ ଭଳି ହାନିକାରକ ଉତ୍ପାଦ ବ୍ୟବହାରକୁ ନିରୁତ୍ସାହିତ କରିବା ସହ ସରକାରୀ ରାଜସ୍ୱ ବୃଦ୍ଧି ଲକ୍ଷ୍ୟରେ ଏପରି ନିଷ୍ପତ୍ତି ନିଆଯାଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କ୍ଷତିକାରକ ସାମଗ୍ରୀଗୁଡ଼ିକ ପୂର୍ବରୁ ୨୮% ସ୍ଲାବ୍‌ରେ ଥିଲା। ଏବେ ୨୮% ଟିକସ ବ୍ୟବସ୍ଥାକୁ ହଟାଇ ଦିଆଯାଇ ସେଗୁଡ଼ିକୁ ୪୦% ସ୍ଲାବ୍ ଅଧୀନକୁ ନିଆଯାଇଛି। ଲକ୍‌ଜ୍ୟୁରି ଆଇଟମ୍ ଉପରେ ମଧ୍ୟ ସମ ପରିମାଣର ଜିଏସ୍‌ଟି କଷିବା ପାଇଁ ୫୬ତମ ଜିଏସ୍‌ଟି କାଉନ୍‌ସିଲ ବୈଠକରେ ନିଷ୍ପତ୍ତି ହୋଇଛି।

**ତମାଖୁ ସାମଗ୍ରୀ:** ପାନ୍ ମସଲା, ଗୁଟ୍‌କା, ସିଗାରେଟ୍, ଜର୍ଦ୍ଦା, ବିଡ଼ି, ସୁଗନ୍ଧିତ ତମାଖୁ ଆଦି ହାନିକାରକ ଉତ୍ପାଦକୁ ୪୦% ଟିକସ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇଛି।

**ପରିବହନ କ୍ଷେତ୍ର:** କେତେକ ନିର୍ଦ୍ଦିଷ୍ଟ ବିଳାସପୂର୍ଣ୍ଣ/ପରିବହନ ସମ୍ପର୍କିତ ସାମଗ୍ରୀ ଓ ସେବାକୁ ୨୮%ରୁ ୪୦% ସ୍ଲାବ୍ ଅଧୀନକୁ ଅଣାଯାଇଛି, ଯାହାର ବିବରଣୀ ତାଲିକା ପ୍ରକାଶ ପାଇବା ବାକି ଅଛି।

**ବହୁବିଧ ଉଚ୍ଚ ଟିକସଯୁକ୍ତ ସାମଗ୍ରୀ:** ଆମଦାନୀ ହୋଇଥିବା/ଟିକସଯୋଗ୍ୟ ବ୍ୟକ୍ତିଗତ ବ୍ୟବହୃତ ଉପକରଣ ଓ ଅନ୍ୟ ବହୁବିଧ ସାମଗ୍ରୀଗୁଡ଼ିକ ଉପରେ ଆସନ୍ତା ୨୨ରୁ ୪୦% ଜିଏସ୍‌ଟି ଲଗାଯିବା ନେଇ ନିଷ୍ପତ୍ତି ହୋଇଛି।

**ସୌଖୀନ ସାମଗ୍ରୀ:** ସିଗାର, ଚିରୁଟ୍, ସିଗାରିଲ୍ଲୋସ୍ ଓ ସିଗାରେଟ୍‌କୁ ମଧ୍ୟ ସର୍ବାଧିକ ୪୦% ସ୍ଲାବ୍ ଅଧୀନକୁ ଅଣାଯାଇଛି। ଏହା ମଧ୍ୟରେ ଅନ୍ତର୍ଭୁକ୍ତ ଅନ୍ୟ ସାମଗ୍ରୀଗୁଡ଼ିକ ହେଲା ସୁଗାରଯୁକ୍ତ ଓ ଫ୍ଲେଭର୍ଡ ଡ୍ରିଙ୍କ୍ସ, ୧୨୦୦ରୁ ଊର୍ଦ୍ଧ୍ୱ ସିସି ପେଟ୍ରୋଲ ଇଞ୍ଜିନ୍ ଏବଂ ୧୫୦୦ରୁ ଅଧିକ ସିସି ଡିଜେଲ ଇଞ୍ଜିନ୍ ଥିବା ଲକ୍‌ଜ୍ୟୁରି ଓ ପ୍ରିମିୟମ୍ କାର ତଥା ଏସ୍‌ୟୁଭି। ଉଚ୍ଚ ଶର୍କରା, ଲବଣ ଓ ଫ୍ୟାଟ୍‌ଯୁକ୍ତ ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ ମଧ୍ୟ ୪୦% ଜିଏସ୍‌ଟିର ବୋଝ ସହିବ। ବ୍ୟକ୍ତିଗତ ହେଲିକପ୍ଟର ଓ ଏୟାରକ୍ରାଫ୍ଟ ଏହି ସ୍ଲାବ୍ ଅନ୍ତର୍ଭୁକ୍ତ।

**ମଦ ଉପରେ ରାଜ୍ୟ ଅବକାରୀ ଟିକସ:** ସମ୍ବିଧାନର ଅନୁଚ୍ଛେଦ ୩୬୬ (୧୨ଏ) ଅନୁସାରେ ଆଲ୍‌କୋହଲକୁ ଜିଏସ୍‌ଟି ପରିସର ବାହାରେ ରଖାଯାଇଛି। ମଦ ଉପରେ ରାଜ୍ୟରେ ପ୍ରଚଳିତ ଅବକାରୀ ଟିକସ ବଳବତ୍ତର ରହିବ। ଆଲ୍‌କୋହଲଯୁକ୍ତ ପାନୀୟରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ରହିବ ନାହିଁ।

**୫% ଜିଏସ୍‌ଟି**

ହେୟାର ଅଏଲ୍, ସାମ୍ପୁ, ଟୁଥ୍‌ପେଷ୍ଟ, ସାବୁନ, ଟୁଥ୍‌ବ୍ରଶ୍, ସେଭିଙ୍ଗ୍ କ୍ରିମ୍, ବଟ୍‌ର, ଘିଅ, ଚିଜ୍, ପ୍ୟାକେଜଡ୍ ଭୁଜିଆ-ମିକ୍ସଚର-ନମ୍‌କିନ୍, ବାସନକୁସନ, ଘରକରଣା ସାମଗ୍ରୀ, ସାଇକେଲ, ନାପ୍‌କିନ୍, ସିଲେଇ ମେଶିନ୍, ଟ୍ରାକ୍ଟର, କୃଷି ଯନ୍ତ୍ରାଂଶ, ଥର୍ମୋମିଟର, ଡାଇଗ୍ନୋଷ୍ଟିକ୍ କିଟ୍‌ସ, ଡ୍ରାଇଫ୍ରୁଟ୍ସ ଆଣ୍ଡ୍ ନଟ୍‌ସ, ଚକୋଲେଟ୍, ଟଫି, କ୍ୟାଣ୍ଡି, ରିଫାଇନ୍‌ଡ ସୁଗାର, ଫୁଟ୍‌ୱେର, ଟେକ୍ସଟାଇଲ।

**୧୮% ଜିଏସ୍‌ଟି**

ଏୟାର କଣ୍ଡିସନର, ୩୨ ଇଞ୍ଚରୁ ଅଧିକ ଟିଭି, ମନିଟର, ପ୍ରୋଜେକ୍ଟର, ଡିସ୍ ୱାଶିଂମେଶିନ, ମୋଟରଭେହିକିଲ୍, ମାଲବାହୀ ମୋଟର ଯାନ, ୩୫୦ ସିସିରୁ କମ୍ ମୋଟରସାଇକେଲ, ୩ ଚକିଆ ଯାନ, ୧୨ଶହ ସିସିରୁ କମ୍ ପେଟ୍ରୋଲ-ଏଲପିଜି-ସିଏନ୍‌ଜି କାର୍, ୧୫ ଶହ ସିସିରୁ କମ୍ ଡିଜେଲ କାର୍, ହାଇବ୍ରିଡ୍ କାର୍, ସବୁପ୍ରକାର ଅଟୋପାର୍ଟସ୍।

## ଚଳିତ ମାସରୁ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ

ପୁରୀ,୩।୯ (ଅଜିତ୍ କୁମାର ମହାନ୍ତି)

ଚଳିତ ମାସରୁ ଶ୍ରୀମନ୍ଦିର ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ ଆରମ୍ଭ ହେବ। ଏହି ବ୍ୟବସ୍ଥାକୁ ଶ୍ରୀମନ୍ଦିର ନୂତନ ପରିଚାଳନା କମିଟି ମଞ୍ଜୁରୀ ଦେଇଛି। ଦୀର୍ଘ ୧ବର୍ଷ ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକ ବୁଧବାର ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ହୋଇଯାଇଛି।



ଏଥିରେ କମିଟିର ସ୍ଥାୟୀ ଅଧକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧକ୍ଷତା କରିଥିବାବେଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂହ ଏବଂ ନୂତନ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରଥମେ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ନାଟମଣ୍ଡପରେ ଧାଡ଼ିଦର୍ଶନ, ରତ୍ନ ଅଳଙ୍କାର ଗଣତିମଣତି ଏବଂ ୧୪ଟି ସବ୍‌କମିଟି ଗଠନ ନେଇ ବୈଠକରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ଖୁବ୍‌ଶୀଘ୍ର ଧାଡ଼ିଦର୍ଶନ ବ୍ୟବସ୍ଥା ☞ପୃଷ୍ଠା-୨

## ବିଦ୍ୟୁତ୍ ସମସ୍ୟା: ୩ ମିନିଟ୍‌ରେ ଅଭିଯୋଗ ନ ଶୁଣିଲେ ଜରିମାନା

ଭୁବନେଶ୍ୱର,୩।୯ (ରବିନାରାୟଣ ଜେନା)

ରାଜ୍ୟରେ ବିଦ୍ୟୁତ୍ ସେବାରେ ଖୁବ୍‌ଶୀଘ୍ର ସଂସ୍କାର ଆସିବ। ଏନେଇ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ଙ୍କ ପକ୍ଷରୁ ଏକ ଚିଠା ବିଜ୍ଞପ୍ତି ଜାରି ହୋଇଛି। ସେଥିରେ ସେପ୍ଟେମ୍ବର ୨୨ ସୁଦ୍ଧା ରାଜ୍ୟର ପ୍ରାୟ ୧କୋଟି ଉପଭୋକ୍ତାଙ୍କଠାରୁ ସୁଚିନ୍ତିତ ମତାମତ ଲୋଡ଼ାଯାଇଛି। ତେବେ ଓଇଆର୍‌ସି ପକ୍ଷରୁ ଜାରି ବିଜ୍ଞପ୍ତିରେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ରହିଛି। ବିଦ୍ୟୁତ୍ ସେବା ବ୍ୟାହତ କ୍ଷେତ୍ରରେ ଉପଭୋକ୍ତା ଯଦି ଫୋନ୍ କରୁଛନ୍ତି, ତେବେ ୩ ମିନିଟ୍ ମଧ୍ୟରେ ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥା ପକ୍ଷରୁ ତା'ର ପ୍ରତିଜବାବ ତଥା ରେସ୍‌ପଣ୍ଡ କରାଯିବାକୁ ରହିଛି। ଯଦି ଏହି ସମୟ ମଧ୍ୟରେ ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥା ରେସ୍‌ପଣ୍ଡ ନ କରନ୍ତି ତେବେ ଜରିମାନା ହେବେ। ସେହିପରି ୫ ମିନିଟ୍ ମଧ୍ୟରେ ଯଦି ଅଭିଯୋଗଟି ପଞ୍ଜୀକରଣ ନ ହେବ, ତେବେ ବିଦ୍ୟୁତ୍ ବଣ୍ଟନକାରୀ ସଂସ୍ଥା ଦଣ୍ଡିତ ହେବାକୁ ରହିଥିବାବେଳେ ଗ୍ରାମାଞ୍ଚଳ ଉପଭୋକ୍ତାଙ୍କ ପାଇଁ ନୂତନ ବିଦ୍ୟୁତ୍ ସଂଯୋଗ ଆବେଦନ କ୍ଷେତ୍ରରେ ୩ ଦିନ ଏବଂ ☞ପୃଷ୍ଠା-୨

**ଓଇଆର୍‌ସିର ବିଦ୍ୟୁତ୍ ସେବା ଚିଠା ବିଜ୍ଞପ୍ତି**




# ୧୦ରୁ ସବୁ ଜିଲାରେ 'ଜୀବନ ଜିନ୍ଦାବାଦ'

## ଯୁବବର୍ଗଙ୍କ ଆତ୍ମହତ୍ୟା ରୋକିବାକୁ ରାଜ୍ୟ ସରକାରଙ୍କ ପ୍ରୟାସ




ଯୁବବର୍ଗଙ୍କ ଆତ୍ମହତ୍ୟା ରୋକିବା ନିମନ୍ତେ ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନସଚିବ ମନୋଜ ଆହୁଜା, ଡିଜିପି ୱାଇ.ବି. ଖୁରାନିଆ, ଅଭିନେତା ସବ୍ୟସାଚୀ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ଓ ଅନ୍ୟ ବରିଷ୍ଠ ଅଧିକାରୀ।

ଭୁବନେଶ୍ୱର,୩।୯ (ସୁଚିସ୍ମିତା ସାହୁ)

ରାଜ୍ୟରେ କିଛିଦିନ ହେବ ଆତ୍ମହତ୍ୟା ଭଳି ଘଟଣା ବାରମ୍ବାର ସାମ୍ନାକୁ ଆସୁଛି। କେତେବେଳେ କଲେଜ ଛାତ୍ରୀ ତ ପୁଣି କେତେବେଳେ ପାରିବାରିକ କଳହରୁ ଲୋକେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଉଛନ୍ତି। ଏଭଳି ସ୍ପର୍ଶକାତର ଘଟଣାକୁ ରୋକିବା ପାଇଁ ବୁଧବାର ଲୋକସେବା ଭବନରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆତ୍ମହତ୍ୟାକୁ ନେଇ ମନ୍ତ୍ରୀ ସୂର୍ଯ୍ୟବଂଶୀ ଉଦ୍‌ବେଗ ପ୍ରକାଶ କରି କହିଲେ, ଆତ୍ମହତ୍ୟା ପ୍ରବଣତା ରୋକିବା ଦିଗରେ ଗୋଷ୍ଠୀ ସହଯୋଗିତା ଓ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହା ଏକ ବଳିଷ୍ଠ ପଦକ୍ଷେପ ହେବ। ଏଥିରେ ଉଚ୍ଚଶିକ୍ଷା ବିଭାଗ, ସଂସ୍କୃତି ବିଭାଗ, ମହିଳା ଓ ଶିଶୁ ବିଭାଗ ଆଦିର ସହଯୋଗ ନିଆଯିବ। ଜୀବନର ମୂଲ୍ୟବୋଧ ଏବଂ କୌଣସି ପରିସ୍ଥିତିରେ ଆତ୍ମହତ୍ୟା କରିବା ମାନସିକତା ନ ଆଣିବା, ସକାରାତ୍ମକ ଚିନ୍ତାଧାରା ରଖିବା ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ପୋଲିସ ସହାୟତାରେ ନମନ ଫାଉଣ୍ଡେଶନ ଦ୍ୱାରା ଆସନ୍ତା ୧୦ ତାରିଖରୁ ସମସ୍ତ ୩୦ ଜିଲାରେ 'ଜୀବନ ଜିନ୍ଦାବାଦ୍' କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଅଭିନେତା ସବ୍ୟସାଚୀ ମିଶ୍ର କହିଲେ, ଆତ୍ମହତ୍ୟା ପ୍ରବଣତା କଥା ଆସିବା ବେଳେ ☞ପୃଷ୍ଠା-୨

## ଜଳବାୟୁ ପରିବର୍ତ୍ତନରୁ ଭାରତ ହେବ ସାପ କାମୁଡ଼ାର ହଟ୍‌ସ୍ପଟ୍

ନୂଆଦିଲ୍ଲୀ, ୩।୯

ଜଳବାୟୁ ପରିବର୍ତ୍ତନ ଯୋଗୁ ବିଷାକ୍ତ ସାପଗୁଡ଼ିକ ପାଇଁ ଉତ୍ତର ଏବଂ ଉତ୍ତର-ପୂର୍ବ ଭାରତରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ, ଯାହାଫଳରେ ଉକ୍ତ ଅଞ୍ଚଳରେ ସାପ ସଂଖ୍ୟା ବୃଦ୍ଧି ପାଇବା ସହ ସାପକାମୁଡ଼ା ମାମଲା ମଧ୍ୟ ଦ୍ରୁତ ଗତିରେ ବଢ଼ିବ। ଦିବ୍ରୁ ସାଇଖୋୱା କଞ୍ଜରଭେଶନ୍ ସୋସାଇଟି, ଆସାମ ଏଗ୍ରିକଲଚର ୟୁନିଭର୍ସିଟି ଏବଂ ଦକ୍ଷିଣ କୋରିଆର ପୁକ୍‌ୟୋଙ୍ଗ୍ ନ୍ୟାଶନାଲ ୟୁନିଭର୍ସିଟିର ଗବେଷକଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସୁଛି। ସାଧାରଣତଃ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ବିପରୀତ ସିଦ୍ଧାନ୍ତ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସର ୫୧ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ ଅଡିଟୋରିୟମ୍, ସମୟ: ସକାଳ ୯ ଟା ୩୦।
- ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସଭାପତିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ରେଡ୍‌କ୍ରସ୍ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଖାରପଡ଼ା ବୁଢ଼ୀ ପୂଜା ସମିତି ପକ୍ଷରୁ ମାଟି ଅନୁକୂଳ, ସ୍ଥାନ: ଜେଲ୍ ରୋଡ୍, ଅରବିନ୍ଦ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- କିଶୋର ୪୦ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମୋକ୍ଷ ପକ୍ଷରୁ ୧୧୦ତମ ଅଭିଳାଷା କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- କଟକ ସୁରକ୍ଷା ସମିତି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଚହଟାନଗର ଗୁରୁଭ୍ରାତାଙ୍କ ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ପ୍ରଭାତ ସାହୁଙ୍କ ବାସଭବନ, ଲେନ୍-୫, ଚହଟାନଗର, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ସତ୍ୟବାଦୀ ବ୍ଲକ ବିଦ୍ୟାଳୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ସତ୍ୟବାଦୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସାକ୍ଷୀଗୋପାଳ ଠାକୁରଙ୍କ ବାମନ ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ଦଉଡାପଡ଼ା ସାହି ଗଣେଶ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମାର୍କେଟ ଛକ, ସମୟ: ସନ୍ଧ୍ୟା ୭ଟା।
- ଦୁନିଆ ପାଳନ, ସ୍ଥାନ: ରାଜନଗର, ସମୟ: ସନ୍ଧ୍ୟା ୭ଟା।
- ଦୁନିଆଁ ଉପଲକ୍ଷେ ସାକ୍ଷୀଗୋପାଳ ଠାକୁରଙ୍କ ରାଜବେଶ, ଦୁନିଆଁଭେଟି, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୯ଟା।

## ଖୋର୍ଦ୍ଧା

- ଭାମସେଲ ଜିଜ୍ଞାସମ ସାମର୍ଥ୍ୟ ଶିବିର, ସ୍ଥାନ: ବୋଲଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।

## ବାଲେଶ୍ୱର

- ମଧ୍ୟସ୍ଥତା ତାଲିମ କର୍ମଶାଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ଜିଲା ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପଣ୍ଡିତ ବିଷ୍ଣୁ ଦିଗମ୍ବର ପଲୁସ୍କରଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଜେଆର୍‌ସି ଭବନ, ପବ୍ଲିକ ହାଇସ୍କୁଲ ପରିସର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ମହାବିଦ୍ୟାଳୟର ୩୪ ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଯୁକ୍ତ ୩ ସ୍ନାତକ ମହାବିଦ୍ୟାଳୟ, ମଠେଠ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଜିଲା ପୋଷ୍ଟ ପ୍ରତିରୋଧ ମଞ୍ଚ ପକ୍ଷରୁ ଏମ୍‌ଓୟୁ ବାତିଲ ଦାବିରେ ବିକ୍ଷୋଭ, ସ୍ଥାନ: କେନ୍ଦୁଝର ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ ଟା ୩୦।

## ମୟୂରଭଞ୍ଜ

- ରାଜ୍ୟସ୍ତରୀୟ ଖେଳକୁଦ ପାଇଁ ଚୟନ ପ୍ରକ୍ରିୟା, ସ୍ଥାନ: ବାରିପଦା ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ଉଦଳା ଏନ୍‌ଏସି ମ୍ୟୁନିସିପାଲିଟିରେ ଗୃହାନ୍ତରଣ ପାଇଁ ସର୍ବଦଳୀୟ ବୈଠକ, ସ୍ଥାନ: ଉଦଳା ସନ୍ଧାନୀ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- କରମ ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: ଚିତ୍ରଡ଼ା ମାର୍କେଟସାହି, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଜିଲାସ୍ତରୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତା, ସ୍ଥାନ: ଖଲିକୋଟ, ସମୟ: ସକାଳ ୬ଟା ୩୦।

## ଗଞ୍ଜାମ

- ସ୍ୱତନ୍ତ୍ର ଚାରା ରୋପଣ ଶିବିର, ସ୍ଥାନ: ପିତୁଳ କଲେଜ ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।

## କନ୍ଧମାଳ

- ସମନ୍ୱିତ ପରିଚାଳନା ସମିତି ବୈଠକ, ସ୍ଥାନ: ଜିଲା ପରିଷଦ ସଭାଗୃହ, ଫୁଲବାଣୀ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ଫୁଲବାଣୀ ସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ଗଜପତି

- ନୂଆଁଖାଇ ଭେଟଘାଟ, ସ୍ଥାନ: ଟାଉନ ହଲ୍ ପାରଳାଖେମୁଣ୍ଡି, ସମୟ: ସନ୍ଧ୍ୟା ୬ଟା ୩୦।

## ଢେଙ୍କାନାଳ

- ଦୁନିଆଁରେ ମାଟି ଅନୁକୂଳ, ସ୍ଥାନ: ବ୍ରାହ୍ମଣୀ ନଦୀ କମଗରା ଘାଟ, ସମୟ: ସକାଳ ୯ଟା।

## ଜଗତସିଂହପୁର

- ଅନ୍ତର୍ଜାତୀୟ ସମବାୟ ବର୍ଷ (ଆଇୱାଇସି) ଉପଲକ୍ଷେ ଜିଲାସ୍ତରୀୟ ମାସିକିଆ ଉତ୍ସବ, ସ୍ଥାନ: ଆଡିକବି ରାଧାନାଥ ଦାସ ସଂସ୍କୃତି ଭବନ, ଜଗତସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ମିଳିତ ସୁରକ୍ଷା ଏଜେନ୍ସି ପକ୍ଷରୁ ତାଲିମ୍‌ଥିବା ଉପକୂଳ ମିଳିତ ସମରାଭ୍ୟାସ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କୋଷ୍ଟଗାର୍ଡ ମୁଖ୍ୟାଳୟ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ନବସୃଜନ କାର୍ଯ୍ୟକ୍ରମ ଓ ସମୀକ୍ଷା ବୈଠକ, ସ୍ଥାନ: ନଗର କଂଗ୍ରେସ କାର୍ଯ୍ୟାଳୟ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ବାମନ ଜନ୍ମୋତ୍ସବ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ଜଷ୍ଟିଲୋ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜାରକାକୁ ଏନ୍‌ଏସି ବାତିଲ ପ୍ରତିବାଦରେ ଧର୍ମଶାଳା ବିଜେଡି ପକ୍ଷରୁ ଗଣଧାରଣା, ସ୍ଥାନ: ଜାରକା ଫ୍ଲାଏ ଓଭର ବ୍ରିଜ୍ ତଳ, ସମୟ: ସକାଳ ୯ଟା।
- ଆଦି କର୍ମଯୋଗୀ ଅଭିଯାନ କର୍ମଶାଳାର ଦ୍ୱିତୀୟ ଦିବସ, ସ୍ଥାନ : ଯାଜପୁର ମିଶନ ଶକ୍ତି ଭବନ, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାହ ମହାଯଜ୍ଞ ପାରାୟଣର ୩ୟ ଦିବସ, ସ୍ଥାନ: ଗୋଡିପଡା ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ: ସକାଳ ୭ଟା।
- ଶ୍ରୀମଦ୍ ଭାଗବତ୍ ସପ୍ତାହ ମହାଯଜ୍ଞ ପାରାୟଣ ଓ ପ୍ରବଚନର ୫ମ ଦିବସ, ସ୍ଥାନ: ଦଶପଲ୍ଲା ଦୁର୍ଗା ବଜାର, ସମୟ: ସକାଳ ୭ଟା, ପ୍ରବଚନ– ଗଜ ଉଦ୍ଧାରଣ, ବଳିବାମନ ପ୍ରସଙ୍ଗ, ସମୁଦ୍ର ମନ୍ଥନ, ଶ୍ରୀକୃଷ୍ଣଙ୍କ ଆବିର୍ଭାବ, ସମୟ: ସନ୍ଧ୍ୟା ୭ଟା।
- ପଞ୍ଚାୟତ ସମିତିର ଏକାଦଶ ସାଧାରଣ ବୈଠକ, ସ୍ଥାନ: ଖଣ୍ଡପଡ଼ା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଗଣେଶ ପୂଜା ପୁରସ୍କୃତି କାର୍ଯ୍ୟକ୍ରମ, ସ୍ଥାନ: ଚ୍ୟାଲେଞ୍ଜର ୟୁଥ୍ କ୍ଲବ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ଟା।
- ମା' ମାଣିକେଶ୍ୱରୀଙ୍କ ବାଲିଯାତ୍ରା ଆରମ୍ଭ, ସ୍ଥାନ: ଡାଙ୍ଗସୋରଡ଼ା, ଚନ୍ଦ୍ରପୁର, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ଏନ୍‌ଜିଏନ୍‌ଆରଇଜିଏସ୍ ବ୍ଲକସ୍ତରୀୟ ଜନଶୁଣାଣି, ସ୍ଥାନ: ନବରଙ୍ଗପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆଦି କର୍ମ ଯୋଗୀ ଅଭିଯାନ 'ଧରତି ଆବା' ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ରିଲାଏନ ଟ୍ରିନିୟମ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଲା କ୍ରୀଡ଼ା ସଂଘ ସାଧାରଣ ସଭା ଓ କ୍ରୀଡାବିତ୍‌ମାନଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ମିଶନ ଶକ୍ତି ସଭାଗୃହ, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- କୃପା ଭବନ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର କଲ୍ୟାଣ ମଣ୍ଡପ କୋରାପୁଟ, ସମୟ : ପୂର୍ବାହ୍ନ ୧୦ ଟା ୩୦।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କୋରାପୁଟ ଟାଉନ୍ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପା ପକ୍ଷରୁ ସେବା ପଖୱାଡ଼ କାର୍ଯ୍ୟକ୍ରମ, ସ୍ଥାନ : କୋରାପୁଟ ଯୁନିସିପାଲିଟି ଅଡିଟୋରିୟମ୍, ସମୟ : ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ବନ ବିଭାଗର ବିଭିନ୍ନ ପଞ୍ଚାୟତରେ ବିହନ ବଣ୍ଟନ ରଥ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୯ଟା ୩୦।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ: ହାଷ୍ଟା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜାତୀୟ ଶିଳ୍ପ ବିଜେତାଙ୍କ ଗୋପୀ ବିଜେତା ଶର୍ମିଳ ସାହୁଙ୍କୁ ସମ୍ବର୍ଦ୍ଧନା, ସ୍ଥାନ:ବୁରୁ ସତ୍ୟନାରାୟଣ ସମୁଦାୟ ଡେରା, ସମୟ: ସକାଳ ୭ଟା ୩୦।

## ବଲାଙ୍ଗୀର

- ସର୍ବଭାରତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଚତୁର୍ଥ ଦିବସ, ସ୍ଥାନ: ସରକାରୀ ଆୟୁର୍ବେଦ କଲେଜ, ବଲାଙ୍ଗୀର, ସମୟ: ସକାଳ ୯ଟା

## ରାଉରକେଲା

- କରମା ପୂଜା ଉଦ୍‌ଯାପନୀ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର ଦୁର୍ଗାପୁର, ସମୟ: ସକାଳ ୮ଟା।
- ବିପ୍ରିୟୁଟି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ନେତାଜୀ ସୁଭାଷ ବୋଷ ପ୍ରେକ୍ଷାଳୟ, ବିପ୍ରିୟୁଟି, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ଆଇଟି ରାଉରକେଲା ଦୀକ୍ଷାନ୍ତ ସମାରୋହ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ସିନେଟ୍ ହଲ୍, ସମୟ: ପୂର୍ବାହ୍ନ ୧୦ଟା ୪୫।
- ସତ୍ୟନାରାୟଣ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଗଜାନନ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା, ସ୍ଥାନ: ଚଣ୍ଡିଭଟା, ଖଇରକ୍ଷ, ସମୟ: ସକାଳ ୯ଟା।
- ଆିଆରବିସିଙ୍କ ପ୍ରଶିକ୍ଷଣ ଶିବିର, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଆଦି କର୍ମଯୋଗୀ ଅଭିଯାନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବାଳିକା ଶିକ୍ଷା ରାଜ୍ୟ ନୋଡାଲ ଅଧିକାରୀଙ୍କ ୨ ଦିନିଆ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣା ଜିଲା ଶିକ୍ଷା ବିଭାଗ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' ଜନନୀ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' ଜନନୀ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।
- ସାର୍ବଜନୀନ ଗଣେଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ ପୂଜା ପେଣ୍ଡାଲ, ସମୟ: ରାତି ୮ଟା।

## ସୁବର୍ଣ୍ଣପୁର

- ଗୁଲୁଣ୍ଡିପାଲି କୁଦେଇପଡାରେ ସମଲେଶ୍ୱରୀ ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ ସହ ନୃତ୍ୟ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଣେଶ ପୂଜା ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

## ନୂଆପଡ଼ା

- ମଦର ଟେରେସା ସେବା ସଙ୍ଗଠନ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ଉଡ଼ଗଡହାଲି ଗାଁ, ସମୟ: ସକାଳ ୯ଟା ୩୦।
- ନାଗବାଡା ଗାଦି ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଖୁଲ୍ଲିକୁଣ୍ଡି ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଙ୍ଗଠନ ସୃଜନ ଅଭିଯାନକୁ ନେଇ କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଅଗିଡ ଲକ୍, ବୋଡେନ, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ସୁସ୍ଥ ପାରିବାରିକ ଜୀବନ ସାଙ୍ଗକୁ ବନ୍ଧୁଙ୍କ ସହ ସୁସମ୍ପର୍କ ବଢ଼ିବ। ନୂତନ ସୁହୃଦମାନ ସକାଶେ ମନ କଳାରେ। ଛୋଟ କଥାକୁ କେନ୍ଦ୍ରକରି କଳହ ଲାଗିପାରେ। ସ୍ୱାସ୍ଥ୍ୟ ଓ ପିଲାଙ୍କ ବିବାହ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନାର ସୁଯୋଗ ପାଇବେ। କର୍ମକ୍ଷେତ୍ର ଅଥବା ପ୍ରଶାସନିକ ସ୍ତରରେ ନିତିଗତ କାମରୁ ପ୍ରଶଂସିତ ହେବେ।

**ବୃଷ** – ଆଜି ଅସାବଧାନତା ବଶତଃ ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ବାହାରକୁ ଯିବା ସମୟରୁ ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରିବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ମାନସିକ ଅସ୍ଥିରତାରୁ କ'ଣ କରିବେ ନ କରିବେ ଦ୍ୱନ୍ଦ୍ୱରେ ପଡ଼ିଯିବେ।

**ମିଥୁନ** – ଆଜି ବନ୍ଧୁବାନ୍ଧବଙ୍କ ସାହାଯ୍ୟ ସ୍ଥଗିତ କାମରେ ସହାୟକ ହେବ। ପାରସ୍ପରିକ ସହମତି ଅଭାବରୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି ସକାଶେ ମନ ଭଲ ରହି ନ ପାରେ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିବ।

**କର୍କଟ** – ଆଜି କାମ ଚାପ ବୃଦ୍ଧି ପାଇଲେ ମଧ ଉପସ୍ଥିତ ବୁଦ୍ଧି ବଳରେ ସାଧନ କରିନେବେ। ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତି ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇପାରନ୍ତି।

**ସିଂହ** – ସକାଳୁ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇ ଯାଇପାରେ। ଈର୍ଷାପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ। ରଚନାତ୍ମକ କାମ, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ।

**କନ୍ୟା** – ଆଲୋଚନା କ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରି ପାରିବେ ନାହିଁ। ଆଜି ଯାହା ପାଇବାକୁ ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ। ନିଜର ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେଇପାରନ୍ତି।

**ତୁଳା** – ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଭୋଗବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। କର୍ମକ୍ଷେତ୍ରରୁ ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ କିନ୍ତୁ କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ।

**ବିଛା** – ମାନସିକ ସୁସ୍ଥତା ସାଙ୍ଗକୁ ସୁସ୍ଥ ପାରିବାରିକ ଜୀବନ ବିତିବକୁ ସକାଳ, ସୁନ୍ଦର ରଖିବାରେ ସହାୟକ ହେବ। ବନ୍ଧୁଙ୍କ ସ୍ୱତନ୍ତ୍ର ମିମନ୍ତ୍ରଣ ଗ୍ରହଣ କରିବାକୁ ପଡ଼ିପାରେ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ଦୃଢ଼ଧାରରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ।

**ଧନୁ** – ବିଶେଷ କିଛି ଅସୁବିଧା ନ ଥାଇ ମଧ ନିଜର ପୁରୁଣା କଥାକୁ କେନ୍ଦ୍ରକରି ମନ ଭଲ ରହିବ ନାହିଁ। ଦୀର୍ଘ ଦିନରୁ ପ୍ରତୀକ୍ଷିତ କାମ ସକାଶେ ଆତ୍ମୀୟଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ସଭାସମିତିରେ କିମ୍ବା ଆଲୋଚନା ପରିଭାରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ଯାନ୍ତ୍ରିକ ଜିନିଷ କିଣିବା ସକାଶେ ଋଣ କରିବାକୁ ଆସିପାରେ।

**ମକର** – ଅନ୍ୟମାନଙ୍କୁ ମନେଇ କାମ ହାସଲ ପାଇଁ ପ୍ରକୃଷ୍ଟ ଦିନଟିଏ କହିଲେ ଅତ୍ୟୁକ୍ତି ହେବନାହିଁ। ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ କୌଣସି କାମ ଅଟକିବ ନାହିଁ। ନିର୍ମାଣାଧୀନ କାମଟି ଆଜି ସ୍ଥଗିତ ରହିଯାଇପାରେ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ସମସ୍ୟା ସୃଷ୍ଟି ହେବାର ସୂଚନା ରହିଛି।

**କୁମ୍ଭ** – ସାମାଜିକ ସ୍ତରରେ ଅନ୍ୟମାନଙ୍କ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ପରିବାରରୁ ପୂର୍ବ ସହଯୋଗ ପାଇ ସ୍ଥଗିତ କାମ ସମ୍ପନ୍ନ କରିବେ। ଭାବପ୍ରବଣତାରେ ନ ଯାଇ ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ, ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ** – ଆଜି କାମଟିଏ ଆରମ୍ଭ କରି ସ୍ଥଗିତ ରହିବେ ଏବଂ ବନ୍ଧୁଙ୍କ ପ୍ରିୟଭାଜନ ହେବେ। ଇଚ୍ଛା ନ ଥାଇ ମଧ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡିପାରେ। ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ମାନସିକ ସୁସ୍ଥତା ରହିବ ନାହିଁ। ଆଧ୍ୟାତ୍ମିକ କାମ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟରେ ଅଂଶଗ୍ରହଣ କରି ଖୁସି ମନାଇ ପାରନ୍ତି।

ଆଜି ସେପ୍ଟେମ୍ବର ୪ ତାରିଖ, ଭାଦ୍ରବ ଶୁକ୍ଳପକ୍ଷର ଶ୍ରବଣ ଦ୍ୱାଦଶୀ ଗୁରୁବାର, ସର୍ବସମ୍ମତ ବାମନ ଜନ୍ମ, ଶ୍ରୀମନ୍ଦିରରେ ବାମନଜନ୍ମ, ଦୁନିଆଁ, ଶ୍ରୀବୈଦ୍ୟନାଥଙ୍କ ଦେବ ମହାରାଜଙ୍କ ୬୯ ଅଙ୍କ ଆରମ୍ଭ, ଶକ୍ରଧ୍ୱଜୋତ୍ଥାପନ, ଇନ୍ଦ୍ରଧ୍ୱଜପୂଜା, ଗରୁଡ଼ ପାର୍ଶ୍ୱପରିବର୍ତ୍ତନ, ବୈଷ୍ଣବସମ୍ମତ ବିଜୟା ଏକାଦଶୀ ଉପବାସ, ଚାତୁର୍ମାସ୍ୟା ଗୁରୁବାରବ୍ରତ, ଶରଣ, ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଘ.୦୫.୩୫ ଗତେ ଘ.୦୭.୧୪ ମଧ୍ୟେ, ଘ. ୧୦.୩୧ ଗତେ ଘ.୧୨.୫୯ ମଧ୍ୟେ ଶୁଭ ଶୁଭ ବେଳା। ଅପରାହ୍ନ ଘ.୦୧.୧୮ ଗତେ ଘ.୦୨.୫୦ ମଧ୍ୟେ ରାହୁ କାଳ।

## ଜଳବାୟୁ ପରିବର୍ତ୍ତନରୁ...

ଉତ୍ତର ଏବଂ ଉତ୍ତର-ପୂର୍ବ ଭାରତୀୟ ଅଞ୍ଚଳର ପରିବେଶକୁ ସାପଗୁଡ଼ିକଙ୍କ ପାଇଁ ଅନୁକୂଳ କରିବ। ଏହି ବିବେଚନା କରାଯାଉଥିବାବେଳେ ଜଳବାୟୁ ପରିବର୍ତ୍ତନ ଏହି ଧାରାକୁ ପରିବର୍ତ୍ତନ କରୁଥିବା ଗବେଷକମାନେ କହିଛନ୍ତି। ଭାରତୀୟ ଉପମହାଦେଶରେ ଅଧିକାଂଶ ସାପକାମୁଡ଼ା ପାଇଁ ୪ ପ୍ରକାରର ବିଷାକ୍ତ ସାପ କମନ କ୍ରେଟ୍, ରସେଲ୍ସ ଭାଇପର, ଏଶିଆ କୋବ୍ରା ଏବଂ ଭାରତୀୟ କୋବ୍ରା ଦାୟୀ ବୋଲି ଅଧ୍ୟୟନରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଉପୁଜ ହେଉଥିବା ପରିସ୍ଥିତି ମଧ୍ୟରେ ହରିୟାଣା, ରାଜସ୍ଥାନ ଏବଂ ଆସାମ ଏହି ୪ ପ୍ରକାରର ସାପଙ୍କ ପାଇଁ ଅନୁକୂଳ ହେବ ବୋଲି ଅଧ୍ୟୟନରେ ଆକଳନ କରାଯାଇଛି। ସାଧାରଣତଃ ମଣିପୁର, ମେଘାଳୟ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ ଭଳି ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ପରିବେଶ ସାପଗୁଡ଼ିକଙ୍କ ପାଇଁ ଅନୁକୂଳ ବୋଲି ବିଚାର କରାଯାଉଥାଏ। ତେବେ ପିଏଲ୍‌ଓଏସ୍ ନେଗଲେକ୍ଟେଡ୍ ଟ୍ରପିକାଲ ଡିଜିଜ୍ ଜର୍ନାଲରେ ପ୍ରକାଶିତ ଏହି ଅଧ୍ୟୟନ ଅନୁଯାୟୀ, ଆଗାମୀ ଦିନରେ ଉକ୍ତ ଅଞ୍ଚଳଗୁଡ଼ିକରେ ସାପ କାମୁଡ଼ା ମାମଲାରେ ୧୦୦%ରୁ ଅଧିକ ବୃଦ୍ଧି ଘଟିପାରେ।

# ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ବଣ ଦେଖିଆ ବନ୍ଧୁ
ଭାର ଆଣିନି ଥୋର ଆଣିନି
ଆଣିଦେ ପାଟିଲା କେନ୍ଦୁ!

ବନ୍ଧୁ ଚର୍ଚ୍ଚା କରିବା ପାଇଁ ଜୁଟିଥିବା ମନୋବୃତ୍ତି ଥିବା ଲୋକ ଦୁନିଆରେ ଅନେକ ଅଛନ୍ତି। ବନ୍ଧୁଟି ଅପେକ୍ଷାକୃତ ଗରିବ ହୋଇଥିଲେ ତା' ପ୍ରତି ହେୟଜ୍ଞାନ କରିବାକୁ ପଛାଇ ନ ଥାନ୍ତି। ଘରକୁ ସମାଗତ ବନ୍ଧୁଙ୍କ ସତ୍କାର କରିବାରେ ଅନିଚ୍ଛା ପ୍ରକାଶ କରିବାକୁ ଯାଇ ବିଭିନ୍ନ ପ୍ରକାର ବାହାନା ପ୍ରଦର୍ଶନ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ବାପ ଦିହକୁ ଆଖୁ ତ ନାହିଁ
ବୋଉଥ ଖାଉଛି ଛେଦା ବୁଢ଼ାଇ।

ଅନେକ କ୍ଷେତ୍ରରେ ଦୀନହୀନ ଦରିଦ୍ର ଭାବେ ଜୀବନଯାପନ କରିଥିବା ବ୍ୟକ୍ତି ସମୟକ୍ରମେ ବିତ୍ତଶାଳୀ ଓ ଯଶସ୍ୱୀ ହୋଇପାରିବା ପରେ ନିଜ ପଛକଥା ମନରୁ ପାସୋରି ଦେଉଥିବା ଲକ୍ଷ୍ୟ କରାଯାଇଥାଏ। ଏପରିକି ଅତୀତରେ କଟାଇଥିବା ଦୁଃସ୍ଥ ଜୀବନକୁ ଭୁଲିଯିବା ସହ ବର୍ତ୍ତମାନ ଅବସ୍ଥାକୁ ନେଇ ଗର୍ବ କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ଲୋକଗୀତ – ଫେଣ୍ଡସ୍ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉପଗ୍ରହ ପଠାଇଥିବା ଚିତ୍ର।

## ପ୍ରଥମ ପୃଷ୍ଠାରୁ...

## ଜିଏସ୍‌ଟି ହାର ...

ବୋଲି 'X'ରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଅର୍ଥମନ୍ତ୍ରୀ ସୀତାରାମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସ୍‌ଟି କାଉନ୍‌ସିଲ ବୈଠକରେ ପ୍ରଚଳିତ ୧୨% ଓ ୨୮% ଟିକସକୁ ଉଚ୍ଛେଦ କରି ଦ୍ୱିସ୍ତରୀୟ ଟିକସ ହାର ୫% ଓ ୧୮% ଢାଞ୍ଚା ଅଣାଯାଇଛି। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ନବରାତ୍ରର ପ୍ରଥମ ଦିନ ଅର୍ଥାତ୍ ଆସନ୍ତା ୨୨ ତାରିଖରୁ ଏହା ଲାଗୁ ହେବା ଫଳରେ ଗୋଟିଏ ପଟେ ଖାଉଟିଙ୍କୁ ଆଶ୍ୱସ୍ତି ମିଳିବ, ଅନ୍ୟପଟେ ରାଜକୋଷର ୯୩,୦୦୦ କୋଟି ଟଙ୍କା ରାଜସ୍ୱ ନିଅଣ୍ଟ ହେବ। ତେବେ କିଛି ସମ୍ପୂର୍ଣ୍ଣ ସାମଗ୍ରୀଗୁଡ଼ିକ ଉପରେ ୪୦% ସ୍ଲାବ୍ ଅଣାଯିବା ଦ୍ୱାରା ରାଜକୋଷକୁ ୪୫,୦୦୦ କୋଟି ଟଙ୍କା ଫେରିପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି। ନୂଆ ଜିଏସ୍‌ଟି ସ୍ଲାବ୍ ଦେଇ ରାଜ୍ୟଗୁଡ଼ିକ ମଧ୍ୟରେ ସହମତି ପ୍ରକାଶ ପାଉଥିବାରୁ ଏଥିପାଇଁ ଭୋଟିଂର ଆବଶ୍ୟକତା ପଡ଼ିନାହିଁ ବୋଲି ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧୁରୀ ସୂଚନା ଦେଇଛନ୍ତି। ବୈଠକରେ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ କହିଛନ୍ତି, ଜିଏସ୍‌ଟି ହାରରେ ପରିବର୍ତ୍ତନ ଯୋଗୁ ମୋଟ୍ ୪୭,୦୦୦ କୋଟି ଟଙ୍କା କ୍ଷତି ହେବ। ପଞ୍ଜାବ ଅର୍ଥମନ୍ତ୍ରୀ ହରପାଲ ସିଂ ଚୀମା କହିଛନ୍ତି, ୪୦% ସ୍ଲାବ୍ ଉପରେ ଅତିରିକ୍ତ ଟିକସ ଲଗାଯିବ କି ନାହିଁ ସେନେଇ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଉଥିବାରୁ ଏହାକୁ ଆମେ ସ୍ୱାଗତ କରୁଛୁ। ସେହିପରି ଝାଡ଼ଖଣ୍ଡ ଅର୍ଥମନ୍ତ୍ରୀ ରାଧାକୃଷ୍ଣ କିଶୋର କହିଛନ୍ତି, ଖାଉଟିଙ୍କ ବ୍ୟବହାର ବଢ଼ିଲେ ରାଜସ୍ୱ ନିଅଣ୍ଟ ହେବାକୁ ଥିବା କ୍ଷତିର ପରିମାଣ ହ୍ରାସ ପାଇବ। ରାଜ୍ୟଗୁଡ଼ିକ ଏହି କ୍ଷତିର ଭରଣା ପାଇଁ ଦାବି କରିଥିଲେ ହେଁ ଏହା ଉପରେ କୌଣସି ସହମତି ଆସିପାରି ନାହିଁ।

ପ୍ରକାଶ ଯେ, ପୂର୍ବରୁ ଜିଏସ୍‌ଟିର ୪ଟି ସ୍ଲାବ୍ ପ୍ରଚଳିତ ଥିଲା। ସେଗୁଡ଼ିକ ହେଲା ୫, ୧୨, ୧୮ ଓ ୨୮ ପ୍ରତିଶତ। ପ୍ରଧାନମନ୍ତ୍ରୀ ମୋଦି ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଦେଶବାସୀଙ୍କୁ ସମ୍ବୋଧନ କରି ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦୀପାବଳି ଭେଟି ସ୍ୱରୂପ ଏଥିରେ ସଂସ୍କାର ଆଣିବା ନେଇ ସଙ୍କେତ ଦେଇଥିଲେ। ତଦନୁସାରେ ଜିଏସ୍‌ଟି କାଉନ୍‌ସିଲ ବୈଠକ ବୁଧବାର ଓ ଗୁରୁବାର ଦୁଇଦିନ ଧରି ଚାଲିବାକୁ ଥିଲା। କିନ୍ତୁ ଏହାକୁ ଆୟୁଷା ଶେଷକରି ଦିନକିଆ କାର୍ଯ୍ୟକ୍ରମରେ ସୀମିତ ରଖାଯାଇଛି। ଏଥିରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ୨,୫୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଜୋତା ଓ ଅନ୍ୟ ପରିଧାନ ଉପରେ ୫% ଟିକସ ଲାଗିବ। ଅଧ୍ୟାବଧି ୧,୦୦୦ ଟଙ୍କାର ଏଭଳି ସାମଗ୍ରୀ ଉପରେ ୫% ଓ ୧,୦୦୦ରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଉପରେ ୧୨% ଟିକସ ଲାଗୁଥିଲା। ସେହିପରି ବରିଷ୍ଠ ନାଗରିକମାନଙ୍କ କ୍ଷେତ୍ରରେ ସ୍ୱାସ୍ଥ୍ୟବୀମା ପ୍ରିମିୟମ୍‌କୁ ଜିଏସ୍‌ଟିରୁ ଛାଡ଼ କରାଯାଇଛି। ମୁଣ୍ଡରେ ଲଗାଯାଉଥିବା ତେଲଠାରୁ କସ୍‌ମେଟିକ୍ସ, ଟିଭି ଓ ପର୍ଯ୍ୟଟନ ହୋଟେଲ ତଥା ଜୀବନବୀମା ପଲିସି ଭଳି ସାଧାରଣ ବ୍ୟବହୃତ ଆଇଟମ୍ ଉପରୁ ଜିଏସ୍‌ଟି ଟିକସ ହ୍ରାସ କରାଯାଇଛି। ଅନ୍ୟପକ୍ଷରେ ସେଭେନ କାର୍, ତମାଖୁ ଓ ସିଗାରେଟ୍ ଭଳି କିଛି ଆଇଟମ୍ ଉପରେ ୪୦%ର ଏକ ସ୍ୱତନ୍ତ୍ର ଟିକସ ଲଗାଯିବା ପାଇଁ ନିଷ୍ପତ୍ତି ହୋଇଛି।

## ବିଦ୍ୟୁତ ସମସ୍ୟା...

ସହରାଞ୍ଚଳ ଓ ମହାନଗର ନିଗମରେ ୩ରୁ ୧୫ ଦିନ ଦିନ ମଧ୍ୟରେ ବିଦ୍ୟୁତ୍ ସଂଯୋଗ କରିବାକୁ ବିଜ୍ଞପ୍ତିରେ ଦର୍ଶାଯାଇଛି। ଅନୁରୂପ ଭାବେ ବିଦ୍ୟୁତ୍ ବିଚ୍ଛିନ୍ନ ଓ ମିଟରଜନିତ ସମସ୍ୟା କ୍ଷେତ୍ରରେ ୩ ଦିନରେ ତା'ର ସମାଧାନ କରିବାକୁ କୁହାଯାଇଛି। ଦୀର୍ଘ ୨୧ ବର୍ଷ ପରେ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ପାଇଁ ପ୍ରଣିତ ହୋଇଥିବା କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ-୨୦୦୪କୁ ରଦ୍ଦକରି ନୂତନ କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ-୨୦୨୫ ପ୍ରସ୍ତୁତ କରାଯାଇଛି। ତେବେ ସମ୍ପ୍ରତି ଟାଟା ବିତରଣ କମ୍ପାନୀଗୁଡ଼ିକ ପାଇଁ ମାନଦଣ୍ଡକୁ ପାଳନ କରିବା ବାଧ୍ୟତାମୂଳକ ରହିବ। ଯଦି ଆଦେଶ କମ୍ପାନୀଗୁଡ଼ିକ ଆୟୋଗ ଧାର୍ଯ୍ୟ କରିଥିବା ମାନଦଣ୍ଡକୁ ପାଳନ କରିବାରେ ବିଫଳ ହୁଅନ୍ତି, ତେବେ ସେମାନେ ଉପଭୋକ୍ତାଙ୍କୁ କେତେ କ୍ଷତିପୂରଣ ଓ କେଉଁ ସମୟ ଅବଧିରେ ପଇଠ କରିବେ ତାହା ମଧ ଉଲ୍ଲେଖ ରହିଛି। ଓଡ଼ିଶା ବିଦ୍ୟୁତ୍ ସେବାରେ ନିୟୋଜିତ ବିତରଣ କମ୍ପାନୀଗୁଡ଼ିକର କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ, ଯାହାକି ଉପଭୋକ୍ତାଙ୍କୁ ନିର୍ଦ୍ଦିଷ୍ଟ ଓ ଉନ୍ନତ ମାନର ବିଦ୍ୟୁତ୍‌ସେବା ଯୋଗାଇବାର ଏକ ପ୍ରମୁଖ କାର୍ଯ୍ୟପ୍ରକ୍ରିୟାକୁ ଏପର୍ଯ୍ୟନ୍ତ ଆୟୋଗ ଠିକ୍ ଭାବେ ଗୁରୁତ୍ୱ ଦେଇ ନ ଥିଲେ। ଏହାର ସଂଶୋଧନ ନିମନ୍ତେ ପୂର୍ବ ସରକାର ସମୟରେ ଆୟୋଗଙ୍କ ପାଖରେ ବାରମ୍ବାର ଅଭିଯୋଗ ହୋଇଥିଲେ ହେଁ ଆୟୋଗ କର୍ଣ୍ଣପାତ କରି ନ ଥିଲା। ତେବେ ଆୟୋଗ ଏବେ ନିଜଆଡ଼ୁ କେସ୍ ଦାଏର କରି ଟାଟା ବିତରଣ କମ୍ପାନୀଗୁଡ଼ିକର କାର୍ଯ୍ୟଦକ୍ଷତା ସମୀକ୍ଷା କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତେବେ ଚିଠା ବିଜ୍ଞପ୍ତି ମାନଦଣ୍ଡରେ ଗ୍ରାମାଞ୍ଚଳ ଉପଭୋକ୍ତାଙ୍କ କ୍ଷେତ୍ରରେ କେତେକ କ୍ଷେତ୍ରରୁ ଅବହେଳା କରାଯାଉଥିବା ନେଇ ପ୍ରଶ୍ନ ଉଠିଛି। ଆୟୋଗ ଧାର୍ଯ୍ୟ କରିଥିବା କ୍ଷତିପୂରଣ ଜରିମାନା ଭାବରେ ଅନ୍ୟ ଆୟୋଗଗୁଡ଼ିକ ଧାର୍ଯ୍ୟ କରିଥିବା ଜରିମାନାଠାରୁ ବହୁତ୍ କମ୍ ରହିଛି। ମାସକୁ କେତେଥର ବିଦ୍ୟୁତ୍ ଯୋଗାଣ ହେଉଛି ଓ କେତେଥର ବ୍ୟାହତ ହେଉଛି ତା'ର ତଥ୍ୟ ମାସିକ ଭିତ୍ତିରେ ଉପଭୋକ୍ତାଙ୍କୁ ଦେବା ପାଇଁ ମାନଦଣ୍ଡରେ ଆୟୋଗ ଦର୍ଶାଇ ନାହାନ୍ତି। ଏଥିପ୍ରତି ଆୟୋଗ ପରବର୍ତ୍ତୀ ଚୂଡ଼ାନ୍ତ ବିଜ୍ଞପ୍ତିରେ ଦୃଷ୍ଟିଦେବାକୁ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି।

## ବିନା ପାସ୍‌ପୋର୍ଟରେ...

ହିନ୍ଦୁମାନଙ୍କ ପାଇଁ ସଦ୍ୟ ନିର୍ଦ୍ଦେଶନାମା ଆଶ୍ୱସ୍ତି ଦେଇଛି। ସେମାନଙ୍କ ନିକଟରେ ପାସ୍‌ପୋର୍ଟ, ଭିସା କିମ୍ବା ଯାତ୍ରା ସମ୍ପର୍କିତ କୌଣସି ବୈଧ ଦସ୍ତାବିଜ ନ ଥିଲେ କିମ୍ବା ଦସ୍ତାବିଜର ବୈଧତା ଅବଧି ଶେଷ ହୋଇଯାଇଥିଲେ ଭାରତରେ ରହିବା ପାଇଁ ଅନୁମତି ଦିଆଯାଇଛି। ସୂଚନାଥାଉ କି ସିଏଏରୁ ମୁସଲମାନମାନଙ୍କୁ ବାଦ୍ ଦିଆଯିବା ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁକୁ ନେଇ ଦେଶରେ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଥିଲା।

## ନାଗରିକତ୍ୱ ପ୍ରଦାନ ସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱ

୨୦୨୪ ମାର୍ଚ୍ଚ ୧୧ରୁ ସିଏଏ କାର୍ଯ୍ୟକାରୀ ହୋଇଥିଲେହେଁ ସିଏଏ ବଳରେ ଅଦ୍ୟାବଧି ଅନେକ ହଜାର ବିଦେଶୀ ସଂଖ୍ୟାଲଘୁଙ୍କୁ ଦେଶର ନାଗରିକତ୍ୱ ପ୍ରଦାନ କରାଯାଇଥିବା ନେଇ କେନ୍ଦ୍ର ସରକାର ପାର୍ଲାମେଣ୍ଟରେ ଦାବି କରିଥିବାବେଳେ ଏହାର ପ୍ରକୃତ ସଂଖ୍ୟା ସାମ୍ନାକୁ ଆସିପାରି ନାହିଁ। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ବିଭିନ୍ନ ରିପୋର୍ଟ ଅନୁଯାୟୀ ଗତବର୍ଷ ମେ'ରୁ ଭାରତ ସରକାର ସିଏଏ ଅଧୀନରେ ନାଗରିକତ୍ୱ ପ୍ରଦାନ କରୁଛନ୍ତି। ୨୦୨୪ ମେ'ରେ ୩୫୦ ଜଣଙ୍କୁ ଭାରତରେ ନାଗରିକତ୍ୱ ପ୍ରମାଣପତ୍ର ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୧୪ ଜଣଙ୍କ ଆବେଦନ ରହିବାକୁ ଅନୁମତି ମିଳିଥିଲା। ସେହିପରି ପଶ୍ଚିମବଙ୍ଗରେ ଅନ୍ୟୂନ ୮ ହିନ୍ଦୁଙ୍କ ନାଗରିକତ୍ୱ ଦିଆଯାଇଛି। ଗତବର୍ଷ ଅଗଷ୍ଟରେ ୨୦ ଆଫଗାନ୍ ଶିଖଙ୍କୁ ମଧ ନାଗରିକତ୍ୱ ଦିଆଯାଇଥିଲା। ୨୦୨୫ ମାର୍ଚ୍ଚରେ ଆସାମରେ ୨ ଜଣ ବ୍ୟକ୍ତି ଭାରତୀୟ ନାଗରିକତ୍ୱ ହାସଲ କରିଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୩କୁ ଅପ୍‌ଡେଟ୍ କରାଯାଇଛି। ତେବେ କେନ୍ଦ୍ରର ଦାବି ସହ ପ୍ରକୃତ ତଥ୍ୟର ତାଳମେଳ ରହୁ ନ ଥିବାରୁ ସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି।

## ଚଳିତ ମାସରୁ ...

ଲାଗୁ ହେବା ଏଥିପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ଏସ୍‌ପି, ଶ୍ରାମିକ ନାତି ପ୍ରଶାସକ, ୫ଜଣ ସେବକ ପ୍ରତିନିଧି, ମୁକ୍ତିମଣ୍ଡପ ପ୍ରତିନିଧି, ଓଏସିସି ପ୍ରତିନିଧି, ଏଏସ୍‌ଆଇର ପ୍ରତିନିଧି ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି କମିଟି ବିଭିନ୍ନ ଯୋଜନା ସହ ଆଲୋଚନା କରି ଧାଡ଼ିଦର୍ଶନ ପ୍ରକ୍ରିୟାର ସମୀକ୍ଷା କରିବା ସହ ରିପୋର୍ଟ ଦେବା ପରେ ତାହା ବିଧିବଦ୍ଧ ଭାବେ କାର୍ଯ୍ୟକାରୀ କରାଯିବ। ତେବେ ଧାଡ଼ିଦର୍ଶନ ପାଇଁ ନାକିକାଳି ସେଗାରି ପ୍ରସ୍ତାବିତ ହେବନାହିଁ, ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ସେହିପରି ନାଟମଣ୍ଡପରେ ଶୀତଳ ନିୟନ୍ତ୍ରିତ କରିବା ପାଇଁ ଏଏସ୍‌ଆଇ ପକ୍ଷରୁ ଅନୁମତି ମିଳିଛି। ଧାଡ଼ିଦର୍ଶନ ପ୍ରଣାଳୀକୁ ସୁଗମ କରିବା ପାଇଁ ଜଗମୋହନ ଅଞ୍ଚଳକୁ ଲୁଣ୍ଡି ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଦିବ୍ୟାଙ୍ଗଙ୍କ ପାଇଁ ଉତ୍ତରଦ୍ୱାରରେ ର୍‌ୟାମ୍ପ ବ୍ୟବସ୍ଥା କରାଯିବା ନେଇ ମଧ ଆଲୋଚନା ହୋଇଛି। ଏ ନେଇ ଏକ କମିଟି ଗଠନ କରାଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି, ସେବକ ସଦସ୍ୟ, ବରିଷ୍ଠ ପୂର୍ତ୍ତବାଭାଜନ ଆଦି ସଦସ୍ୟ ରହିଛନ୍ତି। ଏହି ଅବସରରେ ୧୪ଟି ସବ୍‌କମିଟି ଗଠନ କରାଯାଇଛି। ବୈଠକରେ ଇଷ୍ଟନନ ଅଭିନିଆ ରଥଯାତ୍ରା ଓ ଶ୍ରୀମନ୍ଦିର ମାମଲୁ ଅନ୍ୟ ସ୍ଥାନରେ ଅପବ୍ୟବହାର କରାଯାଉଥିବା ନେଇ ଉପରେ ପ୍ରସ୍ତାବ ପ୍ରକାଶ ପାଇବା ଦାଗା ଜଣାଯାଉଥିବା କହିବା ପ୍ରସଙ୍ଗକୁ ନେଇ ଘୋର ବିରୋଧ କରାଯାଇଛି। ବିଗତ ଦିନରେ ରିଆରଙ୍କ ଆକାଶମାନଙ୍କୁ ନେଇ ଯେଉଁ କମିଟି ଗଠନ କରାଯାଇଥିଲା, ସେମାନେ ତାଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି। ଏନେଇ ଆସନ୍ତା ୭ ତାରିଖରେ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରେସ୍ ବିଜ୍ଞପ୍ତି କରିଥାରେ ସୂଚନା ଦିଆଯିବ। ଆସନ୍ତା ଚନ୍ଦ୍ରଗ୍ରହଣ ପାଇଁ ସ୍ଥିର ହୋଇଥିବା ନୀତି ନିର୍ଘଣ୍ଟକୁ ବୈଠକରେ ଅନୁମୋଦନ ମିଳିଛି। ଏଥିସହ ବିଭିନ୍ନ ପ୍ରସଙ୍ଗରେ ବୈଠକରେ ବିଶଦ ଭାବେ ଆଲୋଚନା ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

## ୧୦ରୁ ସବୁ ଜିଲାରେ ...

ଆମେ ଯୁବବର୍ଗଙ୍କ କଥା ଭାବିଥାଉ। ଆମ୍ଭେତ୍ୟା ପ୍ରବଣତାରୁ ଯୁବବର୍ଗଙ୍କୁ ନିବୃତ ରଖିବା ସକାଶେ ସଚେତନତା ସୃଷ୍ଟି ପାଇଁ 'ଜୀବନ ଜିନ୍ଦାବାଦ'ର ପରିକଳ୍ପନା କରାଯାଇଥିଲା। ଏହାକୁ ରାଜ୍ୟବ୍ୟାପୀ କାର୍ଯ୍ୟକାରୀ କରାଯିବା ପାଇଁ ରାଜ୍ୟ ସରକାର ସହଯୋଗ ଦେଉଛନ୍ତି ବୋଲି ସେ କହିଥିଲେ। ମହିଳା ଶିଶୁ ବିକାଶ ବିଭାଗ ଏବଂ ଗୃହ ଓ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମରେ କଲେଜ, ସ୍କୁଲ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ସମେତ ୭୦ରୁ ଅଧିକ କଳାକାର ସାମିଲ ହେବେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଡିଜିପି ୱାଇ.ବି. ଖୁରାନିଆ, କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ସଚିବ ରାମନନ୍ଦ ଯାଦବ, ସଂସ୍କୃତି ବିଭାଗ କମିଶନର ବିଜୟକେତନ ଉପାଧ୍ୟାୟ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦଙ୍କ ସମେତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

SAGARMALA

GOVERNMENT OF INDIA
MINISTRY OF PORTS, SHIPPING AND WATERWAYS

# ଭାରତୀୟ ନୌବାଣିଜ୍ୟର ସଶକ୍ତୀକରଣ ଅଭିବୃଦ୍ଧିକୁ ପ୍ରୋତ୍ସାହନ । ଭବିଷ୍ୟତର ନିର୍ମାଣ ।



Inauguration of

## JN Port - PSA Mumbai Terminal (BMCT) Phase II

by




**Shri Narendra Modi**
Hon'ble Prime Minister of India

&

**Shri Lawrence Wong**
Hon'ble Prime Minister of Singapore

**ଗୁରୁବାର, ୪ ସେପ୍ଟେମ୍ବର ୨୦୨୫ ୧୩.୦୦ ଘଟିକାରେ, ଭର୍ଚୁଆଲ୍ ଭାବେ**

## ପିଏସ୍ଏ ମୁମ୍ବାଇ ଟର୍ମିନାଲର ପ୍ରମୁଖ ବୈଶିଷ୍ଟ୍ୟାବଳୀ

- ୪.୮ ଏମ୍ଏନ୍ ଟିଇୟୁ କ୍ଷମତାର ବର୍ଦ୍ଧିତ ହ୍ୟାଣ୍ଡଲିଂ କ୍ଷମତା ସହ ଜେଏନ୍‌ପିଟିର ସଶକ୍ତୀକରଣ - ଭାରତର ନୌବାଣିଜ୍ୟ ଅଭିବୃଦ୍ଧିକୁ ପ୍ରୋତ୍ସାହନ
- ଡିଏଫ୍‌ସି-ରେଡି ରେଲ୍ ଲିଙ୍କ୍ ଦ୍ୱାରା ଲଜିଷ୍ଟିକ୍ସ ସମୟ ହ୍ରାସିତ - ବାଣିଜ୍ୟର ଦକ୍ଷତା ତ୍ୱରାନ୍ୱିତ
- ୬୩ଟି ଆଇସିଡି ଶେଷ ମାଇଲ୍ ଔଦ୍ୟୋଗିକ ଓ ଉପଯୋଗ ହବ୍ ପର୍ଯ୍ୟନ୍ତ ପହଞ୍ଚକୁ ସୁନିଶ୍ଚିତ କରୁଛି - ଆଞ୍ଚଳିକ ସମୃଦ୍ଧିକୁ ପ୍ରୋତ୍ସାହନ
- ଗେଟୱେ ଟର୍ମିନାଲରେ କୁଶଳୀ ଶ୍ରମବଳ, ଯେଉଁମାନେ ଉତ୍ପାଦକତା ଓ ସେବା ମାନକକୁ ଉନ୍ନତ କରୁଛନ୍ତି - ଗଠନ ହେଉଛି ଭବିଷ୍ୟତ ପାଇଁ ପ୍ରସ୍ତୁତ ଲଜିଷ୍ଟିକ୍ସ ପରିତନ୍ତ୍ର

## ଭାରତ-ସିଙ୍ଗାପୁର : ଏକ ମଜଭୁତ ସହବନ୍ଧନ

- **ବାଣିଜ୍ୟ ପ୍ରଶସ୍ତୀକରଣ:** ଏହି ଐତିହାସିକ ସହବନ୍ଧନ ମାଧ୍ୟମରେ ଭାରତୀୟ ବ୍ୟବସାୟ ଓ ରପ୍ତାନିକାରୀ ବାଣିଜ୍ୟରେ ଅଧିକ ସାମର୍ଥ୍ୟ ଓ ଗତି ପାଇବେ ।
- **ନୂଆ ସୁଯୋଗ:** ଭାରତୀୟ ନାଗରିକଙ୍କ ପାଇଁ ଚାକିରି, ଦକ୍ଷତା-ନିର୍ମାଣ ଓ ଅର୍ଥନୈତିକ ଅଭିବୃଦ୍ଧିର ସୁଯୋଗ ସୃଷ୍ଟି ହେବ ।
- **ବିଶ୍ୱସ୍ତରୀୟ ବିଶେଷଜ୍ଞତା:** ସିଙ୍ଗାପୁରର ନିବେଶ ଭାରତ ପାଇଁ ଆଣିଛି ବିଶ୍ୱସ୍ତରୀୟ ସର୍ବୋତ୍ତମ କାର୍ଯ୍ୟଧାରା ଓ ଅତ୍ୟାଧୁନିକ ଲଜିଷ୍ଟିକ୍ସ ।
- **ବାଧାହୀନ ଲଜିଷ୍ଟିକ୍ସ:** ଉନ୍ନତ ଡିଜିଟାଲ ସିଷ୍ଟମ୍ ଓ ଆଧୁନିକ ଟର୍ମିନାଲ ଖର୍ଚ୍ଚ ହ୍ରାସ କରିବ ଓ ଭାରତକୁ ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ କରିବ ।
- **ଅଧିକ ସୁଦୃଢ଼ ବନ୍ଧନ:** ଏହି ସହଭାଗିତା ଭାରତ-ସିଙ୍ଗାପୁର ସମ୍ପର୍କକୁ ଆହୁରି ଗଭୀର କରିଛି ଏବଂ ଏସିଆରେ ଅନ୍ତର୍ଜାତୀୟ ସହଯୋଗ କ୍ଷେତ୍ରରେ ନୂଆ ମାନକ ସୃଷ୍ଟି କରିଛି ।

## ଜେଏନ୍‌ପିଏର ମାଇଲଖୁଣ୍ଟ

**ସର୍ବୋଚ୍ଚ ଏଫ୍‌ଡିଆଇ:** ସିଙ୍ଗାପୁର ସହିତ ପିପିପି ଜରିଆରେ $୧.୩ ବିଲିୟନ

**ବୈଶ୍ୱିକ ମର୍ଯ୍ୟାଦା: ଶୀର୍ଷ ୩୦** କଣ୍ଟେନର୍ ବନ୍ଦର ମଧ୍ୟରେ ସ୍ଥାନିତ

**ଦ୍ରୁତ, ଦକ୍ଷ ବନ୍ଦର:** ସର୍ବବୃହତ୍ କଣ୍ଟେନର୍ ବନ୍ଦର, ଡିଏଫ୍‌ସି-ରେଡି, ଡିପ୍-ଡ୍ରାଫ୍ଟ ବର୍ଥ୍‌ସ

ଭାରତର **ଏକ-ତୃତୀୟାଂଶରୁ ଅଧିକ** କଣ୍ଟେନର୍ ବାଣିଜ୍ୟ ଏଠାରେ **ସମ୍ପନ୍ନ ହୋଇଥାଏ**

**In the august presence of**

Shri Sarbananda Sonowal
Union Minister for Ports, Shipping and Waterways

Shri Devendra Fadnavis
Chief Minister, Maharashtra

Shri Shantanu Thakur
Union Minister of State for Ports, Shipping and Waterways

Shri Shrirang Appa Barne
Member of Parliament - Lok Sabha, Maval Constituency

Shri Mahesh Baldi
Member of Legislative Assembly, Uran Constituency

Shri Unmesh Sharad Wagh
Chairperson, JNPA & CMD, VPPL

Shri Ong Kim Pong
Group CEO, PSA International Pte Ltd

**ଜେଏନ୍‌ପିଏ ଏବଂ ପିଏସ୍ଏ: ଅଭିନବତା ଓ ଉତ୍କର୍ଷ ସହ ଭାରତର ନୌବାଣିଜ୍ୟର ନବକଳେବର ପାଇଁ ସହଭାଗିତା**

LIVE STREAM ଡିଡି ନ୍ୟୁଜରେ ସିଧା ପ୍ରସାରଣ ଦେଖନ୍ତୁ

❝ ଏ ପୃଥିବୀର ଊର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି– ସେଗୁଡ଼ିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। –ଶ୍ରୀଅରବିନ୍ଦ

-ସୁନିଆଁ ୧୪୩୩ ସାଲ ଅଙ୍କ ପ୍ରବେଶ, ବାମନ ଜନ୍ମ ଓ ଇନ୍ଦ୍ରଧ୍ୱଜ ପୂଜା, ଗରୁଡ଼ ପାର୍ଶ୍ୱପରିବର୍ତ୍ତନ, ଶରଣ ଆରମ୍ଭ



# ବିପରୀତ ସିଦ୍ଧାନ୍ତ



ଦେବଦତ୍ତ ପଟ୍ଟନାୟକ

ଅଧିକାଂଶ ଶାସ୍ତ୍ର ବୈଦିକ ରୀତିନୀତିର ଏକ ପ୍ରତ୍ୟୁତ୍ତର ଭାବେ ବୌଦ୍ଧଧର୍ମକୁ ବର୍ଣ୍ଣନା କରନ୍ତି। କିନ୍ତୁ ଶୈବଧର୍ମ କିପରି ବୌଦ୍ଧଧର୍ମର ବିପରୀତ ଥିଲା, ସେ ସମ୍ପର୍କରେ ସେଗୁଡ଼ିକ ଆଲୋଚନା କରିବାରେ ବିଫଳ ହୋଇଛନ୍ତି। ଦୈବୀକୃପା ମାଧ୍ୟମରେ ଭୌତିକ ବା ସାଂସାରିକ ଜୀବନରେ ସଫଳତା ପ୍ରାପ୍ତି ହୁଏ ବୋଲି ବୈଦିକ ପରମ୍ପରା ଜୋର୍ ଦେଇଥାଏ। ଅନ୍ୟପଟେ ଏହା ମଧ୍ୟ ଶିକ୍ଷା ଦିଏ ଯେ, ସାଂସାରିକ ବିଷୟ ପ୍ରତି ଆସକ୍ତି ଓ ମୋହ ଦୁଃଖର କାରଣ ହୋଇଥାଏ। ବୁଦ୍ଧ ଆଶ୍ରମ ଜୀବନ ବା ସନ୍ନ୍ୟାସ ମାର୍ଗକୁ ପ୍ରୋତ୍ସାହିତ କରିଥିଲେ, ଯାହା ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା। ତେବେ ଶୈବଧର୍ମ ଏହି ସନ୍ନ୍ୟାସ ଦୃଷ୍ଟିକୋଣକୁ ବିରୋଧକରେ। ଶିବ ଜଣେ ଯୋଗୀ ବୋଲି ପୁରାତନ ଶୈବ କାହାଣୀ ଦର୍ଶାଏ। ପର୍ବତ ଶିଖରରେ ବସିଥିବା ଯୋଗୀ ଶିବ ଜଣେ ଗୃହସ୍ଥ ଏବଂ ତାଙ୍କର ସ୍ତ୍ରୀ ଓ ପିଲାମାନେ ଥିଲେ। ବୌଦ୍ଧଧର୍ମରେ ଜଣେ ଗୃହସ୍ଥରୁ ସନ୍ନ୍ୟାସୀ ହେଉଥିଲାବେଳେ ଶୈବଧର୍ମରେ ଜଣେ ଯୋଗୀ ଗୃହସ୍ଥ ପାଳୁଥିଲେ।

ଶିବଙ୍କ ପ୍ରଥମ ସ୍ତ୍ରୀ ହେଉଛନ୍ତି ସତୀ। ସେ ଜଣେ ବ୍ରାହ୍ମଣ ପୂଜକଙ୍କ ଝିଅ। ଶିବଙ୍କ ଦ୍ୱିତୀୟ ସ୍ତ୍ରୀ ହେଉଛନ୍ତି ପାର୍ବତୀ ଓ ସେ ପର୍ବତ ରାଜାଙ୍କ କନ୍ୟା। ଶିବଙ୍କ କାହାଣୀ ବିବାହ, ମହିଳା ଓ ଗୃହସ୍ଥ ଜୀବନର ଗୁରୁତ୍ୱକୁ ପ୍ରତିପାଦିତ କରେ। ଏହା ସିଧାସଳଖ ବୌଦ୍ଧଧର୍ମର କାହାଣୀକୁ ବିରୋଧକରେ, ଯେଉଁଥିରେ ଶାନ୍ତି ଓ ଜ୍ଞାନ ପାଇଁ ଜଣେ ବ୍ୟକ୍ତି ରାଜସିଂହାସନ, ସ୍ତ୍ରୀ ଓ ପୁଅଙ୍କୁ ତ୍ୟାଗ କରିଛନ୍ତି।

ଏହି ପରସ୍ପର ବିରୋଧୀ ସିଦ୍ଧାନ୍ତଗୁଡ଼ିକର ପ୍ରଭାବକୁ ଅଧିକାଂଶ ଲୋକେ ଅଣଦେଖା କରିଆସୁଛନ୍ତି। ବୈଦିକ କର୍ମକାଣ୍ଡ ପରମ୍ପରାଗୁଡ଼ିକ ବୁଦ୍ଧଙ୍କ ଆତ୍ମାନୁସନ୍ଧାନ ମାର୍ଗ ଦ୍ୱାରା ଆହ୍ୱାନର ସମ୍ମୁଖୀନ ହେଉଥିବାବେଳେ ବିପରୀତ ଭାବେ ବୁଦ୍ଧଙ୍କ ପଥ ମଧ୍ୟ ଶୈବଧର୍ମର ସାମାଜିକ ଦୃଷ୍ଟିକୋଣର ଆହ୍ୱାନକୁ ସାମ୍ନାକରୁଥିଲା। ବୌଦ୍ଧସ୍ତୂପର ଶିଖରରେ ସ୍ଥାପିତ ଚଡାର ଶିବଲିଙ୍ଗ ସହ କୌଣସି ସାମଞ୍ଜସ୍ୟ ନ ଥିଲେ ମଧ୍ୟ ଦୁଇଟି ମଧ୍ୟରେ ସେମିତି କିଛି ବଡ଼ ପ୍ରଭେଦ ନାହିଁ। ବୁଦ୍ଧ ୩୩ ବୈଦିକ ଦେବତାଙ୍କ ସାମ୍ରାଜ୍ୟର ବହୁ ଉପରେ ଥିବା ସ୍ତର ଅର୍ଥାତ୍



ଏକ ନୂଆ ସ୍ୱର୍ଗରେ ପହଞ୍ଚିଥିଲେ ବୋଲି ମନେକରାଯାଏ। ବୁଦ୍ଧଙ୍କ ମୂର୍ତ୍ତିରେ ମସ୍ତକରେ ଉପରକୁ ଉଠିକରି ରହିଥିବା ଅଂଶକୁ ଊର୍ଦ୍ଧ୍ୱମୁଖୀ ଆଧ୍ୟାତ୍ମିକ ଶିଖା ଭାବେ ବର୍ଣ୍ଣନା କରାଯାଏ। ଅପରପକ୍ଷରେ, ଶିବଙ୍କୁ ମର୍ତ୍ତ୍ୟକୁ ଆଣିବା ପାଇଁ ତାଙ୍କ ଲିଙ୍ଗ ଉପରେ ନିରନ୍ତର ଜଳାଭିଷେକ କରାଯାଇଥାଏ।

ବୌଦ୍ଧଧର୍ମାବଲମ୍ବୀମାନେ ବହୁ ଊର୍ଦ୍ଧ୍ୱରେ ବୁଦ୍ଧଙ୍କ ରାଜ୍ୟ ବା କ୍ଷେତ୍ରକୁ ଦେଖନ୍ତି କିମ୍ବା ଆତ୍ମାନୁସନ୍ଧାନ ଯାତ୍ରା ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତି। ଅପରପକ୍ଷେ ଶୈବଧର୍ମ ପୃଥିବୀକୁ ଦେଖିବା ବା ପାର୍ଥିବ ଜୀବନ ଉପରେ ଗୁରୁତ୍ୱ ଦେଇଥାଏ,ଯାହା ଶିବଙ୍କ ଜଟାରୁ ପ୍ରବାହିତ ନିମ୍ନଗାମୀ ନଦୀ ସୂଚିତକରେ। ବିଶ୍ୱରେ ବୁଦ୍ଧ ତାଙ୍କ ସିଦ୍ଧାନ୍ତ ସମ୍ପର୍କରେ ଶିକ୍ଷା ଦେବାକୁ ପ୍ରଥମେ ଅନିଚ୍ଛୁକ ଥିଲେ ଏବଂ ଏହା କରିବା ପାଇଁ ଇନ୍ଦ୍ର ଓ ବ୍ରହ୍ମା ତାଙ୍କୁ ବୁଝାଇଥିଲେ। ଅନ୍ୟପଟେ, ପାର୍ବତୀ ଶିବଙ୍କୁ ପ୍ରଶ୍ନ କରିବାରୁ ସେ ତାଙ୍କ ଜ୍ଞାନ ପ୍ରଦାନ କରିଥିଲେ। ଉତ୍ତର ଭାରତରେ ଲାକୁଳିଶା ରୂପରେ ଶିବଙ୍କୁ ଜଣେ ଗୁରୁ ଭାବେ ଦେଖାଯାଇଥାଏ। ସେ ବୁଦ୍ଧଙ୍କ ଭଳି ପଦ୍ମାସନରେ ବସିଛନ୍ତି, କିନ୍ତୁ ଏକ ଦଣ୍ଡ ଧରିଛନ୍ତି। ଦକ୍ଷିଣ ଭାରତରେ ଥିବା ଲାକୁଳିଶାଙ୍କ ତାନ୍ତ୍ରିକ ମୂର୍ତ୍ତି ଭକ୍ତି ସହ ଜଡ଼ିତ। ତାଙ୍କୁ ଦକ୍ଷିଣମୂର୍ତ୍ତି ସନ୍ନ୍ୟାସୀ ଭାବେ ବର୍ଣ୍ଣନା କରାଯାଇଛି। ସେ ଦକ୍ଷିଣକୁ ମୁହଁକରି ପର୍ବତ ଶିଖରରେ ଗୋଟିଏ ବରଗଛ ତଳେ ବସିଛନ୍ତି। ସଂସାରରେ ଚାରିପାଖରେ ଘେରି ରହିଥିବା ମୃତ୍ୟୁକୁ କିପରି ସନ୍ନ୍ୟାସୀମାନେ ଜୟ କରିପାରିବେ ସେସମ୍ପର୍କରେ ଶିକ୍ଷା ଦେଇଛନ୍ତି। ମୃତ୍ୟୁ ମଧ୍ୟ ବୁଦ୍ଧଙ୍କୁ ଚିନ୍ତାରେ ପକାଇଥିଲା। ଫଳରେ ସେ ସମାଜ ତଥା ସଂସାର ଛାଡ଼ି ଚାଲିଯାଇଥିଲେ। କିନ୍ତୁ ଅଗସ୍ତ୍ୟଙ୍କ ଭଳି ଋଷିମାନେ ଶିବଙ୍କ ମାର୍ଗଦର୍ଶନରେ ଦକ୍ଷିଣ (ପିତୃପୁରୁଷ ଓ ଯମଙ୍କ ସାଙ୍କେତିକ ଭୂମି)କୁ ଯାତ୍ରା କରିଥିଲେ। ସେମାନେ ବିବାହକରି ପରିବାର ଗଢ଼ି ମୃତ୍ୟୁ ସହ ସଂଗ୍ରାମ କରିଥିଲେ। ଅଗସ୍ତ୍ୟ ଲୋପାମୁଦ୍ରାଙ୍କୁ ବିବାହ କରିଥିଲେ। ସେ ଦେବତା ଓ ଅସୁରଙ୍କ ସହ ରହି ଜୀବିକା ଉପାର୍ଜନ କରୁଥିଲେ। ସେ ଏହିପରି ଭାବେ ଜୀବନ ସମ୍ପର୍କରେ ଶିକ୍ଷା ପାଇଥିଲେ।

କେବଳ ବୁଦ୍ଧଙ୍କଠାରେ ଜ୍ଞାନ ନାହିଁ, ଶିବ ଓ ଶକ୍ତିଙ୍କ କଥୋପକଥନରେ ମଧ୍ୟ ଏହା ରହିଛି। ମହିଳାଙ୍କୁ ବୌଦ୍ଧଭିକ୍ଷୁ ଏବଂ ସହାୟକ ଭାବେ ବୌଦ୍ଧ ଆଶ୍ରମଗୁଡ଼ିକରେ ସାମିଲକରିବା ଏକ ଭିନ୍ନ ବିଷୟ ହୋଇଥିଲେ ମଧ୍ୟ ବାସ୍ତବରେ ଏହା ହେଉଛି ବୌଦ୍ଧ ମାର୍ଗ ପ୍ରତି ଆହ୍ୱାନ। ପୁରାତନ ଗ୍ରନ୍ଥ 'ଥେରି ଗାଥା'ରଚନା କରିଥିବା ବୌଦ୍ଧ ମହିଳା ଭିକ୍ଷୁମାନେ ପରିବାର ବାହାରେ ଶାନ୍ତି ପାଇଛନ୍ତି ଏବଂ ସାମଜିକ ନିୟମରୁ ଦୂରେଇ ରହିଛନ୍ତି। ବୌଦ୍ଧ ବିହାର ବା ମଠ କେବେ ବି ଲିଙ୍ଗଗତ ରାଜନୀତିକୁ ଛାଡ଼ିନାହିଁ ଏବଂ ସେଥିପାଇଁ ଶରୀରକୁ ଅସ୍ୱୀକାର କରାଯାଇଛି। ନେତୃତ୍ୱରେ ସବୁବେଳେ ପୁରୁଷମାନେ ରହୁଥିଲେ। ଏହା ମଧ୍ୟ ଜୈନଧର୍ମରେ ଦେଖାଯାଏ, ଯେଉଁଠି ସନ୍ନ୍ୟାସୀଙ୍କ ତୁଳନାରେ ଅଧିକ ମହିଳା ଭିକ୍ଷୁ ରହିଥିଲେ ବି ପୁରୁଷ ସବୁବେଳେ ନେତୃତ୍ୱରେ ରହନ୍ତି।

ଶିବଙ୍କ ଜ୍ଞାନ ଦେବୀଙ୍କ ଦ୍ୱାରା ଅଧିକ ପ୍ରାସଙ୍ଗିକ ହୋଇଛି। ଶିଷ୍ୟ ବିନା ଗୁରୁଙ୍କ ଜ୍ଞାନ ଅସାର। ଦେବୀ ଶିଷ୍ୟ ଭାବେ ଶିବଙ୍କୁ ପ୍ରଶ୍ନ କରିବା ଯୋଗୁ ଏହି ଜ୍ଞାନ ଗୁରୁରୂପୀ ଶିବଙ୍କଠାରୁ ଉତ୍ତର ଆକାରରେ ସାମ୍ନାକୁ ଆସିଛି। ଦେବୀ ଶିବଙ୍କ ଯତ୍ନ ନେଇଛନ୍ତି। ଶିବ ମଧ୍ୟ ଦେବୀଙ୍କ ସହ କଥା ହୋଇଛନ୍ତି। ଶିବଙ୍କ ଅନୁପସ୍ଥିତିରେ ଦେବୀ ତାଙ୍କ ଅସ୍ତ୍ର ଚଳାଇ ଦେବତାଙ୍କୁ ଅସୁରଙ୍କ କବଳରୁ ରକ୍ଷାକରିଛନ୍ତି। କୁହାଯାଏ ଯେ, ଶୈବଧର୍ମ ଦେବୀଙ୍କୁ ସାମିଲ କରିଥିବାବେଳେ, ଏହା ପରିବାରରେ ରହୁଥିବା ସବୁ ମହିଳଙ୍କୁ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦେଇ ନ ଥିଲା। ମହିଳାମାନେ ଘର ଛାଡ଼ିଲେ ପବିତ୍ର ହୁଅନ୍ତି ଓ ଭିକ୍ଷୁ ପାଳନ୍ତି। କିନ୍ତୁ ପୁରୁଷ ଉଭୟ ଗୃହସ୍ଥ ଓ ସନ୍ନ୍ୟାସୀ ଭାବେ ପବିତ୍ର। ଏହି ବ୍ୟବସ୍ଥାରେ ଆହ୍ୱାନ ସବୁ ରହିଥିଲେ ମଧ୍ୟ ଏହା ତ୍ରିପୁରାସୁନ୍ଦରୀ ଭଳି ଦେବୀମାନଙ୍କୁ ସୃଷ୍ଟିକରିଛି, ଯିଏ ଏକ ସିଂହାସନରେ ବସିଛନ୍ତି ଓ ତାଙ୍କ ଚାରିପାଖରେ ଦେବତାମାନେ ରହିଛନ୍ତି। ସେ କାମନାର ଦେବତା (କାମ)ଙ୍କ ସଙ୍କେତ ବହନ କରନ୍ତି। ଜ୍ଞାନ କାମନାର ଶେଷ ନୁହେଁ। ଏହା ଇଚ୍ଛା ବା କାମନରୁ ଉତ୍ପନ୍ନ ହୋଇ ନିଜକୁ ଶାନ୍ତି ଦେବା ବଦଳରେ ଅନ୍ୟମାନଙ୍କୁ ତାହା ପ୍ରଦାନକରେ।

–devduttofficial@gmail.com

## ଆମେ ଓ ଆମ ସମାଜ



ବୈଷ୍ଣବ ମେହେର

ଦିନକୁଦିନ ମଣିଷର ବେଗ ଯେତିକି ବଢ଼ି ଚାଲିଛି ସେହି ଅନୁପାତରେ କମିକମି ଚାଲିଛି ତା'ର ଆବେଗ। ମଣିଷ ଏବେ ପ୍ରକୃତିମୁହାଁ ନ ହୋଇ କେବଳ ପ୍ରବୃତ୍ତି ଆଡ଼େ ମୁହାଁଉଛି। ଏପରିସ୍ଥଳେ ସମାଜ ବିକାଶର କଥା ଭାବିବାକୁ କାହାର ବା ସମୟ ଅଛି! ପରିଣାମସ୍ୱରୂପ ପ୍ରତିଦିନ ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର, ବଳାତ୍କାର, ଅସହିଷ୍ଣୁତା ଓ ଆତଙ୍କବାଦ ସୀମା ବିବାଦ ଭଳି ବଢ଼ି ଚାଲିଛି। ପୁଣି ବନ୍ୟା, ବାତ୍ୟା, ମରୁଡ଼ି, ଭୂମିକମ୍ପ, ଭୂସ୍ଖଳନ ଭଳି ପ୍ରାକୃତିକ ଦୁର୍ବିପାକ ମଣିଷର ସ୍ଥିତିକୁ ଦୋହଲାଇ ଦେଉଛି। ଘରୁ ବାହାରିଲେ ନ ଫେରିବା ଯାଏ ସନ୍ଦେହରେ ପରିବାର। ବିପର୍ଯ୍ୟସ୍ତ ରାସ୍ତାଘାଟ, ବେନିୟମ ଗାଡ଼ି ଚଳାଚଳ ଓ ଟ୍ରାଫିକ ସମସ୍ୟା ପ୍ରତିଦିନ ମର୍ମନ୍ତୁଦ ଦୁର୍ଘଟଣା ଘଟାଉଛି। ପୁନଶ୍ଚ ସମାଜକୁ ଆଗେଇ ନେବେ ବୋଲି ଯେଉଁମାନଙ୍କୁ ଭରସା କରି ସାଧାରଣ ଲୋକେ ନିଜ ଭାଗ୍ୟର ଡୋରି ଧରାଇଛନ୍ତି, ସେମାନଙ୍କର ଅଧିକ ସମୟ ପରସ୍ପର ଭିତରେ ତୁତୁ ମେମେରେ ଯାଉଛି। ଲୋକେ ମଧ୍ୟ କୌଣସି ଅଘଟଣରୁ ଶିଖିବା ତ ଦୂରର କଥା ଧୀରେ ଧୀରେ ଅଧିକ ବେପରୁଆ ହୋଇ ପଡୁଛନ୍ତି। କଲେଜ ଛାତ୍ରୀ ସୌମ୍ୟାଶ୍ରୀର ଆତ୍ମଦାହ ପରେ ଆମେ କେହି ବି ଭାବି ନ ଥିଲେ ଯେ ଏ ଅଘଟଣର ଧାରା ଆଗକୁ ଲମ୍ବି ଚାଲିବ ବୋଲି। ଅଘଟଣ ମାନେ ଯେମିତି ଗୋଟିଏ ପରେ ଗୋଟିଏ ମାଳାରେ ଗୁନ୍ଥା ଯାଇଥିବା ଫୁଲ ପରି ଘଟି ଚାଲିଛି, ଯେଉଁଥିରେ ସାଧାରଣ ମଣିଷର ଆଶା ପାଣିର ଫୋଟକା ସମାନ ମୁହୂର୍ତ୍ତରେ ମିଳେଇ ଯିବା ହିଁ ସାର ହେଉଛି।

କହିବା ବାହୁଲ୍ୟ ଯେ, ସତ୍ୟ ଆଉ ସ୍ୱଚ୍ଛତା ଦିନେ ଭାରତୀୟ ସମାଜର ଗଳାର ହାର ସଦୃଶ ପ୍ରତୀୟମାନ ହେଉଥିଲା ବେଳେ ଶଠତା ବର୍ତ୍ତମାନ ଏହାର ଭାଗ୍ୟ ନିର୍ଦ୍ଧାରଣ କରୁଛି। ବଜାରରେ ମିଳୁଥିବା ସବୁଜ, ସୁନ୍ଦର ଓ ସତେଜ ଦେଖାଯାଉଥିବା ପନିପରିବାରେ ଯେ କେବଳ ହଳାହଳ ବିଷ ଖୁନ୍ଦି ହୋଇ ରହିଛି ତା' ନୁହେଁ ବରଂ ପ୍ରତିଟି ସ୍ଥିତିରେ ମଣିଷ ମଣିଷ ମଧ୍ୟରେ ଏକ ବିଷାକ୍ତ ବଳୟ ତିଆରି ହେବାରେ ଲାଗିଛି। ବଣର ହିଂସ୍ର ଜନ୍ତୁ ନୁହେଁ, ଏବେ ତ ମଣିଷ ହିଁ ସାଜିଛି ମଣିଷର ପ୍ରଧାନ ଶତ୍ରୁ। ନିଜ ସ୍ୱାର୍ଥ ପାଇଁ କେଉଁଠି ମଣିଷ ଖାଦ୍ୟରେ ଅପମିଶ୍ରଣ କରୁଛି ତ ବିଭିନ୍ନ ପ୍ରଲୋଭନ ଦେଖାଇ ଜଣେ ଆଉ ଜଣକର ବ୍ୟାଙ୍କ ଆକାଉଣ୍ଟରୁ ଅର୍ଥ ଉଡାନ କରି ନେଉଛି। ବିକାଶ ନାଁରେ ରାସ୍ତାଘାଟ, ପୋଲ, ବଡ଼ କୋଠା ତିଆରି କରିବା ନାଁରେ ସେଥିରୁ ମୋଟା ଅଙ୍କର ଅର୍ଥ ଆତ୍ମସାତକୁ ପ୍ରାଧାନ୍ୟ ଦିଆଯାଉଛି। କୋମଳମତି ଶିଶୁକୁ ମାନବିକତାର ଶିକ୍ଷା ଦେଉଥିବା ଶିକ୍ଷକ କାମୁକ ସାଜୁଥିବା ବେଳେ ରକ୍ଷକ ଭୂମିକାରେ ଥିବା ପୋଲିସ ନିଜେ ଭକ୍ଷକ ପାଲଟୁଛି। ଏସବୁକୁ ପ୍ରତିବାଦ କରୁଥିବା ଲୋକକୁ ଅନେକ ସମୟରେ ବିଭିନ୍ନ ମାଧ୍ୟମରେ ହଇରାଣ ହେବାକୁ ଏପରି କି ଜୀବନ ଦେବାକୁ ପଡ଼େ। ଗଣମାଧ୍ୟମ ଯାହା ଦିନେ ସାଧାରଣ ଲୋକଙ୍କ ସ୍ୱର ଓ ଶକ୍ତି ଥିଲା କିଛି ଜଣଙ୍କ ପାଇଁ ସେ ବି ଏବେ ବିଶ୍ୱାସ ହରେଇ ବସିଛି। ବିନା ହାତଗୁଞ୍ଜାରେ କାଗଜ ଖଣ୍ଡିଏ ଗୋଟିଏ ଟେବୁଲରୁ ଆର ଟେବୁଲକୁ ଯାଇପାରୁ ନାହିଁ। 'ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି' ପ୍ରାର୍ଥନା ଗାଇ ଗାଇ ବଡ଼ ହୋଇଥିବା ପିଲାଟି ଅଧାବାଟରେ କି ଶିକ୍ଷା ପାଇଲା ଯେ ଆଜି ଡାକ୍ତର ହେଲା ପରେ ମୃତ ରୋଗୀକୁ ଆଇସିୟୁରେ ରଖି ଅର୍ଥ ଉପାର୍ଜନ କରିବାକୁ ତିଳେ ମାତ୍ର ଅନୁଶୋଚନା କରୁ ନାହିଁ କି ଇଞ୍ଜିନିୟର ହୋଇ ମାତ୍ର ଚାଳିଶ ପ୍ରତିଶତ କାମ କରି ଶତ ପ୍ରତିଶତ ବିଲ୍ କରି ନେବାରେ ନିଜର ପାରିବା ପଣିଆ ବୋଲି ବିବେଚନା କରୁଛି। ଯେଉଁ ମାଆବାପା ଗାଁରେ ଜାତିଅଜାତିର ଯେକେହି ମରି ଯାଇଛି ବୋଲି ଜାଣିଲେ ଯଥାସମ୍ଭବ ତା' ଦ୍ୱାରରେ ଠିଆ ହୋଇ ଶବ ଶ୍ମଶାନରେ ଅନ୍ତ୍ୟେଷ୍ଟି ନ କଲା ଯାଏ ଅନ୍ନ ଛୁଉଁ ନ ଥିଲେ ଆଜି ସେମାନଙ୍କ ଦେହାନ୍ତ ପରେ ଶ୍ମଶାନ ନେବାକୁ ତାଙ୍କ ନିଜ ପିଲା ପାଖରେ ସମୟ ନାହିଁ। ଯେଉଁ ଦେଶର ବୌଦ୍ଧିକ ଜ୍ଞାନ ପାଇବାକୁ ବିଦେଶୀମାନେ ଏବେ ବି ସୁଯୋଗର ଅପେକ୍ଷା କରିଥାନ୍ତି ଆଜି ସେହି ଦେଶର ଲୋକଙ୍କ ମଧ୍ୟରେ ଶିକ୍ଷା, ସଂସ୍କାର, ନୈତିକତାରେ ଏଭଳି ପରିବର୍ତ୍ତନ ଅବିଶ୍ୱସନୀୟ ମନେହୁଏ।

ଦୁଃଖର ବିଷୟ ଯେ, ନିଜେ କ'ଣ କରିପାରିବା ସେଥିରେ ଧ୍ୟାନ ନ ଦେଇ, ଏସବୁଥି ପାଇଁ ଅନ୍ୟକୁ ଦୋଷଦେବା ଏବେ ଆମର ଅଭ୍ୟାସରେ ପରିଣତ ହୋଇ ସାରିଛି। ଆମେ ପ୍ରଥମେ ହେଜିବା ଦରକାର ଯେ ଯେଉଁଦିନ ଆମେ ନିଜେ ନିଜ ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରିବା ସେ ମୁହୂର୍ତ୍ତରୁ ଆମ ଭାଗର ସମାଜ ସୁଧୁରିବା ଆରମ୍ଭ ହୋଇଯିବ।

ସିନାପାଲି, ନୂଆପଡ଼ା
ମୋ:୯୭୭୭୭୫୩୯୩୫

## ଏଇ ଭାରତରେ

ଦିଲ୍ଲୀରେ ବୁଲା କୁକୁରଙ୍କୁ ଖାଇବାକୁ ଦେଉଛନ୍ତି ଶିରିନ ବାତ୍ରା ଓ ଆୟେଶା ଖ୍ରୀଷ୍ଟିନା ବେନଖ। ଏହି ଦୁଇଜଣ ହେଉଛନ୍ତି କୁକୁରପ୍ରେମୀ ଓ ସାମାଜିକ କର୍ମୀ। କାଫେ ଦିଲ୍ଲୀ ହାଇଟ୍ସ ସହଯୋଗରେ 'ନେବରହୁଡ୍ ଉଫ୍ସ' ନଭେମ୍ବର ୨୦୨୪ରୁ କୁକୁରଙ୍କୁ ଖାଇବାକୁ ଦେଇଆସୁଛି। କୁକୁରଙ୍କ ସେବାରେ ନିୟୋଜିତ ସଂସ୍ଥା ନେବରହୁଡ୍ ଉଫ୍ସର ପ୍ରତିଷ୍ଠାତା ହେଉଛନ୍ତି ଆୟେଶା। କାଫେ ଦିଲ୍ଲୀ ହାଇଟ୍ସ(ସିଡିଏଚ୍) ମାଲିକଙ୍କ ଝିଅ ହେଉଛନ୍ତି ଶିରିନ୍। ଏହି ଦୁଇଜଣ ସିଡିଏଚ୍‌ର ବିଭିନ୍ନ ଆଉଟ୍‌ଲେଟ୍‌ରୁ ବଳକା ଖାଦ୍ୟ ସଂଗ୍ରହକରି କୁକୁରଙ୍କୁ ଖାଇବାକୁ ଦେଉଛନ୍ତି। ସେମାନେ ଏକ ଟିମ୍ ଗଠନ କରିଛନ୍ତି ଓ ଏହା ଜରିଆରେ ଖାଦ୍ୟ ସଂଗ୍ରହ କରାଯାଉଛି। ସଂଗୃହୀତ ଖାଦ୍ୟରେ ଅଣ୍ଡା, ଦହି ଇତ୍ୟାଦି ମିଶାଇ ପୁଷ୍ଟିକର କରାଯାଉଛି, ଯାହାକୁ କି କୁକୁରଙ୍କୁ ସକାଳେ ଓ ଅପରାହ୍ନରେ ଦୁଇବେଳା ଖାଇବାକୁ ଦିଆଯାଉଛି। ଏବେ ସେମାନେ ୧୦୦ରୁ ଅଧିକ କୁକୁରଙ୍କୁ ଖାଇବାକୁ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୪ ସେପ୍ଟେମ୍ବର ୧୯୭୬

- ଜଳସେଚନ ବ୍ୟବସ୍ଥାକୁ ସମ୍ବିଧାନର କଂକରେଣ୍ଟ ଲିଷ୍ଟ ବା ମିଳିତ ଦାୟିତ୍ୱ ତାଲିକାର ଅନ୍ତର୍ଭୁକ୍ତ କରାଯିବା ନିମନ୍ତେ ଦାବି ଜଣାଇ ପାର୍ଲାମେଣ୍ଟରେ ୧୦୧ ସଭ୍ୟଙ୍କ ପ୍ରଧାନମନ୍ତ୍ରୀଙ୍କ ନିକଟରେ ସ୍ମାରକପତ୍ର ଦାଖଲ।
- ରାଜ୍ୟସଭାର ଜନୈକ ସଦସ୍ୟ ସୁବ୍ରମଣ୍ୟମ ସ୍ୱାମୀ (ଜନସଂଘ)ଙ୍କ ଆଚରଣ ସମ୍ବନ୍ଧରେ ତଦନ୍ତ କରିବା ଲାଗି ଏକ କମିଟି ନିଯୁକ୍ତ କରାଯିବା ନିମନ୍ତେ ରାଜ୍ୟସଭାରେ ଏକ ସରକାରୀ ପ୍ରସ୍ତାବ ଗୃହୀତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | 7 | | | | | |
| | | 3 | | | | 7 | 5 | 6 |
| | 6 | | | | | | | 8 |
| | | 6 | | 1 | | 3 | | 9 |
| 2 | | | | | 6 | | | |
| | 9 | 1 | | 4 | 5 | | | |
| | 4 | | | | | | | |
| | | 7 | | 9 | | | | |
| | | | | | 7 | | 9 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 3 | 8 | 2 | 4 | 1 | 6 | 9 |
| 6 | 4 | 2 | 9 | 3 | 1 | 8 | 7 | 5 |
| 8 | 9 | 1 | 7 | 6 | 5 | 4 | 2 | 3 |
| 3 | 6 | 7 | 5 | 8 | 2 | 9 | 1 | 4 |
| 9 | 1 | 8 | 6 | 4 | 3 | 2 | 5 | 7 |
| 2 | 5 | 4 | 1 | 9 | 7 | 3 | 8 | 6 |
| 7 | 3 | 5 | 4 | 1 | 8 | 6 | 9 | 2 |
| 4 | 8 | 9 | 2 | 7 | 6 | 5 | 3 | 1 |
| 1 | 2 | 6 | 3 | 5 | 9 | 7 | 4 | 8 |

ଗତକାଲିର ଉତ୍ତର

# ଉତ୍ପାଦନଶୀଳତାର ନୂତନ ମାଧ୍ୟମ



ଡ. ଅନ୍ତର୍ଜିତା ନାୟକ

ଏକ କ୍ରମବର୍ଦ୍ଧିଷ୍ଣୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ବିଶ୍ୱରେ ଉତ୍ପାଦନଶୀଳତାକୁ ପ୍ରାୟତଃ ନିରନ୍ତର କାର୍ଯ୍ୟ ସହିତ ତୁଳନା କରାଯାଏ। ଯେତେବେଳେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରୀଛାତ୍ର କୁହନ୍ତି ଯେ ଦିନକୁ ୧୮–୨୦ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ସଫଳତା ହାସଲ କରିଛନ୍ତି ସେତେବେଳେ ମନକୁ ଆସେ ମଣିଷ ଆଜି ମେଶିନ ହୋଇଗଲାଣି। ମେଶିନକୁ ଯେମିତି ଥକିବା ମନା, ମଣିଷକୁ ସେମିତି ଥକାମାରିବା ନିଷେଧ। ଥକାମାରିବା ତ ଦୂରରକଥା ଆଜିକାଲି ହାଇ ମାରିବା ମଧ୍ୟ ଅପରାଧ। ଅଫିସ, ସ୍କୁଲ ବା କାର୍ଯ୍ୟସ୍ଥଳୀରେ ହାଇ ମାରିଲେ କାଳେ କିଏ ଭାବିଦେବ ଯେ କାମ ସମୟରେ ନିଦ ଆସିଗଲାଣି କି! କିନ୍ତୁ ହାଇ ମାରିବା କ'ଣ ଭୁଲ୍? ହାଇ ମାରିବା ପଛରେ ନିଦ ସମ୍ପୂର୍ଣ୍ଣ ନ ହେବା ବା ନିଦ ସମ୍ପୂର୍ଣ୍ଣ କରିବାକୁ ସମୟ ନ ମିଳିବା ହେଲା ପ୍ରକୃତ ଦୋଷୀ। ଅନିଦ୍ରା ବଶତଃ ଢୁଳାଇବା ବା ହାଇ ମାରିବା କେବଳ ପ୍ରତିକ୍ରିୟା। ହେଲେ ଏଇ ସମସ୍ୟାର ସମାଧାନ କ'ଣ? କାମକୁ ନ ଯାଇ କିଏ ତ ଆଉ ଶୋଇ ରହିବ ନାହିଁ ନା! ଏହି ପରିପ୍ରେକ୍ଷୀରେ, ଜାପାନରେ ପାଳନ କରାଯାଉଥିବା 'ଇନେମୁରି' ଅଭ୍ୟାସ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସ୍କୁଲରେ ବା ଅଫିସରେ ଢୁଳାଇବା ବା ବିଶ୍ରାମ ନେବା ଅଳସୁଆମି ବା ଠକାମି ନୁହେଁ। ଜାପାନର ପ୍ରାଚୀନ 'ଇନେମୁରି' ଅଭ୍ୟାସ ହେଉଛି 'ଶୋଇବା ସମୟରେ ଉପସ୍ଥିତ ରହିବା'ର କଳା, ଯାହା କାର୍ଯ୍ୟ ମଧ୍ୟରେ କ୍ଷୁଦ୍ର ନିଦ୍ରାକୁ ପ୍ରୋତ୍ସାହିତ କରେ। ଭାରତ ଯେତେବେଳେ ନିଜର ଉତ୍ପାଦନକ୍ଷମ ସେନାକୁ ନେଇ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଅଗ୍ରସର, ସେତେବେଳେ ଜାପାନର 'ଇନେମୁରି'ରୁ ପ୍ରେରଣା ନେଇ ସମସ୍ତ ବୟସ ବର୍ଗ ଏବଂ ସମସ୍ତ କ୍ଷେତ୍ରରେ ମାନବ ସମ୍ଭାବନାକୁ ଉନ୍ମୁକ୍ତ କରିବା ଆବଶ୍ୟକ। କାର୍ଯ୍ୟସ୍ଥଳୀରେ କ୍ଷୁଦ୍ର ନିଦ୍ରା, ବାସ୍ତବରେ ଅଧିକ ସୃଜନଶୀଳତା ଏବଂ ଜ୍ଞାନାତ୍ମକ ଜୀବନ୍ତତାର ଚାବିକାଠି ହୋଇପାରେ।

ଦିନବେଳା କ୍ଷୁଦ୍ର ନିଦ୍ରାର ଶାରୀରିକ ଏବଂ ମାନସିକ ଲାଭକୁ ଆଧୁନିକ ସ୍ନାୟୁବିଜ୍ଞାନ ଦୃଢ଼ ଭାବରେ ସମର୍ଥନ କରେ। ସ୍ଲିପ ମେଡିସିନ ଜର୍ନାଲ ଅନୁଯାୟୀ, କ୍ଷୁଦ୍ର ନିଦ୍ରା(୧୦–୩୦ମିନିଟ) ସତର୍କତା, କାର୍ଯ୍ୟ ସ୍ମୃତି, ମନୋଦଶା ଏବଂ ସାଇକୋମୋଟର ପ୍ରଦର୍ଶନରେ ଉଲ୍ଲେଖନୀୟ ଉନ୍ନତି ଆଣିପାରେ। ପାଇଲଟ ଏବଂ ମହାକାଶଚାରୀଙ୍କ ଉପରେ ନାସାର ଏକ ଅଧ୍ୟୟନରୁ ଜଣାପଡିଛି ଯେ, ୨୬ ମିନିଟର ନିଦ୍ରା କାର୍ଯ୍ୟଦକ୍ଷତାରେ ୩୪% ଏବଂ ସତର୍କତାରେ ୫୪% ଉନ୍ନତି ଆଣିଛି। ପିଲାମାନଙ୍କ କ୍ଷେତ୍ରରେ ନେଚର୍ ଆଣ୍ଡ ସାଇନ୍ସ ଅଫ ସ୍ଲିପରେ ପ୍ରକାଶିତ ଏକ ଅଧ୍ୟୟନ ଦର୍ଶାଇଛି ଯେ, ଦିନବେଳା କ୍ଷୁଦ୍ର ନିଦ୍ରା, ସ୍ମୃତି ଦୃଢ଼ୀକରଣ, ସମ୍ବେଦନଶୀଳ ଧାରଣା ଏବଂ ଭାବପ୍ରବଣ ନିୟନ୍ତ୍ରଣକୁ ସମର୍ଥନ କରେ, ବିଶେଷକରି ୧୨ବର୍ଷରୁ କମ୍ ପିଲାମାନଙ୍କ କ୍ଷେତ୍ରରେ। କ୍ଷୁଦ୍ର ନିଦ୍ରା ଶରୀରକୁ ପୁନଃ ଚାଲୁ କରିବାର ଏକ ପ୍ରକ୍ରିୟା। ଜ୍ଞାନାତ୍ମକ ଲାଭ ବ୍ୟତୀତ, ନିଦ୍ରା, ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେଇଥାଏ। ଦୀର୍ଘସ୍ଥାୟୀ ନିଦ୍ରାହୀନତା ବର୍ତ୍ତମାନ ଏକ ଜନସ୍ୱାସ୍ଥ୍ୟ ମହାମାରୀ ଭାବରେ ବ୍ୟାପି ଚାଲିଛି, ଯାହା ଉଦ୍‌ବେଗ, ଅବସାଦ, ଉଚ୍ଚ ରକ୍ତଚାପ ଏବଂ ମେଟାବୋଲିକ ବ୍ୟାଧି ସୃଷ୍ଟି କରିଥାଏ। ଏହି ପରିପ୍ରେକ୍ଷୀରେ, ସଂରଚିତ ନିଦ୍ରା ବିରତିକୁ ପ୍ରୋତ୍ସାହିତ କରିବା କେବଳ ଏକ ବିକଳ୍ପ ନୁହେଁ ବରଂ ଏକ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ରଣନୀତି। ଜାପାନ କାର୍ଯ୍ୟକ୍ଷେତ୍ରରେ ଏବଂ ଶିକ୍ଷାଗତ ସଂସ୍କୃତିରେ, 'ଇନେମୁରି', ବିଶ୍ରାମର ଏକ ଅନନ୍ୟ ଏକୀକରଣ। ଏହା ବ୍ୟକ୍ତିବିଶେଷଙ୍କୁ କର୍ମକ୍ଷେତ୍ରରେ ଛୋଟ, ହାଲୁକା ନିଦ୍ରା ନେବାକୁ ଅନୁମତି ଦିଏ। କିନ୍ତୁ ଏହା କୌଣସି ଦାୟିତ୍ୱହୀନତା ବା ଅଳସୁଆମି ନୁହେଁ, ବରଂ ଏହା ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ଯେ ଜଣେ ବ୍ୟକ୍ତି ନିଜ କର୍ତ୍ତବ୍ୟରୁ ପଛକୁ ହଟି ନ ଯାଇ, କଠିନ ପରିଶ୍ରମ କରି କ୍ଷଣିକ ପାଇଁ ବିଶ୍ରାମ ନେଉଛି। ଟୟୋଟା ଏବଂ ହିରୋଶିମା ବିଶ୍ୱବିଦ୍ୟାଳୟ ଭଳି ଜାପାନୀ ସଂସ୍ଥାଗୁଡିକ କର୍ମକ୍ଷେତ୍ରରେ ନିଦ୍ରା ସୁବିଧା ପାଇଁ ଶାନ୍ତ କୋଠରିର ସୁବିଧା ଉପଲବ୍ଧ କରାଇଛନ୍ତି। ବିଦ୍ୟାଳୟଗୁଡିକ ମଧ୍ୟ ଶ୍ରେଣୀରେ ଶୋଇବାର ସୁବିଧା ଛାତ୍ରୀଛାତ୍ରଙ୍କୁ ଯୋଗାଇ ଦିଅନ୍ତି।



ବିଦ୍ୟାଳୟରେ ପିଲାଙ୍କ କ୍ଳାନ୍ତପଣ ଏବଂ କାର୍ଯ୍ୟସ୍ଥଳରେ ଥକାପଣର ଦ୍ୱୈତ ବୋଝ ଆଜି ସମୟର ଆହ୍ୱାନ। ପାଞ୍ଚ ବର୍ଷ ବୟସରୁ ହିଁ ପିଲାମାନେ ସ୍କୁଲ, ଟ୍ୟୁଶନ ଏବଂ ଅତିରିକ୍ତ ପାଠ୍ୟକ୍ରମ ବୋଝରେ ରାତିରେ ଡେରିରେ ଶୋଉଛନ୍ତି ଓ ସୂର୍ଯ୍ୟୋଦୟ ପୂର୍ବରୁ ଉଠୁଛନ୍ତି, ଯାହାର ଫଳସ୍ୱରୂପ ଏକ ଭୟଙ୍କର ନିଦ୍ରା ଅଭାବ ସୃଷ୍ଟି ହେଉଛି। ଇଣ୍ଡିଆନ ଜର୍ନାଲ ଅଫ ପେଡିଆଟ୍ରିକ୍ସରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡିଛି ଯେ,ଭାରତରେ ୭୫%ରୁ ଅଧିକ ସହରାଞ୍ଚଳ ସ୍କୁଲ ଯାଉଥିବା ପିଲା ପ୍ରସ୍ତାବିତ ୮ଘଣ୍ଟାରୁ କମ୍ ଶୋଇଥାନ୍ତି। ଅନେକ ପିଲା ବିରକ୍ତି, ଏବଂ ଶିକ୍ଷଣ କ୍ଳାନ୍ତିରେ ପୀଡ଼ିତ। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପରେ କ୍ଷୁଦ୍ର ନିଦ୍ରା ଜୋନ କିମ୍ବା ବିଶ୍ରାମ ଅବଧି ପ୍ରବର୍ତ୍ତନ କରିବା, ବିଶେଷକରି ପ୍ରାକ୍–କିଶୋର ଏବଂ ପ୍ରାରମ୍ଭିକ କିଶୋରଙ୍କ ମଧ୍ୟରେ, ଯାହା ସେମାନଙ୍କର ସ୍ମୃତି ଦୃଢ଼ୀକରଣରେ ସାହାଯ୍ୟ କରିପାରିବ। ଉଦ୍‌ବେଗ ହ୍ରାସ ହେବ। ଭାରତ ଏହାର ଯୁବ ଜନସଂଖ୍ୟା ସହିତ ଏକ ବର୍ଦ୍ଧିତ ମାନସିକ ସ୍ୱାସ୍ଥ୍ୟ ଏବଂ ଉତ୍ପାଦକତା ସଙ୍କଟର ସମ୍ମୁଖୀନ ହେଉଛି। ୨୦୨୧ରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ, ୬୨% ଭାରତୀୟ କର୍ମଚାରୀ ଗୁରୁତର ଥକାପଣ ଲକ୍ଷଣ ଅନୁଭବ କରନ୍ତି। ଆଜିର 'ସର୍ବଦା ଅନ୍‌ଲାଇନ'ର ସଂସ୍କୃତି କାର୍ଯ୍ୟ ଏବଂ ଜୀବନ ମଧ୍ୟର ସୀମାକୁ ଅସ୍ପଷ୍ଟ କରିଦେଉଛି, ଯାହା ନିଦ୍ରାହୀନତା ଏବଂ ଉତ୍ପାଦକତା ହ୍ରାସ କରୁଛି। ତଥାପି କାର୍ଯ୍ୟସ୍ଥଳୀଗୁଡିକ କ୍ୱଚିତ ସଂରଚିତ ବିଶ୍ରାମ ଅବଧି ପ୍ରଦାନ କରନ୍ତି। ଗୁଗୁଲ ଏବଂ ସିସ୍କୋ ଭଳି ବଡ଼ ବଡ଼ ଟେକ୍ନୋଲୋଜି କମ୍ପାନୀମାନେ 'ନାପ ପୋଡ' କିମ୍ବା 'ବିଶ୍ରାମ ଲାଉଞ୍ଜ' ସ୍ଥାପନ କରିଛନ୍ତି, ଯାହା ନିଜ କର୍ମଚାରୀଙ୍କୁ କାର୍ଯ୍ୟ ସମୟ ମଧ୍ୟରେ କ୍ଷୁଦ୍ର ନିଦ୍ରା ନେବାର ସମସ୍ତ ସୁବିଧା ଯୋଗାଇ ଦିଏ। ଭାରତୀୟ କାର୍ଯ୍ୟସ୍ଥଳରେ ଏହିପରି ସୁବିଧା ବା 'ଇନେମୁରି' ଭଳି ସଂସ୍କୃତିକୁ ପ୍ରୋତ୍ସାହିତ କରି 'ଫିଟ ଇଣ୍ଡିଆ ମୁଭମେଣ୍ଟ'ରେ ଏହାକୁ ସାମିଲ କରି ଶାରୀରିକ ଓ ମାନସିକ ସୁସ୍ଥତାକୁ ସୁନିଶ୍ଚିତ କରାଯାଇପାରିବ। ବିଦ୍ୟାଳୟରେ ନିଦ୍ରାକୁ ଅବମାନନା କରିବା ପରିବର୍ତ୍ତେ, ଶିକ୍ଷକମାନେ ଏହାକୁ ଏକ ଜୈବିକ ଆବଶ୍ୟକତା ଭାବରେ ଚିହ୍ନି, କାର୍ଯ୍ୟ କରିବା ଉଚିତ। ପିଲାଙ୍କ ଶାରୀରିକ ସୁସ୍ଥତା ସହିତ ମାନସିକ ସୁସ୍ଥତା ଅତ୍ୟନ୍ତ ଜରୁରୀ, ଯାହା କ୍ଷୁଦ୍ର ନିଦ୍ରା ମାଧ୍ୟମରେ ସୁନିଶ୍ଚିତ କରାଯାଇପାରିବ। ମାତାପିତା ମଧ୍ୟ କ୍ଷୁଦ୍ର ନିଦ୍ରାର ଦୀର୍ଘକାଳୀନ ଲାଭ ବିଷୟରେ ଜାଣିବା ଜରୁରୀ ଏବଂ ସପ୍ତାହାନ୍ତ କିମ୍ବା ଛୁଟିଦିନରେ ତାହା ଘରୋଇ ରୁଟିନରେ ଅନ୍ତର୍ଭୁକ୍ତ କରିବାକୁ ଉତ୍ସାହିତ କରିପାରିବେ।

'ଇନେମୁରି' ଧାରଣାକୁ ଭାରତୀୟକରଣ କରି, ଦୀର୍ଘକାଳୀନ ଦକ୍ଷତା, ସୃଜନଶୀଳତା ଏବଂ ମାନସିକ ସ୍ୱାସ୍ଥ୍ୟକୁ ବୃଦ୍ଧି କରାଯାଇପାରିବ। ଭାରତୀୟ କର୍ମଶୈଳୀରେ 'ବିଶ୍ରାନ୍ତି',ଏକଦା ସାଧାରଣ। ଏଭଳି ସଚେତନ ବିରତିଗୁଡ଼ିକୁ ପୁନଃସ୍ଥାପିତ କରି, ବୈଜ୍ଞାନିକ ଅନୁମୋଦନ ସହିତ ପ୍ରାଚୀନ ଜ୍ଞାନ ଏବଂ ଆଧୁନିକ ସ୍ନାୟୁବିଜ୍ଞାନକୁ ସଂଯୋଗ କରି, ଆମେ ଏକ ଦକ୍ଷ କର୍ମସେନା ଗଢିପାରିବା। ଯୋଗ ଯେପରି ପ୍ରାଚୀନ ଅଭ୍ୟାସରୁ ବୈଶ୍ୱିକ ଜୀବନଶୈଳୀ ଆଡ଼କୁ ଗତି କରିପାରିଲା,ସେହିପରି 'ଇନେମୁରି', ସର୍କାଡିଆନ ବିଜ୍ଞାନ ଏବଂ ଶିଶୁ ମନୋବିଜ୍ଞାନରେ ନିହିତ ବିଶ୍ରାମର ସକାରାତ୍ମକ ଦିଗକୁ ଉନ୍ମୋଚିତ କରି ଏକ ସ୍ୱାସ୍ଥ୍ୟକର ଭବିଷ୍ୟତ ଗଠନ କରିପାରିବ। ଭାରତର ଭବିଷ୍ୟତ ଏହାର ଶାରୀରିକ ଓ ମାନସିକ ସୁସ୍ଥତା ଓ ସହନଶୀଳତା ଉପରେ ନିର୍ଭରଶୀଳ। ଏହି ପରିପ୍ରେକ୍ଷୀରେ ବହୁ ଲୋକ ମତ ପୋଷଣ କରିବେ ଯେ,ବିଶ୍ରାମ ନାଁରେ କିଛି ଲୋକ କର୍ମକ୍ଷେତ୍ରରେ ଶୋଇପଡିବେ ବା ଠକିବା ଆରମ୍ଭ କରିଦେବେ, ଯାହା ଉତ୍ପାଦନ କ୍ଷମତାକୁ ଆଘାତ ପହଞ୍ଚାଇବ। ଏହାର ସମ୍ଭାବନା ମଧ୍ୟ ରହୁଛି। ଏହି ବାବଦରେ ନିଜକୁ ନିଜର ସୀମା ବିଷୟରେ ଅବଗତ ରହି, ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱ ପ୍ରତି ସଚେତନ ହେବାର ଅଛି।

ମୋ: ୬୩୭୦୯୦୫୯୪୭

## ପାଠକ ଶ୍ରେଷ୍ଠ ବିଚାରକ

### ବେଆଇନ ରାସ୍ତାଖୋଳା ବନ୍ଦ ହେଉ

ମହାଶୟ,

ଆଜିକାଲିର ଯୁଗରେ ଆପଣ ବିଦ୍ୟୁତ୍ ତାର କଥା କୁହନ୍ତୁ କି ଇଣ୍ଟରନେଟ୍/ଟିଭି କେବୁଲ ତାର କଥା କୁହନ୍ତୁ, ପାଇପ ଜଳଯୋଗାଣ କଥା କୁହନ୍ତୁ, ସମସ୍ତ ସଂସ୍ଥା ଏବେ ମାଟିତଳେ ତାଙ୍କର ସେବା ଯୋଗାଇଦେବାକୁ ସହଜ ଏବଂ ସୁରକ୍ଷିତ ମନେକରୁଛନ୍ତି। ରାସ୍ତା ଖୋଳିବାର କୌଣସି ଆଇନ ନ ଥିବା ବେଳେ ଯେକୌଣସି ସ୍ଥାନରେ କେହିନା କେହି ରାସ୍ତାଖୋଳି ତାଙ୍କର ଆବଶ୍ୟକ ତାର କିମ୍ବା ପାଣିପାଇପ୍ ନେଇଯାଉଛନ୍ତି। ଯଦ୍ୱାରା କି ବର୍ଷାଦିନେ ପାଣି ଜମିବା ସହ ରାସ୍ତା ଖରାପ ମଧ୍ୟ ହେଉଛି। ଅନୁରୋଧ, ଅତି ଆବଶ୍ୟକ ନ ଥିଲେ ରାସ୍ତା ଖୋଳା ବନ୍ଦକରନ୍ତୁ। ଏଥିପ୍ରତି ସରକାର କିମ୍ବା ଆଞ୍ଚଳିକ ସ୍ତରରେ ଦୃଷ୍ଟିଦେବା ଆବଶ୍ୟକ।

–ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଫଗୁଣର ହୁରିଖେଳ ଗୀତ ହେ
ଆସିଛି ଧରାରେ ପ୍ରାଣମିତ
ଆଜି ଖାଲି ହସିବାର ଭୁଲିବାର
ଜୋଛନାରେ ନାଚ ଆଜି ବାରବାର
ପୋଛି ଆସ ନୟନରୁ ଲୁହ ଧାର,
ବିଶ୍ୱ ହୋଇଛି ଉଲ୍ଲସିତ ଯେ।
ଫଗୁଣ ଜୋଛନା ତଳେ ମିତ ହେ !

–(ଫଗୁଣ ଜ୍ୟୋତ୍ସ୍ନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଆଜି ୫ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ**

ପୁରୀ,(ଅଜିତ୍ କୁମାର ମହାନ୍ତି): ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହେବ। ଏହି ବିଶେଷ ନୀତି ହେବାକୁ ଥିବାରୁ ପ୍ରାୟ ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ମଧ୍ୟାହ୍ନ ଧୂପ ଛେକ ଆସିବା ପରେ ଆପାତତଃ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ବୁଧବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ନୂଆଦିଲ୍ଲୀ ଓଡ଼ିଶା ନିବାସରେ ଓମ୍‌ଫେଡ୍ କାଫେ, କୋରାପୁଟ କଫି କାଫେ ଉଦ୍‌ଘାଟିତ

## ଓଡ଼ିଆ ସମୁଦାୟଙ୍କୁ ଓଡ଼ିଶା ସହ ଯୋଡ଼ିବାରେ ସହାୟକ ହେବ: ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୩।୯ (ରବିନାରାୟଣ ଜେନା)

ନୂଆଦିଲ୍ଲୀସ୍ଥିତ ଓଡ଼ିଶା ନିବାସରେ ବୁଧବାର ଏକ ଓମ୍‌ଫେଡ୍ କାଫେ ଏବଂ କୋରାପୁଟ କଫି କାଫେର ଉଦ୍‌ଘାଟନ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ନୂଆଦିଲ୍ଲୀରେ ଓଡ଼ିଆ ସମୁଦାୟଙ୍କୁ ଓଡ଼ିଶା ସହ ଯୋଡ଼ିବାରେ ଏହା ବିଶେଷ ସହାୟକ ହେବ ଏବଂ ସେମାନେ ଓମ୍‌ଫେଡ୍ ଦ୍ରବ୍ୟର ସ୍ୱାଦ ଉପଭୋଗ କରିପାରିବେ। ଏହି କାଫେ ଦିଲ୍ଲୀରେ ବସବାସ କରୁଥିବା ଓଡ଼ିଆ ଲୋକଙ୍କ ଆବଶ୍ୟକତା ପୂରଣ କରିବା ସହିତ ଅନ୍ୟ ଗ୍ରାହକମାନଙ୍କୁ ମଧ୍ୟ ସେବା ଯୋଗାଇଦେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓମ୍‌ଫେଡ୍ କାଫେକୁ ଦିଲ୍ଲୀବାସୀ ଓ ଅନ୍ୟ ରାଜ୍ୟର ଅଧିବାସୀ ଆଦର କରିବେ। ଏହାସହ କୋରାପୁଟ କଫିର ଚାହିଦା ନିଶ୍ଚୟ ବୃଦ୍ଧି ପାଇବ। ଏହି ଅବସରରେ ଓଡ଼ିଶା ନିବାସରେ ଏଭଳି ପଦକ୍ଷେପ ପାଇଁ ରେସିଡେଣ୍ଟ କମିଶନର ଏବଂ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ପୁରୀ ଶ୍ରୀମନ୍ଦିରରେ ଓମ୍‌ଫେଡ୍ ଘିଅ ବ୍ୟବହାର ହେବା ପରଠାରୁ ଏହାର ବିଶ୍ୱସନୀୟତା ବଢ଼ିଛି। ଓମ୍‌ଫେଡ୍ ବ୍ରାଣ୍ଡ୍ ତାହାର ଗୁଣବତ୍ତା, ପବିତ୍ରତା ଓ ସ୍ୱାଦ ପାଇଁ ବେଶ୍ ପରିଚିତ। ବିଭିନ୍ନ ଓଡ଼ିଆ ସଂଗଠନ ପକ୍ଷରୁ ଦିଲ୍ଲୀ ଜଗନ୍ନାଥ ମନ୍ଦିରଗୁଡ଼ିକରେ ଓମ୍‌ଫେଡ୍ ଘିଅର ଉପଲବ୍ଧତା ପାଇଁ ପୂର୍ବରୁ ଦାବିହୋଇ ଆସୁଥିଲା। ଏବେ ଦିଲ୍ଲୀ ଜଗନ୍ନାଥ ମନ୍ଦିରଗୁଡ଼ିକରେ ଓମ୍‌ଫେଡ୍ ଘିଅ ବ୍ୟବହାର କରିବାରେ କୌଣସି ସମସ୍ୟା ରହିବ ନାହିଁ। ସୂଚନାଯୋଗ୍ୟ, ଲୋକଙ୍କ ସରକାର ରାଜ୍ୟର ଦୁଗ୍ଧଚାଷୀ ଏବଂ ଦୁଗ୍ଧ ଉତ୍ପାଦକମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ଓମ୍‌ଫେଡ୍‌ରେ ସଂସ୍କାର ଆଣିଛନ୍ତି। ଦୁଗ୍ଧଚାଷୀମାନେ ଯୁକ୍ତିସଙ୍ଗତ ଦରରେ ଓମ୍‌ଫେଡ୍‌କୁ ଦୁଗ୍ଧ ବିକ୍ରି କରନ୍ତି ଏବଂ ଓମ୍‌ଫେଡ୍ ସେହି ଦୁଗ୍ଧର ଉଚ୍ଚ ଗୁଣବତ୍ତା ରକ୍ଷାକରି ଉପଭୋକ୍ତାଙ୍କ ପାଖରେ ଦ୍ରବ୍ୟ ପହଞ୍ଚାଇପାରୁଛି। ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା, ଦୁଗ୍ଧ ଉତ୍ପାଦକମାନଙ୍କର ସହଯୋଗ ଏବଂ ଓମ୍‌ଫେଡ୍‌ର ନିଷ୍ଠାପର ପ୍ରୟାସ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ। ଏହି କାଫେରେ ପନିର, ବଟର, ଘିଅ, ରାବିଡ଼ି, ଲସି, ଫ୍ଲେଭର ମିଲ୍କ, ଗୁଣ୍ଡଦୁଗ୍ଧ, ସାଦା ଓ ମିଠା ଦହି, ପେଡ଼ା, ଗୋଲାପ ଜାମୁ, ହଳଦୀ, ଏ-ଟୁ ଦୁଗ୍ଧ ପରି ଓମ୍‌ଫେଡ୍ ଉତ୍ପାଦ ଉପଲବ୍ଧ ହେବ। ଓମ୍‌ଫେଡ୍‌ର ୧୦ ପ୍ରକାରର ଆଇସ୍‌କ୍ରିମ୍ ମଧ୍ୟ ଏଠାରେ ଉପଲବ୍ଧ ହେବ। ଓମ୍‌ଫେଡ୍ ଗୁଣବତ୍ତା ରକ୍ଷାକରି ଜନସାଧାରଣଙ୍କ ପାଇଁ ଉତ୍ପାଦ ପ୍ରସ୍ତୁତ କରୁଛି। ତେଣୁ ଆଗାମୀ ଦିନରେ ଓମ୍‌ଫେଡ୍ ଉତ୍ପାଦ ଅନ୍ୟ ରାଜ୍ୟରେ ମଧ୍ୟ ବିକ୍ରି ହେବାର ସୁଯୋଗ ସୃଷ୍ଟି କରାଯିବ। ଓମ୍‌ଫେଡ୍ ଓଡ଼ିଶା ଗୋପାଳକଙ୍କ ନିଜସ୍ୱ ସଙ୍ଗଠନ। ଓମ୍‌ଫେଡ୍‌ର ବୃଦ୍ଧିରେ ରାଜ୍ୟର ଗୋପାଳକମାନେ ଲାଭବାନ୍ ହେବେ। ଗୋପାଳକଙ୍କ ଆୟକୁ ବହୁଗୁଣିତ କରିବା ଲକ୍ଷ୍ୟରେ ଆମ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପସ୍ୱରୂପ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଓ ଗୋପାଳନର ବିକାଶ ଦିଗରେ ଏପରି ଯୋଜନା ଆଗରୁ କେବେ ହୋଇ ନ ଥିଲା। ରାଜ୍ୟର ଗୋପାଳକମାନେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଏବେ ସଶକ୍ତ ହୋଇପାରୁଛନ୍ତି ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।




# ଶାରୀରିକ ପରୀକ୍ଷା ପାଇଁ ସୁଯୋଗ ଦିଅ: ହାଇକୋର୍ଟ

## ବନରକ୍ଷକ, ପ୍ରାଣୀ ସମ୍ପଦ ନିରୀକ୍ଷକ, ବନକର୍ମୀ ନିଯୁକ୍ତି ମାମଲା

କଟକ, ୩।୯ (କାର୍ତ୍ତିକ ସାହୁ)

ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ବନରକ୍ଷକ (ଫରେଷ୍ଟର), ଲାଇଭ ଷ୍ଟକ ଇନ୍ସପେକ୍ଟର (ପ୍ରାଣୀ ସମ୍ପଦ ନିରୀକ୍ଷକ) ଏବଂ ଫରେଷ୍ଟ ଗାର୍ଡ (ବନକର୍ମୀ) ପରୀକ୍ଷା ପ୍ରକ୍ରିୟାରେ କେତେକ ପ୍ରାର୍ଥୀଙ୍କୁ ଶାରୀରିକ ପରୀକ୍ଷାରୁ ବଞ୍ଚିତ କରାଯାଇଥିଲା। ଏହାକୁ ନେଇ ଓଡ଼ିଶା ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ବିଚାରପତି ବିରଜା ପ୍ରସନ୍ନ ଶତପଥୀ ମାମଲାର ରାୟ ପ୍ରକାଶ କରି ଶାରୀରିକ ପରୀକ୍ଷାରୁ ବଞ୍ଚିତ ୩୩୭ ପରୀକ୍ଷାର୍ଥୀଙ୍କୁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ପରୀକ୍ଷାର୍ଥୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପରେ ସେମାନେ ଦେଇଥିବା ଉତ୍ତରକୁ ବିଚାର କରି ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ସମାପ୍ତ ନ ହୋଇଛି, ସେ ପର୍ଯ୍ୟନ୍ତ ସମୁଦାୟ ପଦରୁ ୩୩୭ଟି ପଦ ପୂରଣ ନ କରିବାକୁ ଅଦାଲତ ସ୍ପଷ୍ଟ କରିଛନ୍ତି।

ଓଏସ୍‌ଏସ୍‌ଏସ୍‌ସି ୨୦୨୪ରେ ଫରେଷ୍ଟର ପାଇଁ ୩୧୬ ପଦ, ଲାଇଭ ଷ୍ଟକ୍ ଇନ୍ସପେକ୍ଟର ପାଇଁ ୭୧୯ ଏବଂ ଫରେଷ୍ଟ ଗାର୍ଡ ପାଇଁ ୧୬୭୭ ପଦରେ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ କରିଥିଲା। ଲିଖିତ ପରୀକ୍ଷାରେ ଅନୁଚିତ କାର୍ଯ୍ୟ କରୁଥିବା ଦର୍ଶାଇ ୩୩୭ ପରୀକ୍ଷାର୍ଥୀଙ୍କ ଫଳାଫଳକୁ ରୋକାଯିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ସେମାନଙ୍କୁ ଶାରୀରିକ ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଅନୁମତି ଦିଆଯାଇ ନ ଥିଲା। ଏହାକୁ ବିରୋଧ କରି ଏକାଧିକ ପରୀକ୍ଷାର୍ଥୀ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଆବେଦନକାରୀମାନଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ସେମାନେ ଲିଖିତ ପରୀକ୍ଷାରେ ଅଧିକ ମାର୍କ ରଖି ସଫଳ ହୋଇଥିଲେ। ସେମାନେ ଅନୁଚିତ କାର୍ଯ୍ୟ କରିଥିବା ଅଭିଯୋଗ ଉପରେ ଗଠିତ ତଦନ୍ତ କମିଟି କୌଣସି ପ୍ରମାଣ ଦେଇ ପାରି ନ ଥିଲା। ତେଣୁ ସେମାନଙ୍କୁ ସୁଯୋଗ ଦେବାକୁ ଅଦାଲତଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ଯୁକ୍ତି ବାଢ଼ିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାଜୀବ ରଥଙ୍କ ସହ ଅନ୍ୟମାନେ ମାମଲା ପରିଚାଳନା କରୁଥିଲେ।

# ନିବେଶକଙ୍କୁ ଟାଣୁଛି ସେମିକଣ୍ଡକ୍ଟର ନୀତି-୨୦୨୫

## ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ୫,୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବୁଝାମଣା



ନୂଆଦିଲ୍ଲୀଠାରେ ବୁଧବାର ଏମ୍‌ଓୟୁ ସ୍ୱାକ୍ଷର ପରେ ବିଭିନ୍ନ ନିବେଶକଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଅନ୍ୟମାନେ।

ଭୁବନେଶ୍ୱର, ୩।୯ (ରବିନାରାୟଣ ଜେନା)

ନୂଆଦିଲ୍ଲୀଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ସେମିକନ ଇଣ୍ଡିଆ-୨୦୨୫ କନକ୍ଲେଭ ଓଡ଼ିଶା ପାଇଁ ସୁଯୋଗ ସୃଷ୍ଟି କରିଛି। ଫଳରେ ନିବେଶକମାନେ ଆକୃଷ୍ଟ ହେଉଥିବା ପରିଲକ୍ଷିତ ହୋଇଛି। ଏହି ଅବସରରେ ବୁଧବାର ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓଡ଼ିଶା ପ୍ୟାଭିଲିନର ଉଦ୍‌ଘାଟନ କରିବା ସହ ବିଶ୍ୱର କିଛି ପ୍ରମୁଖ ନିବେଶକଙ୍କ ସହ ୫,୨୦୦ କୋଟିରୁ ଅଧିକ ଟଙ୍କାର ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଟପ୍‌ଟ୍ରାକ ହାଇଟେକ୍ ପିସିବି ପ୍ରାଇଭେଟ ଲିମିଟେଡ ସହ ୨,୬୫୫ କୋଟି ଟଙ୍କାର ନିବେଶ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ବେଳେ ସାନ୍‌କୋଡ ଟେକ୍ ଓ ସିଲକନ କନେକ୍ଟ ମିଳିତ ଭାବେ ଓଡ଼ିଶାରେ ୧,୦୦୫ କୋଟି ଟଙ୍କା ନିବେଶ କରିବାକୁ ଏମ୍‌ଓୟୁ କରିଛନ୍ତି।

ସେହିପରି ଇନାରୀ ଆମେର୍ଟନେ ବେହାଡ ଓ ଏପିଆଇଆରସି ପେନାଙ୍ଗ ସହ ୧,୬୫୦ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଚୁକ୍ତି ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ 'ଏକ୍ସ' ହ୍ୟାଣ୍ଡଲରୁ ଜଣାଯାଇଛି। ଏହାସହ ଇନ୍‌ଟେଲ, ମାଇକ୍ରନ୍, ୱେଷ୍ଟର୍ଣ୍ଣ ଡିଜିଟାଲ, ରେନେସାସ୍ ଓ ସିମେନ୍ସ ସହ ମଧ୍ୟ ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପରେ ପୁଞ୍ଜିନିବେଶ କରିବାକୁ ଆଗ୍ରହୀ ଥିବା ମୁଖ୍ୟମନ୍ତ୍ରୀଙ୍କ ଆଲୋଚନାରୁ ଜଣାପଡିଛି। ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପ ସହ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ଶିଳ୍ପର ବିକାଶ ହେବ ବୋଲି ନିବେଶକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅବଗତ କରିଛନ୍ତି। ଏହି ଅବସରରେ ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ବିଭାଗୀୟ ପ୍ରମୁଖ ସଚିବ ବିଶାଲ ଦେବ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶ, ରାଜ୍ୟରେ କଂଗ୍ରେସ ସୁଦୃଢ଼ ହେଉଛି: ଭୂପିନ୍ଦର

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)



ଭୂପିନ୍ଦର ସିଂ

ବରିଷ୍ଠ ବିଜେଡି ନେତା ଭୂପିନ୍ଦର ସିଂଙ୍କ ବୟାନକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଅନେକ ସମୟରେ ଦଳର ସାଙ୍ଗଠନିକ ବ୍ୟାପାର ବିଷୟରେ ମତ ରଖି ସେ ଚର୍ଚ୍ଚାରେ ରହିଛନ୍ତି। ବୁଧବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭୂପିନ୍ଦର କଂଗ୍ରେସର ଶକ୍ତି ବୃଦ୍ଧି ହେଉଥିବା ସଙ୍କେତ ଦେବାପରେ ତାଙ୍କୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସେ କହିଛନ୍ତି, କଂଗ୍ରେସର ଭବିଷ୍ୟତ ଦେଶ ଓ ରାଜ୍ୟରେ ସୁଦୃଢ଼ ହେଉଛି। ରାଜ୍ୟରେ ବିଜେଡି ଯଦି ଠିକ୍ ଭାବେ ମୁଖ୍ୟ ବିରୋଧୀ ଦଳର ଭୂମିକା ନ ନେବ ତେବେ କଂଗ୍ରେସ ଆହୁରି ଆଗକୁ ବଢ଼ିବ। ରାଜ୍ୟରେ ଲୋକମାନେ ଅନୁଭବ କରୁଛନ୍ତି ବିଜେଡି ଓ ଭାଜପା ଭିତରେ କୌଣସି ପ୍ରଭେଦ ନାହିଁ। ତେଣୁ ଲୋକମାନେ କଂଗ୍ରେସ କଥା ଚିନ୍ତା କଲେଣି। ବିଜେଡି ମୁଖ୍ୟ ବିରୋଧୀ ଦଳ ହିସାବରେ ଠିକ୍ ଭାବେ ବିଭିନ୍ନ ପ୍ରସଙ୍ଗ ନ ଉଠାଇବାରୁ କଂଗ୍ରେସ ଏହାର ଫାଇଦା ନେଉଛି। ଲୋକମାନେ ବିଜେଡିଠାରୁ ଦୂରେଇନାହାନ୍ତି ହେଲେ ମୁଖ୍ୟ ବିରୋଧୀ ଦଳ ହିସାବରେ ଯାହା ଆଶା କରୁଛନ୍ତି ତାହା ପାଉନାହାନ୍ତି। ୨୦୨୪ ନିର୍ବାଚନ ପରଠାରୁ ପାର୍ଲାମେଣ୍ଟରେ ବିଜେଡିର ଷ୍ଟାଣ୍ଡ କ୍ଲିୟର ହୋଇପାରିନାହିଁ। ଏହି ପ୍ରସଙ୍ଗକୁ ଦଳର ନେତା ଗମ୍ଭୀରତାର ସହ ନେବା କଥା ବୋଲି ଭୂପିନ୍ଦର କହିଛନ୍ତି। ସେ ଆହୁରି କହିଛନ୍ତି, ତାଙ୍କ ପାଇଁ ଦଳ ନୁହେଁ ଲୋକ ଶ୍ରେଷ୍ଠ। ତାଙ୍କ ଭବିଷ୍ୟତ କ'ଣ ହେବ ସେନେଇ ଲୋକମାନେ ନିଷ୍ପତ୍ତି କରିବେ। ସେ ଲୋକଙ୍କ ନେତା ବୋଲି ଲୋକମାନେ ତାଙ୍କୁ କହୁଛନ୍ତି। ଯେଉଁ ଚିହ୍ନରେ ଠିଆ ହେଲେ ଲୋକ ତାଙ୍କ ସହ ରହିବେ ବୋଲି ସେ କହିଛନ୍ତି।




# ନୂଆଦିଲ୍ଲୀ ଗସ୍ତରେ ମନମୋହନ

## ଚର୍ଚ୍ଚାରେ ଥିବା କାର୍ଯ୍ୟ ଉପରେ ହୋଇପାରେ ବଡ଼ ନିଷ୍ପତ୍ତି

ଭୁବନେଶ୍ୱର, ୩।୯ (ସୁନିତ୍ ମିଶ୍ର)



ମନମୋହନ ସାମଲ

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ବୁଧବାର ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀ ଗସ୍ତରେ ଥିବାବେଳେ ମନମୋହନଙ୍କ ଯାତ୍ରାକୁ ନେଇ ରାଜନୈତିକ ମହଲରେ ଭିନ୍ନ ଚର୍ଚ୍ଚା ଚାଲିଛି। ନୂଆଦିଲ୍ଲୀରେ ଉଭୟ ନେତା ରାଜ୍ୟ ବାବଦରେ କିଛି ବଡ଼ ବିଷୟରେ ଚର୍ଚ୍ଚା କରିପାରନ୍ତି ବୋଲି କୁହାଯାଉଛି। ରାଜ୍ୟରେ ସରକାର ଗଠନ ହେବାର ପ୍ରାୟ ଦେଢ଼ ବର୍ଷ ପୂରଣ ହେବାକୁ ଯାଉଥିବାବେଳେ ଏଯାଏଁ ନିଗମ ଏବଂ ବୋର୍ଡରେ ନିଯୁକ୍ତି ଦିଆଯାଇପାରି ନାହିଁ। ଅନ୍ୟପଟେ ରାଜ୍ୟର ସଭାପତି ଭାବେ ଦାୟିତ୍ୱ ନେବା ପରେ ମଧ୍ୟ ମନମୋହନ ତାଙ୍କ ଟିମ୍ ଗଠନ କରିପାରି ନାହାନ୍ତି। ସେହିପରି ଖାଲି ପଡ଼ିଥିବା ୬ଟି ମନ୍ତ୍ରୀ ପଦ ମଧ୍ୟ ପୂରଣକୁ ନେଇ ଅନେକ ସମୟରେ ଚର୍ଚ୍ଚା ଲାଗି ରହୁଛି। କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ଉଭୟେ ଏକା ସମୟରେ ଦିଲ୍ଲୀ ଗସ୍ତ କରି ଦଳର ସବୁ ଏମ୍‌ପିଙ୍କ ସହ ବୈଠକ କରିଥିଲେ। ଏହା ବ୍ୟତୀତ ଦଳର କେତେଜଣ ବଡ଼ ନେତାଙ୍କୁ ଭେଟି ରାଜ୍ୟର ସାଙ୍ଗଠନିକ ବିଷୟରେ ଆଲୋଚନା କରିଥିଲେ। ହେଲେ କେତେ ଘଟଣା ବାହାରକୁ ପ୍ରକାଶ କରାଯାଇଥିବା ବେଳେ ଆଉ କିଛି କଥା ପ୍ରଘଟ ହୋଇ ନ ଥିଲା। ଦଳର ସାଙ୍ଗଠନିକ ବିଷୟରେ ଅନେକ କଥା ଦଳର କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ବୁଝୁଛନ୍ତି। ତେଣୁ ଦିଲ୍ଲୀରେ ବଂଶଲଙ୍କ ସହ ଉଭୟ ନେତା କିଛି ଚୂଡ଼ାନ୍ତ ଆଲୋଚନା ହୋଇପାରେ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ କେତେକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ଗୁରୁବାର ଜିଏସ୍‌ଟି କାଉନସିଲ୍ ବୈଠକର ଦ୍ୱିତୀୟ ଦିନ ରହିଛି। ସେ ଏହି ବୈଠକରେ ଯୋଗଦେବେ। ଅନ୍ୟପଟେ ସେ ଅନ୍ୟ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଥିବା ଚର୍ଚ୍ଚା ହେଉଛି। ମୁଖ୍ୟତଃ ନିଗମ ଓ ବୋର୍ଡରେ ଦଳୀୟ ନେତାଙ୍କୁ ଥଇଥାନ କରିବା ସଙ୍ଗେ ସଙ୍ଗେ ମନମୋହନଙ୍କ ନୂଆ କମିଟି ଉପରେ ଚୂଡ଼ାନ୍ତ ମୋହର ଲାଗିପାରେ ବୋଲି କୁହାଯାଉଛି। ଏ ପର୍ଯ୍ୟନ୍ତ ଚର୍ଚ୍ଚାରେ ଥିବା ଖାଲି ପଡ଼ିଥିବା ୬ ମନ୍ତ୍ରୀ ପଦ ପୂରଣ କଥା ମଧ୍ୟ ପୁଣି ଥରେ ଆଲୋଚନାକୁ ଆସିଛି।

ଦଳର ବରିଷ୍ଠ ନେତା ଯତୀନ ମହାନ୍ତି କହିଛନ୍ତି, ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ରାଜ୍ୟର ୩ କେନ୍ଦ୍ରମନ୍ତ୍ରୀ, ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏବଂ ବଂଶଲଙ୍କ ସହ ବୈଠକ ହେବ। ଯେଉଁସବୁ କାର୍ଯ୍ୟ ହେବ ବୋଲି ଚର୍ଚ୍ଚା ହେଉଛି ଏବଂ ଏଯାଏଁ ହୋଇପାରି ନାହିଁ ସେସବୁ ବିଷୟରେ ଆଲୋଚନା ହେବ। ସଭାପତି ଫେରିବା ପରେ ସବୁକଥା ଜଣାପଡ଼ିବ ବୋଲି ଯତୀନ କହିଛନ୍ତି।

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ସଂ. 27-SBP-TRD-OT-2025-26, ତା.26.08.2025ରିଖ

**କାର୍ଯ୍ୟର ନାମ :** "ହୀରାକୁଦ ଠାରେ DS ବ୍ୟବସ୍ଥା ଏବଂ R/6 ର 26 ମିଟର ସମ୍ପ୍ରସାରଣ ସହିତ ହୀରାକୁଦ ଷ୍ଟେସନର R/5ର ସମ୍ବଲପୁର ପାର୍ଶ୍ୱରେ 100 ମିଟରର ସଣ୍ଟିଙ୍ଗ୍ ନେକ୍ (Shunting Neck)ର ବ୍ୟବସ୍ଥା" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 60,75,273.44, EMD : ₹1,21,500/-, ଶେଷ ହେବା ଅବଧି : 12 ମାସ।

(2) ଇ-ଟେଣ୍ଡର ସଂ. 28-SBP-TRD-OT-2025-26, ତା.27.08.2025ରିଖ

**କାର୍ଯ୍ୟର ନାମ :** "ସମ୍ବଲପୁର ମଣ୍ଡଳରେ ସରଲା ଏବଂ ସମ୍ବଲପୁର ଷ୍ଟେସନ ମଧ୍ୟରେ ସରଲା ପାର୍ଶ୍ୱରେ ବର୍ତ୍ତମାନର ରୋଡ୍ ଓଭର ବ୍ରିଜ୍ ନିକଟରେ ରେଲୱେ କି.ମି. 558/011.700 ଠାରେ NH-ରେ ପ୍ରସ୍ତାବିତ ରୋଡ୍ ଓଭର ବ୍ରିଜ୍" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 15,37,046.77, EMD : ₹30,800/-, ଶେଷ ହେବା ଅବଧି : 09 ମାସ।

(3) ଇ-ଟେଣ୍ଡର ସଂ. 29-SBP-TRD-OT-2025-26, ତା.27.08.2025ରିଖ

**କାର୍ଯ୍ୟର ନାମ :** "ସମ୍ବଲପୁର ମଣ୍ଡଳରେ ଉପଲବ୍ଧ ଥିବା ଲେଭେଲ କ୍ରସିଙ୍ଗ ଫାଟକଗୁଡ଼ିକୁ ବିଦ୍ୟୁତ୍ ଯୋଗାଣର ସୁନିଶ୍ଚିତତା, ଆଲୋକୀକରଣ ସ୍ତର ଏବଂ ପୁନଃସ୍ଥାପନରେ ଉନ୍ନୟନ" କାର୍ଯ୍ୟ ସମ୍ବନ୍ଧୀୟ ସମ୍ବଲପୁର ମଣ୍ଡଳର ବିଭିନ୍ନ ମିଡ୍-ସେକ୍ସନ ଉପଲବ୍ଧ ଥିବା ଇଞ୍ଜିନିୟରିଂ ଲେଭେଲ କ୍ରସିଙ୍ଗ ଫାଟକଗୁଡ଼ିକୁ AT ଯୋଗାଣ ବ୍ୟବସ୍ଥା ନିମନ୍ତେ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 23,66,818.65, EMD : ₹47,300/-, ଶେଷ ହେବା ଅବଧି : 09 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 17.09.2025, 1530 ଘଟିକାରେ (ଟେଣ୍ଡର ସଂ. 1 ନିମନ୍ତେ) ଏବଂ 18.09.2025, 1530 ଘଟିକାରେ (ଟେଣ୍ଡର ସଂ. 2 ଓ 3 ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-550/Q/25-26

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-17, ତା.26.08.2025ରିଖ

**କାର୍ଯ୍ୟର ନାମ :** (1) ସମ୍ବଲପୁର ମଣ୍ଡଳର OFC ପୃଷ୍ଠଭୂମିରେ ଷ୍ଟେସନ ଗୁମ୍‌ଟିରେ RTU ବ୍ୟବସ୍ଥା। (2) ସମ୍ବଲପୁର ମଣ୍ଡଳର କଣ୍ଟାବାଞ୍ଜି ଷ୍ଟେସନରେ COA (କଣ୍ଟ୍ରୋଲ ଅଫିସ୍ ଆପ୍ଲିକେସନ) ପ୍ରଣାଳୀର ବ୍ୟବସ୍ଥା। (3) ସମ୍ବଲପୁର ମଣ୍ଡଳର ଭବାନୀପାଟଣା ଷ୍ଟେସନରେ COA (କଣ୍ଟ୍ରୋଲ ଅଫିସ୍ ଆପ୍ଲିକେସନ) ପ୍ରଣାଳୀର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ (₹):** 7,15,24,335.78, EMD (₹) : 5,07,600.00

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.09.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-547/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନ୍‌ଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ସାଉଥ୍-୨୫-୨୬-୧୦, ତାରିଖ: ୦୩।୦୯।୨୦୨୫।** **କାର୍ଯ୍ୟର ନାମ:** ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ରାଜଖରସୁଆଁ-ପଦାପାହାଡ଼, ପଦାପାହାଡ଼-ଜରୋଲି, ପଦାପାହାଡ଼-ବଲାଣ୍ଡିଖାଦାନ, କିଏକ୍ସ ମେଜର ସେକ୍ସନରେ ବିଭିନ୍ନ ୟାର୍ଡର ବିବିଧ ଲୁପ୍ ଲାଇନ୍‌ଗୁଡ଼ିକରେ ୧୫.୧୭୬ ଟିକେଏମ୍ ପାଇଁ ସମ୍ପୂର୍ଣ୍ଣ ଟ୍ରାକ ନବୀକରଣ {ସିଟିଆର(ଏସ୍)}। **ଟେଣ୍ଡର ମୂଲ୍ୟ:** ₹୩,୩୬,୭୯,୧୭୮.୫୬ । **ଇଏମ୍‌ଡି:** ₹୩,୧୮,୪୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୦ । **ଖୋଲାଯିବା ତାରିଖ:** ତା୨୫।୦୯।୨୦୨୫ରିଖ। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦)। (PR-593)

नालको NALCO
National Aluminium Company Limited
(A Government of India Enterprise)
NALCO Bhawan, Plot No-P/1, Nayapalli, Bhubaneswar-751013, Odisha
(CIN : L27203OR1981GOI000920)
A NAVRATNA COMPANY

**GLOBAL INVITATION**
**Bidders Registration for Alumina & Aluminium**

Ref : NALCO/MKTG/EXP/PQ/523 Date: 02 / 09 / 2025

NALCO is a leading producer and exporter of LME registered Primary Aluminium Metal and Metallurgical Grade Calcined Alumina. The company exports around 125,000 MT of Aluminium Metal and 1,200,000 MT of Metallurgical Grade Calcined Alumina per annum which are accepted worldwide.

Reputed overseas buyers interested in registering with NALCO for participation in export tenders for these products are requested to visit NALCO's website www.nalcoindia.com for details. The registration of such prospective buyers is an ongoing process.

Executive Director, (Marketing)

No. CAD-1673

**INSTITUTE OF MATHEMATICS AND APPLICATIONS**
Science & Technology Department, Govt. of Odisha
Andharua, Bhubaneswar -751029
Ref: No. IMA/79/1114/2025 Date: 03/09/2025

**P. G. MERITORIOUS SCHOLARSHIP IN SCIENCE, MATHEMATICS AND BIOTECHNOLOGY**

In order to promote and encourage meritorious students to pursue Post Graduate studies in Physical Science, Chemical Science, Biological Science, Mathematical Science, Earth & Geological Science, Computer Science and Biotechnology/Bio-informatics, Govt. of Odisha have introduced a scholarship programme under the aegis of the State Council, Science & Technology Department, Odisha.

**Eligibility:**

(i) Applicant for the scholarship should be a permanent resident or domicile of Odisha.

(ii) Applicant who has **passed the regular full time Bachelor's Degree Examination** with **first class honours** or its equivalent from an University/College/Institute recognized by Government, in any of the branches mentioned above is eligible to apply for the scholarship. **The candidate should be in the 1st year of the concerned P.G. regular course for the session 2025-26.**

(iii) The applicant must be pursuing two years full time/regular mode of Post-Graduation studies in any of the branches mentioned above in any Government University/College/Institution recognized by Government of Odisha/Government of India.

(iv) The scholarship will be the single scholarship which he/she can avail during the Post-Graduate course. Scholarship is not admissible for a candidate who is in receipt of any other financial assistance from any other source given by Govt.

(v) Applicants admitted to self-financing Post Graduate courses in any of the Government recognized colleges/institutions/universities in the State will be allowed to avail the P. G. Scholarship subject to the condition that, **parent's income from all sources not exceeding Rs. 6.00 lakh per annum.**

**How to apply:** Candidates are required to go through the guidelines thoroughly available in the website https://iomaorissa.ac.in/ or portal of S&T Deptt., Govt. of Odisha and apply in the prescribed application form {**Appendix-I of the guidelines**}. Formats other than prescribed shall not be considered for the purpose. The filled in applications along with required documents need to reach the Director, Institute of Mathematics and Applications, Bhubaneswar-751029 by registered post or speed post {not by courier} **at the latest by Friday, November 07, 2025.**

**Date of Written Test:** The written test will held on **Sunday, December 21, 2025 from 10 AM - 12 Noon.**

OIPR-28010/11/0026/2526 sd/ REGISTRAR

**ଓଡ଼ିଶା ସରକାର**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ବିଜ୍ଞାପନ**
**୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୩ ଏବଂ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ୨୦୨୪ ପାଇଁ ଦରଖାସ୍ତ ଆହ୍ୱାନ**

No. RR-12: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୫ତମ (2023) ଓ ୩୬ତମ (2024) ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ପ୍ରଯୋଜକମାନେ Entry Form, ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ର Soft Copy (Pen Drive) 04.10.2025 ସୁଦ୍ଧା (Registered/Speed Post/Parcel) ଦାଖଲ କରିପାରିବେ। ଶ୍ରେଷ୍ଠ ଲେଖା (Book/Monograph) ପାଇଁ ଲେଖକମାନେ ଆବେଦନ ଫର୍ମରେ ଆବେଦନ କରିବା ସହିତ ଦଶ (୧୦) ଖଣ୍ଡ ଲେଖା (Book/Monograph) 04.10.2025 ସୁଦ୍ଧା ଦାଖଲ କରିବେ। ଆବେଦନ ସମ୍ବନ୍ଧୀୟ ବିଷଦ ବିବରଣୀ ଯଥା Entry Form ଓ ନିୟମାବଳୀ ଇତ୍ୟାଦି ବିଭାଗର ୱେବସାଇଟ୍: **culture.odisha.gov.in** ରେ ଉପଲବ୍ଧ କରାଯାଇଅଛି।

ସ୍ୱା./- ନିର୍ଦ୍ଦେଶକ
OIPR-03029/11/0068/2526 ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର

**RECRUITMENT NOTICE**
**VOCATIONAL TRAINERS (166) & VOCATIONAL COORDINATORS (4)**

**Vision India Services Pvt. Ltd.** invites applications to implement the Centrally Sponsored Scheme on Vocationalization of Secondary Education (CSS for VSE) in Government Schools of Odisha, on a contractual basis.

1. **Positions & CTC (Per Month)**
   - **Vocational Trainer (VT)** : ₹20,000 | Vacancies: 166
   - **Vocational Coordinator (VC)** : ₹30,000 | Vacancies: 04
2. **Work Locations**
   - VTs will be placed in schools across **Bhadrak, Balasore and Ganjam** districts.
   - VCs will support clusters of schools as assigned.
3. **Vocational Trainer Eligibility (post-qualification experience unless stated). Fluency in Odiya language is mandatory.**
   - **Agriculture (11):** PG in Horticulture from a recognized University + ≥1 year work/teaching.
   - **Beauty & Wellness (19):** Diploma in Cosmetology / Beauty Therapy / Beauty Culture + ≥1 year professional experience.
   - **BFSI (8):** PG in Commerce/Management/Finance from a recognized University + ≥1 year work experience.
   - **Electronics (41):** B.E./B.Tech in Electrical/Electronics/Telecommunication + ≥1 year relevant experience.
   - **Healthcare (3):** B.Sc. Nursing (4 years) or GNM (3½ years) + ≥1 year experience.
   - **IT/ITeS (79):** Diploma in CS/IT OR BCA/B.Sc. (CS/IT) OR Graduate with PGDCA OR DOEACC A-Level.
   - **Power (5):** B.Tech in Electrical Engineering + ≥1 year work/teaching experience OR Diploma in Electrical Engineering + ≥3 years work/teaching experience.
4. **Vocational Coordinator — Qualification:**
   - Master's degree in Related Domain / Rural Development / Management / MSW / Sociology, plus ≥3 years post-qualification experience.
   - Minimum service tenure: 1 year.Minimum competencies (all roles)
   - Effective communication (oral & written) and basic computing skills.
5. **Age limit:**
   - 18–45 years as on 01-Jan-2025. Relaxation for candidates previously engaged as VT/VC under Samagra Shiksha, Odisha (as applicable).
6. **How to apply:**
   Apply online before 10th September 2025:
   **www.justjob.co.in/odisha-vtp**
   **Helpline: +91-8802003333**

# ହଷ୍ଟେଲ ଛାତ୍ର ନ ଥିବା ଅଣଛାତ୍ରଙ୍କ ଉପରେ ଆଜିଠୁ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୩।୯ (ସୁଚିସ୍ମିତା ସାହୁ)

ଅଣଛାତ୍ରଙ୍କୁ ହଷ୍ଟେଲ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଅଣଛାତ୍ର ରହୁଥିବାରୁ କ୍ୟାମ୍ପସ୍‌ରେ ଉତ୍ତେଜନା ଲାଗି ରହିଛି। ମଙ୍ଗଳବାର ହଷ୍ଟେଲ୍ ଯାଞ୍ଚ କରିବାକୁ ଯିବା ସମୟରେ ଅଣଛାତ୍ରମାନେ ଡେପୁଟି ୱାର୍ଡେନ୍ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତାଲା ପକାଇବା ସହ ଢେଲା ଓ ପଥରମାଡ଼ କରିଥିଲେ। ତେବେ ବୁଧବାର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଚେତାବନୀ ପରେ କ୍ୟାମ୍ପସ୍‌ରୁ ଅଣଛାତ୍ରଙ୍କୁ ବାହାର କରିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରସ୍ତୁତ ହେଉଛନ୍ତି। ଗୁରୁବାର ଡେଡ୍‌ଲାଇନ୍ ଥିବାରୁ ରେସିଡେନ୍ସିଆଲ୍ କମିଟି ବୈଠକ ବସି ଅଣଛାତ୍ରଙ୍କୁ ବାହାର କରିବାକୁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ ବୋଲି ଜଣେ ବରିଷ୍ଠ ଅଧ୍ୟାପକ ସୂଚନା ଦେଇଛନ୍ତି।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ଚାପା ଉତ୍ତେଜନା

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ବିଶ୍ୱବିଦ୍ୟାଳୟରେ ରହୁଥିବା ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୪ ତାରିଖ ସୁଦ୍ଧା ସମସ୍ତ ଅଣଛାତ୍ର ହଷ୍ଟେଲ ଛାଡିବାକୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନୋଟିସ ଜାରି କରିଥିଲେ। ଅଣଛାତ୍ରଙ୍କୁ ବାହାର କରିବା ପାଇଁ ପ୍ରୟାସ କରିଥିବାରୁ କ୍ୟାମ୍ପସରେ ଉତ୍ତେଜନା ଦେଖାଦେଇଥିଲା। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦେଖି ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାର କୁଳପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶ୍ୱବିଦ୍ୟାଳୟର ନିୟମାବଳୀ ଉପରେ ଯେପରି କୌଣସି ଆଞ୍ଚ ନ ଆସିବ, ସେହି ନିୟମ ଅନୁସାରେ

## ରାଜ୍ୟ ସରକାର ସବୁବେଳେ ଛାତ୍ରଙ୍କ ସପକ୍ଷରେ: ଉଚ୍ଚ ଶିକ୍ଷାମନ୍ତ୍ରୀ




କୁଳପତି ନିଷ୍ପତ୍ତି ନେଇପାରିବେ। ଯଦି ଏଥିରେ କୌଣସି ବିରୋଧ ଆସୁଛି, ତେବେ ଆଇନ ଅନୁସାରେ ଦଣ୍ଡ ବିଧାନ କରାଯାଉ। ଅଣଛାତ୍ରମାନେ ଯଦି କୌଣସି ଶୈକ୍ଷିକ ବାତାବରଣରେ ନ ଥିବେ, ତେବେ ସେମାନଙ୍କୁ ବାହାର କରାଯିବ। ରାଜ୍ୟ ସରକାର ସବୁବେଳେ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଙ୍କ ସପକ୍ଷରେ ରହିବେ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ସୂଚନାଯୋଗ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଅଣଛାତ୍ରଙ୍କ ରାଜ୍ ଚାଲିଛି। ବିଶ୍ୱବିଦ୍ୟାଳୟରେ ପାଠପଢ଼ା ସରିବାର ବର୍ଷ ବର୍ଷ ବିତି ଯାଇଥିଲେ ସୁଦ୍ଧା ସେମାନେ ହଷ୍ଟେଲ ଛାଡୁନାହାନ୍ତି। ସେହିପରି ବହୁ ଛାତ୍ର ହଷ୍ଟେଲ ରୁମ୍‌ଗୁଡିକୁ ବେଆଇନ ଭାବେ କବ୍‌ଜା କରି ଅଣଛାତ୍ରଙ୍କୁ ବିକ୍ରି କରୁଥିବା ଅଭିଯୋଗ ହେଉଛି। ତେଣୁ ଅଣଛାତ୍ରମାନେ ହଷ୍ଟେଲରେ ରହି କ୍ୟାମ୍ପସରେ ଆପରାଧିକ ଓ ରାଜନୈତିକ କାର୍ଯ୍ୟକଳାପ ଜାରି ରଖୁଥିବାରୁ କ୍ୟାମ୍ପସ୍ ଅନେକ ସମୟରେ ଅଶାନ୍ତ ହୋଇପଡୁଛି। ଛାତ୍ରୀଛାତ୍ରଙ୍କ ପାଠପଢ଼ା ସମେତ ବିଶ୍ୱବିଦ୍ୟାଳୟ ପରିଚାଳନାରେ ମଧ୍ୟ ବ୍ୟାଘାତ ଘଟୁଛି। ସେମାନଙ୍କୁ ବାହାର କରିବାକୁ ଛାତ୍ରୀଛାତ୍ରମାନେ ବାରମ୍ବାର ଆନ୍ଦୋଳନ କରୁଥିଲେ ମଧ୍ୟ କର୍ତ୍ତୃପକ୍ଷ ଦୃଢ଼ ପଦକ୍ଷେପ ନେଉ ନ ଥିଲେ। ନିକଟରେ ହଷ୍ଟେଲରେ ରହୁଥିବା ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିବା ପରେ କର୍ତ୍ତୃପକ୍ଷଙ୍କ ଚେତା ପଶିଥିଲା।

# ଶିଳ୍ପ ମନ୍ତ୍ରୀଙ୍କୁ ଭେଟିଲେ ୩ ବୈଦେଶିକ ସେବା ଅଧିକାରୀ



୩ଜଣ ଆଇଏଫ୍ଏସ୍ ଅଧିକାରୀ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି।

ଭୁବନେଶ୍ୱର,୩।୯ (ସୁଚିସ୍ମିତା ସାହୁ)

ଓଡ଼ିଶା ଗସ୍ତରେ ଆସିଥିବା ୩ ଭାରତୀୟ ବୈଦେଶିକ ସେବା(ଆଇଏଫ୍ଏସ୍) ଅଧିକାରୀ ବୁଧବାର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଲୋକସେବା ଭବନରେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ସେମାନେ ହେଲେ ବୁକାରେଷ୍ଟରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ମନୋଜ କୁମାର ମହାପାତ୍ର, ସ୍ଲୋଭେନିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଅମିତ୍ ନାରଙ୍ଗ ଓ ମାଲ୍‌ଟାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ଗ୍ଲୋରିଆ ଗାଙ୍ଗତେ। ମନ୍ତ୍ରୀ ସ୍ୱାଇଁ ଅଧିକାରୀମାନଙ୍କୁ ରାଜ୍ୟର ଶିଳ୍ପକ୍ଷେତ୍ରରେ ଅଭିବୃଦ୍ଧି ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବହୁବିଧ ପଦକ୍ଷେପ

## ଓଡ଼ିଶାରେ ବିଦେଶୀ ପୁଞ୍ଜି ନିବେଶ, ବିଦେଶରେ ନିଯୁକ୍ତି ନେଇ ଆଲୋଚନା

ସମ୍ପର୍କରେ ଅବଗତ କରାଇଥିଲେ। ମନ୍ତ୍ରୀ କହିଲେ, ଓଡ଼ିଶାରେ ପ୍ରଚୁର ଖଣିଜ ସମ୍ପଦ, ସୁଦୀର୍ଘ ଉପକୂଳ, ଗଭୀର ବନ୍ଦର ସହ ଦୃଢ଼ ଶିଳ୍ପ ଭିତ୍ତିଭୂମି ରହିଛି। ଓଡ଼ିଶା ଶିଳ୍ପନୀତି ସଂକଳ୍ପ-୨୦୨୨ ମାଧ୍ୟମରେ ନୀତିଗତ ନିଷ୍ପତ୍ତି ଗ୍ରହଣରେ ତ୍ୱରାନ୍ୱିତ ପ୍ରକ୍ରିୟା, ପ୍ରଭାବଶାଳୀ ଏକକ ୱିଣ୍ଡୋ ସିଷ୍ଟମ ବ୍ୟବସ୍ଥା ରହିଛି। ଏଠାରେ ସ୍ୱଚ୍ଛ ଶାସନ ସହିତ ବ୍ୟବସାୟ କରିବାର ଅନୁକୂଳତା ଓ ପୁଞ୍ଜି ନିବେଶ ନିମନ୍ତେ ନିବେଶକାରୀଙ୍କୁ ଆକୃଷ୍ଟ କରିବାରେ ସହାୟକ ହୋଇପାରିଛି। ଭାରତର ରାଷ୍ଟ୍ରଦୂତ ଭାବେ ବିଦେଶରେ ଏସବୁ ତଥ୍ୟ ଉପସ୍ଥାପନ କରିପାରିବେ। ଫଳରେ ବିଦେଶୀ ନିବେଶକମାନେ ଓଡ଼ିଶାରେ ପୁଞ୍ଜି ନିବେଶ କରିବାକୁ ଆଗ୍ରହ ପ୍ରକାଶ କରିବେ। ସେମାନଙ୍କୁ ସମ୍ବୋଧନ କରି ମନ୍ତ୍ରୀ କହିଲେ, ବିଶ୍ୱସ୍ତରରେ ଓଡ଼ିଶାର ଶିଳ୍ପକ୍ଷେତ୍ରରେ ବ୍ୟାପକ ଅଗ୍ରଗତିକୁ ଉପସ୍ଥାପନ କରିବାରେ ଆପଣମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାରତର ଅର୍ଥନୈତିକ ଦୂତ ଭାବେ ଆପଣମାନେ ଏହି କାର୍ଯ୍ୟ ଠିକ୍ ରୂପେ ପରିଚାଳନା କରିବା ସହିତ ସମ୍ଭାବ୍ୟ ନିବେଶକମାନଙ୍କୁ ଏ କ୍ଷେତ୍ରରେ ଥିବା ସୁଯୋଗର ସୁବିଧା ନେବାକୁ ପ୍ରରୋଚିତ କରିପାରିବେ। ରାଜ୍ୟରୁ ବାହାରୁଥିବା ଦକ୍ଷ ମାନବସମ୍ବଳ ନିମନ୍ତେ ବିଦେଶରେ ନିଯୁକ୍ତି ସୃଷ୍ଟିରେ ମଧ୍ୟ ସହାୟକ ହୋଇପାରିବେ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

# ଅଗ୍ନିଶମ ଡିଜିଙ୍କ ସହ ଓଏଫ୍ଏସ୍ଏ କର୍ମକର୍ତ୍ତାଙ୍କ ଆଲୋଚନା

ଭୁବନେଶ୍ୱର,୩।୯ (ସତ୍ୟଜିତ୍ ରାଉତ)

ସରକାରଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ଫାୟାର ସେଫ୍‌ଟି ଆସୋସିଏଶନ (ଓଏଫ୍ଏସ୍ଏ)ର ଏକ ଦଶଜଣିଆ ପ୍ରତିନିଧି ମଣ୍ଡଳ ବୁଧବାର ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କୁ ସାକ୍ଷାତ କରିଛନ୍ତି। ସଭାପତି ଉଦୟଚାନ୍ଦ ମଲ୍ଲିକ ଓ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସିଭିଲ୍ ଡିଫେନ୍ସ ଟ୍ରେନିଂ ସେଣ୍ଟରର କନ୍‌ଫରେନ୍ସ ହଲ୍‌ରେ ଡିଜି ଷଡ଼ଙ୍ଗୀଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ସମୟରେ ଫାୟାର ସେଫ୍‌ଟି ଆମେଣ୍ଡମେଣ୍ଟ ରୁଲ୍ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ଡିଜି ଷଡ଼ଙ୍ଗୀ ଓଡ଼ିଶା ଆଧୁନୀକରଣରେ ଟ୍ରେନିଂ ଓ ଟେକ୍ନୋଲୋଜିକୁ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆସନ୍ତା ୧ ସପ୍ତାହ ମଧ୍ୟରେ ନୂତନ ଆମେଣ୍ଡମେଣ୍ଟ ଓ ସରଳୀକରଣ ନୋଟିଫିକେଶନ୍ ପୋର୍ଟାଲରେ ପ୍ରକାଶ ପାଇବ ଏବଂ ଏଥିରେ ଅଧିକାଂଶ କଣ୍ଟ୍ରାକ୍ଟର ସ୍ଥାନ ପାଇବେ ବୋଲି ଆଶାବ୍ୟକ୍ତି କରିଥିଲେ। ପ୍ରତିନିଧି ମଣ୍ଡଳର ପରାମର୍ଶ ଓ ଆଲୋଚନାରେ ଏକ ଫାୟାର ସେଫ୍‌ଟି କଣ୍ଟ୍ରାକ୍ଟର ସେମିନାରକୁ ଡିଜି ସମର୍ଥନ କରି ଆଗାମୀ ସପ୍ତାହରେ ଏହାର ଆୟୋଜନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାରେ ପ୍ରତିନିଧି ମଣ୍ଡଳର କର୍ମକର୍ତ୍ତା ସନ୍ତୋଷ ପ୍ରକାଶ କରି ଡିଜିଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ୮ ମାସରେ ୬୧ ମାମଲାରେ ଦଣ୍ଡାଦେଶ

ଭୁବନେଶ୍ୱର,୩।୯ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ୮ ମାସରେ ୬୧ ମାମଲାରେ ଦଣ୍ଡାଦେଶ ହୋଇଛି। ଏଥିମଧ୍ୟରେ ଭୁବନେଶ୍ୱର ଆଡ୍‌ହକ୍ ଅତିରିକ୍ତ ଦୌରା ଜଜ୍ ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟ (ପୋକ୍ସ)ରେ ସର୍ବାଧିକ ୧୮ ମାମଲା ରହିଛି। ସେହିପରି ଏଡିଜେ-୨ କୋର୍ଟରେ ସର୍ବାଧିକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ତେବେ ଏସବୁ

## ତଦନ୍ତ ଅଧିକାରୀ, ଆଇନଜୀବୀ ପୁରସ୍କୃତ

ମାମଲାର ତଦନ୍ତ ଅଧିକାରୀ ଓ ପବ୍ଲିକ୍ ପ୍ରସିକ୍ୟୁଟରଙ୍କୁ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ବୁଧବାର ପୁରସ୍କୃତ କରିଛନ୍ତି। ଏମାନଙ୍କ ମଧ୍ୟରେ ୩୬ଜଣ ତଦନ୍ତ ଅଧିକାରୀ ଓ ବିଭିନ୍ନ କୋର୍ଟର ୩୪ଜଣ ଆଇନଜୀବୀ ରହିଛନ୍ତି। କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଏନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।




ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଜଣେ ଆଇନଜୀବୀଙ୍କୁ ପୁରସ୍କୃତ କରୁଛନ୍ତି।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ବାରଙ୍ଗ,୩।୯ (ଲିଙ୍ଗରାଜ ରାଉତ)

ବାରଙ୍ଗ ତହସିଲ ଅଧୀନ ବ୍ରାହ୍ମଣୀ ଗାଁ ନିକଟ କାଠଯୋଡ଼ି ନଦୀବନ୍ଧ କଡ଼ରୁ ତହସିଲ ପକ୍ଷରୁ ବୁଧବାର ଜବରଦଖଲ ଉଚ୍ଛେଦ ହୋଇଛି। ହେଲେ ଉକ୍ତ ଜାଗାରେ ଥିବା ୬ବଖରା ଆଜବେଷ୍ଟସ ଘରକୁ ଭାଙ୍ଗିବାକୁ ତହସିଲ ପକ୍ଷରୁ ଉଦ୍ୟମ ହୋଇଥିଲା। ମାତ୍ର ଜବରଦଖଲକାରୀମାନେ ୧୦ ଦିନ ସମୟ ମାଗିଥିଲେ। ଏନେଇ ସେମାନଙ୍କ ପକ୍ଷରୁ ତହସିଲଦାରଙ୍କୁ ଲିଖିତଭାବେ ଅନୁରୋଧ କରିବା ପରେ ତହସିଲ କର୍ମଚାରୀମାନେ ଘଟଣାସ୍ଥଳରୁ ଫେରିଥିଲେ।

ସୂଚନାଯୋଗ୍ୟ, ବ୍ରାହ୍ମଣୀ ଗାଁ ନିକଟ କାଠଯୋଡ଼ି ନଦୀବନ୍ଧ କଡ଼ରେ ଥିବା ଗୋଚର ଜମିକୁ ଜବରଦଖଲ କରାଯାଇଥିଲା। ସେଠାରେ ଦୀର୍ଘଦିନ ହେବ ବ୍ୟବସାୟ ପ୍ରତିଷ୍ଠାନ ଗଢି ଉଠିଥିଲା। ଏ ସଂକ୍ରାନ୍ତରେ ବାରଙ୍ଗ ତହସିଲ କାର୍ଯ୍ୟାଳୟରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏନେଇ ତହସିଲଦାର ଡ. ତୁଷାର ଜ୍ୟୋତି ରଞ୍ଜନ ଓ ରାମଦାସପୁର ରାଜସ୍ୱ ଅଧିକାରୀ ସନ୍ତୋଷ କୁମାର ସାହୁଙ୍କ ମିଳିତ ଉଦ୍ୟମରେ ସରକାରୀ ଗୋଚର ଜମିକୁ ଉଚ୍ଛେଦ କରାଯାଇଛି। ଏଥିସହ ଉକ୍ତ ଜାଗାରେ ଗଢ଼ି ଉଠିଥିବା ପ୍ରାଚୀରକୁ ଭାଙ୍ଗି ଦିଆଯାଇଛି।

# ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ କେନ୍ଦ୍ରାଞ୍ଚଳ ଡିଆଇଜି

ପୁରୀ,୩।୯ (ଅଜିତ୍ କୁମାର ମହାନ୍ତି)

ଦାୟିତ୍ୱ ନେବା ପରେ କେନ୍ଦ୍ରାଞ୍ଚଳ ଡିଆଇଜି ଡା. ସତ୍ୟଜିତ ନାୟକ ବୁଧବାର ପୁରୀ ଗୋବର୍ଦ୍ଧନ ପୀଠରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟି ଆଶୀର୍ବାଦ ଓ ମାର୍ଗଦର୍ଶନ ଗ୍ରହଣ କରିଛନ୍ତି। ସେ ମଠ ଓ ଶଙ୍କରାଚାର୍ଯ୍ୟଙ୍କ ସୁରକ୍ଷା ବିଷୟରେ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ରଖିଛନ୍ତି। ସେ ନିଜେ ମଧ୍ୟ ଦୃଷ୍ଟି ରଖିବେ ବୋଲି ମତ ପ୍ରକାଶ କରିଥିବା ଗୋବର୍ଦ୍ଧନ ପୀଠର ସୂଚନା ଓ ଗଣମାଧ୍ୟମ ସଚିବ ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରଶ୍ମିତା



@ ଓମ୍‌ପ୍ରସାଦ



@ ସୁଶିମ



@ ସଂଘମିତ୍ରା



@ ଚିନ୍ମୟ



@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ଯାଞ୍ଚକୁ ରାଜ୍ୟପାଳଙ୍କ ଗୁରୁତ୍ୱ



ରାଜଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀଙ୍କ ସହ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର,୩।୯ (ସୁଚିସ୍ମିତା ସାହୁ)

ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ସମ୍ମିଳନୀ କକ୍ଷରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ପ୍ରତିଷେଧମୂଳକ ଯାଞ୍ଚ ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱ ଦେଇଛନ୍ତି। ରାଜଭବନରେ ବୁଧବାର ଅଗ୍ନିଶମ ଏବଂ ଜରୁରିକାଳୀନ ସେବା ବିଭାଗ ଦ୍ୱାରା ବିପର୍ଯ୍ୟୟ ପ୍ରସ୍ତୁତି ଓ ମୁକାବିଲା ସମ୍ପର୍କିତ ଉପସ୍ଥାପନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରାଜ୍ୟପାଳଙ୍କୁ ବିଭାଗର ଉପକରଣ, କର୍ମଚାରୀ, ତାଲିମ କାର୍ଯ୍ୟକ୍ରମ ଏବଂ ଭବିଷ୍ୟତ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳ କହିଲେ, ଅଗ୍ନି ନିରାପତ୍ତା ବ୍ୟବସ୍ଥାର ପ୍ରତିଷେଧମୂଳକ ଯାଞ୍ଚ ସମ୍ଭାବ୍ୟ ବିପଦ ଚିହ୍ନଟ କରିବା ଏବଂ ସମୟୋଚିତ ସଂଶୋଧନମୂଳକ ପଦକ୍ଷେପ ନେବାରେ ସହାୟକ ହୋଇଥାଏ। ଏଥିସହ ଆପଦକାଳୀନ ସମୟରେ ସୁରକ୍ଷିତ ସ୍ଥାନାନ୍ତର ପଥ ସୁନିଶ୍ଚିତ କରିବା, ଆଘାତ କିମ୍ବା ଅଘଟଣ ସମ୍ଭାବନା ହ୍ରାସ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ମଧ୍ୟରେ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରାଯାଇଥାଏ ବୋଲି ରାଜ୍ୟପାଳ କହିଥିଲେ।

ଉପସ୍ଥିତ ଅଧିକାରୀମାନେ ଅଗ୍ନି ନିରାପତ୍ତା ଓ ବିପର୍ଯ୍ୟୟ ମୁକାବିଲାରେ ବ୍ୟବହୃତ ଅତ୍ୟାଧୁନିକ ରୋବଟିକ୍ ମନିଟର, ଉନ୍ନତ ଉଦ୍ଧାର ଉପକରଣ, କମାଣ୍ଡ ଭେହିକିଲ, ହାଇଡ୍ରୋଲିକ ପ୍ଲାଟ୍‌ଫର୍ମ ଓ ଅନ୍ୟାନ୍ୟ ଉନ୍ନତ ଯନ୍ତ୍ରପାତି ଏବଂ ପୁରୀ ରାମଚଣ୍ଡୀଠାରେ ଥିବା ଦେଶର ପ୍ରଥମ ନ୍ୟାଶନାଲ ୱାଟର ରେସ୍କ୍ୟୁ ଆଣ୍ଡ୍ ୱାଟର ମ୍ୟାନସିପ କେନ୍ଦ୍ର, କେ-୯ ସ୍କ୍ୱାଡ୍ ନିୟୋଜନ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ଅତିରିକ୍ତ ଯନ୍ତ୍ରପାତି କ୍ରୟ ସମ୍ପର୍କିତ ସ୍ଥିତି ଓ ଭବିଷ୍ୟତରେ ବ୍ୟବସ୍ଥାର ଉନ୍ନତି ପାଇଁ ଯୋଜନା ବିଷୟରେ ରାଜ୍ୟପାଳ ପଚାରି ବୁଝିଥିଲେ। ଏଥିସହିତ ବିଭାଗର କାର୍ଯ୍ୟକ୍ରମ ଯଥା ସମ୍ପୂର୍ଣ୍ଣ ଅନ୍‌ଲାଇନ୍ ଫାୟାର ଲାଇସେନ୍ସିଂ ପ୍ରକ୍ରିୟା, ତୃତୀୟ ପକ୍ଷ ଏଜେନ୍ସି ନିୟୋଜନ ଭଳି ପଦକ୍ଷେପ ତଥା ଓଡ଼ିଶାର ସାମଗ୍ରିକ ବିପର୍ଯ୍ୟୟ ପ୍ରସ୍ତୁତି ଭଳି ପଦକ୍ଷେପକୁ ପ୍ରଶଂସା କରି ଓଡ଼ିଶା ଅନ୍ୟ ରାଜ୍ୟଗୁଡିକ ପାଇଁ ଏକ ମଡେଲ ପାଲଟିଛି ବୋଲି କହିଥିଲେ। ଏହାପରେ ସେ କମାଣ୍ଡ ଭେହିକିଲ ଦେଖିବା ସହ ଏହାର ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକ ପର୍ଯ୍ୟବେକ୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ, ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, ଡିଆଇଜି ଫାୟାର ଆଣ୍ଡ୍ ଇମର୍ଜେନ୍ସି ସର୍ଭିସ ଆଣ୍ଡ୍ ହୋମଗାର୍ଡସ ଡ. ଉମାଶଙ୍କର ଦାଶ ଏବଂ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ‘ଅଗ୍ନି ନିରାପତ୍ତା, ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଓଡ଼ିଶା ଏକ ମଡେଲ’

# ରୋଗ ପ୍ରତିରୋଧକ ବୃଦ୍ଧିକୁ ଡାବର ଚ୍ୟବନପ୍ରାଶ୍‌ର ଗୁରୁତ୍ୱ

ଭୁବନେଶ୍ୱର,୩।୯ (ଅନୁରାଧା ମହାରଣା)

ମୌସୁମୀ ଋତୁ ସମୟରେ ରୋଗ ପ୍ରତିରୋଧକ ଶକ୍ତିର ଗୁରୁତ୍ୱ ସମ୍ପର୍କରେ ସଚେତନତା ବୃଦ୍ଧି ପାଇଁ ଡାବର ଚ୍ୟବନପ୍ରାଶ୍ ପକ୍ଷରୁ ଭୁବନେଶ୍ୱରର ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଁଳା, ଗୁଡୁଚି, ପିପ୍ପଳୀ, କଣ୍ଟାକାରି, କାକଡାସିଙ୍ଗୀ, ଭୁମ୍ୟାମାଲାକି, ବାସାକା, ପୁଷ୍କରମୂଳ, ପ୍ରିସ୍ନିପାରନି, ଶାଲପାରନି ଆଦିରେ ପ୍ରସ୍ତୁତ ଡାବର ଚ୍ୟବନପ୍ରାଶ୍ ସାଧାରଣ ସଂକ୍ରମଣ ଓ ଶ୍ୱାସନଳୀର ଆଲର୍ଜିକୁ ଦୂର କରିବାରେ ସାହାଯ୍ୟ କରିଥାଏ। କମ୍ପାନୀ ପକ୍ଷରୁ ଏପରି ସୂଚନା ଦେଇ ଡା. ପ୍ରସନଜିତ କହିଛନ୍ତି, ଚ୍ୟବନପ୍ରାଶ ଏକ ସୁପରିଚିତ ଆୟୁର୍ବେଦିକ ପଦ୍ଧତି, ଯାହାକୁ ବହୁ ଦଶନ୍ଧି ହେବ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ଓ ସଂକ୍ରମଣ ବିରୋଧରେ ପ୍ରତିରୋଧ ପ୍ରଦାନ ପାଇଁ ବ୍ୟବହାର କରାଯାଇଆସୁଛି। ଏହା ହେଉଛି ଏକ ଆୟୁର୍ବେଦିକ ସପ୍ଲିମେଣ୍ଟ, ଯାହାକୁ ବିଭିନ୍ନ ହର୍ବ ଓ ମିନେରାଲ ସହିତ ପ୍ରସ୍ତୁତ କରାଯାଇଛି। ଡାବର ଚ୍ୟବନପ୍ରାଶ ଏହାର ଇମ୍ୟୁନୋମଡ୍ୟୁଲେଟୋରୀ ପ୍ରଭାବ ମାଧ୍ୟମରେ ବିଭିନ୍ନ ପ୍ରକାରର ରୋଗକୁ ପ୍ରତିରୋଧ କରିବାରେ ସାହାଯ୍ୟ କରିଥାଏ ବୋଲି ସେ କହିଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଓଝା କହିଛନ୍ତି, ଚ୍ୟବନପ୍ରାଶ ତ୍ରିଦୋଷ ‘ବାତ, ପିତ୍ତ ଓ କଫ’କୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାଏ। ଏହାକୁ ଦୈନନ୍ଦିନ ଆହାରରେ ସାମିଲ କରିବା ଆବଶ୍ୟକ। ଡାବର ଇଣ୍ଡିଆ ଲିମିଟେଡର ହେଲ୍‌ଥ ସପ୍ଲିମେଣ୍ଟସ୍ ବିଭାଗ ମାର୍କେଟିଂ ହେଡ୍ ଅମିତ ଗର୍ଗ କହିଛନ୍ତି, ଆୟୁର୍ବେଦର ସମୃଦ୍ଧ ଐତିହ୍ୟ ଓ ପ୍ରକୃତିର ଗଭୀର ଜ୍ଞାନ ସହିତ ଡାବର ସବୁବେଳେ ପ୍ରମାଣିତ ଆୟୁର୍ବେଦ ଗ୍ରନ୍ଥ ମାଧ୍ୟମରେ ସମସ୍ତଙ୍କ ପାଇଁ ସୁରକ୍ଷିତ, ମୂଲ୍ୟ ସାପେକ୍ଷ ଓ ପ୍ରଭାବୀ ସ୍ୱାସ୍ଥ୍ୟ ଯତ୍ନ ଉପରେ ଗୁରୁତ୍ୱ ଦେଇଆସୁଛି। ଡାବର ଚ୍ୟବନପ୍ରାଶ ହେଉଛି ଏକ ଫର୍ମୁଲେଶନ, ଯାହାକୁ ଆୟୁର୍ବେଦର ପ୍ରାଚୀନ ଭାରତୀୟ ଜ୍ଞାନ ଓ ଆଧୁନିକ ବିଜ୍ଞାନ ସହିତ ପ୍ରସ୍ତୁତ କରାଯାଇଛି। ଏହି ଉତ୍ପାଦ ନିଜକୁ ଦୈନନ୍ଦିନ ସଂକ୍ରମଣରୁ ସୁରକ୍ଷିତ ରଖିବା ପାଇଁ ଏକ ଉପଯୁକ୍ତ ମାଧ୍ୟମ ଅଟେ ବୋଲି ଗର୍ଗ କହିଛନ୍ତି।



ଡାବର ଚ୍ୟବନପ୍ରାଶ୍ ପକ୍ଷରୁ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଚଢ଼ା ଦରରେ ସାର ବିକ୍ରି ଅଭିଯୋଗ

**ବାଣପୁର,୩।୯(ଦିଲୀପ କୁମାର ସ୍ୱାଇଁ)**

ରାଜ୍ୟରେ ସାର ଯୋଗାଣରେ ବ୍ୟାପକ ଅବ୍ୟବସ୍ଥା, କଳାବଜାର ଏବଂ ବଜାରରେ ୟୁରିଆ ମିଳୁ ନ ଥିବାରୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏନେଇ ଅଭିଯୋଗ ପରେ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅନ୍ୟପଟେ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅଞ୍ଚଳରେ ୟୁରିଆ ସାର ଅଭାବ ଦେଖାଯାଇଛି। ଫଳରେ କେତେଜଣ ଖୁଚୁରା ବିକ୍ରେତା ଗଚ୍ଛିତ ରଖିଥିବା ୟୁରିଆ ଚଢ଼ାଦରରେ ବିକ୍ରି କରୁଥିବା ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଅଭିଯୋଗ ଆଣିଛନ୍ତି।

ବାଣପୁର ଅଞ୍ଚଳରେ ୟୁରିଆ ସାର ଅଭାବ ଯୋଗୁ ବ୍ଲକର ୧୩ଟି ସମବାୟ ସମିତି ଚାଷୀଙ୍କୁ ଆବଶ୍ୟକ ସାର ଯୋଗାଇ ଦେବାରେ ଏକପ୍ରକାର



ବିଫଳ ହୋଇଛି। ଆବଶ୍ୟକ ପରିମାଣର ସାର ଯୋଗାଣ ହେଉ ନ ଥିବା ଦର୍ଶାଇ ସ୍ଥାନୀୟ ସରକାରୀ ବିତରକ ଖୁଚୁରା ବିକ୍ରେତାମାନଙ୍କୁ ସାର ଦେଉ ନ ଥିବା ଖୁଚୁରା ବିକ୍ରେତାମାନେ ଅଭିଯୋଗ କରୁଛନ୍ତି। ଅନ୍ୟପଟେ କେତେଜଣ ଖୁଚୁରା ବିକ୍ରେତା ଗଚ୍ଛିତ ରଖିଥିବା ୟୁରିଆ ସାର

## ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି

ଚଢ଼ାଦରରେ ବିକ୍ରି କରୁଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଏପରିକି କେତେକ ସମବାୟ ସମିତି ୟୁରିୟା ସାର ବସ୍ତାକୁ ୪୦୦ଟଙ୍କା ଓ ସାରକୁ ୧୪୫୦ଟଙ୍କା ହିସାବରେ ଚାଷୀଙ୍କୁ ବିକ୍ରି କରୁଥିବା ଅଭିଯୋଗ ହେଉଛି। ନିୟମ ମୁତାବକ ବିତରକଙ୍କ ଗୋଦାମ ସମ୍ମୁଖରେ କୌଣସି ସୂଚନାଫଳକ ନ ଥିବା ବେଳେ ଗୋଦାମରେ ସାର ମହଜୁଦ ପରିମାଣ ମଧ୍ୟ ଲେଖା ଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଆସୁଥିଲେ ମଧ୍ୟ କୃଷି କିମ୍ବା ଯୋଗାଣ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ପରୋକ୍ଷରେ ଏହା ସାର କଳାବଜାରୀଙ୍କୁ ସୁହାଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ନୀରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ଅଞ୍ଚଳର ସମବାୟ ସମିତି ଓ ବିତରକଙ୍କ ପାଖରେ ସାର ନ ଥିବା ବେଳେ ଆୟଉପୁର ଛକ, ଭାଟପଡା ଛକ, କଲେଜ ଛକ ଓ ସାନହନ୍ତୁଆ ନିକଟରେ କିପରି ୟୁରିଆ ସାର ଚଢ଼ାଦରରେ ବିକ୍ରି ହେଉଛି ତାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭାଗ ପକ୍ଷରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଚାଷୀଙ୍କ ମହଲରେ ଦାବି ହେଉଛି। ତେବେ ଏନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ସଂକ୍ଷେପରେ

### ୨ କେଜି ଗଞ୍ଜେଇ ଜବତ, ମହିଳା ବେପାରୀ ଗିରଫ



**ଜଟଣୀ,୩।୯(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ଥାନା ପୋଲିସ ବୁଧବାର ଚଢ଼ାଉ କରି ଜଣେ ମହିଳା ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ କୁଦିଆରୀ ବଜାର ଅଞ୍ଚଳର ପୁଷ୍ପାବତୀ ଘୋଷ(୫୮)। ତାଙ୍କ ନିକଟରୁ ୨କେଜି ଗଞ୍ଜେଇ ସହ ୧୦ହଜାର ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୪୧୨/୨୫) ରୁଜୁ ପରେ ପୁଷ୍ପାବତୀଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି। ସୂଚନା ମୁତାବକ, କୌଣସି ସୂତ୍ରରୁ ଖବରପାଇ ଜଟଣୀ ପୋଲିସ କୁଦିଆରୀ ବଜାରସ୍ଥିତ କଦଳୀ ଗୋଦାମଠାରେ ପୁଷ୍ପାବତୀଙ୍କ ଘରେ ନିକଟରେ ଲାଗି ରହିଥିବା ଦୋକାନରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ସେ ଏକ ବ୍ୟାଗରେ ଗଞ୍ଜେଇ ରଖିଥିବା ଜଣାପଡ଼ିଥିଲା। ଏଥିସହ ୧୦ହଜାର ଟଙ୍କା ଜବତ ହୋଇଥିଲା। ପଚରାଉଚରା ବେଳେ ସେ ନିଜ ଦୋଷ ସ୍ୱୀକାର କରିଥିଲେ ବୋଲି ପୋଲିସ କହିଛି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆଜି

**ବୋଲଗଡ଼,୩।୯(ଦେବବ୍ରତ ହୋତା)**

ବୋଲଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଗୁରୁବାର ସକାଳ ୯ଟାରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆରମ୍ଭ ହେବ ବୋଲି ବିଡିଓ ସୁମନ ସୁଧା କୁଣ୍ଡୁ କହିଛନ୍ତି।ଏହି ଶିବିରରେ ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଅନେକ ସେବା ଉପଲବ୍ଧ ହେବ। ଏଥିମଧ୍ୟରେ ଭିନ୍ନକ୍ଷମ ପ୍ରମାଣପତ୍ର, ସହାୟକ ଯନ୍ତ୍ର ଓ ଉପକରଣ ଚିହ୍ନଟ, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରଦାନ ନିମନ୍ତେ ମାପ, ଭିନ୍ନକ୍ଷମ ଭତ୍ତା ପଞ୍ଜୀକରଣ, ଆତ୍ମନିଯୁକ୍ତି ଉପକରଣ ଆବେଦନ, ଡିଆରଆଇ ଋଣ ଆବେଦନ, ବାଣିଶ୍ରୀ ବୃତ୍ତି ଓ ଜାତୀୟ ବୃତ୍ତି ପାଇଁ ଆବେଦନ, ଭିନ୍ନକ୍ଷମଙ୍କ ପିଲାଙ୍କୁ ଉଚ୍ଚଶିକ୍ଷା ପାଇଁ ଆବେଦନ, ଭିନ୍ନକ୍ଷମ ଏସଏଚଜି ଗଠନ ପାଇଁ ଆବେଦନ, ୩ବର୍ଷରୁ ଊର୍ଦ୍ଧ୍ୱ ଦୃଷ୍ଟିବାଧିତ ବିଦ୍ୟାର୍ଥୀଙ୍କ ଉଚ୍ଚଶିକ୍ଷା ନିମନ୍ତେ ଲ୍ୟାପଟପ ଆବେଦନ, ଭିନ୍ନକ୍ଷମଙ୍କ ବୈଷୟିକ ଶିକ୍ଷା ନିମନ୍ତେ ଆବେଦନ, ଭିନ୍ନକ୍ଷମ ଓ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ବିବାହ ନେଇ ପ୍ରୋତ୍ସାହନ ରାଶି ଆବେଦନ, ଭିନ୍ନକ୍ଷମଙ୍କୁ ବସ ପାସ ପ୍ରଦାନ, ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ଆବେଦନ ଓ ବରିଷ୍ଠ ନାଗରିକଙ୍କ ନିମନ୍ତେ ସହାୟକ ଯନ୍ତ୍ର ଓ ଉପକରଣ ଚିହ୍ନଟ ଆଦି ସୁବିଧା ଆଦି ଉପଲବ୍ଧ ହୋଇପାରିବ। ଏହି ଶିବିରରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ସମେତ କର୍ମଚାରୀ ଯୋଗଦେଇ ଚିହ୍ନଟ ଓ ପ୍ରମାଣପତ୍ର ପ୍ରଦାନରେ ସହଯୋଗ କରିବେ। ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ଏଥିରେ ଯୋଗଦାନ କରି ଭିନ୍ନକ୍ଷମଙ୍କୁ ଅଧିକାର ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ହାସଲ ପାଇଁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଟାଙ୍ଗୀ,୩।୯(ରଘୁନାଥ ସାହୁ)**

ଚାନ୍ଦପୁର ମୋହନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ସହଦେବ ପୃଷ୍ଟିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଝରଣା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ପୂର୍ବତନ ପରିଚାଳନା କମିଟି ସଭାପତି ନାଥୁମଲ ମହାରାଜୀ, ଧନେଶ୍ୱର ଅଗ୍ରୱାଲ ଯୋଗଦେଇ ସହଦେବଙ୍କ ବିଦ୍ୟାଳୟ ପ୍ରତି ଅନୁରକ୍ତି, ତ୍ୟାଗ, କର୍ମ ଦକ୍ଷତା, ସାଧୁତା ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଅଧାପିକା ରଶ୍ମିତା ନାୟକ ମଞ୍ଚ ପରିଚାଳନା କରିଥିଲେ। ଅଧାପିକା ସବିତା ମଞ୍ଜରୀ ମହାପାତ୍ର, କିରାଣୀ ନକୁଳ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟ ପକ୍ଷରୁ ସହଦେବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ, କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଦଳାଇସାହି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ



ଭୋଟ ଦେବାକୁ ଆସିଥିବା ୱାର୍ଡ ମେମ୍ବର।

**ବୋଲଗଡ଼,୩।୯(ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦଳାଇସାହି ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ନେଇ ବୁଧବାର ପଞ୍ଚାୟତ ସଭାଗୃହରେ ଭୋଟ ଅନୁଷ୍ଠିତ ହୋଇଯାଇଛି। ତେବେ ସରପଞ୍ଚଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍‌ପିଟିସନ କରାଯାଇଥିବା ବେଳେ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଫଳାଫଳ ଘୋଷଣା ନ ହୋଇ ସଂରକ୍ଷିତ ରହିଛି।

୧୮ୱାର୍ଡ ବିଶିଷ୍ଟ ଦଳାଇସାହି ପଞ୍ଚାୟତର ୧୨ଜଣ ୱାର୍ଡମେମ୍ବର ସରପଞ୍ଚ ସତ୍ୟଭାମା ଦେଇଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନେଇ ଗତ ଜୁଲାଇ ୨୫ରେ ଉପଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଏନେଇ ଉପଜିଲାପାଳ ସମ୍ପୃକ୍ତ

## ଫଳାଫଳ ସଂରକ୍ଷିତ

ୱାର୍ଡମେମ୍ବରମାନଙ୍କ ସ୍ୱାକ୍ଷର ଯାଞ୍ଚ ପାଇଁ ବୋଲଗଡ଼ ଏବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଉପଜିଲାପାଳଙ୍କ ପକ୍ଷରୁ ସେପ୍ଟେମ୍ବର ୩ରେ ୱାର୍ଡମେମ୍ବର ଓ ସରପଞ୍ଚଙ୍କୁ ଏକ ସ୍ୱତନ୍ତ୍ର ବୈଠକରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିକ୍ରମେ ବୁଧବାର ସକାଳ ୯ଟାରେ ନିଯୁକ୍ତ ନିର୍ବାଚନ ଅଧିକାରୀ ସ୍ଥାନୀୟ ତହସିଲଦାର ବିଜୟ କୁମାର ସେଠୀଙ୍କ ପରିଚାଳନାରେ ପଞ୍ଚାୟତର ୧୬ଜଣ ୱାର୍ଡମେମ୍ବର ଓ ସରପଞ୍ଚ ବୈଠକରେ ଉପସ୍ଥିତ ରହି ଅନାସ୍ଥା ନେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନାସ୍ଥା ନେଇ ଭୋଟଦାନ କରାଯାଇଥିଲା। ଏଥିରେ ୧୮ୱାର୍ଡମେମ୍ବର ମଧ୍ୟରୁ ୭ନମ୍ବର ୱାର୍ଡର ମେମ୍ବର ପଦ ଖାଲିଥିବା ଓ ୧୦ନମ୍ବର ୱାର୍ଡସଭ୍ୟା ଶୁଭଶ୍ରୀ ବେହେରା ଅନୁପସ୍ଥିତ କାରଣରୁ ସରପଞ୍ଚଙ୍କୁ ମିଶାଇ ୧୭ଜଣ ଭୋଟଦାନ କରିଥିଲେ। ନିର୍ବାଚନ ପ୍ରକ୍ରିୟାକରଣରେ ବିଡିଓ ସୁମନସୁଧା କୁଣ୍ଡୁ, ଏବିଡିଓ ଡ.ରତିକାନ୍ତ ମିଶ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୀବନ ଦାସ ପ୍ରମୁଖ ସହଯୋଗ କରିଥିଲେ। ତେବେ ନିର୍ବାଚନ ପରେ ନ୍ୟାୟାଳୟ ନିର୍ଦ୍ଦେଶରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଫଳାଫଳ ଘୋଷିତ ନ ହୋଇ ଜଉମୁଦ ବାଲଟ୍ ବକ୍ସକୁ ଜିଲା ସ୍ୱତନ୍ତ୍ର କୋଷାଗାରକୁ ପଠାଯାଇଛି। ଶୃଙ୍ଖଳିତ ନିର୍ବାଚନପ୍ରକ୍ରିୟା ପରିଚାଳନାରେ ଥାନାଧିକାରୀଣୀ ସ୍ନିଗ୍ଧାମୟୀ ବରାଳଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।



ଯୁବ ବ୍ୟବସାୟୀଙ୍କ ବିୟୋଗରେ ବୁଧବାର ନିରାକାରପୁର ବଣିକ ସଂଘ ପକ୍ଷରୁ ବଜାର ବନ୍ଦ କରାଯାଇଛି।

# ଶିଶୁ ଅଧିକାର ସୁରକ୍ଷା ଆୟୋଗ ଟିମ୍‌ର ଅଙ୍ଗନୱାଡି, ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

**ଝାଁଳା,୩।୯(ବୁଲା ବାରିକ)**

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୬ଜଣିଆ ଟିମ୍ ବୁଧବାର ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ଜଟଣୀ ବ୍ଲକ ପିତାପଲ୍ଲୀ ଅଙ୍ଗନୱାଡି କେନ୍ଦ୍ର ଓ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ଅଙ୍ଗନୱାଡି କେନ୍ଦ୍ରରେ ଛୋଟ ପିଲାମାନଙ୍କୁ ମିଳୁଥିବା ଖାଦ୍ୟ ଓ ପରିଧାନ ବିଷୟରେ ବୁଝିବା ସହ ସେବା ଯୋଗାଇ ଦେବାକୁ ଅଙ୍ଗନୱାଡି କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେଠାକାର ସ୍ଥିତି ପରଖିବା ସହ ହସ୍ପିଟାଲ ପରିସର ସ୍ୱଚ୍ଛତା ଉପରେ ନିରୀକ୍ଷଣ କରିଥିଲେ। କେତେକ ବିଭାଗରେ ଡାକ୍ତର ନ ଥିବାରୁ ରୋଗୀମାନେ ହଇରାଣ ହେଉଛନ୍ତି। ତେଣୁ ଖାଲିପଡ଼ିଥିବା ପଦବୀ ପୂରଣ କରିବାକୁ କହିଥିଲେ। ଏହି ପରିଦର୍ଶନ ସମୟରେ ଆୟୋଗର ଅଧକ୍ଷା ବବିତା ପାତ୍ର, ସଦସ୍ୟା ଚନ୍ଦନା ଦାସ, କଳ୍ପନା ଲେଙ୍କା, ମନସ୍ମିତା ଖୁଣ୍ଟିଆ, ସୁଜାତା ନାୟକ, କସ୍ତୁରୀ ମିଶ୍ର ପ୍ରମୁଖ ସାମିଲ ଥିଲେ।

# ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

**ନିରାକାରପୁର,୩।୯(ମାନସ ଚନ୍ଦ୍ର ପଟ୍ଟନାୟକ)**

ଯୁବ ବ୍ୟବସାୟୀଙ୍କ ବିୟୋଗରେ ବୁଧବାର ନିରାକାରପୁର ବଣିକ ସଂଘ ପକ୍ଷରୁ ମଧ୍ୟାହ୍ନ ୧୨ଟାରୁ ବଜାର ବନ୍ଦ ରହିଥିଲା। ବଣିକ ସଂଘ ସମ୍ପାଦକ ବିପିନ କୁମାର ରାଉତରାୟଙ୍କ ସୂଚନା ଅନୁଯାୟୀ, ନିରାକାରପୁର ନନପଡା ଗ୍ରାମର ବ୍ୟବସାୟୀ ଗଣେଶ ପ୍ରଧାନ ଓରଫ ପିଲୁ ଏବଂ ଜଗନ୍ନାଥପୁର ସାହିର ପଦ୍ମ ବାରିକ ଓରଫ ପଦୁଙ୍କ ଅକାଳ ବିୟୋଗ ହୋଇଛି। ଏନେଇ ସଂଘ ପକ୍ଷରୁ କାର୍ଯ୍ୟାଳୟଠାରେ ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସେମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ନୀରବ ପ୍ରାର୍ଥନା କରିଥିଲେ। ସଂଘ ସଭାପତି ଆର୍ତ୍ତତ୍ରାଣ ରାଉତରାୟ, ମୃତ୍ୟୁଞ୍ଜୟ ସାହୁ, ମୁକ୍ତିକାନ୍ତ ସାହୁ, କେଶବ ଚନ୍ଦ୍ର ରାଉତରାୟ, ଆନନ୍ଦ ଚନ୍ଦ୍ର ବଘସିଂହ, ବିଜୟ ପାଲଟାସିଂହ, ଲକ୍ଷ୍ମୀଧର ଷଡ଼ଙ୍ଗୀ, ହଜାରି ସେନାପତି, ବାବୁଲି ସେନାପତିଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିନ୍ମୟ



@ ଓମ୍‌ପ୍ରସାଦ



@ ସୁଶିମ ସି



@ ସଂଘମିତ୍ରା



@ ରଶ୍ମିତା



@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପେନ୍‌ସନ, ଅନୁଦାନ ଦାବିରେ ହେବ ବିଶାଳ ସମାବେଶ

**ବାଣପୁର,୩।୯(ଦିଲୀପ କୁମାର ସ୍ୱାଇଁ)**

ପେନ୍‌ସନ ଓ ଅନୁଦାନ ଦାବିନେଇ ଭୁବନେଶ୍ୱରଠାରେ ବିଶାଳ ସମାବେଶ ଓ ଅହୋରାତ୍ର ଧାରଣାର ସଫଳ ରୂପାୟନ ପାଇଁ ବୁଧବାର ବାଣପୁର ବ୍ଲକ ଓଷ୍ଟା ପକ୍ଷରୁ ସଭାପତି କୈଳାସ ଚନ୍ଦ୍ର ଲାଠିଙ୍କ ସଭାପତିତ୍ୱରେ ବାଣପୁର ସରକାରୀ ଉଚ୍ଚବିଦ୍ୟାଳୟ(୧)ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ହେବ ଅନୁଦାନ ପାଇ ନ ଥିବା ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, କର୍ମଚାରୀମାନଙ୍କ ପେନସନ ପ୍ରଦାନ, ଚାକିରି କାଳ ୬୦ରୁ ୬୨ବର୍ଷ, ଗ୍ରେଡ ପେ ର ଅସଙ୍ଗତିଦୂର, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ଛଅଟି ନୋସନାଲ ଇନକ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ ଦାବି ରହିଛି। ଏଥିରେ ଓଷ୍ଟା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଶିଶିର କୁମାର ଦାସ ଆନ୍ଦୋଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲା ଓଷ୍ଟା କାର୍ଯ୍ୟକାରୀ ସଭ୍ୟ ତ୍ରିନାଥ ହୋତା, ବ୍ଲକ ଉପସଭାପତି ମମତା ହୋତା, ସୁମନ୍ତ ଫତେସିଂ, ମହେଶ୍ୱର ଜେନା, ଆଭାମୟ ରଥ, ଜୟନ୍ତ ବଳିୟାରସିଂହ, ସୁପ୍ରଭା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବ୍ଲକ ସମ୍ପାଦକ ଗତିକୃଷ୍ଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରସ୍ତୁତି ବୈଠକରେ ଓଷ୍ଟାର ସଦସ୍ୟମାନେ।

# କଳାବ୍ୟାଜ୍ ପିନ୍ଧି ପ୍ରାଣୀ ଚିକିତ୍ସକଙ୍କ ପ୍ରତିବାଦ

- ୧୯୧୦ ଡାକ୍ତରଙ୍କ ପରିବର୍ତ୍ତେ କାମ କରୁଛନ୍ତି ୧୩ଶହ
- କର୍ମଚାରୀ ପଦବୀ ଖାଲି, କ୍ୟାଡର ପୁନର୍ଗଠନ ଦାବି

**ଖୋର୍ଦ୍ଧା,୩।୯(ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶା ପ୍ରାଣୀ ଚିକିତ୍ସକଙ୍କ ପ୍ରତି ସରକାରଙ୍କ ଉଦାସୀନ ମନୋଭାବ ପ୍ରତିବାଦରେ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ଗତ ଅଗଷ୍ଟ ୨୫ରୁ ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସକମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜାରି ରଖିଛନ୍ତି। ଖୋର୍ଦ୍ଧା ଜିଲାରେ କାର୍ଯ୍ୟରତ ସମସ୍ତ ପ୍ରାଣୀ ଚିକିତ୍ସକ କଳାବ୍ୟାଜ୍ ପରିଧାନ କରିଛନ୍ତି। ଦାବିଗୁଡିକ ପ୍ରତି ଗୁରୁତ୍ୱ ନ ଦିଆଗଲେ ଆଗାମୀ ଦିନରେ ପ୍ରତିବାଦ ଆହୁରି ତୀବ୍ର ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅଭିଯୋଗ ପ୍ରକାରେ, ରାଜ୍ୟରେ ୧୯୧୦ ଡାକ୍ତରଙ୍କ କାମ ୧୩ଶହ ଡାକ୍ତର ଦାୟିତ୍ୱ ତୁଲାଉଥିବା ବେଳେ ଚାକିରୀ କ୍ଷେତ୍ରରେ ପଦୋନ୍ନତିର ସୁବିଧା ନ ଥିବା ସେମାନଙ୍କୁ ହତୋତ୍ସାହିତ କରୁଛି। ଦୀର୍ଘ ୨୨ରୁ ୨୩ ବର୍ଷ ଗୋଟିଏ ଦରମା ହାରରେ କାର୍ଯ୍ୟ କରୁବାକୁ ପଡୁଛି। ପ୍ରାୟ ୪୦ପ୍ରତିଶତ ଅଧିନସ୍ଥ କର୍ମଚାରୀ ପଦବୀ ଖାଲି ପଡିଛି। ଫଳରେ ପ୍ରାଣୀ ଚିକିତ୍ସକଙ୍କୁ ଅଧିକ ଚାପଗ୍ରସ୍ତ କରିଛି। ସେଥିପାଇଁ ପ୍ରାଣୀପାଳନ ବିଭାଗର ସମ୍ପୂର୍ଣ୍ଣ ରୂପାନ୍ତରଣ ସହିତ ଆବଶ୍ୟକ କ୍ୟାଡର ପୁନଃଗଠନ ପାଇଁ ସଂଘ ଦାବି କରିଛି। ଏଥିସହିତ କେନ୍ଦ୍ରୀୟ ହାରରେ ଡିଏସିପି ଏବଂ ଏନ୍‌ପିଏ ଯୋଜନାରେ ଅର୍ନ୍ତଭୁକ୍ତ କରିବାକୁ ଦାବି କରାଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ବହୁବାର ସଂଘ ପ୍ରତିନିଧିଙ୍କ ସହ ଆଲୋଚନା କରି ଉପରୋକ୍ତ ସମସ୍ୟା ସମାଧାନ ପ୍ରତି ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏପରିକି ପ୍ରାଣୀ ଚିକିତ୍ସା ସେବା ସଂଘ ଏଥିପାଇଁ ବିଗତ ବର୍ଷ ଆନ୍ଦୋଳନ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲା ନାହିଁ। ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣ ଆବଶ୍ୟକତା ରହିଛି। ଏନେଇ ସରକାରଙ୍କୁ ବାରମ୍ବାର ଅବଗତ ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ।

ସୂଚନାଥାଉ କି, ସରକାର ରାଜ୍ୟର ପ୍ରାଣୀପାଳକମାନଙ୍କ ନିମନ୍ତେ ବହୁ ଉପଯୋଗୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ବିଭିନ୍ନ ଯୋଜନାରେ ୫୦ରୁ ୭୦ପ୍ରତିଶତ ପର୍ଯ୍ୟନ୍ତ ସହାୟତା ପ୍ରଦାନ କରୁଛନ୍ତି। ଏହି ଚିକିତ୍ସା ସୁବିଧା ପାଇଁ ଚିକିତ୍ସକମାନେ ସହରାଞ୍ଚଳଠୁ ଗ୍ରାମାଞ୍ଚଳରେ ଲୋକଙ୍କ ନିକଟରେ ପହଞ୍ଚି ଯୋଜନା ସମ୍ପର୍କରେ ଅବଗତ କରାଉଛନ୍ତି। ପ୍ରାଣୀ ଚିକିତ୍ସକମାନେ ଚାଷୀଙ୍କ ଘରକୁ ବାରମ୍ବାର ଯିବକୁ ପଡିଥାଏ। ତେବେ ପ୍ରାଣୀ ଚିକିତ୍ସକଙ୍କୁ ସରକାରୀ ଯାନ ଯୋଗାଇଦେବା ପାଇଁ ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅନ୍ୟପଟେ ପ୍ରତିକୂଳ ପରିସ୍ଥିତି, ଚିକିତ୍ସା ଜନିତ ବ୍ୟସ୍ତତା ଭିତରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରି ନ ପାରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଫଳରେ ପ୍ରାଣୀ ଚିକିତ୍ସକ ଅଧିକାରୀମାନେ ପଶୁପକ୍ଷୀଙ୍କ ଚିକିତ୍ସାକୁ ଗୌଣ୍ୟ କରି ଲୋକଙ୍କୁ ସରକାରୀ ସହାୟତା ବାଣ୍ଟିବା କାର୍ଯ୍ୟରେ ଅଧିକ ସମୟ ଅପଚୟ କରୁଛନ୍ତି। ରାଜ୍ୟରେ ପ୍ରାଣୀ ସମ୍ପଦ ଧୀରେଧୀରେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଉଛି ବୋଲି ସଂଘ ପକ୍ଷରୁ କୁହାଯାଇଛି।



କଳାବ୍ୟାଜ୍ ପିନ୍ଧି ପ୍ରାଣୀ ଚିକିତ୍ସକ ପ୍ରତିବାଦ ଜଣାଉଛନ୍ତି।

**ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ**

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): କଟକ ଭାଜପା ଜିଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଗୌରୀଶଙ୍କର ପାର୍କ ନିକଟରେ ରାହୁଲ ଗାନ୍ଧୀଙ୍କ କୁଶପୁତଳିକାକୁ ଦାହ କରାଯାଇଥିଲା। ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରୁ କୋକେଇ ଯାତ୍ରା କରାଯାଇ ଗୌରୀ ଶଙ୍କର ପାର୍କ ନିକଟରେ ପହଞ୍ଚିବା ପରେ କୁଶପୁତ୍ତଳିକା ଦାହ କରାଯାଇଥିଲା। ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ଓ ତାଙ୍କ ସର୍ଗତା ମା'ଙ୍କ ବିଷୟରେ ଦେଇଥିବା ଅଶାଳୀନ ଭାଷଣକୁ ସ୍ୱୀକାର କରି ଦେଶବାସୀଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି କଟକ ଜିଲା ଭାଜପା ପକ୍ଷରୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତି, ଲଲାଟେନ୍ଦୁ ବଡୁ, ଲକ୍ଷ୍ମୀଧର ପ୍ରଧାନ, ସ୍ମୃତି ପଟ୍ଟନାୟକ, ଗୀତାରାଣୀ ଦାସ, ବିଶ୍ୱରଞ୍ଜନ ମିଶ୍ର, ଭାଗୀରଥ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଗାପୂଜା ପାଇଁ ଜିଲାପାଳଙ୍କ ଏସ୍‌ଓପି ଜାରି

## କଡ଼ାକଡ଼ି ପାଳନ ହେବ ହାଇକୋର୍ଟଙ୍କ ନିର୍ଦ୍ଦେଶ



- ପୂଜା କମିଟି ଦାଖଲ କରିବେ ମଣ୍ଡପ ଡିଜାଇନ
- ଏନ୍‌ଓସି ପାଇଁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା
- ନିର୍ଦ୍ଧାରିତ ଡେସିବେଲଠାରୁ ଅଧିକ ଶବ୍ଦ ପରଖିବାକୁ ରହିବ ଯନ୍ତ୍ର
- ଆଳତି, ଶୋଭାଯାତ୍ରାରେ ଡିଜେ ସାଉଣ୍ଡ ସମ୍ପୂର୍ଣ୍ଣ ନିଷେଧ
- ପ୍ରତି ପୂଜା କମିଟିର ୨ ସ୍ୱେଚ୍ଛାସେବୀ ନେବେ ଅଗ୍ନି ନିର୍ବାପକ ତାଲିମ
- ଖାଦ୍ୟ ସୁରକ୍ଷା ନିୟମିତ ଯାଞ୍ଚ କରିବେ ସ୍ୱତନ୍ତ୍ର ଦଳ

କଟକ,୩୧୯(କାର୍ତ୍ତିକ ସାହୁ)

କଟକ ସହରରେ ନିରାପଦ ଓ ସୁଗମ ଭାବେ ଦୁର୍ଗାପୂଜା ପାଳନ ସୁନିଶ୍ଚିତ କରିବା ପାଇଁ ସାଂସ୍କୃତିକ ପରମ୍ପରା, ସୁରକ୍ଷା ନିୟମ ଏବଂ ଟ୍ରାଫିକ ପରିଚାଳନାକୁ ବିଚାରକୁ ନେଇ ଜିଲାପାଳଙ୍କମାନଙ୍କ କାର୍ଯ୍ୟ ପଦ୍ଧତି (ଏସ୍‌ଓପି) ଜାରି କରାଯାଇଛି। କଟକ ସହରରେ ଦୁର୍ଗାପୂଜା ଉତ୍ସବ ସହିତ ଜଡ଼ିତ ସମସ୍ତ ପୂଜା କମିଟି, ଅଂଶୀଦାର ଏବଂ ଅଂଶଗ୍ରହଣକାରୀଙ୍କ ପାଇଁ ଏହା ପ୍ରଯୁଜ୍ୟ। ପୂଜା ମଣ୍ଡପ, ତୋରଣର ଆକାର ବୃଦ୍ଧି ଯୋଗୁ ସୁରକ୍ଷା ଏବଂ ଟ୍ରାଫିକ ନିୟମ ସମ୍ପର୍କରେ ହାଇକୋର୍ଟଙ୍କ ଦ୍ୱାରା ଉଠାଯାଇଥିବା ସମସ୍ୟା ସମାଧାନ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ୨୦୨୦ର ରିଟ୍ ପିଟିସନ ସିଭିଲ ପିଆଇଏଲ୍ ନମ୍ବର ୨୧୪୦ର ନିର୍ଦ୍ଦେଶାବଳୀ ସହରର ସମସ୍ତ ପୂଜା କମିଟି ବାଧ୍ୟତାମୂଳକ ଭାବେ ପାଳନ କରିବାକୁ କୁହାଯାଇଛି। ଜିଲାପାଳ ସହରର ପୂଜା କମିଟିଗୁଡ଼ିକ ସହିତ ବୈଠକ କରି ଉକ୍ତ ନିର୍ଦ୍ଦେଶାବଳୀ ପାଳନ ସୁନିଶ୍ଚିତ କରିବେ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ତଦନୁସାରେ ଅଗଷ୍ଟ ୨୪ ଓ ୨୫ ତାରିଖରେ ଦୁଇଟି ବୈଠକ କରାଯାଇ ଏସ୍‌ଓପି ନିର୍ଦ୍ଧାରଣ କରାଯାଇଛି।

ଏସ୍‌ଓପି ଅନୁଯାୟୀ, ପୂଜା ପେଣ୍ଡାଲରେ ଦୈନିକ ଆଳତି ଏବଂ ଶୋଭାଯାତ୍ରା ସମୟରେ ଡିଜେ ସାଉଣ୍ଡ ସିଷ୍ଟମ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏଥିସହ ଅନୁମୋଦିତ ଡେସିବିଲଠାରୁ ଅଧିକ ଶବ୍ଦ ସୃଷ୍ଟି ହେବ ନାହିଁ। ଫାୟାର ଗନ ଓ ବାଣ ବ୍ୟବହାର, ଆଖିରେ ଜ୍ୱଳନ ବା ସମସ୍ୟା ସୃଷ୍ଟି କରୁଥିବା ଲେଜର ଲାଇଟ ମଧ୍ୟ ନିଷେଧ କରାଯାଇଛି। ପୂଜା କମିଟିଗୁଡ଼ିକ ପ୍ରଚଳିତ ନିୟମ ଏବଂ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ସୁନିଶ୍ଚିତ କରିବାକୁ ଅନୁରୋଧ କରାଯାଇଛି। ଦୁର୍ଗାପୂଜା ଏବଂ ଭସାଣିରେ ଶବ୍ଦ ଡେସିବିଲ ସ୍ତରର ତଦାରଖ ଏବଂ ନିୟନ୍ତ୍ରଣ କରିବା ପାଇଁ ଯନ୍ତ୍ର ସ୍ଥାପନ କରିବା, ଟ୍ରାଫିକ ନିୟମ ପାଳନ ଏବଂ ଯାନବାହନର ସୁଗମ ଚଳାଚଳ ସୁନିଶ୍ଚିତ କରିବା ପାଇଁ ପୋଲିସକୁ ଦାୟିତ୍ୱ ଦିଆଯାଇଛି। ପ୍ରତ୍ୟେକ ପୂଜା କମିଟି ଦ୍ୱାରା ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଳନ ସୁନିଶ୍ଚିତ କରିବା ନିମନ୍ତେ ଅଗ୍ନିଶମ ବିଭାଗକୁ କୁହାଯାଇଛି। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଏବଂ ମୂର୍ତ୍ତି ବିସର୍ଜନ ସମୟରେ ଯେପରି କୌଣସି ଅପ୍ରୀତିକର ଘଟଣା ନ ଘଟେ ତାହା ନିଶ୍ଚିତ କରିବା ପାଇଁ ପ୍ରତି ପୂଜା କମିଟିରେ ଦୁଇଜଣ ସ୍ୱେଚ୍ଛାସେବକଙ୍କୁ ଅଗ୍ନି ନିର୍ବାପକ ଯନ୍ତ୍ର ପରିଚାଳନା ସମ୍ପର୍କରେ ଆବଶ୍ୟକ ତାଲିମ ଦେବାକୁ କୁହାଯାଇଛି।

ମଣ୍ଡପରେ ସୁରକ୍ଷିତ ବିଦ୍ୟୁତ୍ ସଂଯୋଗ ସହ ବୈଦ୍ୟୁତିକ ଗେଟ୍‌ଗୁଡ଼ିକର ଉପଯୁକ୍ତ ଇନସୁଲେସନ କରିବାକୁ କୁହାଯାଇଛି। ପୂଜା ମଣ୍ଡପ ଏବଂ ତୋରଣର ଢାଞ୍ଚାଗତ ଠିକ ନିର୍ମାଣ ନିଶ୍ଚିତ କରିବା ପାଇଁ ଟିପିସିଓଡିଏଲକୁ କୁହାଯାଇଛି। ପୂଜା ମଣ୍ଡପ ଏବଂ ତୋରଣର ଢାଞ୍ଚାଗତ ଯୋଜନା ଯାଞ୍ଚ, ଅନୁମୋଦନ ଓ ଓଭରହେଡ ଗେଟ/ତୋରଣର ଢାଞ୍ଚାଗତ ଡିଜାଇନ ଏବଂ ନିର୍ମାଣ ସମ୍ବନ୍ଧୀୟ ସୁରକ୍ଷା ଅନୁପାଳନ ସୁନିଶ୍ଚିତ କରିବାକୁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ପୂଜା କମିଟିଗୁଡ଼ିକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଞ୍ଚ ପାଇଁ ନିଜର ପ୍ରସ୍ତୁତ ମଣ୍ଡପ ଡିଜାଇନ ଦାଖଲ କରିବାକୁ ପଡ଼ିବ। ସମସ୍ତ ପୂଜା ମଣ୍ଡପଗୁଡ଼ିକ ସେପ୍ଟେମ୍ବର ୨୨ ସୁଦ୍ଧା କାର୍ଯ୍ୟ ସମାପ୍ତ କରି ଆବଶ୍ୟକ ଏନଓସି ହାସଲ କରିବେ। ବିଭିନ୍ନ ଏଜେନ୍ସି/ବିଭାଗରୁ ଏନ୍‌ଓସି ପ୍ରଦାନ କରିବା ପାଇଁ ସୁବିଧାଜନକ ସ୍ଥାନରେ ଏକକ ବାତାୟନ ବ୍ୟବସ୍ଥା (ସିଙ୍ଗଲ ୱିଣ୍ଡୋ ସିଷ୍ଟମ) କାର୍ଯ୍ୟକ୍ଷମ କରାଯିବ ଏବଂ ଏହା ସେପ୍ଟେମ୍ବର ୫ରୁ କଟକ ସଦର ଉପଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହେବ।

ଖାଦ୍ୟ ସୁରକ୍ଷା ଏବଂ ନିୟମିତ ଯାଞ୍ଚ ପାଇଁ କଟକ ମହାନଗର ନିଗମ ପକ୍ଷରୁ ସ୍ୱତନ୍ତ୍ର ଦଳ ନିୟୋଜିତ କରାଯିବ। ପୂଜା ମଣ୍ଡପ ଏବଂ ବିଦ୍ୟୁତ୍ ଫାଟକ ନିର୍ମାଣ ପାଇଁ ସାଧାରଣ ରାସ୍ତାର କୌଣସି ଜବରଦଖଲ ହେବନାହିଁ। ୱାଟକୋ ନିରାପଦ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବ। ସହର ଓ ଏହାର ଆଖପାଖରେ ୨୪ଘଣ୍ଟା ପାଇଁ ବିଦେଶୀ ଏବଂ ଦେଶୀ ମଦ ବିକ୍ରୟ ନିଷେଧ କରିବା ନିଶ୍ଚିତ କରିବାକୁ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପେଣ୍ଡାଲ ଏବଂ ଶୋଭାଯାତ୍ରା ରାସ୍ତାରେ ତାର/କେବୁଲର କୌଣସି ବାଧା ଯେପରି ସୃଷ୍ଟି ନ ହୁଏ କିମ୍ବା ତାର ଝୁଲି ନ ପଡ଼େ ତାହା ସୁନିଶ୍ଚିତ କରିବାକୁ ସମସ୍ତ କେବୁଲ ଅପରେଟରମାନଙ୍କୁ କୁହାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିନ୍ମୟ



@ ଓମ୍‌ପ୍ରସାଦ



@ ସୁଶିମ ସି



@ ସଂଘମିତ୍ରା



@ ରଶ୍ମିତା



@ ସୌମ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### କିଶୋରନଗର କଲେଜରେ ଷ୍ଟାର୍ଟଅପ୍ ଇନୋଭେଶନ କାର୍ଯ୍ୟକ୍ରମ

କଟକ ସଦର,୩୧୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର କଲେଜରେ ବୁଧବାର ଷ୍ଟାର୍ଟ ଅପ ଇନୋଭେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରତ ଭଳି ଜନବହୁଳ ଦେଶରେ ଦ୍ରୁତ ଶିଳ୍ପାୟନ ଦ୍ୱାରା ବେକାର ସମସ୍ୟା ଦୂର ହୋଇପାରିବ ବୋଲି ବକ୍ତାମାନେ ଗୁରୁତ୍ୱାରୋପ ଦେଇଥିଲେ। ଚାକିରି ପଛରେ ନ ଦୌଡ଼ି ନିଜେ ଆତ୍ମନିର୍ଭରଶୀଳ ହେବା ବର୍ତ୍ତମାନର ବେକାର ପରିସ୍ଥିତିକୁ ମୁକାବିଲା କରିପାରିବ। କାର୍ଯ୍ୟକ୍ରମ ଅଧ୍ୟକ୍ଷ ସଞ୍ଜୀବ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଅଭୟ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଡ. ଅନାଦି ଚରଣ ବରାଳ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ମହମ୍ମଦ ସାଦିକ ଅଲ୍ଲୀ, ଡ. ବିଜୟ ମଲ୍ଲିକ, ବିଦିଶା ବେହେରା, ନମ୍ରତା ଶର୍ମା, ଡ. ହୃଦାନନ୍ଦ ସାହୁ, ସେଖ ତାହିର ଅଲ୍ଲୀ ପରିଚାଳନା କରିଥିଲେ।

### କଟକ ଜିଲା ବିଜେଡିର ପ୍ରସ୍ତୁତି ବୈଠକ

କଟକ,୩୧୯(ଶିକ୍ଷା ପ୍ରିୟଦର୍ଶିନୀ)

ଆସନ୍ତା ୫ରେ ପୈଗମ୍ବର ହଜରତ ମହମ୍ମଦଙ୍କ ଜନ୍ମଜୟନ୍ତୀ କଟକରେ ମହାସମାରୋହ ଭାବେ ପାଳନ କରାଯିବ। ଏଥିପାଇଁ ପ୍ରସ୍ତୁତି ବୈଠକ ମଙ୍ଗଳବାର ସ୍ଥାନୀୟ ପାନ୍ଥନିବାସରେ ବିଜେଡି କଟକ ଜିଲା ସଭାପତି ପ୍ରଫୁଲ୍ଲ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଟକ ମହାନଗର ନିଗମର ମେୟର ସୁବାସ ସିଂ, ବରିଷ୍ଠ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରକାଶ ସିଂହ, କର୍ପୋରେଟର ଏ. ଶ୍ରୀଦେବୀ, ପୂର୍ବତନ କର୍ପୋରେଟର ମହମ୍ମଦ ଆରିଫ ଫଏମିଦ ପ୍ରମୁଖ ଉପସ୍ଥିତ ଥିଲେ।

### ୧୦୨ ୟୁନିଟ ରକ୍ତ ସଂଗ୍ରହ

କଟକ ସଦର,୩୧୯(ସୁଶାନ୍ତ କୁମାର ଜେନା)

କଟକ ସଦର ନିର୍ବାଚନମଣ୍ଡଳୀର ଅଗ୍ରଣୀ ସାମାଜିକ ସଙ୍ଗଠନ ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ପକ୍ଷରୁ ବୁଧବାର ରକ୍ତଦାନ ଶିବିର ନୂଆପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିପେଣ୍ଡେନ୍ସ କ୍ଲବ ପରିସରରେ ଆୟୋଜିତ ଶିବିରରେ ୧୦୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ୟୁନିୟନ ସଭାପତି ପ୍ରଫେସର୍ ମନୋଜ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ନୂଆପଡ଼ା, ବାଲିସାହି, ପ୍ରେସ କଲୋନୀ, ଲେବର କଲୋନୀ ଅଞ୍ଚଳର ସଙ୍ଗଠନରେ ଥିବା ସଭ୍ୟାସଭ୍ୟ ଯୋଗଦେଇ ରକ୍ତଦାନ କରିଥିଲେ। ଗଣେଶ ମହୋତ୍ସବ କମିଟି ସମ୍ପାଦକ ଶୁଭ୍ରଜିତ ମହାନ୍ତି, ସୁଦର୍ଶନ ଜେନା, ଜିତେନ୍ଦ୍ର ସ୍ୱାଇଁ, ନାରାୟଣ ଜେନା, ବିଜୟ ନାୟକ, ଆନନ୍ଦ ଦେବତା, ନରୋତ୍ତମ ଦାସ, ଆନନ୍ଦ ବେହେରା, ସ୍ମୃତିରଞ୍ଜନ ଦାସ, ସରୋଜ ସାସମଲ, ଲାଲାଜି ଭୂୟାଁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଗ୍ରାଉଣ୍ଡ ଜିରୋରୁ ତିଆରି ହେବେ ନେତା: ସଲିମ ଅହମ୍ମଦ




ଖବରଦାତା ସମ୍ମିଳନୀରେ ସଲିମ୍ ଅହମ୍ମଦଙ୍କ ସହ ଉପସ୍ଥିତ କଂଗ୍ରେସ ନେତୃମଣ୍ଡଳୀ।

କଟକ,୩୧୯(ଶିକ୍ଷା ପ୍ରିୟଦର୍ଶିନୀ)

ତୃଣମୂଳସ୍ତରରେ ମଜଭୁତ ହେବ କଂଗ୍ରେସ। ଗ୍ରାଉଣ୍ଡ ଜିରୋରୁ ତିଆରି ହେବେ ନେତା। ଏ ନେଇ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅଭିଯାନ। ସମଗ୍ର ଦେଶରେ ଏହି ଅଭିଯାନକୁ ଆରମ୍ଭ କରିଛି କଂଗ୍ରେସ। ଜିଲାସ୍ତରରେ ଜିଲା କଂଗ୍ରେସ ସଭାପତି ଚୟନ କରାଯିବ। କଟକ ନଗର ଜିଲା କଂଗ୍ରେସ ପାଇଁ ସଙ୍ଗଠନ ଶ୍ରୀଜନ ଅଭିଯାନ କାର୍ଯ୍ୟକ୍ରମରେ ଏହା କରାଯିବ ବୋଲି ବୁଧବାର ସର୍କିଟ ହାଉସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାରତୀୟ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା କର୍ନାଟକ ସରକାରଙ୍କ ମୁଖ୍ୟ ସଚେତକ ସଲିମ୍ ଅହମ୍ମଦ କହିଛନ୍ତି। ସେ ଅଧିକ ସୂଚନା ଦେଇ କହିଛନ୍ତି ଯେ, ଜିଲାରେ ଥିବା ସମସ୍ତ ବର୍ଗର ସଙ୍ଗଠନ, ନେତା, ସାମାଜିକ କର୍ମୀ, ଖବରଦାତାଙ୍କ ସହ ସୋସିଆଲ ମିଡିଆରୁ ମତ ସଂଗ୍ରହ କରାଯାଇ ଜିଲା ସଭାପତି ଚୟନ ପାଇଁ ୬ଜଣଙ୍କ ନାଁ ଏଆଇସିସି ଅଧ୍ୟକ୍ଷ ଓ ରାହୁଲ ଗାନ୍ଧୀଙ୍କ ନିକଟକୁ ପଠାଯିବ। ସେମାନେ ବିଚାର କରି ଜିଲା ସଭାପତି ପାଇଁ ମୋହର ମାରିବେ। ତେବେ ଜିଲା ସଭାପତିଙ୍କ ନେତୃତ୍ୱରେ ହିଁ ଆଗାମୀ ଦିନରେ କଂଗ୍ରେସ ସବୁ ନିର୍ବାଚନ ଲଢ଼ିବ ବୋଲି ସେ କହିଛନ୍ତି। ପୂର୍ବତନ ବିଧାୟକ ତଥା ପିସିସି ପର୍ଯ୍ୟବେକ୍ଷକ ପଞ୍ଚାନନ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ କଂଗ୍ରେସ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ, ସୁରେଶ ମହାପାତ୍ର, ମାନସ ଚୌଧୁରୀ, ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଉଚ୍ଛବ ସାହୁ, ସତ୍ୟବ୍ରତ ଦାସ, ନିକୁଞ୍ଜ ପସାୟତ, ଗିରିବାଳା ବେହେରାଙ୍କ ସମେତ ସମସ୍ତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଟାଟା ଏସିଇ ଧକ୍କାରେ ବୃଦ୍ଧା ମୃତ, ଡ୍ରାଇଭର ଗିରଫ

ମଙ୍ଗୁଳି–ଜଗତପୁର/ଚୌଦ୍ୱାର, ୩୧୯(ମାନସ ସାମଲ/ଆଶୁତୋଷ ଦାସ)

ଚୌଦ୍ୱାର ଥାନା ଅଧୀନ ନଖରା ରେଲୱେ ଷ୍ଟେଶନ ନିକଟରେ ବୁଧବାର ଭୋରୁ ଏକ ଟାଟା ଏସିଇ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ପୋଲିସ ଦୁଘଟଣା ଘଟାଇଥିବା ଟାଟାଏସିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ଡ୍ରାଇଭର ଜଣଙ୍କ ହେଲେ ଟାଙ୍ଗୀ ଥାନା ଅଧୀନ ମାଧବପୁର ଗ୍ରାମର ଭଗବତ ପ୍ରଧାନ (୫୭)। ସ୍ଥାନୀୟ ବ୍ୟବସାୟୀ ହିରନ୍ୟ ରାଉତ କହିବା ମୁତାବକ, ପ୍ରତିଦିନ ପରି ଭୋର ପ୍ରାୟ ସାଢେ ୪ଟାରେ ଦୋକାନ ଖୋଲୁଥିଲି। ସେହି ସମୟରେ ଏକ ଗାଡି ଧକ୍କା ପରି ଶବ୍ଦ ହୋଇଥଲା। ଦୌଡି ଆସି ଦେଖେ ତ ଜଣେ ଅଜଣା ବୃଦ୍ଧାଙ୍କୁ ଏକ ଟାଟାଏସିଇ (ନଂ. ଓଡ଼ି–୦୫ ୨୧୦୬) ପିଟି ଦେଇଛି। ଖବରପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ପଠାଇଥିଲା। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୨୮୧/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଥାଉକି, ଗତ ୩ ଦିନ ହେବ ବୃଦ୍ଧାଜଣଙ୍କ ନଖରା ବଜାରରେ ବୁଲୁଥିଲେ। ବୟସ ପ୍ରାୟ ୬୫ରୁ ୭୦ବର୍ଷ ଅନୁମାନ କରାଯାଉଥିବା ବେଳେ ମୋ ପୁଅ କହି ସବୁବେଳେ କାନ୍ଦୁ ଥାଏ ବୋଲି ଲୋକେ ଦେଖିଛନ୍ତି। ବୃଦ୍ଧାଙ୍କ ପୁଅ ବୋଝ ଭାବି ଛାଡି ଦେଇଥିବା ସନ୍ଦେହ କରାଯାଉଛି। ବୃଦ୍ଧାଙ୍କ ପରିଚୟ ମିଳିଲେ ସତ୍ୟାସତ୍ୟ ଜଣାପଡିବ ବୋଲି ଚୌଦ୍ୱାର ଥାନା ଇନଚାର୍ଜ ଏସ୍‌ଆଇପି ବିଶ୍ୱ ରଞ୍ଜନ ସାହୁ କହିଛନ୍ତି।

## ଗାଡ଼ି ଶୋ'ରୁମ୍ କର୍ମଚାରୀଙ୍କ ମୁଣ୍ଡ ଫଟାଇ ଜଣେ ଗିରଫ

ବାରଙ୍ଗ,୩୧୯(ଲିଙ୍ଗରାଜରାଉତ)

ଚନ୍ଦକା ଥାନା ଅଞ୍ଚଳରେ ଧାର ଦେଇଥିବା ଟଙ୍କା ଆଦାୟକୁ ନେଇ ଜଣେ ବ୍ୟକ୍ତିଙ୍କୁ ଇଟାରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଉଛନ୍ତି ଓଡଗାଁର ସୋମ୍ୟରଞ୍ଜନ ଦାସ (୨୫)। ସୂଚନାଯୋଗ୍ୟ, ଗୋଠପାଟଣା ନିକଟସ୍ଥ ଜ୍ୟୋତି ମୋଟର ଗାଡି ଶୋ'ରୁମ୍‌ରେ ଅଚ୍ୟୁତ ପ୍ରଧାନ(୩୦)କାମ କରନ୍ତି। ସେ ସୋମ୍ୟରଞ୍ଜନ ଦାସଙ୍କଠାରୁ କିଛିଟଙ୍କା ଧାରସୂତ୍ରରେ ଆଣିଥିଲେ। ଏହି ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ବହୁସମୟରେ ପାଟିତୁଣ୍ଡ ଲାଗିରହୁଥିଲା। ବୁଧବାର ସକାଳେ ସୋମ୍ୟରଞ୍ଜନ ଶୋରୁମରେ ପହଞ୍ଚି ଧାର ଟଙ୍କା ଫେରାଇବାକୁ ଅଚ୍ୟୁତଙ୍କୁ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ସେମାନେ ଶୋରୁମ ବାହାରକୁ ପଳାଇ ଆସିଥିଲେ। ବାହାରେ ପଡିଥିବା ଇଟାଖଣ୍ଡକୁ ସୋମ୍ୟରଞ୍ଜନ ଆଣି ଅଚ୍ୟୁତଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଫଳରେ ଅଚ୍ୟୁତ ଆହତ ହୋଇଥିଲେ। ପରେ ଶୋରୁମ କର୍ମଚାରୀମାନେ ସୋମ୍ୟଙ୍କୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଆହତ ଅଚ୍ୟୁତଙ୍କୁ ଡାକ୍ତରଖାନାକୁ ପଠାଇବା ସହ ସୋମ୍ୟଙ୍କୁ ଥାନାକୁ ନେଇଥିଲେ। ଅଚ୍ୟୁତଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୩୪୮/୨୫) ରୁଜୁ କରିଛି।

## ଗଛ ଡାଳପଡ଼ି ୨ ବାଇକ୍ ଆରୋହୀ ଗୁରୁତର

କଟକ ସଦର,୩୧୯(ସୁଶାନ୍ତ କୁମାର ଜେନା)

କଟକ–ପାରାଦୀପ ଏନ୍‌ଏଚ୍ ୫୫ର ନାହାଭଙ୍ଗା ନିକଟ ରାସ୍ତାରେ ଯାଉଥିବା କାର୍ ଉପରେ ମଙ୍ଗଳବାର ପୂର୍ବାହ୍ନରେ ଏକ ବଡ ଆକାଶି ଗଛଡ଼ାଳ ଭାଙ୍ଗି ପଡିଥିଲା। ଫଳରେ କାରର କିଛି ଅଂଶ ଭାଙ୍ଗି ଯାଇଥିବା ବେଳେ ଯାତ୍ରୀ ସୁରକ୍ଷିତ ଥିଲେ। ହେଲେ କାରକୁ ଅତିକ୍ରମ କରି ଯାଉଥିବା ୨ ବାଇକ୍ ଆରୋହୀଙ୍କ ଦେହରେ ଗଛ ଡାଳ ବାଜି ଆହତ ହୋଇଛନ୍ତି। ଉଭୟଙ୍କୁ ସଙ୍ଗେ ସଙ୍ଗେ କଟକ ବଡ଼ ଡାକ୍ତରଖାନାକୁ ଆମ୍ବୁଲାନ୍ସରେ ପଠାଇ ଦିଆଯାଇଥିଲା। ଉକ୍ତ ରାସ୍ତାରେ ପାର୍ଶ୍ୱରେ ଲାଗିଥିବା ଗଛର ବଡ ବଡ ଡାଳ ରାସ୍ତାକୁ ମାଡି ଆସିଛି। କେତେବେଳେ ଡାଳ ଭାଙ୍ଗି କାହାର ଜୀବନ ଯିବ, ତାର ଉତ୍ତର ପରିବହନ ଓ ଜାତୀୟ ରାଜପଥ ପ୍ରାଧିକରଣ ପାଖରେ ନାହିଁ। ରାସ୍ତାରେ ସିସିଟିଭି ଲାଗିଥିଲେ ସୁଦ୍ଧା ପରିବହନ ବିଭାଗ କେବଳ ଟ୍ରାଫିକ ନିୟମ ମାନୁ ନ ଥିବା ଗାଡ଼ି ମୋଟର ଉପରେ ଜରିମାନା ଧାର୍ଯ୍ୟ କରି ଚୁପ ଚାପ ବସୁଥିବା ଅଭିଯୋଗ ହୋଇଛି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ଅଫିସର ମନ୍ତ୍ରୀ, ନେତା ଯାତାୟାତ କରୁଥିଲେ ସୁଦ୍ଧା ଏହା ଉପରେ କାହାର ନଜର ନ ପଡ଼ିବା ଦୁର୍ଭାଗ୍ୟ ଜନକ ବୋଲି ନାହାଭଙ୍ଗା ଭଙ୍ଗା ଅଞ୍ଚଳର ଯୁବନେତା ତଥା ଯାଦବ ମହାସଭାର କଟକ ଜିଲା ସଭାପତି ସମର ବେହେରା କହିଛନ୍ତି। ଏହି ରାସ୍ତା ପାର୍ଶ୍ୱରେ ବହୁ ସଂଖ୍ୟାରେ ଟ୍ରକ ରହୁଥିବାରୁ ଏଥିରେ ଧନ ଜୀବନ କ୍ଷତି ଘଟିବା ନିଶ୍ଚିତ ହୋଇଯାଉଛି। ପରିବହନ ବିଭାଗ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସ୍ଥାନୀୟ ଅଞ୍ଚଳବାସୀ ସତର୍କ କରାଇ ଦେଇଛନ୍ତି।

**କାର କ୍ଷତିଗ୍ରସ୍ତ**



## କମିଟି, ବ୍ୟବସାୟୀ ନିଆଁ ଲିଭାଯନ୍ତ୍ର ରଖିବା ବାଧ୍ୟ

### ଚୌଦ୍ୱାର କୁମାର ପୂର୍ଣ୍ଣିମା ରୂପଯାତ୍ରା ପ୍ରସ୍ତୁତି ବୈଠକ

ମଙ୍ଗୁଳି–ଜଗତପୁର/ଚୌଦ୍ୱାର, ୩୧୯(ମାନସ ସାମଲ/ଆଶୁତୋଷ ଦାସ)

ଚୌଦ୍ୱାର କୁମାର ପୂର୍ଣ୍ଣିମା ରୂପଯାତ୍ରା ଉପଲକ୍ଷେ ପ୍ରାକ୍ ପ୍ରସ୍ତୁତି ବୈଠକ ବୁଧବାର ସ୍ଥାନୀୟ ଯାତ୍ରା ପଡିଆସ୍ଥିତ ଦଶହରା ପୂଜା କମିଟି ଗୃହରେ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ସୁବୋଧ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ଚୌଦ୍ୱାର ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ବିଶ୍ୱ ରଞ୍ଜନ ଦେହୁରୀ, ଚୌଦ୍ୱାର ଅଗ୍ନିଶମ ଅଧିକାରୀ ବିଷ୍ଣୁ ଚରଣ ଦାସ, ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ଇମ୍ପା ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆ, ଏସ୍‌ଆଇପି ଇନଚାର୍ଜ ଚୌଦ୍ୱାର ଥାନା ବିଶ୍ୱ ରଞ୍ଜନ ସାହୁ, ଅତିରିକ୍ତ ତହସିଲଦାର, ଜନସ୍ୱାସ୍ଥ୍ୟ ଏସ୍‌ଡିଓ ଶମ୍ଭୁନାଥ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏସ୍‌ଡିଓ ବିଶ୍ୱ ରଞ୍ଜନ ଦେହୁରୀ କହିଥିଲେ ଯାତ୍ରାପଡିଆକୁ ମେଢ ଯିବାବାଟରେ ତାର ଝୁଲିବା କିମ୍ବା ଦୁର୍ବଳ ବିଦ୍ୟୁତ୍ ଖୁଣ୍ଟ ମରାମତି କରାଯିବ। ସେହିପରି ଏସଇପି ସାହୁ କହିଥିଲେ, ପାର୍ବଣ ସମୟରେ ଅପରାଧୀଙ୍କ ଉପରେ ପୋଲିସ ନଜର ରଖିବ। ପୂଜା କମିଟି ଓ ସମସ୍ତ ବ୍ୟବସାୟୀ ନିଆଁ ଲିଭା ଯନ୍ତ୍ର ରଖିବା ବଧ୍ୟାତାମୂଳକ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ କହିଛନ୍ତି, ପୌରପାଳିକା ତରଫରୁ ଯାତ୍ରା ପୂର୍ବରୁ ରାସ୍ତା ମରାମତି, ଅଲୋକିକରଣ, ଡ୍ରେନଗୁଡ଼ିକରେ ସ୍ଲାବ ପକାଇବା ସହ ୪ଦିନ ଯାତ୍ରାରେ ୨୪ ଘଣ୍ଟିଆ ସଫେଇର ଅସ୍ଥାୟୀ ଟଏଲେଟ ବ୍ୟବସ୍ଥା କରାଯିବ। ଇମ୍ପା ଲୋକ ସମ୍ପର୍କ ଅଧିକାରୀ କହିଛନ୍ତି, ପ୍ରତିବର୍ଷ ପରି ସହଯୋଗ କରାଯିବ। ସେହିପରି ରୂପଯାତ୍ରା କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ କହିଥିଲେ, ପ୍ରଥମ କରି ଅକ୍ଟୋବର ୪ରେ ହନୁମାନ ଚାଳିଶା, ୭ରେ କୁମାର ଉତ୍ସବ ଉଦ୍‌ଘାଟନ, ୮ରେ ରୂପଯାତ୍ରର ପ୍ରତିଷ୍ଠାତା ସ୍ୱର୍ଗତ କୃଷ୍ଣଚନ୍ଦ୍ର ମଙ୍ଗରାଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସୂଚନା କେନ୍ଦ୍ର ଉଦ୍‌ଘାଟନ, ୯ରେ ୪୩ଖଣ୍ଡ ମେଢ଼ ପୂଜା ନିଜ ମଣ୍ଡପରୁ ବାହାରି ରୋଷଣୀ କରି ମେଳଣ ପଡିଆରେ ପହଞ୍ଚିବେ। ୧୦ ତାରିଖ ସକାଳ ୮.୧୫ରୁ କ୍ରମିକ ଅନୁସାରେ ମେଢ଼ଗୁଡ଼ିକ ବାହାରି ସୂଚନା କେନ୍ଦ୍ରରୁ ଛନ୍ଦା ଭୋଗ ନେଇ ବିରୂପାସ୍ଥିତ ରାତି ୧୨ଟା ସୁଦ୍ଧା ଅସ୍ଥାୟୀ ପୋଖରୀ ବିସର୍ଜନ କରାଯିବ ବୋଲି ସଭାପତି ନାୟକ ସୂଚନା ଦେଇଛନ୍ତି। ବୈଠକରେ କମିଟି ସମ୍ପାଦକ ନାରାୟଣ ସ୍ୱାଇଁ, ଉପଦେଷ୍ଟା ବୈକୁଣ୍ଠ ନାଥ ପୃଷ୍ଟି, ସୂର୍ଯ୍ୟ ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଦସ୍ୟ ସୁଜିତ ଜେନା ଧନ୍ୟବାଦ ଦେଇଥିଲେ।




ଚୌଦ୍ୱାର କୁମାର ପୂର୍ଣ୍ଣିମା ରୂପଯାତ୍ରା ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥିମାନେ।

**ସ୍କୁଲ୍ ପରିଦର୍ଶନ କଲେ ଓସେପା ବିତ୍ତ ଅଧିକାରୀ**

ପିପିଲି,(ଦୁର୍ଗାମାଧବ ମିଶ୍ର): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ତରଫରୁ ମୁଖ୍ୟ ବିତ୍ତ ଅଧିକାରୀ ତଥା ବିତ୍ତ ଉପଦେଷ୍ଟା ସୁଦେଷ୍ଣା କର ଓ ବିତ୍ତ ପରାମର୍ଶଦାତା ରଞ୍ଜନ କୁମାର ପାଣି ବୁଧବାର ଗୋବିନ୍ଦପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ଏଥିସହ ଶୈକ୍ଷିକ କାର୍ଯ୍ୟକ୍ରମ, ନିରାପତ୍ତା, ବିଦ୍ୟୁତ୍, ପରିମଳ ବ୍ୟବସ୍ଥା, ସମସ୍ତ ରେକର୍ଡପତ୍ର ସହ ବିଦ୍ୟାଳୟର ଭିତ୍ତିଭୂମି ଆଦି ଯାଞ୍ଚ କରିଥିଲେ। ପୁରୀ ଜିଲା ସମଗ୍ର ଶିକ୍ଷା ଅଫିସ୍‌ର ଜିଲା ମୁଖ୍ୟ ବିତ୍ତ ଅଧିକାରୀ ବିଚିତ୍ରାନନ୍ଦ ଜେନା, ପିପିଲି ବ୍ଲକ ବିତ୍ତ ଅଧିକାରୀ ଶ୍ରୀନିବାସ ମହାପାତ୍ର ଉପସ୍ଥିତ ଥିବାବେଳେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ର ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୯।୨୦୨୫

| | |
|---|---|
| ୬,୧୪,୮୮୦ ଟଙ୍କା | |
| ସୁନା | ୮୦୦ ମିଲି ଗ୍ରାମ୍ |
| ରୁପା | ୬୩.୫୦୦ ଗ୍ରାମ୍ |

## ଆଜିଠୁ ଗଜପତି ମହାରାଜାଙ୍କ ୬୯ ଅଙ୍କ, ୧୪୩୩ ସାଲ ଆରମ୍ଭ

ପୁରୀ, ୩।୯(ଅଜିତ୍ ମହାନ୍ତି)

ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଗୁରୁବାର ଶ୍ରୀନହରରେ ସୁନିଆଁ ନୀତି ଅନୁଷ୍ଠିତ ହେବ। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନରେ ୬୮ ଅଙ୍କ ଶେଷ ହୋଇ ୬୯ ଅଙ୍କ ପ୍ରବେଶ କରିବ ଏବଂ ୧୪୩୩ ସାଲ ଆରମ୍ଭ ହେବ। ଉତ୍କଳୀୟ ସାଂସ୍କୃତିକ ସାମାଜିକ ଜୀବନରେ ଗଜପତିଙ୍କ ନାମରେ ଉତ୍କଳ ନବବର୍ଷ ଆରମ୍ଭ ହୋଇଥାଏ। ଓଡ଼ିଆ ଲୋକଙ୍କ ଜାତକରେ ବର୍ଷ, ମାସ, ତାରିଖ, ତିଥି ଓ ନକ୍ଷତ୍ର ଗଜପତିଙ୍କ ନାମରେ ଉଲ୍ଲେଖ ହୋଇଥାଏ। ସୁନିଆ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିନାସୀନ ବର୍ଷର ଗଣନା କରାଯାଏ। ସେହିପରି ଶ୍ରୀନହରରେ ରାଜ ପରମ୍ପରା ଅନୁଯାୟୀ, ଏକ ସୁନାମୋହରରେ ଅଙ୍କ କଟାଯାଇ ଘୋଷଣା କରାଯିବ। ଷୋହଳଶାସନ ବ୍ରାହ୍ମଣମାନେ ଗଜପତି ମହାରାଜାଙ୍କୁ ନଡ଼ିଆ ଭେଟିଦେଇ ଆଶୀର୍ବାଦ ପ୍ରଦାନ କରିବେ। ସେହିପରି ଗଜପତିଙ୍କୁ ପ୍ରଜା ଓ କର୍ମଚାରୀମାନେ ସୁନିଆ ଭେଟି ପ୍ରଦାନ କରିବେ।

## ୩୦ ଲକ୍ଷ ଟଙ୍କାର ସୁନା ଚୋରି

ଯୋଗେଶ୍ୱରପୁର,୩।୯(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତ ବିଶୁଳିପଡ଼ା ଗ୍ରାମର ମିର୍ଜା ଅବୁତାହର ବେଗ୍ ଘରେ ନ ଥିବା ବେଳେ ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଘରୁ ସୁନା ଚୋରି କରି ନେଇଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଚୋରିସୁନାର ଆନୁମାନିକ ମୂଲ୍ୟ ୩୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ମଙ୍ଗଳବାର ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିଆରୀ ଓ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଏବଂ ଅନୁସନ୍ଧାନ ପୋଲିସ କୁକୁର ସହ ତଦନ୍ତ କରିଥିଲେ। ଏନେଇ ଗୋପ ଥାନାରେ ୨୮୭/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ କହିଛନ୍ତି, ଚୋର ଧରିବା ପାଇଁ ଚଢ଼ାଉ ଜାରି ରହିଛି।

## ତମାଖୁମୁକ୍ତ ଗାଁ ପାଇଁ ଶପଥ ନେଲେ ୪୦ ସରପଞ୍ଚ

ପୁରୀ,୩।୯(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଅଧୀନ ୧୧ଟି ବ୍ଲକ୍‌ର ୪୦ ଜଣ ସରପଞ୍ଚ ଗ୍ରାମାଞ୍ଚଳକୁ ତମାଖୁମୁକ୍ତ କରିବା ପାଇଁ ଶପଥ ପାଠ କରିଛନ୍ତି। ବୁଧବାର ପୁରୀ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ 'ତମାଖୁମୁକ୍ତ ଗ୍ରାମାଞ୍ଚଳ ଓ ପଞ୍ଚାୟତିରାଜ' ଶୀର୍ଷକ ଦିନିକିଆ କର୍ମଶାଳାକୁ ଡିଆର୍‌ଡିଏର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଉଦ୍‌ଘାଟନ କରିଥିଲେ। ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ସହପରିଚାଳିକା ଅନୀତା ଦାସ ତାଲିମ୍ ପ୍ରଦାନ ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ଏଡିପିଏଚ୍‌ଓ ଡାକ୍ତର ମାନସ ରଞ୍ଜନ ଦାସ ଓ ଅଣସଂକ୍ରାମକ ବିଭାଗ ଡାକ୍ତର ଶିଳ୍ପୀ ଦାଶ ଅତିଥି ଭାବେ ଯୋଗଦେଇ ସରପଞ୍ଚମାନଙ୍କୁ କୋଟପା ଆଇନ, ତମାଖୁର ଅପକାରିତା ଓ ତମାଖୁ ନିୟନ୍ତ୍ରଣରେ ଜନପ୍ରତିନିଧିଙ୍କ ଆବଶ୍ୟକତା ଉପରେ ତାଲିମ୍ ପ୍ରଦାନ କରିଥିଲେ। ବକ୍ତା ଭାବେ ମିଶନ ଓଡ଼ିଶାର ସଭାପତି ଡ. ବଦ୍ରି ମିଶ୍ର ଏବଂ ସମ୍ପାଦକ ମଧୁସୂଦନ ମିଶ୍ର ଯୋଗଦେଇ କ୍ୟାନ୍‌ସର ପାଇଁ ଗଣମାଧମରେ ଗୁଟ୍‌ଖା ବିଜ୍ଞାପନ, ଶରୀରକୁ ମୃତ୍ୟୁ ଦେଉଥିବା ତମାଖୁ ପ୍ରତି ଛାତ୍ରୀଛାତ୍ରଙ୍କ ଆକର୍ଷଣର ଅପକାରିତା, ବିଶେଷକରି ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନ ନିକଟରେ ତମାଖୁ ବିକ୍ରିର କୁପ୍ରଭାବ ଉପରେ ଆଲୋକପାତ କରିଥିଲେ। ଅନେକ ଜନପ୍ରତିନିଧି ତମାଖୁ ଉତ୍ପାଦନ ବନ୍ଦ ପଦକ୍ଷେପ ଉପରେ ମତ ରଖିଥିଲେ। ବିଭିନ୍ନ ପଞ୍ଚାୟତରେ ଟବାକୋମୁକ୍ତ ଗ୍ରାମାଞ୍ଚଳ ପାଇଁ ବ୍ଲକ୍ ଓ ଗ୍ରାମସ୍ତରୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ଶ୍ରୀମନ୍ଦିର ବିଧି, ସୁରକ୍ଷା, ଜଗନ୍ନାଥ ଗବେଷଣାକୁ ଗୁରୁତ୍ୱ

## ୧୪ ସବ୍‌କମିଟି ଗଠିତ

ପୁରୀ, ୩।୯(ଅଜିତ୍ କୁମାର ମହାନ୍ତି)



ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସମେତ ଅନ୍ୟ ଅତିଥିମାନେ।

ଶ୍ରୀମନ୍ଦିର ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ ବୁଧବାର ନୀଳାଦ୍ରି ଭକ୍ତନିବାସରେ କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିବାବେଳେ ୧୪ଟି ସବ୍‌କମିଟି ଗଠନ କରାଯାଇଛି। ଚଳିତବର୍ଷ ବିନା କମିଟିରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା, ତେଣୁ ବୈଠକର ବିବରଣୀ ପଠନ ଓ ଦୃଢ଼ୀକରଣ କରାଯାଇଥିଲା। ଶ୍ରୀଜଗନ୍ନାଥ ଆକ୍ଟ ଅନୁଯାୟୀ ଅର୍ଥ ସବ୍‌କମିଟି, ନୀତି ସବ୍‌କମିଟି, ରତ୍ନଭଣ୍ଡାର ସବ୍‌କମିଟି, ଅପିଲ୍ ସବ୍‌କମିଟି ଗଠନ କରାଯାଇଛି। ପ୍ରଥମ ଥର ପାଇଁ ଶ୍ରୀମନ୍ଦିର ସୁରକ୍ଷା ନେଇ ଏକ ନୂତନ ସବ୍‌କମିଟି ଗଠନ ହୋଇଛି। ପୂର୍ବତନ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ ଏହାର ଅଧ୍ୟକ୍ଷ ଥିବା ବେଳେ ଜିଲାପାଳ, ଏସ୍‌ପି, ସେବାୟତ ଓ ଅଭିଜ୍ଞ ବ୍ୟକ୍ତିମାନେ ସଦସ୍ୟ ରହିଛନ୍ତି। ପ୍ରତ୍ୟେକ କମିଟିରେ ପରିଚାଳନା କମିଟିର ସଭ୍ୟ ରହିଛନ୍ତି। ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା ଏବଂ ପ୍ରକାଶନ ଓ ପ୍ରଶାସକ ସବ୍‌କମିଟିରେ ଗଜପତି ମହାରାଜା ଅଧ୍ୟକ୍ଷ ରହିଥିବାବେଳେ ମୁଖ୍ୟ ପ୍ରଶାସକ, ଅଧିକାରୀ, ପରିଚାଳନା କମିଟି ସଦସ୍ୟ, ବରିଷ୍ଠ ସେବାୟତ ସଦସ୍ୟ ରହିଛନ୍ତି। ସେହିଭଳି ସେବକ କଲ୍ୟାଣ ପାଇଁ ସବ୍‌କମିଟି ଗଠନ ହୋଇଛି। ଏଥିରେ ଜିଲାପାଳ ଅଧ୍ୟକ୍ଷ ଥିବା ବେଳେ ଏସ୍‌ପି, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଚାଟାର୍ଡ ଆକାଉଣ୍ଟ, ସେବାୟତ ଆଦି ସଦସ୍ୟ ରହିବେ। ସେହିପରି ଲ୍ୟାଣ୍ଡ ସବ୍‌କମିଟିରେ ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷ ଥିବାବେଳେ ଜିଲାପାଳ, ଦେବୋତ୍ତର କମିଶନର, ଆଇନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଓ ସେବକ ପ୍ରତିନିଧି ସଦସ୍ୟ ରହିବେ। ପ୍ରକଳ୍ପ ବୈଷୟିକ କମିଟିରେ ଜିଲାପାଳ ଅଧ୍ୟକ୍ଷ, ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ, ବୈଷୟିକ ଜ୍ଞାନ ଥିବା ବ୍ୟକ୍ତିଙ୍କୁ ସଦସ୍ୟ ଭାବେ ସ୍ଥାନ ଦିଆଯାଇଛି। ପ୍ରକଳ୍ପ ସାଂସ୍କୃତିକ ସବ୍‌କମିଟିରେ ଗଜପତି ମହାରାଜା ଅଧ୍ୟକ୍ଷ ଥିବାବେଳେ ମନୋନୀତ ସଦସ୍ୟ ରହିବେ। ଶ୍ରୀଜଗନ୍ନାଥ ମନ୍ଦିର ପେନ୍‌ସନ୍ ଟ୍ରଷ୍ଟ ବୋର୍ଡ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ଭବିଷ୍ୟ ନିଧି ଟ୍ରଷ୍ଟ ସବ୍‌କମିଟିରେ ଜିଲାପାଳ ଅଧ୍ୟକ୍ଷ ରହିବେ। ସଂସ୍ଥା ସବ୍‌କମିଟିରେ ଜିଲାପାଳ ଅଧ୍ୟକ୍ଷ ଏବଂ ଅନ୍ୟାନ୍ୟ ଅଧିକାରୀ ସଭ୍ୟ ରହିବେ। ଏଷ୍ଟାବ୍ଲିସ୍‌ମେଣ୍ଟ କମିଟିରେ ଜିଲାପାଳ, ଅଧିକାରୀ, ପରିଚାଳନା କମିଟି ସଦସ୍ୟ ରହିବେ। ନୂଆ କରି ବିଧି ସବ୍‌କମିଟି ଗଠନ କରାଯାଇଛି। ଏହି କମିଟିର ପ୍ରସ୍ତାବ କ୍ରମେ ଶ୍ରୀଜଗନ୍ନାଥ ମନ୍ଦିର ଆଇନରେ ସଂଶୋଧନ କରାଯିବ। ଏଥିରେ ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷ ଓ ଅନ୍ୟମାନେ ସଭ୍ୟ ରହିବେ। ଭୂସମ୍ପତ୍ତିର ସୁରକ୍ଷା ପାଇଁ ଆଇନଜୀବୀ ନିଯୁକ୍ତି ହେବେ। ନୀତି ସମନ୍ୱୟ କମିଟିରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଅଧ୍ୟକ୍ଷ, ନୀତି ସବ୍‌କମିଟିରେ ମନୋନୀତ ସଦସ୍ୟଙ୍କ ସହ ଅନ୍ୟ ସେବାୟତ ରହିବେ। ନୀତିର ସମୀକ୍ଷା କରାଯିବ। କ'ଣ ସବୁ ସମସ୍ୟା ରହିଛି ଏବଂ କ'ଣ ପଦକ୍ଷେପ ନିଆଯାଇପାରିବ ସେ ନେଇ ଆଲୋଚନା କରାଯିବ ବୋଲି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି।



ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବୁଧବାର ମଞ୍ଚସ୍ଥ ନାଟକ 'ନୀଳାଦ୍ରି ବିହାରୀ'ର ଏକ ଦୃଶ୍ୟ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ଆଜି ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି

ପୁରୀ,୩।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ବାମନ ଜନ୍ମ ନୀତି ଅନୁଷ୍ଠିତ ହେବ। ଶ୍ରୀବିଗ୍ରହମାନଙ୍କ ସକାଳଧୂପ ସରିବା ପରେ ମହାସ୍ନାନ ଓ ସର୍ବାଙ୍ଗ ନୀତି ସମ୍ପନ୍ନ କରାଯିବ। ପୂର୍ବଦିନ ଅଧିବାସ ହୋଇଥିବା ପବିତ୍ରା ଚାଙ୍ଗୁଡ଼ିକୁ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଓ ୩ଜଣ ପାଳିଆ ପୁଷ୍ପାଳକ ପଟୁଆରରେ ଆଣି ଜୟବିଜୟ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ତିନିଘେରା ବୁଲି ରତ୍ନସିଂହାସନକୁ ବିଜେ କରାଇବେ। ପବିତ୍ର ଓ ଛଅ ମୂର୍ତ୍ତି ଅଳଙ୍କାର ଶ୍ରୀବିଗ୍ରହଙ୍କୁ ଲାଗିକରାଯିବ। କର୍ପୂର ଲାଗି ପରେ ବେଶ ଅନୁଷ୍ଠିତ ହେବ। ଅନ୍ୟାନ୍ୟ ନୀତି ପରେ ମଧ୍ୟାହ୍ନଧୂପ ଉଠିବ। ଜୟବିଜୟ ଦ୍ୱାର ବନ୍ଦହୋଇ ଭିତର ଚନ୍ଦନ ଅର୍ଗଳିରେ ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ମଣ୍ଡଳ ଅଙ୍କନ କରିବେ। ତିନିବାଡ଼ରେ ବନ୍ଦାପନା ପରେ କଳସ ବରୁଣ ପୂଜା ସମ୍ପନ୍ନ ହେବ। ଦକ୍ଷିଣୀଘରେ ଭୋଗ ପରେ କୃଷ୍ଣଙ୍କୁ ଭିତର ସିଂହାସନକୁ ବିଜେ କରାଯିବ। ମୁଦିରସ୍ତ ଶ୍ରୀଅଙ୍ଗରେ ଧଣ୍ଡିପ୍ରସାଦ ଲାଗି କଲାପରେ ମହାଜନ ସେବକ କୃଷ୍ଣଙ୍କୁ ସର୍ବତ୍ର ଭଦମଣ୍ଡଳ ଉପରେ ବିଜେ କରାଇବେ। ଏକ କ୍ଷୁଦ୍ରାକୃତି ସୁବର୍ଣ୍ଣ ବାମନ ପ୍ରତିମାଙ୍କୁ ପଞ୍ଚାମୃତରେ ମହାସ୍ନାନ କରି ପଞ୍ଚୋପଚାରରେ ପୂଜା କରାଯିବ। ପରେ ଜନ୍ମବିଧି ନୀତି ସମ୍ପନ୍ନ ହେବ। କୋରା, କ୍ଷୀର ଓ ଲହୁଣୀ ମଣୋହି କରାଯିବ। ପରେ ମୁଦିରସ୍ତ ପ୍ରସାଦ ଲାଗି କରିବେ। ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବାମନ ମୂର୍ତ୍ତି ପଟି ଦିଆଯିବ। ବଟଦ୍ୱାର ଦେଇ ମାଜଣା ମଣ୍ଡପଖଟରେ ବିଜେ କରାଯିବ। ଭଣ୍ଡାରଘରୁ ଦୁର୍ଗାପ୍ରତିମାଙ୍କୁ ପତିମହାପାତ୍ର ବିଜେ କରାଇ ଆଣି ଆଜ୍ଞାମାଳ ପ୍ରଦାନକରି ଉକ୍ତ ମଣ୍ଡପ ଖଟରେ ବିଜେ କରାଇବେ। ଯଜ୍ଞ ପବିତ୍ରା ଶୀତଳ ଭୋଗ ପନ୍ତି ହେବ। କ୍ଷୀର ମଣୋହି କରି ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପଞ୍ଚଉପଚାରରେ ପୂଜା ଅନୁଷ୍ଠିତ ହେବ। ବନ୍ଦାପନା ଓ ପ୍ରସାଦ ଲାଗିହୋଇ କୃଷ୍ଣ (ବାମନ) ଦକ୍ଷିଣୀଘରକୁ ଓ ଦୁର୍ଗା ଭଣ୍ଡାରଘରକୁ ବିଜେ କରିବେ।

# ପାର୍ଶ୍ୱ ପରିବର୍ତ୍ତନ କଲେ ଶୟନଦେବତା

ପୁରୀ,୩।୯(ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶୟନଦେବତାଙ୍କ ପାର୍ଶ୍ୱ ପରିବର୍ତ୍ତନ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ସକାଳ ଧୂପ ଓ ଭୋଗମଣ୍ଡପ ଶେଷ ପରେ ତିନିବାଡ଼ରେ ଯାତ୍ରାଙ୍ଗୀ ମହାସ୍ନାନ ହୋଇ ନୂଆଲୁଗା ଲାଗିହୋଇ ଘଣ୍ଟ ଛତା ସର୍ବାଙ୍ଗ ନୀତି ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ହୋଇ ସନ୍ଧ୍ୟାଆଳତି ପରେ ଏକାଦଶୀ ବେଢ଼ାକୁ ମଦନମୋହନ ବିଜେ କଲାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରିଥିଲେ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇବା ପରେ ମଦନମୋହନ ବଟବୃକ୍ଷ ତଳେ ଥିବା ପାଲିଙ୍କିରେ ବିଜେ କରିଥିଲେ। ବିମାନବଡୁ ସେବକମାନେ ପାଲିଙ୍କିଙ୍କୁ ଏକଘେରା ମନ୍ଦିର ପ୍ରଦକ୍ଷିଣ କରି ବିମାନ ରଖିଥିଲେ। ଜୟବିଜୟ ଦ୍ୱାରଠାରେ ଏକାଦଶୀ ଭୋଗ ବନ୍ଦାପନା ପରେ ଦକ୍ଷିଣୀ ଘରକୁ ମଦନମୋହନ ବିଜେ କରିଥିଲେ। ସନ୍ଧ୍ୟାଧୂପ ପରେ ଅନନ୍ତ ବାସୁଦେବ ମନ୍ଦିରରେ ପବିତ୍ରାଧିବାସ ନିମନ୍ତେ ଦେଉଳ ପୁରୋହିତ ଆଚାର୍ଯ୍ୟ ବରଣ ହୋଇ ହୋମ କରିଥିଲେ। ପ୍ରଥମ ବଡ଼ସିଂହାର ଭୋଗ ପରେ ଖଟଶେଯ ଘର ଧୋପଖାଳ ହୋଇ ମୁରୁଜରେ ତିନୋଟି ମଣ୍ଡଳ କଟାଯାଇଥିଲା ଓ ପୂର୍ଣ୍ଣକୁମ୍ଭ ସ୍ଥାପନ ହୋଇଥିଲା। ମଣ୍ଡଳମାନଙ୍କରେ ୩ଟି ଚାଙ୍ଗୁଡ଼ିରେ ପବିତ୍ର ନଅମୂର୍ତ୍ତି, ତିନିମୂର୍ତ୍ତି ପତନି ଘୋଡ଼ାଇ ରଖାଯାଇଥିଲା। ଦେଉଳ ପୁରୋହିତ ବରୁଣ ପୂଜାକରି ନୀତି ସମ୍ପାଦନା କରିଥିଲେ। ପରେ ଖଟଶେଯ ଘର ଦ୍ୱାର ବନ୍ଦହୋଇ ତଢ଼ଉ କରଣଙ୍କ ଦ୍ୱାରା ମୁଦ ଦିଆଯାଇଥିଲା। ରତ୍ନବେଦିରେ ଠାକୁରମାନେ ମଇଲମ, ମହାସ୍ନାନ ହୋଇ ନୂଆଲୁଗା ଲାଗି ହୋଇଥିଲେ। ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଘଣ୍ଟ, ଛତ୍ର, କାହାଳୀରେ ୩ଟି ରୁପା ପିଙ୍ଗଣରେ ଚନ୍ଦନ ବିଜେ କରାଯାଇ ସର୍ବାଙ୍ଗ ଲାଗି କରାଇଥିଲେ। ବଲ୍ଲଭ ବଡ଼ସିଂହାର ବେଶ ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି ହେବା ପରେ ଘଣ୍ଟ, ଛତା, କାହାଳୀ ସହ ତଲୁଛ ମହାପାତ୍ର ଓ ପ୍ରଧାନୀ ସେବକ ପଟୁଆରରେ ବଲ୍ଲଭ ବଡ଼ସିଂହାର ଭୋଗ ଆଣିଥିଲେ। ଶ୍ରୀମନ୍ଦିରରେ ୨ଥର ବଡ଼ସିଂହାର ବେଶ ଓ ଭୋଗ ହୋଇଥିଲା। ଷୋଡ଼ଶ ଉପଚାର ପୂଜା ସରି କର୍ପୂର ଆଳତି ହେବା ପରେ ପାର୍ଶ୍ୱପରିବର୍ତ୍ତନ ନୀତି ଅନୁଷ୍ଠିତ ହୋଇଥିଲା। ମୁଦିରସ୍ତ, ବେହେରା ଖୁଣ୍ଟିଆ, ଗରାବଡୁ, ପାଳିଆ ମେକାପ, ଅଖଣ୍ଡ ମେକାପ ଓ ତଢ଼ଉ କରଣ ସେବକ ଖଟଶେଯ ଉପରକୁ ଯାଇ ମୁଦ ଭାଙ୍ଗିବା ପରେ ଶୟନ ଠାକୁରଙ୍କୁ ପେଡ଼ିକୁ ମୁଦିରସ୍ତ ଖୋଲି ଗରାବଡୁଠାରୁ ହାତୁଆଣି ନେଇ ରୁପା ପିଙ୍ଗଣରେ ବେହେରା ଖୁଣ୍ଟିଆ ଦେଇଥିବା ଶୁକ୍ଳପୁଷ୍ପ ୩ଥର ପୁଷ୍ପାଞ୍ଜଳି ଦେବାରେ ଶୟନ ଦେବତାଙ୍କ ପାର୍ଶ୍ୱ ପରିବର୍ତ୍ତନ ନୀତି କରାଯାଇଥିଲା। ବନ୍ଦାପନା କରାଯାଇ ଦୁଆର ବନ୍ଦ କରାଯାଇ ମୁଦ ଦିଆଯାଇଥିଲା। ପରେ ଅନ୍ୟାନ୍ୟ ନୀତି ହୋଇଥିଲା।

## ଅସ୍ତରଙ୍ଗ ସମୁଦ୍ରରେ 'ସାଗର କବଚ'



ଉପକୂଳ ସୁରକ୍ଷା ଅଭ୍ୟାସ ଅବସରରେ ଉପସ୍ଥିତ ପୋଲିସ କର୍ମଚାରୀମାନେ।

ଅସ୍ତରଙ୍ଗ,୩।୯
(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଅସ୍ତରଙ୍ଗ ସମୁଦ୍ରରେ ମତ୍ସ୍ୟ ବିଭାଗ, ସାମୁଦ୍ରିକ ପୋଲିସ ଏବଂ ଭାରତୀୟ ତଟରକ୍ଷୀ ବାହିନୀ ସମେତ ମୋଟ ୩୩ଟି ବିଭାଗ ମିଳିତ ଭାବେ ବୁଧବାର ଓ ଗୁରୁବାର ଅସ୍ତରଙ୍ଗ ସାମୁଦ୍ରିକ ସମ୍ପ୍ରସାରଣ ୟୁନିଟ୍‌ଠାରେ ୨ଦିନିଆ ଉପକୂଳ ସୁରକ୍ଷା ଅଭ୍ୟାସ ବା 'ସାଗର କବଚ' ଆରମ୍ଭ ହୋଇଛି। ଉପକୂଳ ସତର୍କତାକୁ ସୁଦୃଢ଼ କରିବା, ବିଭିନ୍ନ ସୁରକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରିବା ଏବଂ ସୁରକ୍ଷା ନିୟମ ବିଷୟରେ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପ୍ରଦାୟକୁ ସଚେତନ କରିବା ଏହି ଅଭ୍ୟାସର ଲକ୍ଷ୍ୟ ଥିଲା।

ଅଧିକାରୀମାନେ ବାଲିପନ୍ତଲ ଗ୍ରାମ, କାଳିଆ କାନ ମାଛ ଅବତରଣ କେନ୍ଦ୍ର ଏବଂ ନୂଆଗଡ଼ ମାଛଧରା ବନ୍ଦର ପରିଦର୍ଶନ କରି ସଚେତନତା ଅଭିଯାନ ଚଳାଇଥିଲେ ଏବଂ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହିତ ଆଲୋଚନା କରିଥିଲେ। ମତ୍ସ୍ୟ ବିଭାଗ ଏବଂ ସାମୁଦ୍ରିକ ପୋଲିସର ଦଳ ସନ୍ଦେହଜନକ କାର୍ଯ୍ୟକଳାପ ଚିହ୍ନଟ କରିବା, ୯ଟି ବାୟୋମେଟ୍ରିକ ପରିଚୟପତ୍ର ବହନ କରିବାର ଗୁରୁତ୍ୱ ଏବଂ ମାଛଧରା ଅଞ୍ଚଳ ପ୍ରତିବନ୍ଧକକୁ କଡ଼ାକଡ଼ି ପାଳନ କରିବା ବିଷୟରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ସଚେତନତା ଅଧିବେଶନ ସଫଳତାର ସହ ଜାରି ରହିଥିଲା। ମତ୍ସ୍ୟଜୀବୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରସ୍ତୁତି ଏବଂ କାର୍ଯ୍ୟକ୍ଷମ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ ନୂଆଗଡ଼ ମାଛ ଧରିବା ବନ୍ଦର ଏବଂ ଏହାର ସାମୁଦ୍ରିକ ପୋଲିସ ବିଭାଗର କର୍ମଚାରୀ ମଧ୍ୟ ନିୟୋଜିତ ହୋଇଥିଲେ।

# ଅନ୍‌ଲାଇନ ମାଧ୍ୟମରେ ହେବ ନାମ ପଞ୍ଜୀକରଣ

ପୁରୀ,୩।୯(ଅଜିତ୍ କୁମାର ମହାନ୍ତି)



ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଚଳିତ ବର୍ଷର ହବିଷ ବ୍ରତ ଅକ୍ଟୋବର ୭ରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ। ଏହାକୁ ସୁଚାରୁରୂପେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ପୁରୀ ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପବିତ୍ର କାର୍ତ୍ତିକ ବ୍ରତରେ ହବିଷିଆଳି ମା'ମାନେ ଏକମାସ ଧରି ଶ୍ରୀକ୍ଷେତ୍ରରେ ରହିବାକୁ ଆସୁଥିବାରୁ ସେମାନଙ୍କ ସମସ୍ତ ସୁବିଧା ପାଇଁ ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦେଇଥିଲେ। ମା'ମାନଙ୍କ ସୁରକ୍ଷିତ ରହଣି, ସ୍ନାନ, ଶୌଚ ବ୍ୟବସ୍ଥା, ଦର୍ଶନ ଓ ମହାପ୍ରସାଦ ସେବନ ବ୍ୟବସ୍ଥା, ଦର୍ଶନ ଯାତାୟାତ ପାଇଁ ଗାଡ଼ି ବ୍ୟବସ୍ଥା, ଚିକିତ୍ସା ସୁବିଧା ଇତ୍ୟାଦି ସମସ୍ତ ବିଷୟକୁ ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ବିଗତ ବର୍ଷ ଭଳି ଚଳିତବର୍ଷ ମଧ୍ୟ ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ କରାଯିବ। ଏଥିପାଇଁ ବିଭିନ୍ନ ଗଣମାଧ୍ୟମରେ ସୂଚନା ଦିଆଯିବ। ହବିଷିଆଳିମାନଙ୍କର ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ସୁଚାରୁରୂପେ ନିର୍ବାହ ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ।

ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ ସମସ୍ତଙ୍କୁ ସ୍ୱାଗତ କରି କହିଥିଲେ, ବିଗତବର୍ଷ ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର, ବଗଲା ଧର୍ମଶାଳା, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣମଣ୍ଡପରେ ହବିଷିଆଳିଙ୍କ ରହଣି ବ୍ୟବସ୍ଥା ହୋଇଥିଲା। ଏଥର ମଧ୍ୟ ଏହାକୁ ସମ୍ମିଳିତ ଭାବେ ସଫଳ କରାଯିବ। ହବିଷିଆଳିଙ୍କ ସୁରକ୍ଷିତ ରହଣି, ପ୍ରବଚନ, ଭଜନ ଓ ପାଲା ବ୍ୟବସ୍ଥା, ଚିକିତ୍ସା, ପରିମଳ, ପାନୀୟଜଳ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ସୁବିଧା କରାଯିବ। ଏଥିପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

**ଅକ୍ଟୋବର ୭ରୁ ହବିଷ ବ୍ରତ**

ଏହାକୁ ସୁନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ ଏବଂ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମା'ମାନଙ୍କୁ ଶୃଙ୍ଖଳିତ ଭାବେ ଠାକୁର ଦର୍ଶନ କରାଇବା ସହ ସୁରକ୍ଷା ଯୋଗାଇବାକୁ ଆରକ୍ଷୀ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ। ଏଥିଲାଗି ସମସ୍ତ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀଙ୍କୁ ଦାୟିତ୍ୱ ଓ ପ୍ରଶିକ୍ଷଣ ଦିଆଯିବ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଅତିରିକ୍ତ ଏସ୍‌ପି ସଚିନ ପାଟିଲ, ଶ୍ରୀମନ୍ଦିର ଉପପ୍ରଶାସକ ରଞ୍ଜନ ବେହେରା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଦ୍ୱିବେଦୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଚିନ୍ମୟ



@ ଓମ୍‌ପ୍ରସାଦ



@ ସୁଶିମ ସି



@ ସଂଘମିତ୍ରା



@ ରଶ୍ମିତା



@ ସୌମ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ମାନସିକ ରୋଗୀ ଚିହ୍ନଟ, ନିଃଶୁଳ୍କ ଚିକିତ୍ସା ଶିବିର

ଟାଙ୍ଗୀ,୩।୯(ରଘୁନାଥ ସାହୁ): ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମାନସିକ ରୋଗୀ ଚିହ୍ନଟ ଓ ନିଃଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ମାନସିକ ରୋଗୀ ବିଶେଷଜ୍ଞ ଡାକ୍ତର ଆଲୋକ ଜ୍ୟୋତି ସାହୁଙ୍କ ନେତୃତ୍ୱରେ ୬ ଜଣିଆ ଡାକ୍ତରୀ ଦଳ ଶିବିରରେ ଉପସ୍ଥିତ ରହି ରତନପୁର, କୁହୁଡ଼ି, କୁଞ୍ଜୁରୀ ସମେତ ଆଖିପାଖ ଅଞ୍ଚଳର ଶତାଧିକ ମାନସିକ ରୋଗୀଙ୍କୁ ଚିକିତ୍ସା କରିବା ସହ ପରାମର୍ଶ ଓ ନିଃଶୁଳ୍କ ଔଷଧ ବିତରଣ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ସସ୍ମିତ ମହାପାତ୍ର, ଶ୍ରୀଦାତା ମହାନ୍ତି,ଅଜିତ ବିକ୍ରମ ପ୍ରଧାନ, ରଶ୍ମିତା ହୋତା, ମଧୁସ୍ମିତା ପରିଡା, ଜିଲା ମାନସିକ ସ୍ୱାସ୍ଥ୍ୟ ବିଭାଗର ସହକର୍ମୀଙ୍କ ସମେତ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରର ରେକର୍ଡ ଆସିଷ୍ଟାଣ୍ଟ ପବିତ୍ର ବେହେରା ଉପସ୍ଥିତ ଥିଲେ। କୁହୁଡି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଚୁନି ମହାରଣା, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରଭାକର ବରିସଲ, କୁହୁଡି ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ସମସ୍ତ ଏଏନ୍‌ଏମ୍, ଆଶା, ଅଙ୍ଗନୱାଡି କର୍ମୀମାନେ ସହଯୋଗ କରିଥିଲେ।

### ବିଦ୍ୟୁତ୍ ତାର ଟଣାକୁ କେନ୍ଦ୍ରକରି ଗଣ୍ଡଗୋଳ

ବେଗୁନିଆ,୩।୯(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ଥାନା ଅନ୍ତର୍ଗତ ପରିଛିଲ ଗୋପାଳପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବିଲରେ ଥିବା ବୋରିଂ ପଏଣ୍ଟରୁ ତାଙ୍କ ପୋଖରୀ ଏବଂ ଆମ୍ବ ଗଛ ଉପରେ ଅନ୍ୟ କେତେଜଣ ବ୍ୟକ୍ତି ଇଲେଭେନ କେଭି ତାର ଟାଣି ନେବାକୁ ବିରୋଧ କରିବାରୁ ତାଙ୍କୁ ଆକ୍ରମଣ କରିଛନ୍ତି। ସେ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ସୂଚନା ମୁତାବକ, ଗ୍ରାମର ନିରଞ୍ଜନ ମୁଦୁଲି ତାଙ୍କ ବିଲରେ କରିଥିବା ବୋରିଂ ପଏଣ୍ଟରୁ ଅନ୍ୟ କେତେଜଣ ବ୍ୟକ୍ତି ଏକ ନୂତନ ବିଦ୍ୟୁତ୍ ଲାଇନ ସଂଯୋଗ କରି ନେଉଥିବା ବେଳେ ତାଙ୍କ ଆମ୍ବ ଗଛମୂଳରେ ବିଦ୍ୟୁତ୍ ଖୁଣ୍ଟ ପକାଇ ପୋଖରୀ ଉପରେ ବିଦ୍ୟୁତ୍ ତାର ଟାଣି ନେଉଛନ୍ତି। ବିଲରେ ବିଦ୍ୟୁତ୍ ଖୁଣ୍ଟ ପକାଇବାକୁ ନିରଞ୍ଜନ ବିରୋଧ କରୁ ନ ଥିବାବେଳେ ଆମ୍ବ ଗଛ ଏବଂ ପୋଖରୀ ଉପରେ ବିଦ୍ୟୁତ୍ ତାର ଟଣାଯାଇଥିବାରୁ ଏବଂ ଭବିଷ୍ୟତରେ ବିପଦ ଦେଖାଦେବା ଆଶଙ୍କାରେ ବିରୋଧ କରିଥିଲେ। ଫଳରେ କେତେଜଣ ବ୍ୟକ୍ତି ଠେଙ୍ଗା ଏବଂ ମାରଣାସ୍ତ୍ର ଧରି ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ।

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ଯାଞ୍ଚକୁ ରାଜ୍ୟପାଳଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୩।୯(ସୁଚିସ୍ମିତା ସାହୁ)**

**'ଅଗ୍ନି ନିରାପତ୍ତା, ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଓଡ଼ିଶା ଏକ ମଡେଲ'**

ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ସମ୍ମିଳନୀ କକ୍ଷରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ପ୍ରତିଷେଧମୂଳକ ଯାଞ୍ଚ ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱ ଦେଇଛନ୍ତି। ରାଜଭବନରେ ବୁଧବାର ଅଗ୍ନିଶମ ଏବଂ ଜରୁରିକାଳୀନ ସେବା ବିଭାଗ ଦ୍ୱାରା ବିପର୍ଯ୍ୟୟ ପ୍ରସ୍ତୁତି ଓ ମୁକାବିଲା ସମ୍ପର୍କିତ ଉପସ୍ଥାପନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରାଜ୍ୟପାଳଙ୍କୁ ବିଭାଗର ଉପକରଣ, କର୍ମଚାରୀ, ତାଲିମ କାର୍ଯ୍ୟକ୍ରମ ଏବଂ ଭବିଷ୍ୟତ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳ କହିଲେ, ଅଗ୍ନି ନିରାପତ୍ତା ବ୍ୟବସ୍ଥାର ପ୍ରତିଷେଧମୂଳକ ଯାଞ୍ଚ ସମ୍ଭାବ୍ୟ ବିପଦ ଚିହ୍ନଟ କରିବା ଏବଂ ସମୟୋଚିତ ସଂଶୋଧନମୂଳକ ପଦକ୍ଷେପ ନେବାରେ ସହାୟକ ହୋଇଥାଏ। ଏଥିସହ ଆପଦକାଳୀନ ସମୟରେ ସୁରକ୍ଷିତ ସ୍ଥାନାନ୍ତର ପଥ ସୁନିଶ୍ଚିତ କରିବା, ଆଘାତ କିମ୍ବା ଅଘଟଣ ସମ୍ଭାବନା ହ୍ରାସ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ମଧ୍ୟରେ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରାଯାଇଥାଏ ବୋଲି ରାଜ୍ୟପାଳ କହିଥିଲେ। ଉପସ୍ଥିତ ଅଧିକାରୀମାନେ ଅଗ୍ନି ନିରାପତ୍ତା ଓ ବିପର୍ଯ୍ୟୟ ମୁକାବିଲାରେ ବ୍ୟବହୃତ ଅତ୍ୟାଧୁନିକ ରୋବଟିକ୍ ମନିଟର, ଉନ୍ନତ ଉଦ୍ଧାର ଉପକରଣ, କମାଣ୍ଡ ଭେହିକିଲ, ହାଇଡ୍ରୋଲିକ ପ୍ଲାଟ୍‌ଫର୍ମ ଓ ଅନ୍ୟାନ୍ୟ ଉନ୍ନତ ଯନ୍ତ୍ରପାତି ଏବଂ ପୁରୀ ରାମଚଣ୍ଡୀଠାରେ ଥିବା ଦେଶର ପ୍ରଥମ ନ୍ୟାଶନାଲ ୱାଟର ରେସ୍କ୍ୟୁ ଆଣ୍ଡ୍ ୱାଟର ମ୍ୟାନସିପ କେନ୍ଦ୍ର, କେ-୯ ସ୍କ୍ୱାଡ୍ ନିୟୋଜନ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ଅତିରିକ୍ତ ଯନ୍ତ୍ରପାତି କ୍ରୟ ସମ୍ପର୍କିତ ସ୍ଥିତି ଓ ଭବିଷ୍ୟତରେ ବ୍ୟବସ୍ଥାର ଉନ୍ନତି ପାଇଁ ଯୋଜନା ବିଷୟରେ ରାଜ୍ୟପାଳ ପଚାରି ବୁଝିଥିଲେ। ଏଥିସହିତ ବିଭାଗର କାର୍ଯ୍ୟକ୍ରମ ଯଥା ସମ୍ପୂର୍ଣ୍ଣ ଅନ୍‌ଲାଇନ୍ ଫାୟାର ଲାଇସେନ୍ସିଂ ପ୍ରକ୍ରିୟା, ତୃତୀୟ ପକ୍ଷ ଏଜେନ୍ସି ନିୟୋଜନ ଭଳି ପଦକ୍ଷେପ ତଥା ଓଡ଼ିଶାର ସାମଗ୍ରିକ ବିପର୍ଯ୍ୟୟ ପ୍ରସ୍ତୁତି ଭଳି ପଦକ୍ଷେପକୁ ପ୍ରଶଂସା କରି ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଏକ ମଡେଲ ପାଲଟିଛି ବୋଲି କହିଥିଲେ। ଏହାପରେ ସେ କମାଣ୍ଡ ଭେହିକିଲ ଦେଖିବା ସହ ଏହାର ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକ ପର୍ଯ୍ୟବେକ୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ, ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, ଡିଆଇଜି ଫାୟାର ଆଣ୍ଡ୍ ଇମର୍ଜେନ୍ସି ସର୍ଭିସ ଆଣ୍ଡ୍ ହୋମଗାର୍ଡସ ଡ. ଉମାଶଙ୍କର ଦାଶ ଏବଂ ଅନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# କଂଗ୍ରେସର 'ସଙ୍ଗଠନ ସୃଜନ ଅଭିଯାନ'

**ଜଟଣୀ,୩।୯(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀସ୍ଥିତ ମା'ଖଣ୍ଡୁଆଳି ମନ୍ଦିର ପରିସରରେ କଂଗ୍ରେସ ପକ୍ଷରୁ 'ସଙ୍ଗଠନ ସୃଜନ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଜରାଟର ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ବିମଲ ଶାହା, ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ବିଶ୍ୱରଞ୍ଜନ ପଣ୍ଡା, ଦେବାଶିଷ ମହାପାତ୍ର, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ପ୍ରମୁଖ ଯୋଗଦେଇଥିଲେ। ଜଟଣୀ ମ୍ୟୁନିସିପାଲଟି, ବ୍ଲକର ସମସ୍ତ ନେତୃମଣ୍ଡଳୀ, ସରପଞ୍ଚ, ନୋମିନି, କାଉନସିଲରଙ୍କଠାରୁ ଖୋର୍ଦ୍ଧା ଜିଲା ସଭାପତି ଚୟନ ନିମନ୍ତେ ସଙ୍ଗଠନ ସୃଜନ ଅଭିଯାନ ପ୍ରକ୍ରିୟା ଅନୁଯାୟୀ ମତାମତ ଗ୍ରହଣ କରିଥିଲେ। ଖୋର୍ଦ୍ଧା ଜିଲା ସଂଯୋଜକ ଚିନ୍ମୟ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର କୁମାର ରାଉତରାୟ, ନଗର କଂଗ୍ରେସ ସଭାପତି ଅଶୋକ କୁମାର ମଙ୍ଗରାଜ, ଏଆଇସିସି ପୂର୍ବତନ ସଦସ୍ୟ ରାଧାରଞ୍ଜନ ଶତପଥୀ ପ୍ରମୁଖ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ବେଳେ ଜଟଣୀ ନିର୍ବାଚନ ମଣ୍ଡଳୀର ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।



'ସଙ୍ଗଠନ ସୃଜନ ଅଭିଯାନ' କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସର ନେତୃବୃନ୍ଦ।

# ବ୍ୟବସାୟୀ ବନ୍‌ୱରୀ ଲାଲ ଅଗ୍ରୱାଲଙ୍କ ପରଲୋକ

**ଟାଙ୍ଗୀ,୩।୯(ରଘୁନାଥ ସାହୁ)**

ଟାଙ୍ଗୀ ଚାନ୍ଦପୁର ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ତଥା ବଳରାମ ଦେବ ବିଦ୍ୟାପୀଠର ୧୯୫୩ ମସିହା ମାଟ୍ରିକ୍ ବ୍ୟାଚର ଛାତ୍ର ବନ୍‌ୱରୀ ଲାଲ ଅଗ୍ରୱାଲଙ୍କ ରବିବାର ସନ୍ଧ୍ୟାରେ ଟାଙ୍ଗୀସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୧ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଧର୍ମପରାୟଣା ବ୍ୟକ୍ତିଭାବେ ପରିଚିତ ଥିଲେ। ମାରୱାଡ଼ି ସମ୍ପ୍ରଦାୟର ରୀତିନୀତି ଅନୁଯାୟୀ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ବିନୋଦ ମୁଖାଗ୍ନି ଦେଇଥିଲେ।

# ବେଆଇନ ପଥର ଚାଲାଣ, ବଢୁଛି ଅସନ୍ତୋଷ

**ବେଗୁନିଆ,୩।୯(ସନ୍ଧ୍ୟାରାଣୀ ମିଶ୍ର)**

ରଣପୁର ଠାରୁ ଲୋଧାଚୁଆ ଦେଇ ବେଗୁନିଆ ବ୍ଲକର ବୋତଲମା, ଗଡ଼ମାଣତୀର, ପରିଛିଲ ଏବଂ ଡାଲତୋଳା ଦେଇ ପ୍ରତ୍ୟେହ ବେଆଇନଭାବେ ବିଭିନ୍ନ ପ୍ରକାର ପଥର ଚାଲାଣ ହେଉଛି। ଟ୍ରକ୍ କିମ୍ବା ହାଇୱାରେ ସାମର୍ଥ୍ୟ ଠାରୁ ଦ୍ୱିଗୁଣ ମାଲ ପରିବହନ ହେଉଛି। ଭାରିଯାନ ଗୁଡିକ ସମ୍ପୃକ୍ତ ରାସ୍ତାରେ ବେପରୁଆ ଭାବେ ଯାତାୟାତ କରୁଥିବାରୁ ଅନେକ ସମୟରେ



ଦୁର୍ଘଟଣା ଘଟୁଥିବା ନଜିର ରହିଛି। ବ୍ଲକ ପ୍ରଶାସନ କିମ୍ବା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଦିନକୁ ଦିନ ଉକ୍ତ ରାସ୍ତାରେ ଗାଡି ସଂଖ୍ୟା ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଭାରିଯାନ ଯାତାୟାତ ଯୋଗୁ ରାସ୍ତାରେ ଖାଲଖମା ସୃଷ୍ଟି ହେଉଛି। ଫଳରେ ଲୋକମାନେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ବାରବାଟୀଠାରୁ ଗଡ଼ମାଣତୀରସ୍ଥିତ ମା'ରାମଚଣ୍ଡୀଙ୍କ ନିକଟକୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ଭାରିଯାନ ଯାତାୟାତ କରୁଥିବାରୁ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଏନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରେ ରଖି ସମ୍ପୃକ୍ତ ରାସ୍ତାରେ ହାଇୱା ଯାତାୟାତ ଉପରେ ବ୍ଲକ ପ୍ରଶାସନ କଟକଣା ଲାଗୁ କରିବା ପାଇଁ ବୋତଲମା ସରପଞ୍ଚ ପ୍ରମୋଦ କୁମାର ଦଳେଇ, ଗଡ଼ମାଣତୀର ଏବଂ ଅଠାରଙ୍ଗ ବାସିନ୍ଦା ଅରୁଣ ସୁନ୍ଦରାୟ, ସ୍ୱପ୍ନେଶର ରାଉତରାୟ, ସୁକାନ୍ତ ସୁନ୍ଦରାୟ, ଦିଲୀପ ରାଉତରାୟ, ପୂର୍ଣ୍ଣଚନ୍ଦ୍ର ମାନସିଂହ, ଭଗବାନ ବେହେରା, ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ସ୍ଥାନୀୟ ତହସିଲଦାରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ପନିକି ଚୋଟରେ ସମ୍ପର୍କୀୟ ମାମୁଙ୍କ ଆଙ୍ଗୁଠି କଟିଲା

ବାଲିପାଟଣା,୩।୯(ଅଭିମନ୍ୟୁ ନାୟକ): ବାଲିପାଟଣା ଥାନା ଅନ୍ତର୍ଗତ ଅଠାନ୍ତର ଗ୍ରାମରେ ବୁଧବାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକ ପନିକିରେ ତାଙ୍କ ସମ୍ପର୍କୀୟ ମାମୁଙ୍କୁ ଆକ୍ରମଣ କରିଛନ୍ତି। ଫଳରେ ତାଙ୍କ ଡାହାଣ ହାତର ଦୁଇଟି ଆଙ୍ଗୁଠି କଟିଯାଇଛି। ଗୁରୁତର ଶୁଶାନ୍ତ ଭୋଇଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ତାଙ୍କ ବଡ଼ଭାଇ ସୁକାନ୍ତଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୨୨/୨୫) ରୁଜୁ କରିବା ସହ ଆକ୍ରମଣକାରୀଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଅଠାନ୍ତର ଗ୍ରାମର ଶୁଶାନ୍ତ ଗ୍ରାମ ଛକରେ ବସିଥିଲେ। ସତ୍ୟନାରାୟଣ ଭୋଇଙ୍କ ସହିତ ତାଙ୍କର ପୂର୍ବଶତ୍ରୁତା ରହିଥିଲା। ସାମାନ୍ୟ ବଚସାକୁ ନେଇ ସମ୍ପର୍କୀୟ ମାମୁ ଶୁଶାନ୍ତଙ୍କୁ ପନିକିରେ ମରଣାନ୍ତକ ଆକ୍ରମଣ କରିଥିଲା।

# ରାଜେନ୍ଦ୍ର, ପ୍ରଦୀପଙ୍କ ଉପରେ ବର୍ଷିଲେ ଜଗଦ୍ଦେବ



ଖବରଦାତା ସମ୍ମିଳନୀରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ସୂଚନା ଦେଉଛନ୍ତି।

**ଟାଙ୍ଗୀକୁ ଏନ୍‌ଏସି ମାନ୍ୟତା, ବେଗୁନିଆ-ବୋଲଗଡ଼ ବାଦ୍ ପଡିବା ପ୍ରସଙ୍ଗ**

**ଖୋର୍ଦ୍ଧା,୩।୯(ପ୍ରଭାତ ପାଣିଗ୍ରାହୀ):** ଟାଙ୍ଗୀକୁ ଏନ୍‌ଏସି ମାନ୍ୟତା ମିଳିବା ପରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତେବେ ଟାଙ୍ଗୀକୁ ଏନ୍‌ଏସି ମାନ୍ୟତା ମିଳିବା ଏବଂ ବେଗୁନିଆ-ବୋଲଗଡ଼ ବାଦ୍ ପଡ଼ିବା ପ୍ରସଙ୍ଗରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ଏବଂ ବେଗୁନିଆ ବିଧାୟକ ପ୍ରଦୀପ ସାହୁଙ୍କ ଉପରେ ବର୍ଷିଛନ୍ତି ଜଗେଦ୍ଦବ। ଶସ୍ତା ରାଜନୀତି କରି ସେମାନେ ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ବୁଧବାର ଖୋର୍ଦ୍ଧାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜଗଦ୍ଦେବ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ପୂର୍ବ ସରକାର ସମୟରେ ରାଜନୈତିକ ଉଦ୍ଦେଶ୍ୟ ରଖି ନିର୍ବାଚନ ପୂର୍ବରୁ ବହୁ ଏନ୍‌ଏସି ଘୋଷଣା କରାଯାଇଥିଲା। ଯାହା କେବଳ ମୌଖିକ ଥିଲା। ଭାଜପା ସରକାର ଆସିବା ପରେ ୨ ନଭେମ୍ବର ୨୦୨୪ରୁ ଏନ୍‌ଏସି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା, ଯାହାକି ଏବେ ସଫଳ ହୋଇଛି। ଦୁଇ ଦିନ ପୂର୍ବେ ଟାଙ୍ଗୀକୁ ଏନ୍‌ଏସି ଘୋଷଣା ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତ ଶ୍ରେୟ ରାଜେନ୍ଦ୍ର ଦେଇଥିଲେ। ଏହାର ପ୍ରତିଉତ୍ତରରେ ବିଧାୟକ ଜଗଦ୍ଦେବ ସମସ୍ତ ତଥ୍ୟ ପ୍ରଦାନ କରିଛନ୍ତି। ଯଦି ସେମାନଙ୍କ ପାଖରେ ତଥ୍ୟ ଅଛି, ଜନସାଧାରଣଙ୍କ ଆଗରେ ରଖିବାକୁ ଆହ୍ୱାନ କରିଛନ୍ତି। ବେଗୁନିଆ-ବୋଲଗଡ଼ ପାଇଁ ମଧ୍ୟ ପ୍ରକ୍ରିୟା ଜାରି ରହିଥିବା ଜଗଦ୍ଦେବ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏ ସମ୍ପର୍କରେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ କହିଛନ୍ତି ଯେ, ବେଗୁନିଆ ଓ ବୋଲଗଡ଼ ଏନ୍‌ଏସି ପାଇଁ ସମସ୍ତ ମାନଦଣ୍ଡ ସତ୍ତ୍ୱେ ରାଜନୈତିକ ଅଭିସନ୍ଧି ରଖି ବାଦ୍ ଦିଆଯାଇଛି। ବହୁ ପୂର୍ବରୁ ଏଥିଲାଗି ଦାବି ହୋଇ ଆସୁଥିଲା। ପୃଥକ ଭାବେ ବେଗୁନିଆ ଓ ବୋଲଗଡ଼ ବାସିନ୍ଦାଙ୍କ ଦାବି ସତ୍ତ୍ୱେ ସରକାର ଜନତାଙ୍କୁ ଉପେକ୍ଷା କରିଛନ୍ତି। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ନିକଟରେ ସମସ୍ତ ତଥ୍ୟ ପ୍ରମାଣ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ତେବେ ଏ ନେଇ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁଙ୍କ ପ୍ରତିକ୍ରିୟା ମଳିପାରି ନାହିଁ।


## JEYPORE MUNICIPALITY, JEYPORE

Phone No.06854231098, Fax No.06854230104
email:ulbjeypore@gmail.com & jayporem.hud@nic.in
Letter No.3845/JM Date:03.09.25

### QUOTATION CALL NOTICE

**No.C-1000:** Sealed quotations on the letter pad of the bidders are hereby invited from individuals, manufacturers or contractors for the execution of the work titled.

**"Improvement of Square by Construction of Dandi Yatra Statue of FRP Make, having 11 Nos. Life-Size Statues (4-6 ft Height Each) Including Pedestrian Unit (Civil & Electrical) with All Fitting, Fixing and Finishing Works- Complete at Jeypore Municipality."**

| | |
|---|---|
| No. of Works | 01 |
| Estimated Cost and Work details | As per QCN |
| Date & Time of Bidding | From 04.09.2025 at 11.00 Hours to 12.09.2025 Upto 11.00 Hours |
| Offline Documents Received through Speed Post | 04.09.2025 at 11.00 Hours to 12.09.2025 Upto 11.00 Hours (Working Days only) |
| Offline Documents shall be opened in the presence of the Participating Bidders | 12.09.2025 at 16.00 Hours onwards |
| Paper Cost (INR) | Rs.600/- |
| EMD (INR) | Rs.10000/- |

Sd./- Executive Officer
Jeypore Municipality
OIPR-13079/11/0062/2526

## ODISHA HYDRO POWER CORPORATION LTD.

OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006, PHONE:06854-242001, FAX-06854-242038
E-mail: sgmel_ukhep@ohpcltd.com, CIN: U40101OR1995SGC003963

### E-Tender NOTICE No.-09/2025-26, Dated 01.09.2025

**No.CAD-1668:** The Unit Head, Upper Kolab Hydro Electric Project, Bariniput, Koraput, Odisha invites **percentage rate bid in double cover system** in **ONLINE MODE** only from eligible contractors for the works as mentioned below.

| Sl. No. | Name of the Work | Approx. Estimated Cost (in Rs.) | E.M.D. (in Rs.) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | Renovation of Main Water Supply Pipe Line at Power House Colony & from Turbine Floor to Water Treatment Plant, UKHEP, Bariniput | 33,98,441.54/- | 33,984/- | 7,080/- (Rs.6000 + 18% GST) | "B or C" Class | From 10.00 AM of Dt.07.09.2025 to 13.00 Hrs of Dt.18.09.2025 | At 12.30 Hrs. of 19.09.2025 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC). 2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.

OIPR-04002/11/0121/2526
Sd./- Unit Head, UKHEP, Bariniput

## GOVERNMENT OF ODISHA No. A-572
## DEPARTMENT OF WATER RESOURCES
OFFICE OF THE ENGINEER-IN-CHIEF, WATER RESOURCES
SECHA SADAN, BHUBANESWAR
Email Address: cemech.eicwr.od@gmail.com

### e-Procurement Notice - Bid Identification No. - CEM/MDC-16/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of Executors : SSI Units registered under DIC/ NSIC/MSME for Irrigation Shutters/ Hydro Mechanical Gates
4. Bid Identification No. : CEM/MDC - 16/2025-26
5. Estimated Cost : Rs.94,77,043.00
6. Period of Completion : 03 (Three) Calendar Months
7. Date & time of availability of bid documents in the portal : From Dt.06.09.2025 (10.00 A.M.) to Dt.18.09.2025 (5.30 P.M.)
8. Last date/time for receipt of bid in the portal : Dt.18.09.2025 (upto 5.30 P.M.)
9. Date and place of opening of Technical Bid : Dt.19.09.2025 (12.00 Noon onwards in the O/o. the undersigned)
10. Date and place of opening of Financial Bid : To be intimated to the qualified bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/o. the E.I.C., Water Resources, Odisha, Bhubaneswar

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/ cancellation notice shall be uploaded in the aforesaid website only.

Sd./- Chief Engineer, Mechanical
**No.i-295:**The Block Development Officer, Kalimela invites Percentage Rate bids in Single cover System for the civil work as detailed in the following table from eligible class of contractors as mentioned under column-8(eight) registered with the State Governments and Contractors of equivalent Grades/Class Registered with Central Government/MES Railways. The proof of registration from the appropriate authority shall be enclosed along with the Bid. If successful, the bidder who has not registered under State Government has to register under the State PWD in appropriate class of eligibility before signing of the agreement for the following works eventually to be drawn up in the P.W.D, P-2 forms in conformity with the Detailed Tender Call Notice.

| Sl. No. | Name of the G.P. | Name of the Work | Amount put to Tender (in Rs.) | Cost of Tender Paper (in Rs.) | E.M.D. (in Rs.) (1%) | Work Completion Period | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Chintalwada | Construction of Office Building with market complex for G.P. Level Federation at Chintalwada G.P. | 24,25,549.94 | 6,000/- | 24,255/- | 6 (Six) Months | "C & B" |
| 2 | Venkatapallam | Construction of Office Building with market complex for G.P. Level Federation at Venkatapallam G.P. | 24,25,549.94 | 6,000/- | 24,255/- | 6 (Six) Months | "C & B" |
| 3 | Maharajpally | Construction of Office Building with market complex for G.P. Level Federation at Maharajpally G.P. | 24,25,549.94 | 6,000/- | 24,255/- | 6 (Six) Months | "C & B" |

**Sale of tender paper:** The tender documents can be seen form the Govt. website malkangiri.odisha.gov.in. only from 03.09.2025 to 22.09.2025 (upto 05.00 PM) No Tender paper will be sold by the Block Office, Kalimela or any other offices. Interested bidders will download the bid documents from the same website only i.e. malkangiri.odisha.gov.in. **Place and date of receipt of tender Paper:** Panchayat Samiti, Kalimela, 03.09.2025 to 22.09.2025 (upto 05.00 PM) through Registered/ Speed Post only i.e. Indian Postal Services (office hour from 10.00 AM to 5.00 PM, Except Sunday and public holidays). **Place and date of opening of tender paper:** Panchayat Samiti, Kalimela on dt.23.09.2025 at 11.00 AM. **Mode of receipt of tender paper:** Registered/Speed Post only (India Post). **Name of the Scheme:** Mission Shakti Grant for the year 2023-24.
**The authority reserves the right to reject any or all of the tenders without assigning any reason thereof. The detailed information/corrigendum on Tender Call Notice can be available in the District website malkangiri.odisha.gov.in only.**
**N.B.: All should go through the terms and conditions of Tender Call Notice and Detail Tender Call Notice before submission of Tender Papers.**

OIPR-19252/11/0007/2526 Sd./- Block Development Officer, Kalimela

**ODISHA JOINT ENTRANCE EXAMINATION 2025 (OJEE 2025)**
PUBLIC NOTICE REGARDING
OJEE WEB COUNSELLING FOR BAMS/BHMS 2025-26

No.475/OJEE Date:03.09.2025

**NOTICE**

**No.h-08:**This is for the information of all concerned that OJEE Web-Based Counselling Process for **BAMS/ BHMS** Programs under State Quota seats of all Govt colleges and All State Quota and All India Quota seats in Private colleges is going to start from **5th September, 2025** through web-based counselling.

Interested candidates having NEET UG-2025 qualified Ranks are advised to visit OJEE websites (www.ojee.nic.in/ www.odishajee.com) and see the detailed **Counselling Schedule.**

They are further advised to carefully go through the **"Information and Instruction"** and other related documents available in the website to get detailed information about the entire counselling process, eligibility criteria etc.

Sd/- Chairman
OJEE, ODISHA
OIPR-14020/11/0009/2526

**ସଂଗଠନ ସୃଜନ ବୈଠକ**

**ସାକ୍ଷୀଗୋପାଳ,(ଭରତ ରାଉତ):** ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ଅଖିଳ ଭାରତୀୟ କଂଗ୍ରେସ କମିଟି ଦ୍ୱାରା ସଂଗଠନ ସୃଜନ କାର୍ଯ୍ୟକ୍ରମ ଏକ କଲ୍ୟାଣ ମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏଆଇସିସି ପର୍ଯ୍ୟବେକ୍ଷକ ଜି ସି ଚନ୍ଦ୍ରଶେଖର, କୁସୁମ ଟୁଡୁ, ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ, ବରିଷ୍ଠ ନେତା ଜଗନ୍ନାଥ ପଟ୍ଟନାୟକ, ଜିଲା ସଂଯୋଜକ ରାଜେଶ ମିଶ୍ର, ସତ୍ୟବାଦୀ ବ୍ଲକ ସଭାପତି ସୁବାସ ମହାପାତ୍ର, ଯୁବ କଂଗ୍ରେସ ସଭାପତି ଲିପ୍ତି ରଞ୍ଜନ ପ୍ରଧାନ, ଛାତ୍ର କଂଗ୍ରେସ ସଭାପତି ଆଦର୍ଶ ମିଶ୍ର ପ୍ରମୁଖଙ୍କ ସହିତ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।

# ଗଣେଶ ଭସାଣିରେ ଦୁଲୁକିଲା ପିପିଲି ବଜାର

ପିପିଲି,୩।୯(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାପ୍ରସାଦ ମିଶ୍ର)



ପିପିଲି ସମୂହ ଗଣେଶ ଭସାଣି ଉତ୍ସବରେ ଦୁଲୁକିଲା ଚାନ୍ଦୁଆନଗରୀ ପିପିଲି। ତତ୍କାଳୀନ ପିପିଲି ଥାନାଧିକାରୀ ଶରତ କୁମାର ସାହୁଙ୍କ ଉଦ୍ୟମରେ ୨୦୧୮ ମସିହାରୁ ପରମ୍ପରା ଅନୁଯାୟୀ, ଏହି ସମୂହ ଭସାଣି ଉତ୍ସବ ପାଳନ ହେଉଥିବା ବେଳେ ଏହାକୁ ଦେଖିବାକୁ ପିପିଲିରେ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥିଲା। ଏହି ଭସାଣି ଯାତ୍ରାରେ ପ୍ରାୟ ୧୪ଟି ପୂଜା ମଣ୍ଡପ ସାମିଲ ହୋଇଥିବା ବେଳେ ପ୍ରତ୍ୟେକ କ୍ଲବ ପକ୍ଷରୁ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ କଳାକୃତିର ଆୟୋଜନ କରାଯାଇଥିଲା। ଚାନ୍ଦୁଆନଗରୀ ପିପିଲି ବଜାରରେ ଏହି ବିରାଟ ଭସାଣି ଯାତ୍ରା ପରିକ୍ରମା କରିଥିବାବେଳେ ଘୋଡ଼ା ନୃତ୍ୟ, ସମରକଳା, ଘଣ୍ଟମାର୍ଦ୍ଦଳ, କେଳା ନୃତ୍ୟ, ବୀରବାଦ୍ୟ ସାଙ୍ଗକୁ ନାଗା ନୃତ୍ୟ, ଘଣ୍ଟଘଣ୍ଟା ଢୋଲ ବାଦ୍ୟରେ ପିପିଲି ବଜାର ପ୍ରକମ୍ପିତ ହୋଇଥିଲା। ସୁସଜିତ ଅତ୍ୟାଧୁନିକ ମେଢ଼ ସାଙ୍ଗକୁ ହଜାର ହଜାର ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଏହି ଭସାଣି ଉତ୍ସବକୁ ଉପଭୋଗ କରିଥିଲେ। ଚଳିତ ବର୍ଷ ଡିଜେ ସାଉଣ୍ଡ ଉଚ୍ଚ ଶବ୍ଦ ଓ ବାଣକୁ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ବ୍ୟାନ କରିଥିଲା। ଭସାଣି ଉତ୍ସବରେ ପିପିଲିର ୧୪ଟି ମେଢ଼ ସାମିଲ ହୋଇଥିବା ବେଳେ ପ୍ରତ୍ୟେକ କ୍ଲବ ମେଢ଼ର ଭସାଣି ଯାତ୍ରା ପ୍ରତିଯୋଗିତାମୂଳକ ନିଜର କଳାକୃତି ପ୍ରଦର୍ଶିତ କରିଥିଲେ। ଶ୍ରେଷ୍ଠ ବିଜେତା ମେଢ଼ର ଚୟନ ପାଇଁ ପିପିଲି ବ୍ୟବସାୟୀ ସଂଘ ଓ ସିଦ୍ଧେଶ୍ୱର ବ୍ୟବସାୟୀ ସଂଘ ପକ୍ଷରୁ ବିଚାରକ କମିଟି ଗଠନ କରାଯାଇଥିଲା। ବିଚାରକମଣ୍ଡଳୀ ଗୋଟିଏ ପରେ ଗୋଟିଏ ମେଢ଼ର କଳାକୃତି ଦେଖି ବିଜେତା ଚୟନ କରିଥିଲେ। ଏହି ଭସାଣି ଉତ୍ସବର ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପିପିଲି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପ୍ରାୟ ଏକ ପ୍ଲାଟୁନ ଫୋର୍ସ ସହ ୧୦ଜଣ ଅଫିସର ସାମିଲ ହୋଇଥିଲେ। ସମସ୍ତ ମେଢ଼ର ଶୋଭାଯାତ୍ରା ପିପିଲି ପେଟ୍ରୋଲ୍ ପମ୍ପରୁ ବାହାରି ବଜାର ପରିକ୍ରମା କରି କଲେଜ ଛକ ନିକଟରେ ଥିବା ଡେଲାଙ୍ଗ ମାଇନର କେନାଲରେ ମୂର୍ତ୍ତି ବିସର୍ଜନ କରାଯାଇଥିଲା।

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ଘୋଷଣା

ନିମାପଡ଼ା,୩।୯ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ମିଟେଇପୁର ପଞ୍ଚାୟତର ଛିଟିକଣା ଗ୍ରାମର ପ୍ରଶାନ୍ତ ସ୍ୱାଇଁ (୩୫) ନାମକ ଜଣେ ଯୁବକଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ବୁଧବାର ମୃତ୍ୟୁ ଘଟିଛି। ପ୍ରଶାନ୍ତ ଘରେ ବିଦ୍ୟୁତ୍ କାମ କରୁଥିବା ବେଳେ ତା' ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରିବାର ଓ ଗ୍ରାମର ଲୋକମାନେ ଆହତ ପ୍ରଶାନ୍ତଙ୍କୁ ଉଦ୍ଧାରକରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ମୃତ୍ୟୁ ଘଟଣା ପ୍ରଚାରିତ ହେବା ପରେ ମେଡିକାଲ୍‌ରେ ଓ ତାଙ୍କ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ମେଡିକାଲ୍‌ରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲ୍‌କୁ ପଠାଇଛନ୍ତି। ଏ ସମ୍ପର୍କରେ ମୃତ ପ୍ରଶାନ୍ତଙ୍କ ଭାଇ ରଶ୍ମିରଞ୍ଜନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ କେସ୍ ନଂ ୨୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଘଟଣା ଜାଣିବା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଭୀର ଦୁଃଖ ପ୍ରକାଶ କରିଥିବା ବେଳେ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ତହସିଲ୍‌ଦାର ମନୋଜ ପ୍ରଧାନ ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିବା କହିଛନ୍ତି। ବରିଷ୍ଠ ଭାଜପା ନେତା ଶ୍ୟାମ ସୁନ୍ଦର ନାୟକ ହସ୍ପିଟାଲ୍‌ରେ ପହଞ୍ଚି ଏହି ଦୁଃଖଦ ଘଟଣା ପାଇଁ ଗଭୀର ଦୁଃଖ ପ୍ରକାଶ କରିଥିବା ବେଳେ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଅନ୍ୟପକ୍ଷରେ ଭାଜପାର ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ବରିଷ୍ଠ ଯୁବନେତା ଜୀବନାନନ୍ଦ ମହାପାତ୍ର, ଅଶୋକ ସାହୁ ପ୍ରମୁଖ ମୃତକଙ୍କ ବାସଭବନରେ ପହଞ୍ଚି ଗଭୀର ଦୁଃଖ ପ୍ରକାଶ କରିଥିବା ବେଳେ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।



ପୁରୀ କୁଣ୍ଡେଇବେଣ୍ଟ ସାହିରେ ବୁଧବାର ମହିଳାମାନେ ବୁଧେଇ ଓଷା ପାଳନ ଅବସରରେ ପୂଜାର୍ଚ୍ଚନା କରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ମହାପ୍ରସାଦ ରନ୍ଧନ ପାଇଁ କାଠ ଅଭାବ

ପୁରୀ,୩।୯(ଅଜିତ୍ କୁମାର ମହାନ୍ତି)

**ପଦକ୍ଷେପ ନେବାକୁ ସୁଆର ମହାସୁଆର ନିଯୋଗ ପକ୍ଷରୁ ଦାବିପତ୍ର**

ମହାପ୍ରଭୁଙ୍କ ମହାପ୍ରସାଦ ରନ୍ଧନ ପାଇଁ ଜାଳେଣି କାଠ, ସକାଳଧୂପରେ ମାତ୍ରାଧିକ ପରିମାଣର ଭୋଗତୋଳା ଓ କ୍ଷତିପୂରଣ ପ୍ରସଙ୍ଗ ନେଇ ସୁଆର ମହାସୁଆର ନିଯୋଗ ଏବଂ ଅନ୍ନଦାତା ଭୋଗ କମିଟି ପକ୍ଷରୁ ବୁଧବାର ଶ୍ରୀମନ୍ଦିର ପରିଚାଳନା କମିଟିର ସଭାପତି ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ଏହି ପତ୍ରରେ ଉଲ୍ଲେଖ ରହିଛି ଯେ, ସମସ୍ୟା ସମ୍ପର୍କରେ ପୂର୍ବରୁ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନକୁ ବାରମ୍ବାର ଅଭିଯୋଗ ଜଣାଇବା ସତ୍ତ୍ୱେ ପଦକ୍ଷେପ ନିଆଯାଇନାହିଁ। ସକାଳ ଧୂପରେ ୬୯ ହାଣ୍ଡିକୁ ୧୦୦ କୁଡ଼ିଆ ଭୋଗ ତୋଳିବାର ଅଧିକାର ଥିଲେ ମଧ୍ୟ ସୁଆର ମହାସୁଆର ନିଯୋଗକୁ ତାହା ମିଳୁନାହିଁ। ପାଳିଆ ଏବଂ ଅନ୍ୟ ସୂପକାରମାନେ କୋଠଭୋଗରେ ପ୍ରସ୍ତୁତ କରି ମାତ୍ରାଧିକ ପରିମାଣର ଭୋଗ ତୋଳିବା ଦ୍ୱାରା ଭୋଗମଣ୍ଡପ ଠିକ ସମୟରେ ସରୁନାହିଁ। ନିଯୋଗକୁ ଏ ବାବଦ କ୍ଷତିପୂରଣ ମିଳୁ ନ ଥିବାରୁ ଆର୍ଥିକ କ୍ଷତି ସହିବାକୁ ପଡୁଛି। ସେହିପରି ପ୍ରତିଦିନ ଶ୍ରୀମନ୍ଦିର ରୋଷକୁ ୨୫୧ କୁଇଣ୍ଟାଲ କାଠ ଯୋଗାଇବାକୁ ଥିବାବେଳେ ମାତ୍ର ୩୫ କୁଇଣ୍ଟାଲ କାଠ ଆସୁଛି। ଅବଶିଷ୍ଟ କାଠ ସ୍ୱର୍ଗଦ୍ୱାରକୁ ଯାଉଛି। ତେଣୁ କାଠ ଅଭାବ ହେଉଛି। ବିଶେଷ ଦିନଗୁଡ଼ିକରେ ୧୦୦ରୁ ୧୫୦ କୁଇଣ୍ଟାଲ କାଠ ବ୍ୟବହାର ହୋଇଥାଏ। ଯଦି ଆସନ୍ତା କାର୍ତ୍ତିକ ହବିଷିଆଳି ବ୍ରତ ସମୟରେ କାଠ ସମସ୍ୟା ଦୂର ନ ହୁଏ, ତେବେ ହବିଷ ବ୍ରତଧାରୀ ଓ ଭକ୍ତଙ୍କ ନିମନ୍ତେ ମହାପ୍ରସାଦ ରାନ୍ଧିବାରେ ସମସ୍ୟା ଦେଖାଦେଇପାରେ। ତେଣୁ ତୁରନ୍ତ ପଦକ୍ଷେପ ନିଆଯିବାକୁ ନିଯୋଗ ସମ୍ପାଦକ ନାରାୟଣ ମହାସୁଆର ଦାବି କରିଛନ୍ତି।

## ପ୍ରେମିକଙ୍କ ସହ ପୁରୀରୁ ଧରାପଡ଼ିଲେ ନିଖୋଜ ମହିଳା

### ମହାନଦୀରେ ଭାସିଯାଇଥିବା ଷଡ଼ଯନ୍ତ୍ର ରଚିଥିଲେ

ପୁରୀ,୩।୯(ଅଜିତ୍ କୁମାର ମହାନ୍ତି)

ମହାନଦୀରେ ବୁଡ଼ିଯାଇ ମହିଳାଙ୍କ ନିଖୋଜ ଘଟଣାରେ ନୂଆମୋଡ଼ ଦେଖିବାକୁ ମିଳିଛି। ବୁଧବାର ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ପ୍ରେମିକ ସହ ପୁରୀରୁ ପୋଲିସ ଉଦ୍ଧାର କରିଛି। ପରିବାର ଓ ଗାଁ ଲୋକଙ୍କ ଆଖିରେ ଧୂଳିଦେଇ ମହିଳା ଜଣକ ପ୍ରେମିକ ସଙ୍ଗେ ଫେରାର ହୋଇ ପୁରୀରେ ଆସି ରହୁଥିଲେ। ପ୍ରେମୀଯୁଗଳଙ୍କୁ ପୁରୀ ପୋଲିସ ଧରିବା ପରେ ଅଟକ ରଖି ପଚରାଉଚରା କରୁଛି। କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ରତାଗଡ଼ ଗୋବିନ୍ଦପୁର ପଞ୍ଚାୟତର ସମ୍ପୃକ୍ତ ମହିଳା ଗତ ରବିବାର ଖୁଦୁରୁକୁଣୀ ଓଷା ପୂଜା ସାରି ମହାନଦୀରେ ଗାଧୋଇବା ସମୟରେ ଗୋଡ଼ ଖସି ସ୍ରୋତ ପାଣିରେ ଭାସିଯାଇଥିଲେ ବୋଲି ଚର୍ଚ୍ଚା ହୋଇଥିଲା। ଏହା ପ୍ରଘଟ ହେବା ପରେ ଅଗ୍ନିଶମ ବାହିନୀର ସ୍ୱତନ୍ତ୍ର ଟିମ୍ ପ୍ରଥମେ ଖୋଜାଖୋଜି ଆରମ୍ଭ କରିଥିଲେ। ପରେ ସ୍ଥାନୀୟ ସରପଞ୍ଚ ଓଡ୍ରାଫ ଟିମ୍ ସହାୟତା ଲୋଡ଼ିଥିଲେ। ୨ଦିନ ଧରି ମହାନଦୀରେ ସ୍ୱତନ୍ତ୍ର ବୋଟ ଦ୍ୱାରା ଓଡ୍ରାଫ ଟିମ ପକ୍ଷରୁ ଖୋଜଖୋଜି କରାଯାଇଥିଲା। କିନ୍ତୁ ନିଖୋଜ ମହିଳାଙ୍କ ପତ୍ତା ମିଳି ନ ଥିଲା। ତେବେ ମହିଳା ତାଙ୍କର ପ୍ରେମିକଙ୍କ ସହ ପଳାଇଯାଇଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ପରେ ପୁରୀ ପୋଲିସ ସହାୟତାରେ ଉଭୟ ପ୍ରେମୀଯୁଗଳଙ୍କୁ ପୁରୀରୁ ଧରାଯାଇ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି।

## ସାର ସଙ୍କଟ, କଳାବଜାର ବନ୍ଦ ହେଉ: କଂଗ୍ରେସ

କୋଣାର୍କ,୩।୯ (ଜ୍ୟୋତିରାଜ ମହାନ୍ତି)

ଅଖିଳ ଭାରତ କିଷାନ କଂଗ୍ରେସ ପକ୍ଷରୁ ପୁରୀ ଜିଲାର ୧୧ଟି ବ୍ଲକରେ ଦେଖାଦେଇଥିବା ସାର ସଙ୍କଟ ଓ ଏହାର ବ୍ୟାପକ କଳାବଜାର ରୋକିବା ପାଇଁ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ କୋଣାର୍କସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଧାନ ଉତ୍ପାଦନ ବୃଦ୍ଧି ପାଇଁ ଖାଦ୍ୟସାର ହେଉଛି ପ୍ରମୁଖ ଉପାଦାନ। ଜିଲାରେ ମୌସୁମୀ ବର୍ଷା ସକ୍ରିୟ ଥିବାବେଳେ ରୁଆ ବେଉଷଣ କାର୍ଯ୍ୟ ଆଗେଇ ଚାଲିଛି। ଭାଜପା ନେତୃତ୍ୱାଧୀନ ରାଜ୍ୟ ସରକାର କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବାର ଡିଣ୍ଡିମ ପିଟୁଥିବା ବେଳେ ଜିଲାରେ ସାର ସଙ୍କଟ ଦେଖାଦେଇଛି।

ଆସନ୍ତା ୧୫ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କୃଷକଙ୍କୁ ୟୁରିଆ ସାର ଯୋଗାଣ କରା ନ ଗଲେ ଧାନ ଉତ୍ପାଦନ ବାଧାପ୍ରାପ୍ତ ହେବ, ଏଥିରେ ସନ୍ଦେହ ନାହିଁ। ବଜାରରେ ୟୁରିଆ ସାର ୪୫ କେଜି ପ୍ୟାକେଟ ପିଛା ନିର୍ଦ୍ଧାରିତ ମୂଲ୍ୟ ୨୬୭ ଟଙ୍କା ରହିଛି। ଏହି ସାର ଖୋଲା ବଜାରରେ ୬୦୦ରୁ ୭୦୦ ଟଙ୍କାରେ ବିକ୍ରି କରାଯାଉଥିବା ବେଳେ କଳାବଜାର ରୋକିବାରେ ସରକାର ଫେଲ୍ ମାରିଛନ୍ତି। ଜିଲାର ପ୍ରତି ବ୍ଲକରେ ସାର ସଙ୍କଟକୁ ନେଇ କୃଷକ ଆନ୍ଦୋଳନ ମୁଣ୍ଡ ଟେକିବାରେ ଲାଗିଛି। ଜିଲାରେ ୧୦ ହଜାର ଟନ୍ ସାର ଆବଶ୍ୟକ ଥିବାବେଳେ ୪ହଜାର ଟନ୍ ସାର ସରକାର ଯୋଗାଇଛନ୍ତି। ସାର ସଙ୍କଟ ନେଇ ପ୍ରଶାସନ ହାତ ଟେକି ଦେଇଛନ୍ତି। ରାଜ୍ୟ ସରକାରଙ୍କ ଇଙ୍ଗିତରେ ଜିଲା ପ୍ରଶାସନ ନିଜର ଦୁର୍ବଳତା ଲୁଚାଇବାକୁ ଯାଇ ସାର ମହଜୁଦ ଅଛି ଓ କଳାବଜାର ହେଉନାହିଁ ବୋଲି କହୁଥିଲା ବେଳେ ବାସ୍ତବରେ ପୁରୀ ଜିଲାରେ ସାରର ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ କରା ନ ଗଲେ ଆଗାମୀ ଦିନରେ କଂଗ୍ରେସ କୃଷକ କଲ୍ୟାଣ ନିମନ୍ତେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଅଖିଳ ଭାରତ କିଷାନ କଂଗ୍ରେସର ରାଷ୍ଟ୍ରୀୟ ସଂଯୋଜକ ପଟ୍ଟନାୟକ କହିଛନ୍ତି।

## ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ କେନ୍ଦ୍ରାଞ୍ଚଳ ଡିଆଇଜି

ପୁରୀ,୩।୯(ଅଜିତ୍ କୁମାର ମହାନ୍ତି)



ଦାୟିତ୍ୱ ନେବା ପରେ କେନ୍ଦ୍ରାଞ୍ଚଳ ଡିଆଇଜି ଡା. ସତ୍ୟଜିତ ନାୟକ ବୁଧବାର ପୁରୀ ଗୋବର୍ଦ୍ଧନ ପୀଠରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟି ଆଶୀର୍ବାଦ ଗ୍ରହଣ ସହ ମାର୍ଗଦର୍ଶନ ଗ୍ରହଣ କରିଛନ୍ତି। ସେ ମଠ ଓ ଶଙ୍କରାଚାର୍ଯ୍ୟଙ୍କ ସୁରକ୍ଷା ବିଷୟରେ କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ଗୋବର୍ଦ୍ଧନ ପୀଠ ସନାତନ ଗୁରୁ ପରମ୍ପରାର ପ୍ରମୁଖ ପୀଠ ହୋଇଥିବାରୁ ଏହାର ସୁରକ୍ଷା ଓ ଶଙ୍କରାଚାର୍ଯ୍ୟଙ୍କ ସୁରକ୍ଷା ସର୍ବୋପରି। ତେଣୁ ଏଥିପ୍ରତି ରାଜ୍ୟ ସରକାର ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ସେ ନିଜେ ମଧ୍ୟ ଦୃଷ୍ଟି ରଖିବେ ବୋଲି ମତ ପ୍ରକାଶ କରିଛନ୍ତି।

## ସମୁଦ୍ରରେ ବୁଡ଼ିଯାଉଥିବା ପର୍ଯ୍ୟଟକ ଉଦ୍ଧାର

ପୁରୀ,୩।୯ (ଅଜିତ୍ କୁମାର ମହାନ୍ତି)

ସମୁଦ୍ର ବେଳାଭୂମିର ୧୨ନଂ. ସେକ୍ଟର ସମ୍ମୁଖରେ ସ୍ନାନ କରୁଥିବା ବେଳେ ଭାସି ଯାଉଥିବା ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଲାଇଫ୍ ଗାର୍ଡ ଉଦ୍ଧାର କରିଛନ୍ତି। ପର୍ଯ୍ୟଟକ ଜଣଙ୍କ ପଶ୍ଚିମବଙ୍ଗର ପ୍ରିୟବ୍ରତ ଦାସ। ଅନେକ ପର୍ଯ୍ୟଟକ ନିଶାସକ୍ତ ଅବସ୍ଥାରେ ବିପଦପୂର୍ଣ୍ଣ ଭାବେ ସମୁଦ୍ରରେ ସ୍ନାନ କରୁଥିବାରୁ ଏପରି ଦୁର୍ଘଟଣା ଘଟୁଥିବା କେତେଜଣ ଲାଇଫ୍ ଗାର୍ଡ କହିଛନ୍ତି।

## ବାଣ କାରଖାନାରେ ଚଢ଼ାଉ, ଜଣେ ଗିରଫ

ପିପିଲି,୩।୯(ଦୁର୍ଗା ମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ପାର୍ବଣ ପୂର୍ବରୁ ପିପିଲି ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ। ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ ସମୟରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ପିପିଲି ଦାଣ୍ଡମୁକୁନ୍ଦପୁର ଅଞ୍ଚଳର ଜୀବନ ମଲ୍ଲିକ। ଚଢ଼ାଉ ସମୟରେ ଘଟଣାସ୍ଥଳରୁ ବିପୁଳ ପରିମାଣର ଗନ ପାଉଡର୍ ସହ ପ୍ରାୟ ୩୦ କି.ଗ୍ରା.ରୁ ଊର୍ଦ୍ଧ୍ୱ ପୋଟାସିୟମ ନାଇଟ୍ରେଟ୍, କୋଇଲା ପାଉଡର୍ ଆଦି ବିସ୍ଫୋରକ ସାମଗ୍ରୀ ପୋଲିସ ଜବତ କରିଛି। ବେଆଇନ ବାଣ ତିଆରି ଓ ବିକ୍ରି କରିବା ଅଭିଯୋଗରେ ଜୀବନ ମଲ୍ଲିକଙ୍କୁ ପିପିଲି ଥାନା କେସ୍ ନଂ. ୫୩୪/୨୫ରେ ମାମଲା ରୁଜୁ କରି ବୁଧବାର କୋର୍ଟଚାଲାଣ କରାଯାଇଛି।

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT**
AT/PO: BARINIPUT, DIST: KORAPUT- 764006, PHONE:06854-242001, FAX-06854-242038
E-mail: sgmel_ukhep@ohpcltd.com, CIN: U40101OR1995SGC003963

**E-Tender NOTICE No.-09/2025-26, Dated 01.09.2025**

**No.CAD-1668:** The Unit Head, Upper Kolab Hydro Electric Project, Bariniput, Koraput, Odisha invites **percentage rate bid in double cover system** in **ONLINE MODE** only from eligible contractors for the works as mentioned below.

| Sl. No. | Name of the Work | Approx. Estimated Cost (in Rs.) | E.M.D. (in Rs.) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | Renovation of Main Water Supply Pipe Line at Power House Colony & from Turbine Floor to Water Treatment Plant, UKHEP, Bariniput | 33,98,441.54/- | 33,984/- | 7,080/- (Rs.6000 + 18% GST) | "B or C" Class | From 10.00 AM of Dt.07.09.2025 to 13.00 Hrs of Dt.18.09.2025 | At 12.30 Hrs. of 19.09.2025 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC). 2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.
OIPR-04002/11/0121/2526 **Sd./- Unit Head, UKHEP, Bariniput**

**JEYPORE MUNICIPALITY, JEYPORE**
Phone No.06854231098, Fax No.06854230104
email:ulbjeypore@gmail.com & jayporem.hud@nic.in
Letter No.3845/JM Date:03.09.25

**QUOTATION CALL NOTICE**

**No.C-1000:** Sealed quotations on the letter pad of the bidders are hereby invited from individuals, manufacturers or contractors for the execution of the work titled.

**"Improvement of Square by Construction of Dandi Yatra Statue of FRP Make, having 11 Nos. Life-Size Statues (4-6 ft Height Each) Including Pedestrian Unit (Civil & Electrical) with All Fitting, Fixing and Finishing Works- Complete at Jeypore Municipality."**

| | |
|---|---|
| No. of Works | 01 |
| Estimated Cost and Work details | As per QCN |
| Date & Time of Bidding | From 04.09.2025 at 11.00 Hours to 12.09.2025 Upto 11.00 Hours |
| Offline Documents Received through Speed Post | 04.09.2025 at 11.00 Hours to 12.09.2025 Upto 11.00 Hours (Working Days only) |
| Offline Documents shall be opened in the presence of the Participating Bidders | 12.09.2025 at 16.00 Hours onwards |
| Paper Cost (INR) | Rs.600/- |
| EMD (INR) | Rs.10000/- |

**Sd./- Executive Officer**
**Jeypore Municipality**
OIPR-13079/11/0062/2526

**GOVERNMENT OF ODISHA** No. A-572
**DEPARTMENT OF WATER RESOURCES**
**OFFICE OF THE ENGINEER-IN-CHIEF, WATER RESOURCES**
**SECHA SADAN, BHUBANESWAR**
Email Address: cemech.eicwr.od@gmail.com

**e-Procurement Notice - Bid Identification No. - CEM/MDC-16/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of Executors : SSI Units registered under DIC/ NSIC/MSME for Irrigation Shutters/ Hydro Mechanical Gates
4. Bid Identification No. : CEM/MDC - 16/2025-26
5. Estimated Cost : Rs.94,77,043.00
6. Period of Completion : 03 (Three) Calendar Months
7. Date & time of availability of bid documents in the portal : From Dt.06.09.2025 (10.00 A.M.) to Dt.18.09.2025 (5.30 P.M.)
8. Last date/time for receipt of bid in the portal : Dt.18.09.2025 (upto 5.30 P.M.)
9. Date and place of opening of Technical Bid : Dt.19.09.2025 (12.00 Noon onwards in the O/o. the undersigned)
10. Date and place of opening of Financial Bid : To be intimated to the qualified bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/o. the E.I.C., Water Resources, Odisha, Bhubaneswar

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/ cancellation notice shall be uploaded in the aforesaid website only.

**Sd./- Chief Engineer, Mechanical**
**O/o. Engineer-in-Chief, Secha Sadan, Bhubaneswar**
OIPR-32520/11/0072/2526

**REQUIREMENT OF GUEST FACULTY**
**WALK-IN-INTERVIEW**

No.PP-31-The State Institute for Development of Arts & Crafts (SIDAC), Bhubaneswar, invites applications from eligible applicants for engagement as Guest Faculty for the academic year 2025-26 for providing training in Stone craft at SIDAC at Basic, Higher and Master (each of one year duration) on the remuneration as fixed by Handlooms, Textiles & Handicrafts Department, Odisha.

- Minimum educational Qualification:- 10th Pass
- Age:- 35 to 55
- Applicant should be an empanelled Master Crafts Person of the Directorate of Handicrafts.
- Candidates having experience in teaching/imparting training in relevant craft shall be preferred.

Applicants who fulfil the eligibility criteria may submit their sealed biodata with other relevant documents to the undersigned by 15.09.2025 (5.00 PM) clearly superscribing the envelope "Application for Empanelment of Guest Faculties (Stone Craft)".
OIPR-31036/11/0030/2526 **Sd./- Member Secretary**

**BOARD OF SECONDARY EDUCATION, ODISHA, CUTTACK**
**NOTIFICATION**
**No.1583/(Conf-II)/ Date 02.09.25**

No.N-158- In continuance to this Office Notification No.1063 (Trg. Confidential) dtd.16.07.2025. It is informed to all concerned that the conduct of NRTS Examination-2025 which is scheduled to be held on dt.10.09.2025 has been rescheduled to held on dt.19.09.2025 (Friday) from 10.00 AM to 12.00 PM. The Admit Cards will be available for downloading from dt.10.09.2025 onwards in the website: www.bseodisha.ac.in.
OIPR-27004/11/0102/2526 **Sd./- Secretary (I/C)**

**ZILLA SWASTHYA SAMITI, BARGARH**
Dept. of Health & Family Welfare, Govt.of Odisha
District Head Quarter Hospital, Bargarh-768028, Phone/Fax:06646-231763
Advt. No.76/NHM, BARGARH/2025-26 Date:01.09.2025

**TENDER CALL NOTICE**

No.E-362:Sealed bids are invited from registered agencies/ dealers for supply of MCR Footwear. Details regarding eligibility criteria, terms and conditions and the formats for submission of tender (Technical & Price Bid) are mentioned in the tender document which may be downloaded from the website:www.bargarh.odisha.gov.in. Interested agencies/ dealers has to submit their tenders in a sealed bid super-scribing on the top of the sealed envelope as "Tender for supply of MCR Footwear." The tenders should reach to the office of the undersigned by Dt.22.09.2025 till 4 P.M. through Speed Post/ Regd. Post/ Courier only and will be opened on Dt.23.09.2025 at 10.30 A.M. The undersigned reserves the right to reject any or all the tenders without assigning any reason thereof. The authority is not responsible for any postal delay.
OIPR-10124/11/0024/2526 **Sd./- Chief District Medical & Public Health Officer, Bargarh**

**GOVERNMENT OF ODISHA** No. A-573
**DEPARTMENT OF WATER RESOURCES**
**OFFICE OF THE ENGINEER-IN-CHIEF, WATER RESOURCES**
**SECHA SADAN, BHUBANESWAR**
Email Address: cemech.eicwr.od@gmail.com

**e-Procurement Notice - Bid Identification No. - CEM/MDBH-01/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of Executors : SSI Units registered under DIC/ NSIC/MSME for Irrigation Shutters/ Hydro Mechanical Gates
4. Bid Identification No. : CEM/MDBH - 01/2025-26
5. Tender Value : Rs.97,41,229.00
6. Period of Completion : 03 (Three) Calendar Months
7. Date & time of availability of bid documents in the portal : From Dt.06.09.2025 (10.00 A.M.) to Dt.18.09.2025 (5.30 P.M.)
8. Last date/time for receipt of bid in the portal : Dt 18.09.2025 (upto 5.30 P.M.)
9. Date and place of opening of Technical Bid : Dt.19.09.2025 (12.00 Noon onwards in the O/o. the undersigned)
10. Date and place of opening of Financial Bid : To be intimated to the qualified bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/o. the E.I.C., Water Resources, Odisha, Bhubaneswar

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/ cancellation notice shall be uploaded in the aforesaid website only.

**Sd./- Chief Engineer, Mechanical**
**O/o. Engineer-in-Chief, Secha Sadan, Bhubaneswar**
OIPR-32520/11/0074/2526

**OFFICE OF THE PANCHAYAT SAMITI, KALIMELA**
At/Po-Kalimela, Dist:-Malkangiri, PIN-764047 (ODISHA), Ph.No.:06850-272217, E-mail:ori-kalimela@nic.in
No.3993/ IX-77/2025 (Dev.) Date:02.09.2025

**TENDER CALL NOTICE No.01/2025-26**

**No.i-295:**The Block Development Officer, Kalimela invites Percentage Rate bids in Single cover System for the civil work as detailed in the following table from eligible class of contractors as mentioned under column-8(eight) registered with the State Governments and Contractors of equivalent Grades/Class Registered with Central Government/MES Railways. The proof of registration from the appropriate authority shall be enclosed along with the Bid. If successful, the bidder who has not registered under State Government has to register under the State PWD in appropriate class of eligibility before signing of the agreement for the following works eventually to be drawn up in the P.W.D, P-2 forms in conformity with the Detailed Tender Call Notice.

| Sl. No. | Name of the G.P. | Name of the Work | Amount put to Tender (in Rs.) | Cost of Tender Paper (in Rs.) | E.M.D. (in Rs.) (1%) | Work Completion Period | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Chintalwada | Construction of Office Building with market complex for G.P. Level Federation at Chintalwada G.P. | 24,25,549.94 | 6,000/- | 24,255/- | 6 (Six) Months | "C & B" |
| 2 | Venkatapallam | Construction of Office Building with market complex for G.P. Level Federation at Venkatapallam G.P. | 24,25,549.94 | 6,000/- | 24,255/- | 6 (Six) Months | "C & B" |
| 3 | Maharajpally | Construction of Office Building with market complex for G.P. Level Federation at Maharajpally G.P. | 24,25,549.94 | 6,000/- | 24,255/- | 6 (Six) Months | "C & B" |

**Sale of tender paper:** The tender documents can be seen form the Govt. website malkangiri.odisha.gov.in. only from 03.09.2025 to 22.09.2025 (upto 05.00 PM) No Tender paper will be sold by the Block Office, Kalimela or any other offices. Interested bidders will download the bid documents from the same website only i.e. malkangiri.odisha.gov.in. **Place and date of receipt of tender Paper:** Panchayat Samiti, Kalimela, 03.09.2025 to 22.09.2025 (upto 05.00 PM) through Registered/ Speed Post only i.e. Indian Postal Services (office hour from 10.00 AM to 5.00 PM, Except Sunday and public holidays). **Place and date of opening of tender paper:** Panchayat Samiti, Kalimela on dt.23.09.2025 at 11.00 AM. **Mode of receipt of tender paper:** Registered/Speed Post only (India Post). **Name of the Scheme:** Mission Shakti Grant for the year 2023-24.
**The authority reserves the right to reject any or all of the tenders without assigning any reason thereof. The detailed information/corrigendum on Tender Call Notice can be available in the District website malkangiri.odisha.gov.in only.**
**N.B.: All should go through the terms and conditions of Tender Call Notice and Detail Tender Call Notice before submission of Tender Papers.**
OIPR-19252/11/0007/2526 **Sd./- Block Development Officer, Kalimela**

**ODISHA JOINT ENTRANCE EXAMINATION 2025 (OJEE 2025)**
**PUBLIC NOTICE REGARDING OJEE WEB COUNSELLING FOR BAMS/BHMS 2025-26**
No.475/OJEE Date:03.09.2025

**NOTICE**

**No.h-08:**This is for the information of all concerned that OJEE Web-Based Counselling Process for **BAMS/ BHMS** Programs under State Quota seats of all Govt colleges and All State Quota and All India Quota seats in Private colleges is going to start from **5th September, 2025** through web-based counselling.

Interested candidates having NEET UG-2025 qualified Ranks are advised to visit OJEE websites (www.ojee.nic.in/ www.odishajee.com) and see the detailed **Counselling Schedule.**

They are further advised to carefully go through the **"Information and Instruction"** and other related documents available in the website to get detailed information about the entire counselling process, eligibility criteria etc.

**Sd/- Chairman**
**OJEE, ODISHA**
OIPR-14020/11/0009/2526

**ବାଛୁରୀକୁ ଖାଇଲା କଲରାପତରିଆ**

ନୂଆପଡ଼ା,(ମକାରୁ ବେମାଲ): ନୂଆପଡ଼ା ଜିଲାରେ କିଛିଦିନର ବ୍ୟବଧାନ ପରେ ପୁଣି ବାଘ ଆତଙ୍କ ଦେଖାଦେଇଛି। ବୁଧବାର ସକାଳେ କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଦିଆମୁଣ୍ଡା ଗାଁ ଚନ୍ଦନପୁରର ରଘୁ ନାଗଙ୍କ ଏକ ବାଛୁରୀକୁ କଲରାପତରିଆ ବାଘ ମାରି ଖାଇଛି। ସୂଚନା ଅନୁସାରେ ସୁନାବେଡା ଅଭୟାରଣ୍ୟ ସହ ପାଟିଡଙ୍ଗର ସଂଲଗ୍ନ ହୋଇରହିଛି। ବୁଧବାର ସକାଳେ ଦିଆମୁଣ୍ଡା ଓ ଚନ୍ଦନପୁର ଗାଁର କେତେଜଣ ଲୋକ ଗୋରୁ ଚରାଇବା ପାଇଁ ପାଟି ଡଙ୍ଗରକୁ ନେଇଥିଲେ। ହଠାତ୍ ଜଙ୍ଗଲରୁ ଏକ କଲରାପତରିଆ ବାଘ ବାହାରି ଗାଈ ଗୋଠ ଭିତରକୁ ପଶି ଆସିଥିଲା ଓ ଏକ ବାଛୁରୀକୁ ଆକ୍ରମଣ କରି ଟେକି ନେଉଥିବା ଚରାଳିମାନେ ଦେଖିବାକୁ ପାଇଥିଲେ।

# ବଲାଙ୍ଗୀର, କଳାହାଣ୍ଡି, ବରଗଡ଼ରେ ବଢ଼ୁଛି ଶ୍ରମିକ ଚାଲାଣ

## ଚଢ଼ାଉ ଜୋର୍‌ଦାର ପାଇଁ ଶ୍ରମମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୩।୯
(ରବିନାରାୟଣ ଜେନା)

ରାଜ୍ୟର ପଶ୍ଚିମ ଓଡ଼ିଶାରେ ଏବେ ଶ୍ରମିକ ଚାଲାଣ ଜୋର୍‌ଦାର ଆରମ୍ଭ ହୋଇଯାଇଛି। ଠିକାଦାରମାନେ ଲୁଚାଛପାରେ ଲୋକଙ୍କୁ ବାହାର ରାଜ୍ୟକୁ କାମ କରାଇବାକୁ ନେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି। ଏହାକୁ ନେଇ ଶ୍ରମ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତୁରନ୍ତ ସମ୍ପୃକ୍ତ ଅଞ୍ଚଳରେ ଜୋର୍‌ଦାର ଚଢ଼ାଉ କରିବା ଲାଗି ଜଙ୍ଗଲ ଓ ପରିବେଶ ଏବଂ ଶ୍ରମମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ଏକ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି।

ମନ୍ତ୍ରୀ ତାଙ୍କ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି, ରାଜ୍ୟର ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, କଳାହାଣ୍ଡି, ବରଗଡ଼ ପ୍ରଭୃତି ଅଞ୍ଚଳରେ ଶ୍ରମିକ ଚାଲାଣ ନେଇ ଦୟନୀୟ ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ଆସୁଛି। ଲୋକେ ଦୁଃଖଦଜନକ ଭାବରେ ଚାକିରି ତଥା କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଥିବା ଜଣାପଡ଼ିଛି। ଏହି ୩ଟି ଜିଲାରେ ବହୁ ଠିକାଦାର ବେଆଇନ କାମ କରୁଛନ୍ତି ଏବଂ ଶ୍ରମିକମାନଙ୍କୁ ଅବାଧରେ ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଶ୍ରମିକମାନଙ୍କୁ ରାତିଅଧିଆ ଟ୍ରେନ୍‌ରେ ବିଭିନ୍ନ ରାଜ୍ୟ ଓ ଦେଶକୁ ସ୍ଥାନାନ୍ତର କରୁଥିବା ଅଭିଯୋଗ ଆସିଛି। ଠିକାଦାରମାନେ କେବଳ ଯେ ଶ୍ରମିକମାନଙ୍କୁ ନେଇ ବାହାର ରାଜ୍ୟରେ କର୍ମସଂସ୍ଥାନ ଯୋଗାଉଛନ୍ତି ତାହା ନୁହେଁ, ଅଶିକ୍ଷିତ ପ୍ରବାସୀ ଶ୍ରମିକମାନଙ୍କୁ ଆର୍ଥିକ ଏବଂ ଶାରୀରିକ ଭାବେ ଶୋଷଣ କରୁଛନ୍ତି। ଫଳରେ ଦାଦନପ୍ରବଣ ରାଜ୍ୟ ଭାବେ ଏକ ଖରାପ ଛବି ସୃଷ୍ଟି ହେଉଛି।

ବିଭାଗକୁ ମିଳିଥିବା ତଥ୍ୟ ଅନୁଯାୟୀ, ଶ୍ରମିକମାନଙ୍କୁ ଟିଟିଲାଗଡ଼, ମୁରିବାହାଲ, ଲାଠୋର, ରାଇନଭାଟା, କଣ୍ଟାବାଞ୍ଜି, ନୂଆପଡ଼ା ଏବଂ ଖରିଆର ରୋଡ୍ ଆଦି ରେଳଷ୍ଟେଶନରୁ ବାହାରକୁ ପଠାଯାଉଛି। ଏସବୁକୁ ତୁରନ୍ତ ରୋକାଯିବାର ଆବଶ୍ୟକତା ରହିଛି। ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ରେଲୱେ କର୍ତ୍ତୃପକ୍ଷଙ୍କ ସମନ୍ୱୟରେ ସଂପୃକ୍ତ ଅଞ୍ଚଳରେ ଚଢ଼ାଉ ଜୋର୍‌ଦାର କରିବାକୁ ମନ୍ତ୍ରୀ ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମନ୍ତ୍ରୀ ବ୍ୟକ୍ତିଗତ ଭାବେ ପ୍ରଦାନ କରିଥିବା ନୋଟ୍‌ଶିଟ୍‌ରେ ଦର୍ଶାଇଛନ୍ତି ଯେ, ଉକ୍ତ ରେଳଷ୍ଟେଶନଗୁଡ଼ିକରେ ରାତିରେ ଚଢ଼ାଉ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦିଗରେ ପଦକ୍ଷେପ ନିଅ। ଫଳରେ ଅବାଧ ଶ୍ରମିକ ଚାଲାଣକୁ ରୋକାଯାଇପାରିବ। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଅତିକମ୍‌ରେ ୨୦୦ ଦିନର କାମ ଯୋଗାଇଦେବାକୁ ବ୍ୟବସ୍ଥା ରହିଛି। ହେଲେ ବାସ୍ତବ କ୍ଷେତ୍ରରେ ତାହା ଠିକ୍‌ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ଅଭିଯୋଗ ହେଉଛି।



ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁ ବୁଧବାର ବାଲେଶ୍ୱର ସହର ନୂଆସାହି ଛକଠାରେ ଥିବା ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ସଂଲଗ୍ନ ସହଦେବଖୁଣ୍ଟା ଉପଡାକଘର ଭିତରକୁ ବର୍ଷା ଜଳ ପଶିଯାଇଥିଲା। ଫଳରେ ଅଫିସ୍‌ରେ ଥିବା ବିଭିନ୍ନ ସାମଗ୍ରୀ ଓଦା ହୋଇଯାଇଛି। ଆଲମିରାରେ ଥିବା ଟଙ୍କା ଓଦା ହୋଇଯାଇଥିବାରୁ କର୍ମଚାରୀମାନେ ତାକୁ ଶୁଖାଉଛନ୍ତି।

# ସମ୍ବଲପୁର ମହାନଗର ନିଗମ ନିର୍ବାଚନ ବାଟ ଫିଟିଲା

■ ୨୦୧୫ରେ ପ୍ରକାଶିତ ବିଜ୍ଞପ୍ତି ହାଇକୋର୍ଟରେ ରଦ୍ଦ
■ ୬ ସପ୍ତାହରେ ବିଜ୍ଞପ୍ତି ପ୍ରକାଶ ପାଇଁ ନିର୍ଦ୍ଦେଶ

କଟକ,୩।୯(କାର୍ତ୍ତିକ ସାହୁ)

ସମ୍ବଲପୁର ମହାନଗର ନିଗମ ନିର୍ବାଚନକୁ ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ରାଜ୍ୟ ସରକାର ଆସନ୍ତା ୬ ସପ୍ତାହ ମଧ୍ୟରେ ସାନି ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ଜାରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସଂରକ୍ଷଣ ଆଧାରରେ ଏହି ବିଜ୍ଞପ୍ତି ପ୍ରକାଶ ନିମନ୍ତେ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏଥିସହ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ନିମନ୍ତେ ୨୦୧୫ରେ ପ୍ରକାଶିତ ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ସମ୍ବଲପୁର ମ୍ୟୁନିସିପାଲିଟି ପ୍ରଥମ ଥର ପାଇଁ ୨୦୧୪ରେ ମହାନଗର ନିଗମରେ ପରିଣତ ହୋଇଥିଲା। ଏଥିରେ ହୀରାକୁଦ ଓ ବୁର୍ଲା ଏନ୍‌ଏସି ସମେତ ମାନେଶ୍ୱର ବ୍ଲକର ୫ଟି ଓ ଧାନକୁଦ ବ୍ଲକର ୭ଟି ପଞ୍ଚାୟତ ସାମିଲ କରାଯାଇ ମହାନଗର ନିଗମର ମାନଦଣ୍ଡ ପୂରଣ କରାଯାଇଥିଲା। ତେବେ ସମ୍ବଲପୁର ମହାନଗର ନିଗମର ପ୍ରଥମ ନିର୍ବାଚନ ପାଇଁ ୨୦୧୫ରେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ୱାର୍ଡଗୁଡ଼ିକର ପୁନର୍ଗଠନ ଓ ସିଟ୍ ସଂରକ୍ଷଣ ନେଇ ସରକାର ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ କରିଥିଲେ। ମାତ୍ର ୨୦୧୫ରେ ପ୍ରକାଶିତ ବିଜ୍ଞପ୍ତିରେ ୱାର୍ଡ ସଂରକ୍ଷଣ ୫୦% ଟପିବାରୁ ବିବାଦ ସୃଷ୍ଟି ହୋଇଥିଲା। ଏହି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ମାମଲାର ଶୁଣାଣି କରି ନିର୍ବାଚନ ବନ୍ଦ ରଖିବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଐତିହାସିକ କଟକ ବାଲିଯାତ୍ରା ନଭେମ୍ବର ୫ରୁ

## ସ୍ମରଣିକା ପାଇଁ ଆବଶ୍ୟକ ଗବେଷଣାତ୍ମକ ଲେଖା

କଟକ,୩।୯(କାର୍ତ୍ତିକ ସାହୁ)

ଚଳିତବର୍ଷର ଐତିହାସିକ କଟକ ବାଲିଯାତ୍ରା ଉତ୍ସବ ଆସନ୍ତା ନଭେମ୍ବର ୫ରୁ ଆରମ୍ଭ ହେବ। ଏହି ଅବସରରେ ପ୍ରକାଶିତ ହେବାକୁ ଥିବା ସ୍ମରଣିକା ନିମନ୍ତେ କଟକ ବାଲିଯାତ୍ରା ସ୍ମରଣିକା କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଗବେଷଣାତ୍ମକ ଲେଖା ସେପ୍ଟେମ୍ବର ୨୦ ସୁଦ୍ଧା ପଠାଇବାକୁ ଆହ୍ୱାନ କରାଯାଇଛି।

ପ୍ରକାଶ ଯେ, ଜିଲା ସଂସ୍କୃତି ପରିଷଦ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଉତ୍କଳୀୟ କଳା, ସଂସ୍କୃତି, ସାହିତ୍ୟ, ନୌବାଣିଜ୍ୟ ପରମ୍ପରା, ବାଲିଯାତ୍ରାର ଐତିହାସିକ ପୃଷ୍ଠଭୂମି ଓ ଅବିଭକ୍ତ କଟକର ଗୌରବଗାଥା ସମ୍ବଳିତ ଗବେଷଣାତ୍ମକ ପ୍ରବନ୍ଧକୁ ନେଇ ଏକ ବର୍ଣ୍ଣିଳ ସ୍ମରଣିକା ପ୍ରକାଶିତ ହେବ। ଏଥିପାଇଁ ବାଲିଯାତ୍ରା ସ୍ମରଣିକା ସମ୍ପାଦନାମଣ୍ଡଳୀ ସଦସ୍ୟମାନଙ୍କୁ ନେଇ ସ୍ମରଣିକା କମିଟି ଉପାଧ୍ୟକ୍ଷ ତଥା କଟକର ଅତିରିକ୍ତ ଜିଲାପାଳ ଶିବ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଶେଷ ଭାବେ ଆଲୋଚନା କରାଯାଇଛି। ସମ୍ପାଦନାମଣ୍ଡଳୀ ସଦସ୍ୟ ପ୍ରଫେସର ସହଦେବ ପାତ୍ର, ପ୍ରଫେସର ବିଜୟାନନ୍ଦ ସିଂହ, ଡାକ୍ତର ସୁନାମଣି ରାଉତ, ବିଶ୍ୱେଶ୍ୱର ମହାନ୍ତି, ଶୁଭେନ୍ଦୁ କୁମାର ଭୂୟାଁ, ଡ. ଦ୍ୱୀପାୟନ ପଟ୍ଟନାୟକ, ଆବାହକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା, ଅଭିରାମ ଦାସ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଲେଖିକାଲେଖକମାନେ ନିର୍ଦ୍ଧାରିତ ସମୟ ସେପ୍ଟେମ୍ବର ୨୦ ସୁଦ୍ଧା ଲେଖାଗୁଡ଼ିକ ଜିଲା ସଂସ୍କୃତି ଅଧିକାରୀ, କଟକ ଜିଲାପାଳଙ୍କ କାର୍ଯ୍ୟାଳୟ କିମ୍ବା ଇମେଲ୍ dco.ctc@gmail.com ଠିକଣାରେ ପଠାଇବାକୁ ଅନୁରୋଧ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷର ବାଲିଯାତ୍ରା ସ୍ମରଣିକାକୁ ଅଧିକ ପାଠକାଦୃତ ଏବଂ ଠିକ୍ ସମୟରେ ସମସ୍ତଙ୍କ ନିକଟରେ ପହଞ୍ଚାଇବା ଉପରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଗୁରୁତ୍ୱାରୋପ କରିଛନ୍ତି।

# ଭାଜପା ସରକାର ଏସ୍‌ଟି, ଏସ୍‌ସି ବିରୋଧୀ: ବିଜେଡି

ଭୁବନେଶ୍ୱର, ୩।୯(ସୁନୀତ୍ ମିଶ୍ର)

ଦୀର୍ଘ ୫ ମାସ ହେଲା ଆଦିବାସୀ ପିଲାଙ୍କ ଅନୁଦାନ ଆସି ନାହିଁ। ଫଳରେ ଆଦିବାସୀ ପିଲାଙ୍କ ପାଇଁ ବିଜେଡି ସରକାର ଅମଳରେ କାର୍ଯ୍ୟକାରୀ ହେଉଥିବା ଲୋକପ୍ରିୟ 'ଅନ୍ୱେଷା' ଯୋଜନା ବନ୍ଦ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ଏହାଛଡ଼ା ଏସ୍‌ଟି ଏସ୍‌ସି ଆଟ୍ରୋସିଟି ଆକ୍ଟ ଅନୁଯାୟୀ, ଅତ୍ୟାଚାର ଅଭିଯୋଗ ଆସିଲେ ଜଣେ ଡିଏସ୍‌ପି ପଦବୀର ଅଫିସରଙ୍କ ଦ୍ୱାରା ତଦନ୍ତ କରିବା ନିୟମ ଥିଲା, ଯାହାକୁ ଏବେ ଜଣେ ଇନ୍ସପେକ୍ଟର ବା ସବ୍ ଇନ୍ସପେକ୍ଟର କରିପାରିବେ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଦୁଇଟି ପ୍ରସଙ୍ଗରେ ଏହା ରାଜ୍ୟ ସରକାରଙ୍କ ଆଦିବାସୀ ଓ ଦଳିତ ବିରୋଧୀ ନୀତି ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସୁଦାମ ମାରାଣ୍ଡି କହିଛନ୍ତି, ୨୦୧୫-୧୬ରେ ନବୀନ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅନ୍ୱେଷା ଯୋଜନାରେ ୨୨ ହଜାର ୩ ଶହ ୪୦ଜଣ ଆଦିବାସୀ ଛାତ୍ରୀଛାତ୍ର ଉପକୃତ ହୋଇଛନ୍ତି। ଶିକ୍ଷା ବର୍ଷ ଆରମ୍ଭ ହେବାର ୫ ମାସ ବିତିଯାଇଥିଲେ ମଧ୍ୟ ସମଗ୍ର ଓଡ଼ିଶାର ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଚଳିତ ଶିକ୍ଷାବର୍ଷ ପାଇଁ ଅନୁଦାନ ମିଳିନାହିଁ। ଆଦିବାସୀ ପିଲାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସେମାନଙ୍କୁ ଇଂରାଜୀ ମାଧ୍ୟମ ସ୍କୁଲରେ ପଢ଼ିବା ନିମନ୍ତେ ୨୦୧୫-୧୬ରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନ୍ୱେଷା ଯୋଜନା ଆରମ୍ଭ କରିଥିଲେ। ତେବେ ପୂର୍ବ ବର୍ଷ ଅନୁସାରେ, ଶିକ୍ଷାବର୍ଷ ଆରମ୍ଭ ହେବା ମାତ୍ରେ ଅନୁଦାନ ଆସି ଯାଉଥିଲା। ମାତ୍ର ଚଳିତ ବର୍ଷ ସେପ୍ଟେମ୍ବର ଆରମ୍ଭ ହୋଇଥିଲା ବେଳେ ଅନୁଦାନ ଆସିନାହିଁ। ସେହିପରି ଏସ୍‌ଟି, ଏସ୍‌ସିଙ୍କୁ ଅତ୍ୟାଚାର ଅଭିଯୋଗ ମାମଲାରେ ଜଣେ ଡିଏସ୍‌ପି ପଦବୀର ଅଫିସର ତଦନ୍ତ କରିବା ବ୍ୟବସ୍ଥାକୁ ଏବେ ରାଜ୍ୟ ସରକାର ପରିବର୍ତ୍ତନକରି ଜଣେ ଇନ୍ସପେକ୍ଟର ବା ସବ୍‌ଇନ୍ସପେକ୍ଟର କରିବେ ବୋଲି ନିୟମ କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ରାଜ୍ୟର ଏସ୍‌ଟି, ଏସ୍‌ସି ବର୍ଗର ଲୋକଙ୍କ ବିରୋଧରେ ସାଙ୍ଘାତିକ ଷଡ଼ଯନ୍ତ୍ର ବୋଲି ମାରାଣ୍ଡି କହିଛନ୍ତି।

# ପୂଜା ପାଇଁ ୨୦ ସୁଦ୍ଧା ସରିବ ରାସ୍ତା ମରାମତି କାର୍ଯ୍ୟ: ମନ୍ତ୍ରୀ

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)



ପୃଥ୍ୱୀରାଜ ହରିଚନ୍ଦନ

ଦଶହରା ପାଇଁ ରାଜ୍ୟର ଯେଉଁସବୁ ସହରରେ ଭିଡ଼ ହେବ ସେସବୁ ଅଞ୍ଚଳର ଖରାପ ଥିବା ରାସ୍ତାଗୁଡ଼ିକର ମରାମତି କାର୍ଯ୍ୟ କରାଯିବ। ଏହିସବୁ ମରାମତି କାର୍ଯ୍ୟକୁ ଆସନ୍ତା ୨୦ ତାରିଖ ସୁଦ୍ଧା ଶେଷ କରାଯିବ ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବୁଧବାର ପୃଥ୍ୱୀରାଜ କହିଛନ୍ତି, ଭୁବନେଶ୍ୱର ଏବଂ କଟକ ମହାନଗର ନିଗମ ସହ ରାଜ୍ୟର ବିଭିନ୍ନ ସହରାଞ୍ଚଳ ରହିଛି ଯେଉଁଠି ଦଶହରା ପାଇଁ ପ୍ରବଳ ଭିଡ଼ ରହିବ। ସେସବୁ ସ୍ଥାନର ମୁଖ୍ୟ ସଂଯୋଗକାରୀ ରାସ୍ତା ଏବଂ ଜିଲା ମୁଖ୍ୟ ରାସ୍ତାଗୁଡ଼ିକରେ ଯାହାସବୁ ମରାମତି ପାଇଁ ରହିଛି ସେଗୁଡ଼ିକର କାର୍ଯ୍ୟ କରାଯିବ। ସେପ୍ଟେମ୍ବର ୨୦ ତାରିଖ ସୁଦ୍ଧା ସେସବୁର କାର୍ଯ୍ୟ ଶେଷ କରିବାକୁ ସବୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯିବ।

# ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ

## ଅକ୍ଟୋବର ୪ ଶେଷ ତାରିଖ

ଭୁବନେଶ୍ୱର, ୩।୯
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୪ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି। ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ୪ ଅକ୍ଟୋବର ସୁଦ୍ଧା ଏଣ୍ଟ୍ରିଫର୍ମ ସହ ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ରର ସଫ୍ଟ କପିକୁ ରେଜିଷ୍ଟର୍ଡ ପୋଷ୍ଟ/ସ୍ପିଡ୍ ପୋଷ୍ଟ/ପାର୍ସଲ ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିପାରିବେ। ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ପ୍ରେରିତ ହୋଇଥିବା ଚଳଚ୍ଚିତ୍ରଗୁଡ଼ିକ ୨୦୨୩ ଜାନୁଆରୀ ୧ରୁ ଡିସେମ୍ବର ୩୧ ମଧ୍ୟରେ ପ୍ରମାଣପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ। ସେହିପରି ୩୬ତମ ଚଳଚ୍ଚିତ୍ର ପୁରସ୍କାର ପାଇଁ ପ୍ରେରିତ ଚଳଚ୍ଚିତ୍ରଗୁଡ଼ିକ ୨୦୨୪ ଜାନୁଆରୀ ୧ରୁ ଡିସେମ୍ବର ୩୧ ମଧ୍ୟରେ ପ୍ରମାଣପତ୍ରପ୍ରାପ୍ତ ହୋଇଥିବା ଜରୁରୀ। ସେହିପରି ଓଡ଼ିଆ ଚଳଚ୍ଚିତ୍ର ଉପରେ ଓଡ଼ିଆ ଓ ଇଂଲିଶ ଭାଷାରେ ଲିଖିତ ଶ୍ରେଷ୍ଠ ଲେଖା ପାଇଁ ପୁରସ୍କାର ନିମନ୍ତେ ଆଗ୍ରହୀ ଲେଖିକା ଲେଖକମାନେ ଆବେଦନ କରିପାରିବେ। ଏଥିଲାଗି ଉକ୍ତ ବୁକ୍/ମନୋଗ୍ରାଫ୍‌ର ଦଶଖଣ୍ଡ ନକଲ ଆସନ୍ତା ଅକ୍ଟୋବର ୪ ସୁଦ୍ଧା ରେଜିଷ୍ଟର୍ଡ ପୋଷ୍ଟ/ସ୍ପିଡ୍ ପୋଷ୍ଟ/ପାର୍ସଲ ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିପାରିବେ। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସମ୍ବନ୍ଧୀୟ ସବିଶେଷ ବିବରଣୀ ଓ ନିୟମାବଳୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବ୍‌ସାଇଟ୍ culture.odisha.gov.inରେ ଉପଲବ୍ଧ ଥିବା ସୂଚନା ଦିଆଯାଇଛି।

# ନାବାଳକଙ୍କୁ ମାଡ଼ ମାରି ମଦ ପିଆଇଲେ ଭାଜପା ମଣ୍ଡଳ ଯୁବ ସଭାପତି

କୁଜଙ୍ଗ, ୩।୯(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ୧୧ ବର୍ଷର ନାବାଳକଙ୍କୁ ଘରେ ପୂରାଇ ମାଡ଼ ମାରିବା ସହ ବଳପୂର୍ବକ ମଦ ପିଆଇବା ଅଭିଯୋଗ ହୋଇଛି। ପୀଡ଼ିତଙ୍କ ବାପା ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୩୩୧/୨୫) ରୁଜୁ କରିଛି। ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ମଣ୍ଡଳ ଭାଜପା ଯୁବମୋର୍ଚ୍ଚା ସଭାପତି ମନୋରଞ୍ଜନ ସାମନ୍ତରା ଓରଫ ମାନୁରିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଜିଲା ମୁଖ୍ୟାଳୟରେ ଅଭିଯୋଗ ଶୁଣିବାକୁ ସୂଚନା ଆୟୁକ୍ତଙ୍କୁ ରାଜ୍ୟପାଳଙ୍କ ପରାମର୍ଶ

ଭୁବନେଶ୍ୱର,୩।୯(ରବିନାରାୟଣ ଜେନା)

ସୂଚନା ଅଧିକାର ଯେଉଁଭଳି ଲୋକଙ୍କ ହାତପାଆନ୍ତାରେ ପହଞ୍ଚିବ ଏବଂ ଦୁର୍ଗମ ଅଞ୍ଚଳବାସୀ ଏହାର ଲାଭ ଉଠାଇପାରିବେ ସେନେଇ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ବୁଧବାର ରାଜ୍ୟ ସୂଚନା ଆୟୋଗର ମୁଖ୍ୟ ଆୟୁକ୍ତ ଏବଂ ସଦସ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ଏଣିକି ଜିଲା ମୁଖ୍ୟାଳୟରେ ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ବ୍ୟବସ୍ଥା କରିବା ପାଇଁ କହିଛନ୍ତି।

ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ାଙ୍କ ନେତୃତ୍ୱରେ ରାଜ୍ୟ ସୂଚନା କମିଶନରମାନେ ବୁଧବାର ରାଜ୍ୟପାଳଙ୍କୁ ଭେଟିବା ଅବସରରେ କମିଶନର ବିଭିନ୍ନ କାର୍ଯ୍ୟକଳାପ ଏବଂ ବିଚାରାଧୀନ ମାମଲାର ତ୍ୱରିତ ସମାଧାନ ପାଇଁ କମିଶନ ନେଇଥିବା ସାମ୍ପ୍ରତିକ ପଦକ୍ଷେପ ସମୂହ ସମ୍ପର୍କରେ ଅବଗତ କରାଇଥିଲେ।

ଏହି ଅବସରରେ ରାଜ୍ୟପାଳ ପରାମର୍ଶ ଦେଇଥିଲେ, ସୂଚନା ଅଧିକାର ମାମଲା ସହ ଜଡ଼ିତ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ବିଭିନ୍ନ ପ୍ରତିଷ୍ଠାନରେ ଉପଯୁକ୍ତ ତାଲିମ୍ ପ୍ରଦାନ କରାଯିବା ଆବଶ୍ୟକ। ସୂଚନା ଅଧିକାର ଆଇନର ଲାଭ ଉଠାଇବା ପାଇଁ ଦୂରଦୂରାନ୍ତ ଜିଲା ତଥା ଆଦିବାସୀ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରାଯିବା ଉଚିତ୍ ବୋଲି ରାଜ୍ୟପାଳ କହିଥିଲେ।

ଆବେଦନକାରୀମାନେ ସେମାନଙ୍କ ଆବେଦନ ଅନ୍‌ଲାଇନରେ ଦାଖଲ କରିପାରିବେ। କମିଶନ ଦ୍ୱାରା ପ୍ରଦତ୍ତ ସମସ୍ତ ନିର୍ଦ୍ଦେଶ ଏହାର ସରକାରୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇପାରୁଛି। ଆବେଦନକାରୀଙ୍କୁ ମାମଲାର ଶୁଣାଣି ପାଇଁ ଭୁବନେଶ୍ୱର ଯିବାରେ ହେଉଥିବା ଅସୁବିଧା ଦୂର ପାଇଁ ରାଜ୍ୟପାଳ କମିଶନରମାନଙ୍କୁ ବିଭିନ୍ନ ଜିଲା ମୁଖ୍ୟାଳୟ ପରିଦର୍ଶନ କରି ସେଠାରେ ଶୁଣାଣି କରିବାକୁ ପରାମର୍ଶ ଦେଇଥିଲେ। କମିଶନର ଏହି ଆଲୋଚନା ବେଳେ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତି, ଜଗନ୍ନାଥ ରଥ, ପ୍ରାଣବିନ୍ଦୁ ଆଚାର୍ଯ୍ୟ, ପବିତ୍ର ମଣ୍ଡଳ ଏବଂ କଳ୍ପନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଣରାଜନୈତିକ ବ୍ୟକ୍ତିଙ୍କ ମତାମତ ନିଆଯିବ: ଜେ.ଡି. ଶିଲମ

## ଅସତ୍ୟ ଶାସନକୁ ବିତାଡ଼ିତ କରିବ କଂଗ୍ରେସ

ଭୁବନେଶ୍ୱର,୩।୯(ରବିନାରାୟଣ ଜେନା)

କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଥିବା ସଙ୍ଗଠନ ସୃଜନ ଅଭିଯାନ ପ୍ରକ୍ରିୟାକୁ ଗଣତାନ୍ତ୍ରିକ ଉପାୟରେ ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛ ଓ ନିରପେକ୍ଷ କରାଯିବ। ଏହି ସମୟରେ ପର୍ଯ୍ୟବେକ୍ଷକମାନେ କେବଳ ଯେ ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀଙ୍କୁ ଭେଟିବା ସହ କଂଗ୍ରେସ ବିଚାରଧାରା ସହିତ ସମାନତା ଥିବା ଗୋଷ୍ଠୀ, ସାମାଜିକ, ମହିଳା ସଙ୍ଗଠନ ଆଦିଙ୍କ ସହ ଆଲୋଚନା କରିବେ ତାହା ନୁହେଁ, ସେମାନେ ଅଣରାଜନୈତିକ ବ୍ୟକ୍ତିବିଶେଷଙ୍କ ମତାମତକୁ ଗୁରୁତ୍ୱ ଦେବେ ବୋଲି ଏଆଇସିସି ପର୍ଯ୍ୟବେକ୍ଷକ ତଥା ପୂର୍ବତନ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଜେ.ଡି. ଶିଲମ୍ କହିଛନ୍ତି।

ରାଜ୍ୟ କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶିଲମ କହିଛନ୍ତି, କଂଗ୍ରେସ ଜାତି, ଧର୍ମ, ବର୍ଣ୍ଣ ଇତ୍ୟାଦି ଭିତରେ କିଛି ପ୍ରଭେଦ କରେନାହିଁ। ତେଣୁ ସବୁବର୍ଗରୁ ଯେମିତି ପ୍ରତିନିଧିତ୍ୱ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବ। ବର୍ତ୍ତମାନ ବେଶଧାରୀ, ନାଟକବାଜି ଯେଉଁ ଅସତ୍ୟ ଶାସନ ଚଳାଇଛନ୍ତି, ତାକୁ କେବଳ କଂଗ୍ରେସ ହିଁ ତଡ଼ିପାରିବ। ଏବେ ପିସିସି ସଭାପତି କଠିନ ପରିଶ୍ରମ କରୁଛନ୍ତି। ଯଦି ସମସ୍ତ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ କର୍ମୀ ଏଭଳି ପରିଶ୍ରମ କରନ୍ତି ତେବେ କଂଗ୍ରେସ ଆଗକୁ ଶକ୍ତିଶାଳୀ ହେବା ସହ ଶାସନକୁ ନିଶ୍ଚୟ ଆସିପାରିବ ବୋଲି ସେ କହିଛନ୍ତି। ଏହି ସମ୍ମିଳନୀରେ ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ତଥା ପର୍ଯ୍ୟବେକ୍ଷକ ସୁଜିତ୍ ପାଢ଼ୀ, ଭୁବନେଶ୍ୱର ଜିଲା ସଂଯୋଜକ ବିଶ୍ୱଜିତ୍ ଦାସ, ପିସିସି ପର୍ଯ୍ୟବେକ୍ଷକ ଅମ୍ରିତା ଦାସ ଏବଂ ସମ୍‌ସିଦା ତୟାବ୍ ଉପସ୍ଥିତ ଥିଲେ।

ଏହି ଅବସରରେ ଭୁବନେଶ୍ୱର ଜିଲା କଂଗ୍ରେସର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଲମ ସଙ୍ଗଠନକୁ ସୁଦୃଢ଼ କରିବା ନିମନ୍ତେ ପ୍ରସ୍ତାବ ମୌଖିକ କିମ୍ବା ଲିଖିତ ଆକାରରେ ଦେବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ତାଙ୍କର ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଅବସରରେ ସେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଜଣ ଜଣ କରି ଭେଟିବା ସହ ଭୁବନେଶ୍ୱର ସାଙ୍ଗଠନିକ ଜିଲା ମଧ୍ୟରେ ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୱାର୍ଡ ପ୍ରତିନିଧି, ବ୍ଲକ୍ ପ୍ରତିନିଧି, ବିଧାନସଭା ନିର୍ବାଚନମଣ୍ଡଳୀରେ ସ୍ୱତନ୍ତ୍ର ରୂପେ ବୈଠକ କରିବେ ବୋଲି ଜଣାପଡ଼ିଛି।

'ଆଜି ଜାତୀୟ ବନ୍ୟପ୍ରାଣୀ ଦିବସ'

# ୪୫ବର୍ଷ ପୂର୍ବରୁ ଶିମିଳିପାଳରେ ଥିଲେ ବଳିଆ କୁକୁର

**ଜାତୀୟ ବନ୍ୟପ୍ରାଣୀ ଦିବସ ପ୍ରତିବର୍ଷ ସେପ୍ଟେମ୍ବର ୪ରେ ପାଳିତ ହୋଇଆସୁଛି। ଏହି ଦିବସ ପାଳନ ଅବସରରେ ଜଙ୍ଗଲ କ୍ଷୟ ଏବଂ ଅବୈଧ ଶିକାରରୁ ବନ୍ୟ ପ୍ରାଣୀ, ପକ୍ଷୀ ଓ ସେମାନଙ୍କ ବାସସ୍ଥାନକୁ ସୁରକ୍ଷା ଦେବାର ଗୁରୁତ୍ୱ ବିଷୟରେ ସଚେତନ କରାଯାଏ। ଏଥିସହିତ ପ୍ରକୃତି ସହିତ ସେମାନଙ୍କ ସ୍ଥାୟୀ ସହାବସ୍ଥାନକୁ ପ୍ରୋତ୍ସାହନ ଗୁରୁତ୍ୱ ଦିଆଯାଇଥାଏ।**

ମଣିଷର ଅନ୍ଧବିଶ୍ୱାସ ଓ ସୌଖୀନ ସାମଗ୍ରୀ ପାଇଁ ଅବାଧ ଶିକାର ଯୋଗୁ ବନ୍ୟପ୍ରାଣୀଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ସେମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଜନସଚେତନତା ଜରୁରୀ ହୋଇପଡ଼ିଛି। ଏପରିକି ଶିମିଳିପାଳର ବଳିଆ କୁକୁର(ଢୋଲ), ଝିଙ୍କ, ବଜ୍ରକାପ୍ତା ଓ ଶାରୀ ପ୍ରଜାତି ବିଲୁପ୍ତ ହେବାରେ ଲାଗିଛନ୍ତି। ସମ୍ପୃକ୍ତ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଓ କଡ଼ା ଆଇନ ପ୍ରଣୟନ କରାଗଲେ ଏମାନଙ୍କ ସୁରକ୍ଷା ସହିତ ବଂଶବୃଦ୍ଧି ହୋଇପାରିବ।

୧୯୮୦ ମସିହା ପୂର୍ବରୁ ଶିମିଳିପାଳ ଅଭୟାରଣ୍ୟରେ ବଳିଆ କୁକୁର(ଢୋଲ) ପ୍ରଜାତିର ହିଂସ୍ର ପ୍ରାଣୀ ବସବାସ କରୁଥିଲେ। ଏମାନେ ଦଳବଦ୍ଧ ହୋଇ ରହୁଥିବା ବେଳେ ଏକୁଟିଆ ବାଘ ମଧ୍ୟ ଏହି ପ୍ରଜାତିକୁ ଭୟ କରିଥାଏ। କାଳକ୍ରମେ ଏମାନଙ୍କ ବଂଶ ଲୋପ ପାଇଯାଇଥିବା ବେଳେ ୨ବର୍ଷ ପୂର୍ବେ ସେହି ପ୍ରଜାତିର କୁକୁରକୁ ଟ୍ରାପ କ୍ୟାମେରାରେ କଏଦ କରାଯାଇଥିବା ନେଇ ବନ ବିଭାଗ ପ୍ରକାଶ କରିଛି। ବଳିଆ କୁକୁର ଲୋପ ପାଇବାର କାରଣ ସମ୍ପର୍କରେ ଅଦ୍ୟାବଧି ସମୀକ୍ଷା କରାଯାଇ ନାହିଁ। ତେବେ ମହାବଳ ବାଘ ଭୟରେ ସେମାନେ ପଳାଇଥିବା ବିଭାଗୀୟ ଅଧିକାରୀ କହୁଥିବା ବେଳେ ଏହାର ସତ୍ୟତା ଜଣାପଡି ନାହିଁ। ସେହିପରି ଜିଲାବାସୀ ଢଗଢମାଳିରେ ଶାରୀ ଉଡ଼ିଲେ ପୋଡ଼ାଡିହା ବୋଲି କହିଥାନ୍ତି। ମାତ୍ର ତାହା ଆଜି ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁନାହିଁ। ଶାରୀ ପକ୍ଷୀର ବଂଶ ପ୍ରାୟ ଲୋପ ପାଇଛି। ଆଜିର ଦିନରେ ଶାରୀ ଆଉ ଦେଖିବାକୁ ମିଳୁନାହାନ୍ତି। ଅବାଧ ଚୋରା ବ୍ୟବସାୟ ପାଇଁ ଶିମିଳିପାଳରେ ଶାରୀ ନାହାନ୍ତି କହିଲେ ଚଳେ। ତେବେ ଏମାନଙ୍କ ବଂଶ ଲୋପର କାରଣ ଖୋଜାଯାଇ ନ ଥିବା ବେଳେ ଏହାର ବଂଶ ବୃଦ୍ଧି ପାଇଁ କୌଣସି ଯୋଜନା କରାଯାଇ ନାହିଁ। ସେହିପରି ବଜ୍ରକାପ୍ତା ଓ ଝିଙ୍କଙ୍କ ଅବାଧ ଚୋରାଚାଲାଣରୁ ଏମାନଙ୍କ ବଂଶ ଲୋପ ପାଇବାକୁ ବସିଛି। ଏ ସଂକ୍ରାନ୍ତରେ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ଜାତୀୟ ଅଭୟାରଣ୍ୟର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କୁହନ୍ତି, ଏଭଳି ପ୍ରଜାତିର ଗୋଟିଏ କୁକୁରକୁ ଟ୍ରାପ କ୍ୟାମେରାରେ କଏଦ କରାଯାଇଥିଲା। ମାତ୍ର ଏବେ ଶିମିଳିପାଳରେ ତା'ର ସନ୍ଧାନ ମିଳୁନାହିଁ। ଅନ୍ଧବିଶ୍ୱାସ ଓ ଶିକାରକୁ ରୋକିବା ପାଇଁ ଶିମିଳିପାଳ ପାରିପାର୍ଶ୍ୱିକ ଅଞ୍ଚଳରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଜାରି ରଖାଯାଇଛି। 'ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ ତଥା ଚମଡ଼ାରୁ ପ୍ରସ୍ତୁତ ସୌଖୀନ ସାମଗ୍ରୀ ତିଆରି କରି ଘରେ ଝୁଲାଇବା ଭଳି କାର୍ଯ୍ୟ ନିର୍ଦ୍ଦୟତାର ପରିଚୟ ପ୍ରଦାନ କରୁଛି। ବନ୍ୟପ୍ରାଣୀଙ୍କ ପ୍ରତି ମଣିଷର ଭଲପାଇବା ତଥା ସେମାନଙ୍କ ପ୍ରତି ହିଂସା ଆଚରଣ ଦୂରେଇ ଦେବା ଭଳି ପଦକ୍ଷେପର ଆବଶ୍ୟକତା ରହିଛି ବୋଲି ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି'। ବିଲୁପ୍ତ ପ୍ରାୟ ପ୍ରଜାତିର ପ୍ରାଣୀମାନଙ୍କ ପ୍ରତି ବନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ତାହା କେବଳ ଛବିରେ ସୀମିତ ରହିବ ବୋଲି ପ୍ରାଣୀପ୍ରେମୀମାନେ ମତପ୍ରକାଶ କରିଛନ୍ତି।

ରିପୋର୍ଟ: **ନୀଳାଦ୍ରି ବିହାରୀ ଦଣ୍ଡପାଟ**, ବାରିପଦା

## ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସଚେତନତା ଜରୁରୀ

ବିପଦଗ୍ରସ୍ତ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଛାତ୍ରୀଛାତ୍ରମାନେ ପ୍ରତିବଦ୍ଧ ହେବା ଜରୁରୀ। ପ୍ରତିକୂଳ ପରିବେଶ ଓ ମଣିଷଙ୍କ ହିଂସାତ୍ମକ ଆଚରଣରୁ ଅନେକ ବନ୍ୟପ୍ରାଣୀଙ୍କ ବଂଶ ଲୋପପାଇବାକୁ ବସିଛି। ଏମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ସଚେତନତା ଆବଶ୍ୟକ। ଏଥିସହ ଏ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କୁ ସାମିଲ ଲାଗି ସୁଯୋଗ ସୃଷ୍ଟି କରାଯିବା ଦରକାର। ରାଜ୍ୟର ଶିମିଳିପାଳ, ଭିତରକନିକା, ଚନ୍ଦକା ଓ ଚିଲିକା ଭଳି ଅନେକ ସ୍ଥାନରେ ପିଲାମାନଙ୍କ ସହ ପରିବାରବର୍ଗଙ୍କୁ ପରିଭ୍ରମଣର ସୁଯୋଗ ଦିଆଗଲେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ନୂତନ ଜଙ୍ଗଲ ସୃଷ୍ଟି ସହ ଚାରାରୋପଣକୁ ଗୁରୁତ୍ୱ ଦେବା ମଧ୍ୟ ଜରୁରୀ। ବିଲୁପ୍ତପ୍ରାୟ ପ୍ରାଣୀଙ୍କୁ ସୁରକ୍ଷା ଦିଆ ନ ଗଲେ ଭବିଷ୍ୟତରେ ପରିବେଶ ଉପରେ ଗୁରୁତର ପ୍ରଭାବ ପଡ଼ିବ।

– **ବିବେକାନନ୍ଦ ପଟ୍ଟନାୟକ**, ପରିବେଶବିତ୍ ତଥା ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ



ଶିମିଳିପାଳରେ ବିଚରଣ କରୁଥିବା ହରିଣ।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ

ଭୁବନେଶ୍ୱର,୩୧୯(ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅନ୍ତର୍ଗତ ଜିଏ କଲୋନୀସ୍ଥିତ ଏକ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ କଟକ ଜିଲା ବାଙ୍କି ଥାନା ଅନ୍ତର୍ଗତ ସିଂହନାଥପୁର ଗ୍ରାମର ସୂର୍ଯ୍ୟକାନ୍ତ ମହାପାତ୍ର (୨୮)। ସୂର୍ଯ୍ୟକାନ୍ତ ମଙ୍ଗଳବାର ଗାମୁଛା ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିବା ନିଶା ନିବାରଣ କେନ୍ଦ୍ର (ଡିଅର୍ ଲାଇଫ୍ ହିଲିଂ ଆଣ୍ଡ୍ ୱେଲନେସ୍ ସେଣ୍ଟର) କର୍ତ୍ତୃପକ୍ଷ ପୋଲିସକୁ କହିଛନ୍ତି। ହେଲେ ପରିବାର ଲୋକେ ଏହି ମୃତ୍ୟୁକୁ ସହଜରେ ଗ୍ରହଣ କରିପାରିନାହାନ୍ତି। ସୂର୍ଯ୍ୟକାନ୍ତଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ଦାଦା ପ୍ରଶାନ୍ତ କୁମାର ମହାପାତ୍ର ଭରତପୁର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (ନଂ.୫୧୮/୨୦୨୫) ପଞ୍ଜୀକୃତ କରି ତଦନ୍ତ ଆରମ୍ଭ କରିଛି। ବୁଧବାର କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ

## ହତ୍ୟା ମାମଲା ରୁଜୁ କରି ପୋଲିସର ତଦନ୍ତ

■ ୪ ଦିନ ତଳେ ଆସିଥିଲେ

ପରେ ସୂର୍ଯ୍ୟକାନ୍ତଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଉକ୍ତ ନିଶା ନିବାରଣ କେନ୍ଦ୍ରର କର୍ତ୍ତୃପକ୍ଷ ଓ ଅନ୍ତେବାସୀଙ୍କୁ ପଚରାଉଚରା କରିଛି। ଏଥିସହ ସିସିଟିଭି ଫୁଟେଜ୍ ଯାଞ୍ଚ କରି ସତ୍ୟତା ଜାଣିବାକୁ ଚେଷ୍ଟା କରୁଛି।

ମିଳିଥିବା ସୂଚନା ଅନୁସାରେ, ସଞ୍ଜୟ ମହାପାତ୍ରଙ୍କ ପୁଅ ସୂର୍ଯ୍ୟକାନ୍ତ ନିଶାସେବନ ଛାଡୁ ନ ଥିବାରୁ ପରିବାର ଲୋକେ ଚିନ୍ତାରେ ପଡିଥିଲେ। ଗତ ୨୯ ତାରିଖରେ ସୂର୍ଯ୍ୟକାନ୍ତଙ୍କୁ ପରିବାର ଲୋକ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସୂର୍ଯ୍ୟକାନ୍ତ ଆତ୍ମହତ୍ୟା କରିଛନ୍ତି ବୋଲି ମଙ୍ଗଳବାର ୪ଟାରେ ନିଶା ନିବାରଣ କେନ୍ଦ୍ର କର୍ତ୍ତୃପକ୍ଷ ତାଙ୍କ ଦାଦା



ସୂର୍ଯ୍ୟକାନ୍ତ ମହାପାତ୍ର

ପ୍ରଶାନ୍ତଙ୍କୁ କଲ୍ କରି ଜଣାଇଥିଲେ। ଭରତପୁର ଅଞ୍ଚଳର ଏକ ଘରୋଇ ହସ୍ପିଟାଲକୁ ସୂର୍ଯ୍ୟକାନ୍ତଙ୍କୁ ଅଣାଯାଇଥିବା କହିବାରୁ ଗାଁରୁ ପରିବାର ଲୋକେ ରାଜଧାନୀକୁ ଆସିଥିଲେ। ଏନେଇ ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି, ବିଭିନ୍ନ ଦିଗକୁ ନେଇ ମାମଲାକୁ ତଦନ୍ତ କରାଯାଉଛି। ମୃତକଙ୍କ ଶରୀରର କୌଣସି ସ୍ଥାନରେ ମାଡ଼ ଦାଗ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

ଅପରପକ୍ଷରେ ବାରମ୍ବାର ନିଶା ନିବାରଣ କେନ୍ଦ୍ରଗୁଡ଼ିକରେ ଏଭଳି ଅଭାବନୀୟ ଘଟଣା ଘଟୁଥିବାରୁ ଚିନ୍ତା ସୃଷ୍ଟି କରୁଛି। ପିପିଲି ଗୁଡିଆପୋଖରୀ ଛକସ୍ଥିତ ଏକ ନିଶା ନିବାରଣ କେନ୍ଦ୍ରରେ ଗତ ମାର୍ଚ୍ଚ ପ୍ରଥମ ସପ୍ତାହରେ ଜଣେ ଅନ୍ତେବାସୀଙ୍କୁ ହତ୍ୟା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପିପିଲି ପୋଲିସ ୭ଜଣଙ୍କୁ ଗିରଫ କରିଥିଲା। ପୂର୍ବରୁ ରାଜଧାନୀରେ ଏକାଧିକ ନିଶା ନିବାରଣ କେନ୍ଦ୍ରରେ ଏଭଳି ବିଭିନ୍ନ ଘଟଣା ଘଟିଥିବା ନଜିର ରହିଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଜରିଆରେ ଏନ୍‌ଜିଓ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ନିଶା ନିବାରଣ କେନ୍ଦ୍ର କରିବାକୁ ଅନୁମତି ଦିଆଯାଉଛି। ଏଥିପାଇଁ ସ୍ୱତନ୍ତ୍ର ଏସ୍‌ଓପି ମଧ୍ୟ ରହିଛି। ହେଲେ ଅନେକ କ୍ଷେତ୍ରରେ ଏସ୍‌ଓପିର ଅନୁପାଳନ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏନେଇ ଡିସିପି ଜଗମୋହନ ମୀନା କହିଛନ୍ତି ବୁଧବାର ଯେଉଁ ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି, ତାହା ସରକାରୀ ସ୍ୱୀକୃତିପ୍ରାପ୍ତ କି ନୁହେଁ ସେନେଇ ଯାଞ୍ଚ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ନିଶା ଅଭ୍ୟାସ ଛଡ଼ାଇବାକୁ ପରିବାର ଲୋକେ ନିଶା ନିବାରଣ କେନ୍ଦ୍ରରେ ସମ୍ପର୍କୀୟଙ୍କୁ ଭର୍ତ୍ତି କରାଉଛନ୍ତି। ଏଥିପାଇଁ ବହୁ ଅର୍ଥ ଖର୍ଚ୍ଚ ମଧ୍ୟ କରୁଛନ୍ତି। ହେଲେ ଉକ୍ତ କେନ୍ଦ୍ରରେ ଅନ୍ତେବାସୀଙ୍କ ପ୍ରତି ଯେଉଁଭଳି ବ୍ୟବହାର ପ୍ରଦର୍ଶନ କରାଯିବା କଥା ସେଭଳି କରାଯାଉ ନାହିଁ। ଏପରି କି ଆବଶ୍ୟକତା ଅନୁସାରେ ଅନ୍ତେବାସୀଙ୍କୁ କାଉନ୍‌ସେଲିଂ ଠିକ୍ ଭାବେ କରାଯାଇ ନ ପାରିବାରୁ ଏଭଳି ଅଭାବନୀୟ ଘଟଣା ଘଟୁଥିବା ମାନସିକ ବିଶେଷଜ୍ଞ ମତ ଦେଉଛନ୍ତି।

# ନାବାଳକଙ୍କ ସମେତ ପରିବାରର ୬ ଜଣଙ୍କୁ ଆଜୀବନ କାରାଦଣ୍ଡ

## କ୍ଷେତ ଭିତରେ ପଶି ଆକ୍ରମଣ ସହ ଟ୍ରାକ୍ଟର ମଡ଼ାଇ ହତ୍ୟା ଘଟଣା

ନବରଙ୍ଗପୁର,୩୧୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ଅଧୀନ ବାରମାସୀ ଗାଁରେ ୨୦୨୨ ଅଗଷ୍ଟ ୯ରେ ସଂଗଠିତ ଏକ ହତ୍ୟା ମାମଲାର ବିଚାରକରି ବୁଧବାର ନବରଙ୍ଗପୁର ଅତିରିକ୍ତ ଜିଲା ଦୌରା ଜଜ୍ ବିଷ୍ଣୁପ୍ରସାଦ ମିଶ୍ର ଗୋଟିଏ ପରିବାରର ୬ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ରାୟ ଶୁଣାଇଛନ୍ତି। ୨୫ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅତିରିକ୍ତ ଜିଲା ଦୌରାଜଜ୍ ଜଣେ ନାବାଳକଙ୍କ ସମେତ ୬ ଜଣଙ୍କୁ ଆଜୀବନ କାରାଦଣ୍ଡ, ୧୦ହଜର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁଯାୟୀ, କୋଡିଙ୍ଗା ଥାନା ଅଧୀନ ବାରମାସୀ ଗାଁର ଏକ ଚାଷଜମିରେ ପଦଲାମ ପୂଜାରୀ, ଡମ୍ବରୁ ପୂଜାରୀ, ମାଳତୀ ପୂଜାରୀ, କନକ ପୂଜାରୀ ଓ ଭଗବତୀ ପୂଜାରୀ ପ୍ରମୁଖ ବିହ୍ନ ତୋଳୁଥିଲେ। ଏହି ସମୟରେ ଜମିଜମା ବିବାଦକୁ କେନ୍ଦ୍ର କରି ଅନନ୍ତ ପୂଜାରୀ, ଶିବଶଙ୍କର ପୂଜାରୀ, ଚନ୍ଦନ ପୂଜାରୀ, ଡୁମ୍ବର ପୂଜାରୀ, ଡାଳିମ୍ବ ପୂଜାରୀ ଓ ଜଣେ ନାବାଳକ ମାରଣାସ୍ତ୍ର ଧରି ପାଟିତୁଣ୍ଡ କରିଥିଲେ। ଏହାକୁ ପ୍ରତିବାଦ କରିବାରୁ ଚନ୍ଦନ ଓ ଡୁମ୍ବର ଉତ୍ତ୍ୟକ୍ତ ହୋଇ ପଦଲାମ ଓ ଡମ୍ବରୁ ପୂଜାରୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏପରି କି ଶିବା ପୂଜାରୀ ଓ ଅନ୍ୟ ଜଣେ ସେମାନଙ୍କ ଗୋଡ଼ ଉପରେ ଟ୍ରାକ୍ଟର ମଡ଼ାଇ ଦେଇ ପଳାଇଥିଲେ। ଖବରପାଇ ଡମ୍ବରୁଙ୍କ ଭାଇ ଭରତ ପୂଜାରୀ ଗୁରୁତର ଅବସ୍ଥାରେ ସେମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡମ୍ବରୁଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଭାଇ ଭରତ ପୂଜାରୀ କୋଡିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏତଲା ଆଧାରରେ କୋଡ଼ିଙ୍ଗା ପୋଲିସ ଏକ ମାମଲା(ନଂ. ୧୧୪/୨୦୨୨) ରୁଜୁକରି ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲେ। କୋର୍ଟ କେସ୍ ନମ୍ବର ୭୫/୨୦୨୨ ଓ ଜୁଭେନାଇଲ କୋର୍ଟ କେସ୍ ନମ୍ବର ୭/୨୦୨୨ରେ ମାମଲା ରୁଜୁହୋଇ ଘଟଣାଟି ବିଚାରାଧୀନ ଥିଲା। ମାମଲାଟିକୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ସନ୍ତୋଷ କୁମାର ମିଶ୍ର ପରିଚାଳନା କରୁଥିଲେ।

# ଗଣିତ ଆସିଲାନି ବୋଲି ଛାତ୍ରୀଙ୍କୁ ନିସ୍ତୁକ ମାଡ଼

## ଶିକ୍ଷୟିତ୍ରୀଙ୍କ ବିରୋଧରେ ଏତଲା

ଭୁବନେଶ୍ୱର,୩୧୯(ସତ୍ୟଜିତ୍ ରାଉତ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଫେଜ୍-୨ସ୍ଥିତ ଏକ ଘରୋଇ ସ୍କୁଲରେ ବୁଧବାର ଅଭାବନୀୟ ଘଟଣା ଘଟିଛି। ଗଣିତ ଆସିଲା ନାହିଁ ବୋଲି ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷୟିତ୍ରୀ ମାଡ଼ମାରି ଲହୁଲୁହାଣ କରିଛନ୍ତି। ଆହତ ଛାତ୍ରୀଜଣକ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଯଦୁପୁର ଗାଁର ମିର୍ଜା ଅସଦ୍ ବେଗ୍‌ଙ୍କ ଝିଅ। ମାଡ ଫଳରେ ଛାତ୍ରୀଙ୍କ ଆଖିରେ ଗୁରୁତର ଆଘାତ ଲାଗିଛି। ତାଙ୍କୁ ଏକ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। ଏନେଇ ବାପା ଅସଦଙ୍କ ଏତଲାକ୍ରମେ ଖଣ୍ଡଗିରି ପୋଲିସ ବୁଧବାର ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ଅସଦ୍‌ଙ୍କ ଝିଅ ମଙ୍ଗଳବାର ସକାଳୁ ସ୍କୁଲକୁ ଯାଇଥିଲେ। ବିଦ୍ୟାଳୟରେ ଗଣିତ ଶିକ୍ଷୟିତ୍ରୀ ହରଣ ପଢାଇବା ସମୟରେ ଛାତ୍ରୀ ଜଣକ ବୁଝିପାରି ନ ଥିଲେ। ସେ ଶିକ୍ଷୟିତ୍ରୀଙ୍କୁ ଏକାଧିକ ଥର ପ୍ରଶ୍ନ କରିଥିଲେ। ଏଥିରେ ବିରକ୍ତି ହୋଇ ଶିକ୍ଷୟିତ୍ରୀ ଜଣକ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ତାଙ୍କ ଆଖିରେ ଆଘାତ ଲାଗିଥିଲା। ଏହାପରେ ସ୍କୁଲ କର୍ତ୍ତୃପକ୍ଷ ତୁରନ୍ତ ଛାତ୍ରୀଙ୍କୁ ନେଇ ଏକ ଚକ୍ଷୁ ଡାକ୍ତରଖାନାକୁ ଯାଇଥିଲେ। ତାଙ୍କ ଆଖିର ସମସ୍ତ ପ୍ରକାର ପରୀକ୍ଷା କରାଯାଇ ତୁରନ୍ତ ଅସ୍ତ୍ରୋପଚାର କରାଯାଇଥିବା ଜଣାପଡ଼ିଛି। ଅପରପକ୍ଷରେ ବିଦ୍ୟାଳୟର ସମ୍ପୃକ୍ତ ଶିକ୍ଷୟିତ୍ରୀ ଓ କର୍ତ୍ତୃପକ୍ଷଙ୍କୁ ପଚରାଉଚରା କରି ଘଟଣାର ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ୧୭ ମାଓବାଦୀ ଗିରଫ, ବିସ୍ଫୋରକ ଜବତ



ଗିରଫ ହୋଇଥିବା ମାଓବାଦୀ ।

ମାଲକାନଗିରି, ୩୧୯(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ବିଜାପୁର ଜିଲା ପୋଲିସ ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ୧୭ ମାଓବାଦୀଙ୍କୁ ଗିରଫ କରିଛି। ବିଜାପୁର ଜିଲା ସିଆରପିଏଫ ଓ କୋବ୍ରା ବାହିନୀ ମିଳିତ ଭାବେ ମାଓବାଦୀ ଦମନରେ ବାହାରିଥିବା ବେଳେ ବିଜାପୁର ଜିଲା ଗଙ୍ଗାଲୁର, ବାସାଗୁଡା ଓ ଜଙ୍ଗଲା ଥାନା ଅଞ୍ଚଳରେ କୋମ୍ବିଂ ସମୟରେ ବାସାଗୁଡା ଥାନା ଅଞ୍ଚଳରୁ ୨ ଜଣ, ଗଙ୍ଗାଲୁର ଥାନା ଅଞ୍ଚଳରୁ ୬, ଜଙ୍ଗଲା ଥାନା ଅଞ୍ଚଳରୁ ୯ ଜଣଙ୍କୁ ଗିରଫ କରିଛନ୍ତି। ଗିରଫମାନେ ହେଲେ ନଡଗୁ ବେକ, ବେଟି ମାଡବି, ବୋଡା ବେକୋ, ପାକଲୁ ଫରସା, ବାମନ କବାସୀ, ମୁନ୍ନା କୁହରାମୀ,ମୁନ୍ନା ବେକୋ, ମୁନ୍ନା କୁହରାମୀ, ବୁଧରୁ ଓରଫ ବଧରୁ ବାରସା, ଭୀମା ବାରସେ, ମାଡବି ପାଲା, ଜୋଗା ମାଡବି, କଲମୁ ମନକୀ, ବୁଦରୀ ବାରସେ, କଲମୁ ଫୁଲୋ, ନନ୍ଦା କୁମ, ଭୀମା ମଡକମା ଏହି ସମସ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ବିଜାପୁର ପୋଲିସ ସୂତ୍ରରୁ ପ୍ରକାଶ ।

ଏମାନଙ୍କ ନିକଟରୁ ବିସ୍ଫୋଟକ, ପ୍ରଚାରପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ପଚରାଉଚୁରା ବେଳେ ଏମାନେ ସୁରକ୍ଷା ବାହିନୀଙ୍କୁ ଟାର୍ଗେଟ୍ କରି ଆଇଇଡି ବିସ୍ଫୋରଣ ଲାଗି ବିସ୍ଫୋଟକ ଓ ପ୍ରଚାର ସାମଗ୍ରୀ ଏକତ୍ର କରିଥିଲେ ।

# ଅର୍ଚ୍ଚନାଙ୍କୁ ଆକ୍ରମଣ, ଜଗବନ୍ଧୁ ଗିରଫ

ଭୁବନେଶ୍ୱର,୩୧୯(ସତ୍ୟଜିତ୍ ରାଉତ)

ଅର୍ଚ୍ଚନା ନାଗ୍ ଓ ତାଙ୍କ ପୁଅଙ୍କୁ ଆକ୍ରମଣ କରି ଅଡୁଆରେ ଫସିଛନ୍ତି ସ୍ୱାମୀ ଜଗବନ୍ଧୁ ଚାନ୍ଦ। ମଞ୍ଚେଶ୍ୱର ଥାନା ପୋଲିସ ଜଗବନ୍ଧୁଙ୍କୁ ବୁଧବାର ଗିରଫ କରିଛି। ପୋଲିସ ପକ୍ଷରୁ ଜଗବନ୍ଧୁଙ୍କୁ ଜେଏମ୍ଏଫ୍‌ସି-୨ କୋର୍ଟକୁ ଚାଲାଣ କରାଯାଇଥିଲା। ତେବେ ତାଙ୍କୁ ସେଠାରେ ଜାମିନ ମିଳିଯାଇଥିବା ସୂଚନା ମିଳିଛି।



ସୂଚନା ଅନୁଯାୟୀ, ବ୍ଲାକ୍‌ମେଲ୍ ମାମଲାରେ ଫସି ଜେଲ ଯାଇଥିବା ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ମଧ୍ୟରେ କିଛି ମାସ ହେବ କଳି ଲାଗି ରହିଛି। ଏଥିପାଇଁ ଉଭୟ ୯ମାସ ହେବ ଅଲଗା ରହୁଛନ୍ତି। ଏପରିକି ଫ୍ୟାମିଲି କୋର୍ଟରେ ଦମ୍ପତିଙ୍କ ଛାଡ଼ପତ୍ର ମାମଲା ମଧ୍ୟ ଚାଲିଛି। ତେବେ ଗତ ୩୦ତାରିଖ ରାତି ପ୍ରାୟ ୧.୩୦ ବେଳେ ସତ୍ୟବିହାରସ୍ଥିତ ଅର୍ଚ୍ଚନାଙ୍କ ଘରକୁ ଜଗବନ୍ଧୁ ଆସିଥିଲେ। ଅର୍ଚ୍ଚନା ତାଙ୍କ ପୁଅ ଓ ଭଉଣୀଙ୍କ ସହ ବେଡ୍‌ରୁମରେ ଶୋଇଥିବାବେଳେ ଜଗବନ୍ଧୁ ବାଲ୍‌କୋନୀକୁ ଡେଇଁ ଘରେ ପଶି ଆକ୍ରମଣ କରିଥିଲେ। ଏପରି କି ଛୁରାମାଡ଼ କରିବାକୁ ଉଦ୍ୟମ କରିଥିଲେ ବୋଲି ଅର୍ଚ୍ଚନା ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଜଗବନ୍ଧୁଙ୍କୁ ଗିରଫ କରିଥିଲା।

# ନର୍ସିଂଛାତ୍ରୀଙ୍କୁ ନଗ୍ନ ଫଟୋ, ଭିଡିଓ ପଠାଇ ଯୁବକ ଗିରଫ



ଗିରଫ ଅଭିଜିତ ପାତ୍ର।

ମଙ୍ଗୁଳି-ଜଗତପୁର, ୩୧୯ (ମାନସ ସାମଲ)

ଟାଙ୍ଗୀସ୍ଥିତ ଏକ ବିଶ୍ୱବିଦ୍ୟାଳୟର ଜଣେ ନର୍ସିଂଛାତ୍ରୀଙ୍କୁ ନଗ୍ନ ଫଟୋ ଓ ଭିଡିଓ ପଠାଇବା ସହ ଭିଡିଓ କଲରେ କଥା ହେବାକୁ ବାଧ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଟାଙ୍ଗୀ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଯୁବକଜଣଙ୍କ ହେଲେ ବାଲେଶ୍ୱର ଜିଲା ନିଜାମପୁର ଗ୍ରାମର ଅଭିଜିତ ପାତ୍ର(୨୨)। ପୋଲିସ ସୂଚନା ମୁତାବକ, ଅଭିଜିତ ଟାଙ୍ଗୀସ୍ଥିତ ବିଶ୍ୱବିଦ୍ୟାଳୟର ବି.ଏସ୍.ସି. ନର୍ସିଂ ହଷ୍ଟେଲର ଏକାଧିକ ଛାତ୍ରୀଙ୍କୁ ହ୍ୱାଟ୍ସଆପ୍ ଚାଟିଂ, ନଗ୍ନ ଫଟୋ ଓ ଭିଡିଓ ପଠାଇବା ସହ ଭିଡିଓ କଲରେ କଥା ହେବାକୁ ବାଧ କରୁଥିଲେ। ଏନେଇ ଛାତ୍ରୀମାନେ ପ୍ରିନ୍ସିପାଲଙ୍କୁ ଅବଗତ କରାଇଥିଲେ। ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୮୫/୨୫) ରୁଜୁ କରି ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରାସାଦ ଭଦ୍ର ତଦନ୍ତ କରିଥିଲେ। ପୋଲିସ ଏକ ଟିମ୍ ତଦନ୍ତ କରି ଅଭିଯୁକ୍ତଙ୍କୁ ବୁଧବାର ସକାଳୁ ବାଲେଶ୍ୱରରୁ ଗିରଫ କରିଥିଲା।

# ଯୁବକଙ୍କୁ ଗୋଡ଼ାଇ ହାଣିଲେ

ଭୁବନେଶ୍ୱର,୩୧୯(ସତ୍ୟଜିତ ରାଉତ)): କ୍ୟାପିଟାଲ ଥାନା ଅନ୍ତର୍ଗତ ବାପୁଜୀନଗରରେ ଥିବା ଏକ ଚିକେନ୍ ପକୋଡ଼ା ଦୋକାନ ସମ୍ମୁଖରେ ବୁଧବାର ରାତିରେ ଜଣେ ଯୁବକଙ୍କୁ ୨ଜଣ ଦୁର୍ବୃତ୍ତ ଗୋଡ଼ାଇ ହାଣିଛନ୍ତି। ଆକ୍ରମଣର ଶିକାର ହୋଇଥିବା ରାଜେଶ କୁମାରଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଏନେଇ ପୋଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆକ୍ରମଣରେ ରାଜେଶଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ମିଳିଥିବା ସୂଚନାନୁଯାୟୀ, ରାତି ପ୍ରାୟ ୧୦ଟାବେଳେ ବାପୁଜୀନଗର ଅଞ୍ଚଳରେ ରାଜେଶ ଚିକେନ୍ ପକୋଡ଼ା ଖାଉଥିଲେ। ଏହି ସମୟରେ ଦୁଇଜଣ ଅଭିଯୁକ୍ତ ଖଣ୍ଡାରେ ତାଙ୍କୁ ଗୋଡ଼ାଇ ଆକ୍ରମଣ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରାଜେଶଙ୍କୁ ଆକ୍ରମଣ କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତଦ୍ୱୟଙ୍କୁ ଧରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି।

# ଯୁବକଙ୍କୁ ଛୁରି ଭୁସି ହତ୍ୟା, ଜଣେ ଗିରଫ

ସମ୍ବଲପୁର,୩୧୯(ପ୍ରମୋଦ ବହିଦାର)

ସମ୍ବଲପୁର ଧନୁପାଲି ଥାନା ଭୁତାପଡ଼ା ଓରାମପଡ଼ାର ଏକ ମଦଭାଟି ନିକଟରେ ବୁଧବାର ସକାଳେ ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ମୃତକ ମୋତିଝରଣ ଗୁଆଲାପଡ଼ାର ମହମ୍ମଦ ରିଙ୍କୁ ଓରଫ ଛୋଟୁ(୨୫)। ଏହି ଘଟଣାରେ ଧନୁପାଲି ଥାନା ପୋଲିସ ଅଭିଯୁକ୍ତ କଚେରି ନିକଟ ବ୍ୟାଙ୍କ କଲୋନୀର କାଳିଆ ଓରଫ ପ୍ରମୋଦ କଲେତ(୩୦)ଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ ଧମକ ଦେଇ ରିଙ୍କୁ ଟଙ୍କା ଲୁଟିବାକୁ ଉଦ୍ୟମ କରୁଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସେ ତାଙ୍କୁ ଛୁରି ଭୁସି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ କହିଛି। ମୃତକଙ୍କ ବଡ଼ଭାଇ ମହମ୍ମଦ ସୈଫଙ୍କ ଏତଲାକ୍ରମେ ଧନୁପାଲି ଥାନାରେ ଏକ

## ମୃତକଙ୍କ ନାମରେ ରହିଛି ୧୩ ଆପରାଧିକ ମାମଲା

ମାମଲା(ନଂ.୩୦୭/୨୫)ରୁଜୁ ହୋଇଛି। ଅଭିଯୁକ୍ତ କାଳିଆଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ସମ୍ବଲପୁର ମଣ୍ଡଳ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ମୃତକଙ୍କ ନାମରେ ଧନୁପାଲି ଥାନାରେ ନିଶା କାରବାର, ଲୁଟ୍, ମରଣାନ୍ତକ ଆକ୍ରମଣ, ଚୋରି, ଡକାୟତି, ମାରପିଟ୍ ଆଦି ୧୩ଟି ଆପରାଧିକ ମାମଲା ରହିଛି ବୋଲି ପୋଲିସ କହିଛି।

ମିଳିଥିବା ସୂଚନା ଅନୁସାରେ, ବୁଧବାର ସକାଳେ ମୃତକ ରିଙ୍କୁ କୌଣସି କାମରେ ଓରାମପଡ଼ାରେ ଥିବା ଏକ ମଦଭାଟି ନିକଟକୁ ଯାଇଥିଲେ। ସେଠାରେ



ଗିରଫ ଅଭିଯୁକ୍ତ ପ୍ରମୋଦ କଲେତ।

କାଳିଆ ତାଙ୍କୁ ଏକାକୀ ଦେଖି ଏକ ଛୁରିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ରିଙ୍କୁ ଗୁରୁତର ଆହତ ହୋଇଥିଲେ। ଖବର ପାଇ ତାଙ୍କ ବଡ଼ଭାଇ ମହମ୍ମଦ ସୈଫ୍ ସ୍ଥାନୀୟ ଲୋକଙ୍କ ସହାୟତାରେ ରିଙ୍କୁଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧନୁପାଲି ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ରିଙ୍କୁଙ୍କ ବଡ଼ଭାଇ ମହମ୍ମଦ ସୈଫ୍ ତାଙ୍କ ଏତଲାରେ ଦର୍ଶାଇଛନ୍ତି, କୌଣସି କଥାକୁ ନେଇ ୪ଦିନ ତଳେ ବ୍ୟାଙ୍କ କଲୋନୀର କାଳିଆ ଓରଫ ପ୍ରମୋଦ କଲେତ ଏବଂ ତାଙ୍କ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ମଙ୍ଗଳବାର ମଧ୍ୟ ତାଙ୍କ ଭାଇଙ୍କୁ ପୁଣିଥରେ କାଳିଆ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ବୁଧବାର ଏକୁଟିଆ ଦେଖି ସେ ତାଙ୍କ ଭାଇଙ୍କୁ ହତ୍ୟା କରିଛନ୍ତି ବୋଲି ସୈଫ ଏତଲାରେ ଦର୍ଶାଇଛନ୍ତି।

# ରାତିରେ ମାରଣାସ୍ତ୍ର ଧରି ବୁଲୁଛନ୍ତି ଅପରାଧୀ



ଭୁବନେଶ୍ୱର,୩୧୯(ସତ୍ୟଜିତ୍ ରାଉତ)

ପାର୍ବଣ ପୂର୍ବରୁ କମିଶନରେଟ୍ ପୋଲିସକୁ ଚ୍ୟାଲେଞ୍ଜ ଦେଉଛନ୍ତି ଅପରାଧୀ। ଭରତପୁର ଥାନା ଅନ୍ତର୍ଗତ ଜିଏ କଲୋନୀରେ ମଙ୍ଗଳବାର ବିଳମ୍ବିତ ରାତିରେ କେତେଜଣ ଅପରାଧୀ ମାରଣାସ୍ତ୍ର ଧରି ବୁଲୁଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏପରିକି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ କରିବାକୁ ଏକତ୍ର ହୋଇଥିବା କୁହାଯାଉଛି। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିବା

## ସିସିଟିଭିରେ କଏଦ ହେଲା ଦୃଶ୍ୟ

ଖବର ଶୁଣି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ତେବେ ଏହାର ସିସିଟିଭି ଭିଡିଓ ଭାଇରାଲ ହୋଇଛି। ଏନେଇ ସ୍ଥାନୀୟ ମହାବିନାୟକ ଦୁର୍ଗାପୂଜା କମିଟି ପକ୍ଷରୁ ଭରତପୁର ଥାନାରେ ଏତଲା ହୋଇଛି। ପୋଲିସ ଏକ ମାମଲା (ନଂ.୫୧୭/୨୦୨୫) ରୁଜୁ କରି ତଦନ୍ତ କରୁଛି। କିଛି ଅଭିଯୁକ୍ତଙ୍କୁ ପୋଲିସ ଚିହ୍ନଟ କରିଥିବା ଜଣାପଡ଼ିଛି।

## ଭେଣ୍ଡିଂଜୋନରେ ମହିଳାଙ୍କୁ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତ ଜେଲ ଗଲେ

ପଟ୍ଟାମୁଣ୍ଡାଇ, ୩୧୯ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ପୌର ପରିଷଦ ଭେଣ୍ଡିଂ ଜୋନ କ୍ୟାବିନରେ ମହିଳା ବନିତା ରାଉତ ହତ୍ୟାକାଣ୍ଡ ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ପରିଡା ଓରଫ ଚକୁଲିଙ୍କୁ ମଙ୍ଗଳବାର ଗିରଫ କରିଛି। ପୋଲିସ ଚକୁଲିଙ୍କୁ ବୁଧବାର ପଟ୍ଟାମୁଣ୍ଡାଇ କୋର୍ଟ ଚାଲାଣ କରିଥିଲା। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କେନ୍ଦ୍ରାପଡ଼ା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଦାଶେଖର ସାହୁ ଖବରଦାତାଙ୍କୁ ଦେଇଥିବା ସୂଚନା ଅନୁସାରେ ଅଗଷ୍ଟ ୨୮ରେ ବନିତା ନିଖୋଜ ନେଇ ପରିବାର ଲୋକେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନିଖୋଜ ମାମଲା ରୁଜୁ ହୋଇଥିଲା। ପରେ ୩୧ ତାରିଖରେ

## ହତ୍ୟା ଘଟଣାର ପର୍ଦ୍ଦାଫାଶ କଲେ ଅତିରିକ୍ତ ଏସ୍‌ପି

ଭେଣ୍ଡିଂ ଜୋନ୍ କ୍ୟାବିନ୍ ମାଲିକ ଦୋକାନରୁ ଦୁର୍ଗନ୍ଧ ଆସୁଥିବା ଏବଂ ଜରିପାଲରେ କିଛି ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ବନିତାଙ୍କ ଗଳିତ ମୃତଦେହ ଜବତ କରିଥିଲେ। ଏହାର ୩ ଦିନ ପରେ ପୋଲିସର ଏକ ଟିମ୍ ଯାଜପୁର ଜିଲା ପାଣିକୋଇଲି ପାଖ ଆଖୁବିଲରୁ ଅଭିଯୁକ୍ତ ଚକୁଲିଙ୍କୁ ମଙ୍ଗଳବାର ଗିରଫ କରିଥିଲେ।

ପୋଲିସ ସୂଚନା ମୁତାବକ, ଆଳି ଥାନା ନରେନ୍ଦ୍ରପୁର ଗ୍ରାମର ବନିତା ରାଉତ ନିଜ ପୁଅର ପାଠପଢ଼ା ପାଇଁ ପଟ୍ଟାମୁଣ୍ଡାଇ ବେଲତଳ ଅଞ୍ଚଳରେ ରହି ଆସୁଥିଲେ। ସେଠାରେ ଯାଜପୁର ଜିଲା ବରୀ ଅଞ୍ଚଳର ଚକୁଲି ରହୁଥିଲେ। ତାଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିବାରୁ ବନିତା ଧାରସୂତ୍ରରେ ଚକୁଲିଙ୍କଠାରୁ ୮୦ ହଜାର ଟଙ୍କା ନେଇଥିଲେ। ବିଭିନ୍ନ ସମୟରେ ଚକୁଲି ବନିତାଙ୍କୁ ପଇସା ମାଗୁଥିଲେ। ସେ ସୁଧ ବାବଦରେ ୫ ହଜାର ଟଙ୍କା ଫେରାଇ ଥିଲେ। ଅଗଷ୍ଟ ୨୮ ଅପରାହ୍ନ ସାଢ଼େ ୩ଟାରେ ବନିତା ୮ ବର୍ଷର ପୁଅକୁ ବାହାରପଟୁ କବାଟ ଦେଇ ଚକୁଲିଙ୍କ ଦୋକାନକୁ ଆସିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବନିତା ରାଗି ଯାଇ ଚକୁଲିଙ୍କ ତଣ୍ଟିକୁ ଧରିଥିଲେ। ମାତ୍ର ଚକୁଲି ପ୍ରତିରୋଧ କରିବାକୁ ଯାଇଁ ବନିତାଙ୍କୁ ପାଲଟା ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବନିତା ତଳେ ପଡି ଯାଇଥିଲେ। ପରେ ଚକୁଲି ଏକ ସେଲୋ ଟେପରେ ବନିତାଙ୍କ ମୁହଁ ହାତ ଓ ଏକ ଟିଉରେ ତାଙ୍କ ବେକକୁ ଚାପି ମାରି ଦେଇଥିଲେ। ଏନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ନଂ. ୨୬୬/୨୫ରେ ମାମଲା ରୁଜୁ କରିଥିଲା।

# ଛତିଶଗଡ଼ ଯୁବକଙ୍କୁ ଅପହରଣକରି ହତ୍ୟା

## ଦମ୍ପତି ଗିରଫ, ଏକାଧିକ ଫେରାର

ଭୁବନେଶ୍ୱର,୩୧୯(ସତ୍ୟଜିତ୍ ରାଉତ)

ଛତିଶଗଡ଼ର ଜଣେ ଯୁବକଙ୍କୁ ଝାଡ଼ଖଣ୍ଡ ଜାମ୍‌ସେଦପୁରରୁ ଅପହରଣ କରି ନିର୍ଯାତନା ଦେଇ ହତ୍ୟା କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଏକ ଦମ୍ପତିଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ କଟକ ମର୍କତନଗର ଥାନା ଅଞ୍ଚଳର ପ୍ରଦୀପ ଅଗ୍ରୱାଲ(୩୪) ଓ ସ୍ତ୍ରୀ ମମତା ପଟୁଆ(୩୫)। ଉଭୟଙ୍କୁ କୋର୍ଟ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ମାଷ୍ଟରମାଇଣ୍ଡ ଝାଡ଼ଖଣ୍ଡର ହୋଇଥିବାବେଳେ ସେମାନଙ୍କୁ ପୋଲିସ ଖୋଜାଖୋଜି ଚଳାଇଛି। ମୃତ ଯୁବକ ହେଲେ ଛତିଶଗଡ଼ ଗରୱାଘାଟର ମହେଶ ଚନ୍ଦ୍ର ପାନ। ଝାଡ଼ଖଣ୍ଡର ବିଜୟଲକ୍ଷ୍ମୀ ଖୋରା ଏବଂ ଜିତେନ୍ଦ୍ର ସିଂହଙ୍କ ପାଖରୁ ମହେଶ ୩ ବର୍ଷ ତଳେ ୫ ଲକ୍ଷ ଟଙ୍କା ନେଇଥିଲେ। ହେଲେ ଟଙ୍କା ଦେବା ପାଇଁ ଦିନ ଗଡ଼ାଉଥିବାରୁ ମହେଶଙ୍କୁ ଜାମ୍‌ସେଦପୁରକୁ ଡକାଇ ସେମାନେ ମାରଧର କରିଥିଲେ। ଏଥିସହ ଅପହରଣ କରି ଓଡ଼ିଶା ନେଇଆସିଥିଲେ। ଏଠାରେ ପ୍ରଦୀପ ଓ ମମତାଙ୍କ ସହାୟତାରେ ସେମାନେ ମହେଶଙ୍କୁ ଅଧିକ ନିର୍ଯାତନା ଦେଇଥିଲେ। ଅଗଷ୍ଟ ୪ରେ ମହେଶଙ୍କ ନାମ ବଦଳାଇ ରୋହିତ ପରିଚୟରେ ତାଙ୍କୁ ଚନ୍ଦ୍ରଶେଖରପୁରସ୍ଥିତ ଏକ ରିହାବ ସେଣ୍ଟରରେ ରଖିଥିଲେ। ପରେ ରିହାବ କେନ୍ଦ୍ରର ଡାକ୍ତର ମହେଶଙ୍କଠୁ ତାଙ୍କ ପରିବାର ଲୋକଙ୍କ ଯୋଗାଯୋଗ ନମ୍ବର ନେଇ ଅଗଷ୍ଟ ୨୯ରେ ଖବର ଦେଇଥିଲେ। ପରିବାର ଲୋକ ଉକ୍ତ ରିହାବ୍ କେନ୍ଦ୍ରକୁ ଆସି ମହେଶଙ୍କୁ ନେଇ ଭୁବନେଶ୍ୱରର ଏମ୍ସରେ ଭର୍ତ୍ତି କରିଥିଲେ। ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବାପା ହର୍ଷମଣିଙ୍କ ଏତଲା ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୫୨୮/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପ୍ରୟାସ ଚଳାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟାଇମ ୧୦୦ ଏଆଇ ତାଲିକାରେ ରବି କୁମାର


ରବି କୁମାର ଏସ୍

**ଭୁବନେଶ୍ୱର,୩।୯**

କଗ୍ନିଜାଣ୍ଟର ସିଇଓ ରବି କୁମାର ଏସ୍ ୨୦୨୫ ଟାଇମ ୧୦୦ ଏଆଇ ତାଲିକାରେ ସ୍ଥାନ ପାଇଛନ୍ତି। ଏନେଇ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଟାଇମ ୧୦୦ ଏଆଇ ତାଲିକା ଆଜିର ଏଆଇ ପରିଦୃଶ୍ୟକୁ ନୂଆ ରୂପ ଦେଉଥିବା ବିଭିନ୍ନ କ୍ଷେତ୍ରର ପ୍ରଭାବଶାଳୀ ଲିଡର, ଥିଙ୍କର, ବୈଜ୍ଞାନିକ ଓ ନୀତିନିର୍ମାତାମାନଙ୍କୁ ସ୍ୱୀକୃତି ପ୍ରଦାନ କରିଥାଏ। ତେବେ ରବି କୁମାରଙ୍କ ନେତୃତ୍ୱରେ କଗ୍ନିଜାଣ୍ଟ ଏଣ୍ଟରପ୍ରାଇଜ ଏଆଇକୁ ତ୍ୱରାନ୍ୱିତ କରିବା ପାଇଁ ୨୦୨୩ରେ ୧ ମିଲିୟନ ଡଲାରର ନିବେଶ ଘୋଷଣା କରିଥିଲା। କମ୍ପାନୀ ଏହାର ଗ୍ଲୋବାଲ ସିନାପ୍‌ସ ସ୍କିଲିଂ ଅଭିଯାନ ମାଧ୍ୟମରେ ବର୍ତ୍ତମାନ ଏଆଇ ଓ ଆଡଭାନ୍ସଡ୍ ଟେକ୍ନୋଲୋଜିଡ୍ କ୍ଷେତ୍ରରେ ଦକ୍ଷତା ଓ ପ୍ରଶିକ୍ଷଣ ସୁଯୋଗ ସହ ୧ ମିଲିୟନ ଲୋକଙ୍କ ନିକଟରେ ପହଞ୍ଚିଛି। ଏହାସହ ରବି କୁମାର ନିକଟରେ ସମସ୍ତ ସ୍ତରରେ ଏଆଇ ସାକ୍ଷରତା ବଢାଇବା ପାଇଁ କଗ୍ନିଜାଣ୍ଟ କର୍ମଚାରୀଙ୍କ ମଧ୍ୟରେ ବିଶ୍ୱର ସବୁଠାରୁ ବଡ଼ ଭାଇବ କୋଡିଂ ଇଭେଣ୍ଟର ଆୟୋଜନ କରିଥିଲେ। ଏହା ଏକ ଅନ୍‌ଲାଇନ ଜେନେରେଟିଭ ଏଆଇ ହାକାଥନରେ ସର୍ବାଧିକ ଅଂଶଗ୍ରହଣକାରୀଙ୍କ ପାଇଁ ଏକ ଗିନିଜ୍ ୱାର୍ଲ୍ଡରେକର୍ଡ ଟାଇଟଲ ହାସଲ କରିଥିଲା। ସେହିପରି ରବି କୁମାର ୨୦୨୩ରେ ବ୍ଲୁବୋଲ୍ଟ ପ୍ରୋଗ୍ରାମକୁ କାର୍ଯ୍ୟକାରୀ କରିଥିଲେ, ଯାହା କର୍ମଚାରୀଙ୍କୁ ବର୍ତ୍ତମାନ ସୁଦ୍ଧା ୫ ଲକ୍ଷରୁ ଅଧିକ ଆଇଡିଆ ଶେୟାର କରିବା ପାଇଁ ସଶକ୍ତ କରିଥିଲା।

# ରପ୍ତାନି କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ ସୁଯୋଗ ରହିଛି

## ରାଜ୍ୟ ସଂଲଗ୍ନ ପ୍ରଶିକ୍ଷଣ ଅଧିବେଶନ

**ଭୁବନେଶ୍ୱର,୩।୯(ଅନୁରାଧା ମହାରଣା)**

ରପ୍ତାନି କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ ସୁଯୋଗ ରହିଛି। ବିଭିନ୍ନ ଦେଶରେ ଅବସ୍ଥାପିତ ଭାରତୀୟ ଦୂତାବାସ ପକ୍ଷରୁ ମଧ୍ୟ ରପ୍ତାନି ବୃଦ୍ଧି ଦିଗରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ତେଣୁ ରପ୍ତାନିକାରୀମାନେ ଏହି ସୁଯୋଗର ସଦୁପଯୋଗକରି ବିକଶିତ ଓ ଗଠନ ଦିଗରେ ଆଗେଇ ଆସିବାକୁ ରାଜ୍ୟ ସଂଲଗ୍ନ ପ୍ରଶିକ୍ଷଣ ଅଧିବେଶନରେ ଯୋଗଦେଇ ରାଷ୍ଟ୍ରଦୂତମାନେ ଆହ୍ୱାନ ଦେଇଛନ୍ତି। ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ବୁଧବାର ରପ୍ତାନି ନୀତି ଓ ବିଶ୍ୱ ବଜାର ସଂଯୋଗୀକରଣ ଶୀର୍ଷକ ପ୍ରଶିକ୍ଷଣ ଅଧିବେଶନରେ ଯୋଗଦେବା ଅବସରରେ ରାଷ୍ଟ୍ରଦୂତମାନେ ଏପରି କହିଛନ୍ତି। ବୁକାରେଷ୍ଟରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ମନୋଜ କୁମାର ମହାପାତ୍ର, ସ୍ଲୋଭେନିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଅମିତ ନାରଙ୍ଗ, ମାଲ୍‌ଟାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ଗ୍ଲୋରିଆ ଗାଙ୍ଗତେ ପ୍ରମୁଖ ଅନ୍ତର୍ଜାତୀୟ ସହଯୋଗ ଓ ରପ୍ତାନି ବୃଦ୍ଧିର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ୟୁରୋପ ବଜାରରେ ପ୍ରବେଶ ପାଇଁ ମାଲ୍‌ଟା ଏବଂ ସ୍ଲୋଭେନିଆ ପ୍ରବେଶ ଦ୍ୱାର ହୋଇଥିବାରୁ ଏହାର ଫାଇଦା ଉଠାଇବା ପାଇଁ ସେମାନେ କହିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସୁଯୋଗର ଲାଭ ଉଠାଇ ଓଡ଼ିଆ ରପ୍ତାନିକାରୀମାନେ ବିଦେଶ ଉପକୂଳରେ ସଫଳତାର ଛାପ ଛାଡ଼ିବେ ବୋଲି ସେମାନେ ଆଶା ବ୍ୟକ୍ତ କରିଥିଲେ। ଆଲୋଚନାକୁ ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶିକା ନିମେଶିକା ନଟରାଜନ ସଞ୍ଚାଳନ କରିଥିଲେ। ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କୋଲକାତାସ୍ଥିତ ଆପେଡା ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ, ଏମ୍‌ପେଡାର ଉପ-ନିର୍ଦ୍ଦେଶକ ଡକ୍ଟର ଅଚିମାନ ଲାହିରି, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଜ୍ଞାନ ମହାନ୍ତି, ଫିକି ପକ୍ଷରୁ ରାଜେନ ପାଢ଼ୀ, ଏଫ୍‌ଆଇଇଓ ଓ ମୁଖ୍ୟ କମଳକାନ୍ତ ସାହୁ ପ୍ରମୁଖ ରପ୍ତାନି କ୍ଷେତ୍ରକୁ ବିସ୍ତାର କରିବା ପାଇଁ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସହକାରୀ ନିର୍ଦ୍ଦେଶକ ଶିଶିର ରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।




# ବଢ଼ିଲା ସୁନା, ରୁପା ଦର

**ଭୁବନେଶ୍ୱର,୩।୯(ଅନୁରାଧା ମହାରଣା)**

ପାର୍ବଣ ଋତୁରେ ନିୟମିତ ଭାବେ ସୁନା ଓ ରୁପା ଦର ବଢ଼ିବାରେ ଲାଗିଛି। ବୁଧବାର ୨୪ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୧,୦୬,୯୭୦ ଟଙ୍କା ରହିଛି । ମଙ୍ଗଳବାର ୧,୦୬,୦୯୦ ଟଙ୍କା ଥିଲା। ଏଥିରେ ୮୮୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ୨୨ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୯୮,୦୫୦ ଟଙ୍କା ରହିଛି । ମଙ୍ଗଳବାର ଏହା ୯୭,୨୫୦ ଟଙ୍କା ଥିଲା। ଏଥିରେ ୮୦୦ ଟଙ୍କା ବୃଦ୍ଧି ହୋଇଛି। ୧୮ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୮୦,୨୩୦ ଟଙ୍କା ରହିଛି। ମଙ୍ଗଳବାର ୭୯,୫୭୦ ଟଙ୍କା ଥିଲା। ଏଥିରେ ୬୬୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ରୁପା ଦାମ ମଧ୍ୟ ବୃଦ୍ଧି ହୋଇଛି। ମଙ୍ଗଳବାର ୧୦୦ ଗ୍ରାମ ରୁପା ଦାମ ରୁପା ଦର ୧୩,୬୧୦ ଟଙ୍କା ଥିଲା। ଏଥିରେ ୯୦ ଟଙ୍କା ବୃଦ୍ଧି ହୋଇ ୧୩,୭୦୦ ଟଙ୍କାରେ ପହଞ୍ଚିଛି।

# ଜନସୁରକ୍ଷା ଯୋଜନାର ପ୍ରଚାରପ୍ରସାର କରୁଛି ଓଜିବି

**ଭୁବନେଶ୍ୱର,୩।୯**

ଜନସୁରକ୍ଷା ଯୋଜନା ଅଧୀନରେ ଅର୍ଥ ମନ୍ତ୍ରଣାଳୟ ଅଧୀନ ବିତ୍ତୀୟ ସେବା ବିଭାଗ ଦ୍ୱାରା ଦେଶବ୍ୟାପୀ ଗ୍ରାମପଞ୍ଚାୟତ ସ୍ତରୀୟ ତ୍ରୈମାସିକ ପରିପୂର୍ତ୍ତି ଅଭିଯାନ ଚାଲିଛି। ଏହି ଅଭିଯାନ ମାଧ୍ୟମରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଓଜିବି) ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତିବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନ୍‌ସନ ଯୋଜନା ଆଦିର ଗ୍ରାମାଞ୍ଚଳରେ ପ୍ରଚାରପ୍ରସାର କରୁଛି। ଓଜିବି ଖଲ୍ଲିକୋଟ ଶାଖା ପକ୍ଷରୁ ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ୍‌ର ମଥୁରା ଗ୍ରାମରେ ଅନୁଷ୍ଠିତ ଏକ ଶିବିରରେ ଆର୍‌ବିଆଇର କ୍ଷେତ୍ରୀୟ ନିର୍ଦ୍ଦେଶକ ଡା. ସାରଦା ପ୍ରସନ୍ନ ମହାନ୍ତି ଉପସ୍ଥିତ ରହି ରିଜର୍ଭ ବ୍ୟାଙ୍କର ରି-କେୱାଇସି, ଏକୀକୃତ ଲୋକପାଳ ଯୋଜନା, ଦାବିହୀନ ଜମାରାଶ ଓ ସାଇବର ଫ୍ରଡ୍ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଜିବିର ଆଞ୍ଚଳିକ ପ୍ରବନ୍ଧକ ସନ୍ଦୀପ କୁମାର ପ୍ରଧାନ, ଆର୍‌ବିଆଇର ପ୍ରବନ୍ଧକ ନବଘନ ରାଉତ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଶାଖା ପରିଚାଳକ ପ୍ରିୟବ୍ରତ ସାହୁ, ସ୍ଥାନୀୟ ସରପଞ୍ଚ ହେମନ୍ତ ସେଠୀ, ଖଲ୍ଲିକୋଟ ବିଡିଓ ଦେବାଶିଷ ସାମଲ, ଗଞ୍ଜାମ ଏଲ୍‌ଡିଏମ୍ ହିମାଞ୍ଚଳ ସାହୁ ଥିଲେ।

# ଏଆଇପିଏନ୍‌ବିପିଏର ତ୍ରୈବାର୍ଷିକ ସାଧାରଣ ବୈଠକ




**ଭୁବନେଶ୍ୱର,୩।୯**

ଅଲ୍ ଇଣ୍ଡିଆ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପେନ୍‌ସନର୍ସ ଆସୋସିଏଶନର ଭୁବନେଶ୍ୱର ସର୍କଲ ପକ୍ଷରୁ ତ୍ରୈବାର୍ଷିକ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଇମେଜ୍‌ର କନ୍‌ଫେରେନ୍ସ ହଲ୍‌ରେ ସଂଘର ସର୍କଲ ସଭାପତି ଅରବିନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ପିଏନ୍‌ବି ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ଭୂଷଣ ଶର୍ମା ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସଂଘର ଅଧ୍ୟକ୍ଷ ସୁପ୍ରୀତ ସରକାର ଭାଷଣରେ ବ୍ୟାଙ୍କଗୁଡିକରେ ପେନ୍‌ସନ ସଂଶୋଧନଠାରୁ ନୂତନ ଭାବେ ପ୍ରଚଳିତ ହୋଇଥିବା ସ୍ୱତନ୍ତ୍ର ଭତ୍ତା ଉପରେ ପେନ୍‌ସନ ଓ ଗ୍ରାଚ୍ୟୁଇଟି ପ୍ରଦାନ, ଅବସରପ୍ରାପ୍ତ କର୍ମଚାରୀମାନଙ୍କର ସ୍ୱାସ୍ଥ୍ୟ

## ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ବ୍ୟାଙ୍କ ବହନ କରିବାକୁ ଦାବି

ବୀମାର ପ୍ରିମିୟମ ବ୍ୟାଙ୍କ ବହନ କରିବାର ଦାବି ସମ୍ପର୍କରେ ସଂଘର ଆନ୍ଦୋଳନ ଆହୁରି ବ୍ୟାପକ କରାଯିବ ବୋଲି କହିଥିଲେ। ସଂଘର ସର୍ବଭାରତୀୟ ସାଧାରଣ ସମ୍ପାଦକ ଅଶୋକ କୁମାର ଦେ ସଂଘକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇବିଏ ବରିଷ୍ଠ ଉପଦେଷ୍ଟା ବିକାଶ ନାରାୟଣ ମିଶ୍ର, ପିଏନ୍‌ବି ଭୁବନେଶ୍ୱର ସର୍କଲ ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ର, ଏଆଇପିଏନ୍‌ବିଓଏ ସମ୍ପାଦକ ତ୍ରୈଲୋଚନ ସାହୁ, ଏଆଇପିଏନ୍‌ବିପିଏର କାର୍ଯ୍ୟକାରୀ ସଭାପତି ସୁବ୍ରତ ଦାଶଗୁପ୍ତା, ଡିଜିଏସ୍ ତରୁଣେଇ ଚାଟାର୍ଜି, ଏଆଇବିପାର୍କ ଓଡ଼ିଶାର ସଭାପତି ଅମିତ କୁମାର ମୋତାୟଦ, ସମ୍ପାଦକ ନିରଞ୍ଜନ ଯୋଗାଣିଆ, ସଂଗଠନ ସମ୍ପାଦକ ମନ୍ମଥ ନାଥ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ମହେନ୍ଦ୍ର ନାଥ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସଞ୍ଜୟ କୁମାର ଶୁକ୍ଳା, ସମ୍ପାଦକ, ଏଆଇପିଏନ୍‌ବିପିଏ, ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ। ଓଡ଼ିଶାର ବିଭିନ୍ନ ସ୍ଥାନରେ ବାଲେଶ୍ୱର, ବ୍ରହ୍ମପୁର, କଟକ ଓ ସମ୍ବଲପୁର ସଂଘର ସଦସ୍ୟମାନେ ଏଥିରେ ଯୋଗଦେଇଥିଲେ। ଏଆଇପିଏନ୍‌ବିପିଏ କର୍ମକର୍ତ୍ତା ନିର୍ବାଚନରେ ଅଧ୍ୟକ୍ଷ ଭାବେ ନିରଞ୍ଜନ ଯୋଗାଣିଆ, ସଭାପତି ଭାବେ ଅରବିନ୍ଦ ବେହେରା ଓ ସମ୍ପାଦକ ଭାବେ ସଞ୍ଜୟ କୁମାର ଶୁକ୍ଳା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ପରିଶେଷରେ ରାଜକିଶୋର ନାୟକ ଧନ୍ୟବାଦ ଦେଇଥିଲେ।

# ନୁଭୋକୋ ସିମେଣ୍ଟର ସମ୍ପ୍ରସାରଣ ଯୋଜନା

**ଯାଜପୁର,୩।୯(ହର୍ଷବର୍ଦ୍ଧନ ବେହେରା)**

ସିମେଣ୍ଟ ପ୍ରସ୍ତୁତକାରୀ ସଂସ୍ଥା ନୁଭୋକୋ ଭିସ୍ତାସ୍ କର୍ପ ଲିମିଟେଡ୍ ପୂର୍ବାଞ୍ଚଳରେ ଏହାର ସମ୍ପ୍ରସାରଣ ଯୋଜନା ଘୋଷଣା କରିଛି। ଏଥିରେ ୨୦୦ କୋଟି ଟଙ୍କା ନିବେଶ ସହ ୪ ଏମ୍‌ଏମ୍‌ଟିପିଏ ସିମେଣ୍ଟ ଗ୍ରାଇଣ୍ଡିଂ କ୍ଷମତା ବୃଦ୍ଧି ଲକ୍ଷ୍ୟ ରଖିଛି। ଏହାପରେ ଏହାର ଉତ୍ପାଦନ କ୍ଷମତା ୧୯ରୁ ୨୩ ଏମ୍‌ଏମ୍‌ଟିପିଏକୁ ବୃଦ୍ଧି ପାଇବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଆରାସମେଟା ସିମେଣ୍ଟ ପ୍ଲାଣ୍ଟରେ ଏକ ନୂତନ ମିଲ୍ ମାଧ୍ୟମରେ ଗ୍ରାଇଣ୍ଡିଂ କ୍ଷମତାକୁ ବିସ୍ତାର କରିବାର ଯୋଜନା କରୁଛି। ଯାହା ପ୍ରମୁଖ ଉତ୍ପାଦନରେ ଯୋଜୋବେରା, ପାନାଗଡ଼ ଓ ଓଡ଼ିଶା ସିମେଣ୍ଟ ପ୍ଲାଣ୍ଟ ଦ୍ୱାରା ପରିପୂରକ। ଏକ ନୂତନ ମିଲ୍ ସମେତ କମ୍ପାନୀ ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଉପକରଣ ଅପ୍‌ଗ୍ରେଡ୍, ପ୍ରକ୍ରିୟା ଉନ୍ନତି ଏବଂ ଆଭ୍ୟନ୍ତରୀଣ ସମସ୍ୟା ଦୂର ପାଇଁ ପଦକ୍ଷେପ ଗ୍ରହଣ କରିବ।

୨୦୨୫-୨୬ ଆର୍ଥିକ ବର୍ଷର ତ୍ରୈମାସ ଶେଷ ସୁଦ୍ଧା ପ୍ରାୟ ୧ ଏମ୍‌ଏମ୍‌ଟିପିଏ ଅତିରିକ୍ତ କ୍ଷମତା, ବର୍ଷ ଶେଷ ସୁଦ୍ଧା ପ୍ରାୟ ୨ ଏମ୍‌ଏମ୍‌ଟିପିଏ ଏବଂ ୨୦୨୬-୨୭ ଆର୍ଥିକ ବର୍ଷରେ ପ୍ରାୟ ୧ ଏମ୍‌ଏମ୍‌ଟିପିଏ ଅତିରିକ୍ତ କ୍ଷମତା ଅନ୍ତର୍ଭୁକ୍ତ ହେବ। ଏହି ଉନ୍ନତି ସହିତ ପୂର୍ବାଞ୍ଚଳରେ ନୁଭୋକୋର ସିମେଣ୍ଟ ଉତ୍ପାଦନ କ୍ଷମତା ଆଗାମୀ ଦେଢ଼ ବର୍ଷ ମଧ୍ୟରେ ୨୯% ରୁ ଅଧିକ ବୃଦ୍ଧି ପାଇବ। କମ୍ପାନୀ ସୋନାଡିହ ସିମେଣ୍ଟ ପ୍ଲାଣ୍ଟରେ ଏକ ନୂତନ କୋଇଲା ଅନ୍‌ଲୋଡିଂ ଏବଂ କ୍ଲିଙ୍କର ଲୋଡିଂ ୱାଗନ୍ ସିଷ୍ଟମ ସମେତ ପ୍ରକ୍ରିୟାଗୁଡ଼ିକୁ ବୃଦ୍ଧି କରାଯାଉଛି, ଯାହା ରେକ୍ ପରିଚାଳନା ସମୟକୁ ପ୍ରାୟ ୫୦% ହ୍ରାସ କରିବ। ଏହା ସହ ଓଡ଼ିଶା ସିମେଣ୍ଟ ପ୍ଲାଣ୍ଟର ରେଳ ସାଇଡିଂ ଜରିଆରେ କଞ୍ଚାମାଲ ଏବଂ ସିମେଣ୍ଟର ପରିବହନ କ୍ଷମତା ସୁଧୁରିବା ସହ ମାଲ ପରିବହନ ଖର୍ଚ୍ଚ ହ୍ରାସ କରିବ। ପୂର୍ବ ମଧ୍ୟପ୍ରଦେଶ, ପୂର୍ବ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ବଜାରରେ ଅଧିକ ପ୍ରବେଶ ସହ ପ୍ରତିଯୋଗିତାମୂଳକ ଏବଂ ସ୍ଥାୟୀ ଭାବରେ ପ୍ରଦାନ କରିବାରେ ନୁଭୋକୋର କ୍ଷମତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ନୁଭୋକୋ ଭିଷ୍ଟାସ୍ କର୍ପୋରେଶନ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଜୟକୁମାର କୃଷ୍ଣସ୍ୱାମୀ କହିଛନ୍ତି, ଭାରତରେ ସିମେଣ୍ଟ ଚାହିଦା ୨୦୨୫-୨୬ ଆର୍ଥିକ ବର୍ଷରେ ୭ ରୁ ୮% ସିଏଜିଆର୍‌ରେ ବୃଦ୍ଧି ପାଇବାର ଆକଳନ କରାଯାଇଛି।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, 2BHK/3BHK Flat/ Duplex ଅଛି। 8327785834. D-1781

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call-9827439338. D-1803

3BHK Ready to move flat for sale at Sundarpada. Price-60 Lakhs. Contact: 7606024182. D-1842




Newly open health benefits SPA by expert therapist. Contact-8280961126. D-76935

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ନଂ.- ୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୪୫୩ /୨୦୨୪

ନରେଶ ଚନ୍ଦ୍ର ନାୟକ ....ବାଦୀ

ବନାମ

ପ୍ରବେଶ କୁମାର ବିଶ୍ୱାଳ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ

୨। ବାଇଧର ସାହୁ, ପିତା ସ୍ୱର୍ଗତ ଗିରିଧାରୀ ସାହୁ, ଗ୍ରାମ/ପୋଷ୍ଟ- ଘାଟିକିଆ, ଥାନା- ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ୪। ପ୍ରେମଲତା ଦେବୀ, ପିତା ସ୍ୱର୍ଗତ ବନମାଳୀ ପଣ୍ଡା, ଗ୍ରାମ/ପୋଷ୍ଟ- ପ୍ରତାପ ଶାସନ, ଥାନା- ବାଲିଅନ୍ତା, ଜିଲା- ଖୋର୍ଦ୍ଧା, ୫। ତୁଟୁ ଓଝା, ପିତା ସ୍ୱର୍ଗତ ଚକର ଓଝା, ୬। ଗୋପୀ ଓଝା, ପିତା ସ୍ୱର୍ଗତ ଅପରତି ଓଝା, ୭। ଦୋଷୀ ଓଝା, ପିତା ସ୍ୱର୍ଗତ ଗୋବିନ୍ଦ ଓଝା।
ପ୍ରତିବାଦୀ ୫,୬ ଏବଂ ୭ମାନଙ୍କର ବାସସ୍ଥାନ ଗ୍ରାମ/ପୋଷ୍ଟ- ଘାଟିକିଆ, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା।

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.୨, ୪ ଏବଂ ୫ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ ୬ ଏବଂ ୭ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ. ୩, ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୦୯।୧୦।୨୫ ଦିବା ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲ ଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଘାଟିକିଆ, ତହସିଲ- ଭୁବନେଶ୍ୱର, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା।

ସାବକ ଖାତା ନଂ.- ୨୦୫, ସାବକ ପ୍ଲଟ୍ ନଂ.- ୧୧୩୯, ଏରିଆ- ଏ.୦.୦୯୦ଡି., ହାଲ୍ ଖାତା ନଂ.- ୪୨୨, ହାଲ୍ ପ୍ଲଟ୍ ନଂ.- ୪୦୧୬/୯୦୮୪, ଏରିଆ- ଏ.୦.୦୯୦ଡି.

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.-୩ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-1847

# ସେଣ୍ଟର ଫର୍ ସାଇଟରେ ମିଳିବ ଆଡଭାନ୍ସଡ ରେଟିନାଲ ସେବା

**ଭୁବନେଶ୍ୱର,୩।୯**

ସୁପର-ସ୍ପେଶାଲିଟି ଆଇ ହସ୍ପିଟାଲ ଶୃଙ୍ଖଳା ସେଣ୍ଟର ଫର ସାଇଟ ଗ୍ରୁପ ଅଫ୍ ଆଇ ହସ୍ପିଟାଲସ୍ ପକ୍ଷରୁ ଭୁବନେନଶ୍ୱରରେ ଏହାର ଆଡଭାନ୍ସଡ ରେଟିନା ସେବାର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହା ଓଡିଶାରେ ବିଶ୍ୱସ୍ତରୀୟ ଚକ୍ଷୁ ଚିକିତ୍ସା ପ୍ରଦାନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ କରିଛି। ଏହି ଶୁଭାରମ୍ଭ ସମୟରେ ସେଣ୍ଟର ଫର୍ ସାଇଟ ପକ୍ଷରୁ ଭିଟ୍ରିଓରେଟିନାଲ ସର୍ଭିସ ପାଇଁ ଏହାର ସିନିଅରଣ୍ କନ୍‌ସଲ୍‌ଟାଣ୍ଟ ଭାବେ ଭାରତର ଅଗ୍ରଣୀ ଭିଟ୍ରିଓରେଟିନାଲ ସର୍ଜନ ଡକ୍ଟର ସମର୍ଥ ମିଶ୍ରଙ୍କୁ ସ୍ୱାଗତ କରାଯାଇଛି। ଏହି ରେଟିନା ୟୁନିଟ ଡାଇବେଟିକ ରେଟିନୋପାଥି, ରେଟିନାଲ ଡିଟାଚମେଣ୍ଟ, ଏଜ-ରିଲେଟେଡ ମାକ୍ୟୁଲାର ଡିଜେନେରେଶନ (ଏଆରଏମଡି), ମାକ୍ୟୁଲାର ହୋଲ୍ ଓ ଜଟିଳ ଭିଟ୍ରିଓରେଟିନାଲ ରୋଗ ଭଳି ଏକ ବିସ୍ତୃତ ଶୃଙ୍ଖଳାର ରେଟିନା ରୋଗର ନିଦାନ ଓ ଚିକିତ୍ସା ପ୍ରଦାନ କରିବ। ଏହି ଅବସରରେ ଡା. ମିଶ୍ର କହିଛନ୍ତି, ରେଟିନା ସମ୍ବନ୍ଧିତ ରୋଗଗୁଡିକ ପ୍ରାୟତଃ ନୀରବରେ ଗମ୍ଭୀର ସ୍ଥିତି ଆଡକୁ ଅଗ୍ରସର କରିଥାଏ ଏବଂ ଏହାକୁ ସଠିକ ସମୟରେ ଚିକିତ୍ସା କରାନଗଲେ ତାହା ଅପରିବର୍ତନୀୟ ଦୃଷ୍ଟିଶକ୍ତି କ୍ଷୟର କାରଣ ହୋଇପାରେ। ସୂଚନା ଥାଉକି, ଏମକେସିଜି ମେଡିକାଲ କଲେଜ, ବ୍ରହ୍ମପୁର ଏବଂ ଭିମସାର, ବୁର୍ଲାର ଜଣେ ଛାତ୍ର ଥିବା ଡା. ମିଶ୍ର ଏଲଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟରେ ପ୍ରଶିକ୍ଷିତ ଅଟନ୍ତି ଏବଂ ସଙ୍କର ନେତ୍ରାଳୟ, ଚେନ୍ନାଇ ଓ କୋଲକାତାରେ ନିଜର ଫେଲୋସିପ ସମ୍ପୂର୍ଣ୍ଣ କରିଛନ୍ତି। ଆଡଭାନ୍ସଡ ରେଟିନାଲ ସର୍ଜରୀ କ୍ଷେତ୍ରରେ ୨୫ ବର୍ଷରୁ ଅଧିକ ଦକ୍ଷତା ସହିତ ଡା. ମିଶ୍ର ଓଡିଶାର ଅଗ୍ରଣୀ ହସ୍ପିଟାଲଗୁଡିକରେ ଭିଟ୍ରିଓରେଟିନାଲ ସେବାର ନେତୃତ୍ୱ ନେଇଛନ୍ତି। ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ପ୍ରଫେସର (ଡକ୍ଟର) ମହିପାଲ ଏସ. ସଚଦେବଙ୍କ ଦ୍ୱାରା ୧୯୯୬ରେ ସ୍ଥାପିତ ସେଣ୍ଟର ଫର ସାଇଟ ୩୦ରୁ ଅଧିକ ସହରରେ ୮୫ରୁ ଅଧିକ ହସ୍ପିଟାଲ, ୩୫୦ରୁ ଅଧିକ ବିଶେଷଜ୍ଞ ଡାକ୍ତରଙ୍କ ଏକ ଟିମ ଏବଂ ପ୍ରାୟ ୩ ଦଶନ୍ଧିର ବିଶେଷଜ୍ଞତା ସହିତ ଭାରତର ଅନ୍ୟତମ ବିଶ୍ୱସନୀୟ ଆଇ କେୟାର ନେଟ୍‌ୱର୍କରେ ପରିଣତ ହୋଇଛି।









# ବିଓବି ପକ୍ଷରୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର

**ଭୁବନେଶ୍ୱର,୩।୯**

୩ ମାସିଆ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସାଚୁରେଶନ ଅଭିଯାନର ଏକ ଅଂଶ ଭାବରେ ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ରାମେଶ୍ୱର ଗ୍ରାମ ପଞ୍ଚାୟତ (ନିରାକାରପୁର)ରେ ଆର୍ଥିକ ପ୍ରସାର ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୦୦ରୁ ଅଧିକ ଗ୍ରାମବାସୀ ଯୋଗଦେଇଥିଲେ। ଉଦଘାଟନୀ ସଭାରେ ବ୍ୟାଙ୍କ ଅଫ ବରୋଦାର ଭୁବନେଶ୍ୱର କ୍ଷେତ୍ରର ଉପ-ମହାପ୍ରବନ୍ଧକ ଏବଂ କ୍ଷେତ୍ରୀୟ ମୁଖ୍ୟ ସତ୍ୟ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସେ ଦେଶର ସର୍ବଶେଷ ଲୋକ ପର୍ଯ୍ୟନ୍ତ ବ୍ୟାଙ୍କିଙ୍ଗ ସେବା ପହଞ୍ଚାଇବା ଓ ଗ୍ରାମୀଣ ଲୋକଙ୍କୁ ସହଜରେ ଆର୍ଥିକ ପ୍ରୟୋଗରେ ସଶକ୍ତ କରିବା ପାଇଁ ବ୍ୟାଙ୍କର ଲକ୍ଷ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ ବରୋଦାର ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଜୋନାଲ ହେଡ ସ୍ୱପ୍ନା ବନ୍ଦୋପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କର ବକ୍ତବ୍ୟରେ ଆର୍ଥିକ ସାକ୍ଷରତା, ସମାଜିକ ସୁରକ୍ଷା ଯୋଜନାରେ ସମୟୋଚିତ ନାମାଙ୍କନ ଏବଂ ଗ୍ରାମୀଣ ଭାରତରେ ଡିଜିଟାଲ ଠକେଇର ପ୍ରତିରୋଧର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ। ଏହି ସଭାରେ ଖୋର୍ଦ୍ଧା ଜିଲାର ଲିଡ ଡିଷ୍ଟ୍ରିକ୍ଟ ମ୍ୟାନେଜର ଅନିଲ ଭୋଇ ମଧ୍ୟ ଉପସ୍ଥିତ ଥିଲେ। ସମାପନୀ ସଭାରେ ବ୍ୟାଙ୍କ ଅଫ ବରୋଦାର ନିରାକାରପୁର ଶାଖା ପ୍ରବନ୍ଧକ ମନୋଜ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଜଲସା...ଜଲସା...

ଓଲିଉଡ୍‌ରେ ଏବେ ଏକ ଚଳଚ୍ଚିତ୍ରର ଗୀତକୁ ନେଇ ବେଶ୍ ଚର୍ଚ୍ଚା। ଉକ୍ତ ଗୀତଟି ହେଲା, ଜଲସା..ଜଲସା..। ଏହାକୁ ନିର୍ମାଣାଧୀନ ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ'ରେ ଦର୍ଶକ ଦେଖିବାକୁ ପାଇବେ। ସୋସିଆଲ ମିଡିଆରେ ଏହି ଗୀତ ମଧ୍ୟ ବେଶ୍ ଭାଇରାଲ ହୋଇଛି। ଏହାକୁ ପରିକଳ୍ପନା କରିଛନ୍ତି ଚିତ୍ରଟିର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଏବଂ ପ୍ରଯୋଜିକା ବର୍ଷା ପଟ୍ଟନାୟକ। ଗୀତଟି ସନୋଜ, ସୂର୍ଯ୍ୟମୟୀ, ସୌରଭ, ମନ୍ମୟ, ନିଶାନ୍ତ ଓ ପିହୁ ଉପରେ ଦୃଶ୍ୟାୟନ କରାଯାଇଛି। ଏହାକୁ କୋରିଓଗ୍ରାଫି କରିଛନ୍ତି ଆଗଧାଡ଼ିର କୋରିଓଗ୍ରାଫର ଅମିତ ନାୟକ। ମନୋଜ କୁମାର ପଣ୍ଡା ଗୀତଟିକୁ ରଚନା କରିଥିବା ବେଳେ ସ୍ୱର ଦେଇଛନ୍ତି ଆଶିଷ ପ୍ରଧାନ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର ଓ ଅନ୍ତରା ଚକ୍ରବର୍ତ୍ତୀ। ଏହି ଗୀତଟି ଏଥର ପୂଜା ବଜାରରେ ବେଶ୍ ଶ୍ରୋତାଦୃତ ହେବ ବୋଲି ନିର୍ଦ୍ଦେଶକ ଦୃଢ଼ ଆଶା ରଖିଛନ୍ତି। ଅମିୟ ପଟ୍ଟନାୟକ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରର ପ୍ରମୁଖ ଭୂମିକାରେ ସାର୍ଥକ ଭରଦ୍ୱାଜ, ଭୂମିକା ଦାଶ, ଦ୍ୱୀପନ୍ୱୀତ ଦାଶମହାପାତ୍ର, ହର ରଥ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ କଳାକାର।



'ମନ୍ତ୍ରମୁଗ୍ଧ' ଫିଲ୍ମର ଜଲସା ଗୀତରେ ସୂର୍ଯ୍ୟମୟୀ

# ସାର୍ ଆସୁଛନ୍ତି

ନୂଆ ଓଡ଼ିଆ ସିନେମା 'ସାର୍'ର ସମସ୍ତ କାମ ଶେଷ ହୋଇଛି ଏବଂ ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ଜଣାପଡିଛି। ଏହାର ଲିଡ୍ ରୋଲ୍‌ରେ ଅଭିନୟ କରୁଛନ୍ତି ଅଭିଷେକ ରଥ ଏବଂ ଆର୍ଲିନ ଅଙ୍କିତା। କାହାଣୀ ଅନୁସାରେ ଅଗଣି ମହାନ୍ତି ଜଣେ ଶିକ୍ଷକ। ସମୟକ୍ରମେ ଦୁଇ ଜଣ–ରମେଶ ଛୋଟରାୟ ଏବଂ ମୁରଲୀ ନାୟକ ତାଙ୍କ ପାଖରୁ ପାଠ ପଢ଼ି ଭଲ ଚାକିରି କରନ୍ତି। ହେଲେ ପରବର୍ତ୍ତୀ ସମୟରେ ସାର୍‌ଙ୍କୁ ଖୋଜିବାକୁ ଯାଆନ୍ତି। ଆଉ ସେତେବେଳକୁ ଅଗଣି ସାର୍ କିପରି ଅବସ୍ଥାରେ ଥାଆନ୍ତି ଏବଂ ଏହି ଦୁଇ ଜଣ ତାଙ୍କୁ କିପରି ସାହାଯ୍ୟ କରନ୍ତି ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଡା. କମଳ ଲୋଚନ ସାହୁ ଏହାର ପ୍ରଯୋଜନା କରିବା ସହ କାହାଣୀ ଏବଂ ସଂଳାପ ମଧ୍ୟ ଲେଖିଛନ୍ତି। ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କେଶବ ମଲ୍ଲିକ। ସ୍ୱର ସଂଯୋଜନା କରିଛନ୍ତି ଆରୋହୀ ଅଜିତା। ଫିଲ୍ମଟିର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସମରେଶ ରାଉତରାୟ, ଅଶ୍ରୁମୋଚନ ମହାନ୍ତି, ଦ୍ୱିପନ୍ୱୀତ ଦାସମହାପାତ୍ର, ସସ୍ମିତା ମହାନ୍ତି, ମିଲି ମିଶ୍ର, ନୀଳମଣି ସାହୁ, ଋଷି ପଟ୍ଟନାୟକ, ଚିତ୍ତରଞ୍ଜନ ମହାନ୍ତି ଏବଂ ଶିଶୁ କଳାକାର ଯଶ କ୍ରିଷ୍ଣା। ଚିତ୍ରଟିର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ଅମରେଶ ବେଉରା।



(ବାମରୁ) ଆର୍ଲିନ, କେଶବ, ଅଭିଷେକ ଏବଂ ଡା. କମଳ ଲୋଚନ ସାହୁ



କ୍ୟାଟ୍ରିନା

# ଭାଙ୍ଗିପଡ଼ି ନ ଥିଲେ କ୍ୟାଟ୍ରିନା

କ୍ୟାଟ୍ରିନା କୈଫ ଇତିମଧ୍ୟରେ ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବରେ ପ୍ରତିପାଦିତ କରିପାରିଛନ୍ତି। ପ୍ରଥମ ସିନେମା 'ବୁମ୍' (୨୦୦୩) ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। କିନ୍ତୁ ସେଥିରେ ସେ ଭାଙ୍ଗି ପଡ଼ି ନ ଥିଲେ। ନିଜ ଉପରେ ତାଙ୍କର ଶତ ପ୍ରତିଶତ ବିଶ୍ୱାସ ଥିଲା। ବାସ୍, ତାକୁ ପାଥେୟ କରି ସେ ଆଗକୁ ପାଦ ଥାପିଥିଲେ। ଅବଶ୍ୟ ଏହା ପୂର୍ବରୁ ସେ ମଡେଲିଂ କ୍ଷେତ୍ରରେ ନିଜର ଆଧିପତ୍ୟ ବିସ୍ତାର କରିସାରିଥିଲେ। ଅଭିନୟ ପାଇଁ ସୁଯୋଗ ପାଇବା ପରେ ତାହାକୁ ସେ ହାତଛଡ଼ା କରି ନ ଥିଲେ। ହେଲେ ୨୦୦୪ରେ ଭାଗ୍ୟଦେବୀ ତାଙ୍କ ପ୍ରତି ପ୍ରସନ୍ନ ହୋଇଥିଲେ। ତେଲୁଗୁ ଫିଲ୍ମ 'ମାଲ୍ଲେଶ୍ୱେରୀ' ହିଟ୍ ସାବ୍ୟସ୍ତ ହେବା ପରେ ତାଙ୍କର ମନୋବଳ ଆହୁରି ଦୃଢ଼ ହୋଇଥିଲା। ତା'ପରେ କେତୋଟି ହିନ୍ଦୀ ସିନେମା ଦର୍ଶକାଦୃତ ହେଲା। ବାସ୍, ସେଠାରୁ କ୍ୟାଟ୍ରିନାଙ୍କ ଅଭିନୟ କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା। 'ମୈନେ ପ୍ୟାର୍ କ୍ୟୁଁ କିୟା', 'ନମସ୍ତେ ଲଣ୍ଡନ', 'ନ୍ୟୁୟର୍କ' ବକ୍ସ ଅଫିସରେ ଭଲ ବିଜନେସ କଲା। 'ମେରି ବ୍ରଦର କି ଦୁଲହନିୟାଁ' ପାଇଁ ତାଙ୍କୁ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। ଏ ବିଷୟରେ କ୍ୟାଟ୍ରିନା କହନ୍ତି, 'ଆକ୍ଟିଂ ଏଭଳି ଏକ ଲାଇନ୍ ଯେଉଁଥିରେ ଅପ୍ ଡାଉନ୍ ଲାଗିରହିଥାଏ। ମୋ କ୍ଷେତ୍ରରେ ମଧ୍ୟ ସେଇଆ ହୋଇଥିଲା। ମଡେଲିଂରୁ ଅଭିନୟକୁ ଆସିବା ପରେ ମୋର ଅନେକ ଆଶା ଥିଲା। ଯାହାହେଉ ବଲିଉଡ୍‌ର ଅଗଣିତ ଦର୍ଶକ ମୋତେ ଯେଉଁ ଭଲ ପାଇବା ଦେଇଛନ୍ତି ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ।'' ହାୱାଇର ଏକ ଜୁଏଲେରି କ୍ୟାମ୍ପେନ ପାଇଁ ସେ ପ୍ରଥମେ ମଡେଲିଂ କରିଥିଲେ। ସେତେବେଳେ ତାଙ୍କୁ ମାତ୍ର ୧୪ ବର୍ଷ ବୟସ ହୋଇଥିଲା। କ୍ୟାଟ୍ରିନା କେବଳ ଜଣେ ଅଭିନେତ୍ରୀ ନୁହନ୍ତି ସେ ମଧ୍ୟ ଜଣେ ଭଲ ଚିତ୍ରକର। ଅବସର ମିଳିଲେ ସେ ପେଣ୍ଟିଂ କରିବାକୁ ବସିପଡ଼ନ୍ତି। ତା' ସହ ନିଜର ଫିଟନେସ୍‌କୁ ନେଇ ସବୁବେଳେ ସଚେତନ ଥାଆନ୍ତି ଏହି ଅଭିନେତ୍ରୀ।

# ନର୍ଗିସଙ୍କୁ ସମୟ ମିଳିଲେ...

ସାଧାରଣତଃ କଳାକାରମାନେ ସେମାନଙ୍କ ପେସାକୁ ନେଇ ବ୍ୟସ୍ତ ଥାଆନ୍ତି। ହେଲେ ଯେତେବେଳେ ମଡେଲ-କମ୍-ଅଭିନେତ୍ରୀ ନର୍ଗିସ ଫକ୍ରିଙ୍କୁ ଯେତେବେଳେ ସମୟ ମିଳେ ସେ ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବାକୁ ଭଲ ପାଆନ୍ତି। ଏ ବିଷୟରେ ସେ କହନ୍ତି, ''ମୋର କ୍ୟାରିୟର ଆରମ୍ଭ ମଡେଲିଂରୁ। ପୁଣି ମୋତେ ସେତେବେଳେ ମାତ୍ର ୧୬ ବର୍ଷ ବୟସ ହୋଇଥିଲା। ଏହା ବ୍ୟତୀତ ଦୀର୍ଘ ୧୪ ବର୍ଷ ଧରି ମୁଁ ଅଭିନୟ ସହ ଜଡିତ। ଫୁର୍‌ସତ୍ ମିଳେ ସେତେବେଳେ ମୁଁ ବିଭିନ୍ନ ଟୁରିଷ୍ଟ ସ୍ଥାନ ବୁଲିବାକୁ ଯାଇଥାଏ। ମୋର ଆଉ ଏକ ଅଭ୍ୟାସ ରହିଛି। ମନ ପସନ୍ଦର ଖାଦ୍ୟ ଦେଖିଲେ ତାକୁ ନ ଖାଇ ମୁଁ ରହି ପାରେନା। ମୋତେ ଚକୋଲେଟ୍ ଖାଇବାକୁ ବେଶି ଭଲ ଲାଗେ। ଯେହେତୁ ମୁଁ ଭଲ ଭାବରେ ହିନ୍ଦୀ କହିପାରୁ ନ ଥିଲି ତେଣୁ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଡର ଲାଗୁଥିଲା। କିନ୍ତୁ ସମୟକ୍ରମେ ତାହା ଦୂର ହୋଇଗଲା।'' ତାଙ୍କର ଏହି କ୍ୟାରିୟର ଭିତରେ ସେ ମାତ୍ର ୧୬ଟି ହିନ୍ଦୀ ସିନେମାରେ ଅଭିନୟ କରିଛନ୍ତି। ତାଙ୍କ ଅଭିନୀତ ଶେଷ ଫିଲ୍ମ 'ହାଉସଫୁଲ ୫' ଆଶାନୁରୂପ ବିଜନେସ୍ କରିଥିଲା।



ନର୍ଗିସ

# କେବେ ଭାବି ନ ଥିଲେ କରୀନା...

କରୀନା କପୁର ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଭାବରେ ପରିଗଣିତ ହୁଅନ୍ତି। ତାଙ୍କର ଜନ୍ମ ଏକ କଳାକାର ପରିବାରରେ। ତେଣୁ ଏଭିଳ ଏକ ପରିବେଶରେ ତାଙ୍କର ପିଲାଦିନ କଟିଥିଲେ ମଧ୍ୟ ଭବିଷ୍ୟତରେ ସେ ଦିନେ ଆକ୍ଟିଂକୁ କ୍ୟାରିୟର କରିବେ ସେ କଥା କେବେ ଭାବି ନ ଥିଲେ। ଆଇନ ପଢୁଥିବା ବେଳେ ତାଙ୍କର ଏକ ଆଶା ଥିଲା। ପାଠ ପଢ଼ା ପରେ ସେ ଜଣେ କ୍ରିମିନାଲ ଓକିଲ ହେବେ। ହେଲେ କ'ଣ ହେବ ? ସତେ ଯେମିତି ଭାଗ୍ୟଦେବୀ ତାଙ୍କ ପ୍ରତି ପ୍ରସନ୍ନ ନ ଥିଲେ। ଯାହା ଭାବୁଥିଲେ ତାହା ତ ହେଲେ ନାହିଁ, ଶେଷକୁ ବଲିଉଡ୍‌ରେ ନିଜର ଭାଗ୍ୟ ପରୀକ୍ଷା କରିବାକୁ ସ୍ଥିର କରିଥିଲେ ଏହି ଅଭିନେତ୍ରୀ। ଏ ବିଷୟରେ କରୀନା କହନ୍ତି, ''ପାଠ ପଢ଼ିବା ବେଳେ ମୋର ରୁଚି ଆଦୌ ଅଭିନୟ ପ୍ରତି ନ ଥିଲା। ଆମ ପରିବାର ବଲିଉଡ୍ ସହ ଜଡିତ, ହେଲେ ଅଭିନୟକୁ କ୍ୟାରିୟର କରିବା କଥା କେବେ ଚିନ୍ତା କରି ନ ଥିଲି। ଯେହେତୁ ମୁଁ ଜଣେ ଆଇନ ଛାତ୍ରୀ ଥିଲି, ତେଣୁ ଓକିଲାତିକୁ ପେସା କରିବାକୁ ଚାହିଁଥିଲି। କିନ୍ତୁ ବିଧିର ବିଧାନ ଅଲଗା। ଶେଷକୁ ମୋତେ ଆକ୍ଟିଂ କରିବାକୁ ପଡିଥିଲା। ଯାହାହେଉ ଦର୍ଶକଙ୍କ ଭଲ ପାଇବା ମୋତେ ଆଜି ଜଣେ ଲୋକପ୍ରିୟ ଅଭିନେତ୍ରୀ ଭାବରେ ପରିଚିତ କରାଇ ପାରିଛି।'' କିନ୍ତୁ ତାଙ୍କର ଅଭିନୟ କ୍ୟାରିୟର ଭିତରେ ଅନେକ ଉତ୍‌ଥାନ ପତନ ଘଟିଥିଲା। କେତେକ ଭଲ ଭଲ ଅଫର ସେ ହାତଛଡା କରିଥିଲେ। ସେଗୁଡ଼ିକ ମଧ୍ୟ ରହିଛି ସୁପରହିଟ୍ ଫିଲ୍ମ 'କହୋନା ପ୍ୟାର ହେ', 'କଲ୍ ହୋ ନା ହୋ' ଏବଂ 'କୁଇନ୍'ରେ ଅଭିନୟ କରିବାକୁ ତାଙ୍କୁ ଅଫର ମିଳିଥିଲା। ହେଲେ ଏଗୁଡ଼ିକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ।



କରୀନା

ନୂଆ ସିନେମା

# ସ୍ୱାଗ ରାଜା

ଅଭିନେତା ସ୍ୱରାଜ ବାରିକ ଏଥର ନୂଆ ଅବତାରରେ ପଦରା ଉପରକୁ ଆସୁଛନ୍ତି। ଆଉ ଏଭଳି ଏକ ଭୂମିକା ପାଇବା ପରେ ଏହାର ସଫଳତାକୁ ନେଇ ବେଶ୍ ଆଶାବାନ୍ଧିଛନ୍ତି ସେ। 'ତୁ ମୋ ଲଭ୍ ଷ୍ଟୋରି'ରୁ ତାଙ୍କର ନାୟକ କ୍ୟାରିୟର ଆରମ୍ଭ ହୋଇଥିଲା। ନିକଟରେ ସେ ଏକ ନୂଆ ସିନେମା ସାଇନ୍ କରିଥିଲେ, ଯାହାର ଶୁଟିଂ ଏବେ ଆରମ୍ଭ ହୋଇଯାଇଛି। ଏହି ଚିତ୍ରର ଟାଇଟଲ ରହିଛି 'ସ୍ୱାଗ ରାଜା'। ତେବେ ସେ କିଏ, ତାହାର ଅଭିସନ୍ଧି କ'ଣ–ଏସବୁ ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଗୁରର୍ଭି ପ୍ରଡକ୍ସନ ବ୍ୟାନରରେ ଏବଂ ସିଦ୍ଧାର୍ଥ ମ୍ୟୁଜିକ ସହାୟତାରେ ଏହାକୁ ନିର୍ମାଣ କରାଯାଉଛି। ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ସଂଗ୍ରାମ ତ୍ରିପାଠୀ ଏବଂ ସାଇ ସନାତନ। ଏହାକୁ ପରିକଳ୍ପନା କରିବା ସହ ଏକ୍‌ଜିକ୍ୟୁଟିଭ ପ୍ରଯୋଜକ ଅଛନ୍ତି ସମ୍ବିତ ଜେନା। କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାଶ ଏବଂ ପ୍ରଣବ ପ୍ରସନ୍ନ ରଥ। ଗୀତଗୁଡିକର ସ୍ୱର ଦେଇଛନ୍ତି ବର୍ତ୍ତମାନର ଆଗଧାଡିର ସ୍ୱର ସଂଯୋଜକ ଗୌରବ ଆନନ୍ଦ। କ୍ୟାମେରା ପରିଚାଳନାରେ ଅଛନ୍ତି ବିଭୂତି ଭୂଷଣ ବିଶ୍ୱାଳ। ସବୁଠାରୁ ଖାସ୍ କଥା ହେଲା, ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ସୁପରହିଟ୍ ଓଡ଼ିଆ ସିନେମା 'ବୋଉ ବୁଟୁ ଭୂତ'ରୁ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଥିବା ନିର୍ଦ୍ଦେଶକ ଜଗଦୀଶ ମିଶ୍ର।



ସ୍ୱରାଜ

ଶୁଟିଂ ଚାଲିଛି

# ରାମରାଜ୍ୟ



ପ୍ରେମ ପରିଜା

ଓଲିଉଡ୍‌ର ଆଗଧାଡ଼ିର ତଥା ଯୁବ ପ୍ରଯୋଜକ ପ୍ରୀତମ ସାହୁ ଏବେ ଏକ ସିନେମା ନିର୍ମାଣରେ ବ୍ୟସ୍ତ ଅଛନ୍ତି। କିଛି ବର୍ଷ ପୂର୍ବେ ତାଙ୍କ ଦ୍ୱାରା ପ୍ରଯୋଜିତ 'କଟକ : ଶେଷରୁ ଆରମ୍ଭ' ଦଶହରାରେ ହିଟ୍ ସାବ୍ୟସ୍ତ ହୋଇଥିଲା। ବାସ୍, ଏହାର କାହାଣୀ ଯେଉଁଠି ଶେଷ ହୋଇଥିଲା ଏହି ନୂଆ ସିନେମାର କଥାବସ୍ତୁ ସେଠାରୁ ହିଁ ଆରମ୍ଭ ହେଉଛି। ଫିଲ୍ମଟିର ଟାଇଟଲ ରହିଛି 'ରାମ ରାଜ୍ୟ'। ଏହି ପ୍ୟାନ୍–ଇଣ୍ଡିଆ ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ବରିଷ୍ଠ ନର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ଚିତ୍ରଟିର ଶୁଟିଂ ଏବେ ଚାଲୁ ରହିଛି। ଏହାର ନାୟକ ଚରିତ୍ରରେ ଅଭିନୟ କରୁଛନ୍ତି ନବାଗତ ପ୍ରେମ ପରିଜା। ଏହାପୂର୍ବରୁ ସେ ବିପୁଲ ଶାହାଙ୍କ ମେଗା ଧାରାବାହିକ ତଥା ଜିଓ ହଟ୍‌ଷ୍ଟାରରେ ପ୍ରସାରିତ 'କମାଣ୍ଡୋ'ରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଁଟିଥିଲେ। ମୁମ୍ବାଇରେ ରହୁଥିବା ପ୍ରେମ ଏହି ଫିଲ୍ମରେ ଆକ୍ସନ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଏହାର ସଂଳାପ ରଚନା କରିଛନ୍ତି ଦିଲୀପ ଚୌଧୁରୀ। ମୁମ୍ବାଇର ରୋହିତ ରାୟ, କନିକା ମାନ୍‌ଙ୍କ ବ୍ୟତୀତ ଅଭିଷେକ ପଣ୍ଡା, ପୁନମ୍ ମିଶ୍ର, ଜ୍ୟୋତି ମିଶ୍ର ଏବଂ ଏକ ବିଶେଷ ଭୂମିକାରେ ପ୍ରଯୋଜକ ପ୍ରୀତମ୍‌ଙ୍କୁ ଦେଖିବାକୁ ମିଳିବ। ତେବେ ସମ୍ପୂର୍ଣ୍ଣ ଆକ୍ସନ–ପ୍ୟାକ୍‌ଡ ଏହି ସିନେମା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଦୃଢ଼ ଆଶା ରଖିଛନ୍ତି ସୁଧାଂଶୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୪/୨୦୨୫ | Bhubaneswar, Thursday, September 4/ 2025

# ଜୋକୋଭିଚ୍-ଅଲ୍‌କାରାଜ ସେମିଫାଇନାଲ

**ୟୁଏସ୍ ଓପନ୍ ଟେନିସ୍**

**ନ୍ୟୁୟର୍କ, ୩।୯**

ସର୍ବିଆର ନୋଭାକ୍ ଜୋକୋଭିଚ୍ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୭ମ ସିଡ୍ ଜୋକୋଭିଚ୍ ସେମିଫାଇନାଲରେ ୨ୟ ସିଡ୍ ସ୍ପେନ୍‌ର କାର୍ଲୋସ ଅଲ୍‌କାରାଜଙ୍କୁ ଭେଟିବେ। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଜୋକୋଭିଚ୍ ୪ର୍ଥ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ୬-୩, ୭-୫, ୩-୬, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ପୂର୍ବରୁ ଅନୁଷ୍ଠିତ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଅଲ୍‌କାରାଜ ୨୦ତମ ସିଡ୍ ଚେକ୍ ରିପବ୍ଲିକ୍‌ର ଜିରି ହେହେକାଙ୍କୁ ୬-୪, ୬-୨, ୬-୪ ସେଟ୍‌ରେ ହରାଇ ଦେଇଥିଲେ। ଆସନ୍ତା ଶନିବାର ପ୍ରଥମ ସେମିଫାଇନାଲରେ ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ହେଭିଓ୍ୱେଟ୍ ମୁକାବିଲା ହେବ। ୨୦୨୩ରେ ଚାମ୍ପିୟନ ହେବାପରେ ଅଲ୍‌କାରାଜ ଆର୍ଥର ଆଶ୍ ଷ୍ଟାଡିୟମରେ ପ୍ରଥମଥର ପାଇଁ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୪ ଥର ଗ୍ରାଣ୍ଡସ୍ଲାମ ବିଜେତା ଜୋକୋଭିଚ୍ ଚଳିତ ବର୍ଷ ଜାନୁଆରୀରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମର କ୍ୱାର୍ଟର ଫାଇନାଲରେ ଅଲ୍‌କାରାଜଙ୍କୁ ପରାସ୍ତ କରିଥିଲେ। ଅଲ୍‌କାରାଜଙ୍କୁ ଏବେ ୨୨ ବର୍ଷ। ଇତିମଧ୍ୟରେ ସେ ୯ଟି ଗ୍ରାଣ୍ଡସ୍ଲାମର ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ଏ କ୍ଷେତ୍ରରେ କେବଳ ରାଫାଲ ନାଡାଲ ୨୩ ବର୍ଷରେ ପହଞ୍ଚିବା ପୂର୍ବରୁ ୧୦ଟି ସେମିଫାଇନାଲ ଖେଳିଥିଲେ।




କାର୍ଲୋସ ଅଲ୍‌କାରାଜ ଓ ନୋଭାକ ଜୋକୋଭିଚ୍।

## ପେଗୁଲା-ସାବାଲେଙ୍କା ଭେଟ

ମହିଳା ସିଙ୍ଗଲ୍ସରେ ନଂ.୧ ଆରିନା ସାବାଲେଙ୍କା ଓ ଜେସିକା ପେଗୁଲାଙ୍କ ମଧ୍ୟରେ ମୁକାବିଲା ହେବ। ମାର୍କେଟା ଭୋନ୍ଦ୍ରୋସୋଭା ଓହରି ଯିବାରୁ ୱାକ୍‌ଓଭର ପାଇ ସାବାଲେଙ୍କା ସେମିଫାଇନାଲରେ ପ୍ରବେଶ କରିଥିବାବେଳେ ୪ର୍ଥ ସିଡ୍ ପେଗୁଲା ୬-୩, ୬-୩ ସେଟ୍‌ରେ ବାର୍ବରା କ୍ରେଜିକୋଭାଙ୍କୁ ହରାଇ ଦେଇଛନ୍ତି। କ୍ୟାରିୟରରେ ଦ୍ୱିତୀୟଥର ପାଇଁ ଏକ ଗ୍ରାଣ୍ଡସ୍ଲାମର ସେମିଫାଇନାଲରେ ପ୍ରବେଶ କରିଥିବା ପେଗୁଲା ଗୋଟିଏ ବର୍ଷ ପୂର୍ବରୁ ଫ୍ଲସିଂ ମାଡୋସରେ ଫାଇନାଲରେ ସାବାଲେଙ୍କାଙ୍କଠାରୁ ହାରିଯାଇଥିଲେ। ଚଳିତ ବର୍ଷ ଅଷ୍ଟ୍ରେଲିଆନ ଓପନ୍‌ର ୪ର୍ଥ ରାଉଣ୍ଡ, ଫ୍ରେଞ୍ଚ ଓପନ ୩ୟ ରାଉଣ୍ଡ ଏବଂ ୱିମ୍ବେଲଡନ ପ୍ରଥମ ରାଉଣ୍ଡରେ ହାରିଯାଇଥିବା ପେଗୁଲା ୟୁଏସ୍ ଓପନରେ କୌଣସି ସେଟ୍ ନ ହାରି ସେମିଫାଇନାଲରେ ପହଞ୍ଚିଛନ୍ତି।

## ଭେନସ୍‌ଙ୍କ ଅଭିଯାନ ଶେଷ

ଦୁଇ ବର୍ଷ ବ୍ୟବଧାନରେ ପ୍ରତ୍ୟାବର୍ତ୍ତନ କରିଥିବା ୪୫ ବର୍ଷୀୟ ଭେନସ ୱିଲିୟମ୍ସଙ୍କ ଡବଲ୍ସ ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। ଲୈଲା ଫର୍ନାଣ୍ଡେଜ୍‌ଙ୍କୁ ସାଥିକରି ଖେଳିଥିବା ଭେନସ୍ କ୍ୱାର୍ଟର ଫାଇନାଲରେ ଟେଲର ଟାଉନସେଣ୍ଡ ଓ କାଟରିନା ସିନିକୋଭା ଯୋଡ଼ିଙ୍କଠାରୁ ୧-୬, ୨-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଭେରୋନିକା କୁଦରମେଟୋଭା ଓ ଇଲିସେ ମେର୍ଟେନ୍ସ ଯୋଡ଼ି ୬-୪, ୬-୨ରେ ମୀରା ଆନ୍ଦ୍ରିଭା ଓ ଡିଆନା ସ୍ନେଡରଙ୍କୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛନ୍ତି।

# ଡୋପିଂ: କାଲିରାମନ ୨ ବର୍ଷ ବାସନ୍ଦ

**ନୂଆଦିଲ୍ଲୀ,୩।୯(ପି.ଟି.)**

୨୦୨୧ ୱାର୍ଲ୍ଡ ୨୦ ବର୍ଷରୁ କମ୍ ଚାମ୍ପିୟନଶିପ୍ସ ୪X୪୦୦ ମିଟର ମିକ୍ସଡ୍ ରିଲେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ସୁମି କାଲିରାମନଙ୍କୁ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ର ଆଣ୍ଟି-ଡୋପିଂ ଡିସିପ୍ଲିନାରି ପାନେଲ (ଏଡିଡିପି) ପକ୍ଷରୁ ଦୁଇବର୍ଷ ଲାଗି ବ୍ୟାନ୍ କରାଯାଇଛି। କାଲିରାମନ ୨୦୨୪ରେ ଡୋପ୍ ଟେଷ୍ଟରେ ଫେଲ୍ ହୋଇଥିଲେ। ୨୨ ବର୍ଷୀୟ ସୁମିଙ୍କ ଡୋପ୍ ନମୁନାରେ କ୍ଲୋମିଫେନେ ନାମକ ନିଷିଦ୍ଧ ଔଷଧ ମିଳିଥିଲା। ଏଥିଯୋଗୁ ନାଡା ପକ୍ଷରୁ ତାଙ୍କୁ ସାମୟିକ ଭାବେ ବାସନ୍ଦ କରାଯାଇଥିଲା। ତାଙ୍କର ଏହି ବାସନ୍ଦାଦେଶ ଗତବର୍ଷ ଅକ୍ଟୋବର ୧୪ରୁ ଆରମ୍ଭ ହୋଇଛି। ଡିଷ୍ଟାନ୍ସ ରନର ଶ୍ରୀରାଗ ଏ ଏସ୍ ଓ ରେଶ୍ମା ଦତ୍ତା କେଭଟେଙ୍କୁ ଯଥାକ୍ରମେ ୪ ଓ ୫ ବର୍ଷ ଲାଗି ବାସନ୍ଦ କରାଯାଇଛି। ୱେଟ୍‌ଲିଫ୍ଟର ସିମରନ୍‌ଜିତ କୌର (୫ ବର୍ଷ), ବକ୍ସର ରୋହିତ୍ ଚାମୋଲି (୨), ରେସ୍‌ଲର ଆରଜୁ (୪), କବାଡ଼ି ଖେଳାଳି ମୋହିତ ନାନ୍ଦାଲ (୪) ଓ ରେସର ଅନିରୁଦ୍ଧ ଅରବିନ୍ଦ(୩)ଙ୍କୁ ଡୋପିଂ ଲାଗି ବାସନ୍ଦ କରାଯାଇଛି।



ଦକ୍ଷିଣ କୋରିଆ ବିପକ୍ଷରେ ଗୋଲ୍ ସ୍କୋର କରିବା ପରେ ହାର୍ଦ୍ଦିକ ସିଂଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

# ଭାରତ-କୋରିଆ ମ୍ୟାଚ ଡ୍ର

**ଏସିଆ କପ୍ ହକି**

**ରାଜଗିର, ୩।୯**

ଏସିଆ କପ୍ ପୁରୁଷ ହକି ଟୁର୍ନାମେଣ୍ଟର ସୁପର-୪ ପର୍ଯ୍ୟାୟ ବୁଧବାର ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରେ ମାଲେସିଆ ୨-୦ ଗୋଲରେ ଚାଇନାକୁ ହରାଇଥିବାବେଳେ ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ମ୍ୟାଚର ୮ମ ମିନିଟରେ ହାର୍ଦ୍ଦିକ ସିଂ ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ ଦେଇଥିଲେ। ମାତ୍ର ୧୨ ଓ ୧୪ଶ ମିନିଟରେ କୋରିଆର ୟାଙ୍ଗ ଜିହୁନ ଓ କିମ୍ ହ୍ୟୋନହଙ୍ଗ୍ ଗୋଟିଏ ଲେଖାଏ ଗୋଲ ଦେଇ ଭାରତ ଉପରେ ଚାପ ପକାଇଥିଲେ। ୫୩ତମ ମିନିଟରେ ଭାରତର ମନଦୀପ ସିଂ ଗୋଲ ପରିଶୋଧ କରିବାରୁ ଉଭୟ ଦଳ ୧ ପଏଣ୍ଟ ଲେଖାଏ ଭାଗ କରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଗୁରୁବାର ମାଲେସିଆ ବିପକ୍ଷରେ ଖେଳିବ। ମାଲେସିଆ ୩ ପଏଣ୍ଟ ସହିତ ଟେବୁଲର ଶୀର୍ଷରେ ରହିଛି। ୫ରୁ ୮ମ ସ୍ଥାନ ପାଇଁ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଜାପାନ ୨-୦ ଗୋଲରେ ଚାଇନିଜ୍ ତାଇପେକୁ ହରାଇ ଦେଇଛି।

# ଆଇଓଏକୁ ଆଇଓସି ପାଣ୍ଠି ଯୋଗାଇବ

**ନୂଆଦିଲ୍ଲୀ,୩।୯(ପି.ଟି.)**

ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଭାରତକୁ ପୁନଃ ପାଣ୍ଠି ଯୋଗାଇଦେବାକୁ ନିଷ୍ପତ୍ତି ନେଇଛି। ଏକ ବର୍ଷ ତଳେ ଅଲିମ୍ପିକ୍ ସଲିଡାରିଟି ପ୍ରୋଗ୍ରାମ ଅଧୀନରେ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ(ଆଇଓଏ)କୁ ପାଣ୍ଠି ଯୋଗାଇବା ବନ୍ଦକରି ଦିଆଯାଇଥିଲା। ଆଇଓଏ ତା'ର ଆନ୍ତଃକନ୍ଦଳ ଓ ଶାସନଗତ ସମସ୍ୟାର ସମାଧାନ କରିବା ପରେ ଆଇଓସି ଏଭଳି ନିଷ୍ପତ୍ତି ନେଇଛି।

ଗତବର୍ଷ ଆଇଓଏର ସିଇଓ ଭାବେ ରଘୁରାମ ଆୟାରଙ୍କ ନିଯୁକ୍ତିକୁ ୧୨ ସଦସ୍ୟବିଶିଷ୍ଟ କାର୍ଯ୍ୟକାରୀ ପରିଷଦ ଅନୁମତି ଦେବାକୁ ମନା କରିଦେଇଥିଲା। ଏଥିଯୋଗୁ ଆଇଓସିର ଏକ୍‌ଜିକ୍ୟୁଟିଭ୍ ବୋର୍ଡ ଭାରତକୁ ପ୍ରଦାନ କରାଯିବାକୁ ଥିବା ବାର୍ଷିକ ୧୫ କୋଟି ଟଙ୍କାର ଅନୁଦାନକୁ ରୋକି ଦେଇଥିଲା। କିନ୍ତୁ କ୍ରୀଡ଼ାମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟଙ୍କ ହସ୍ତକ୍ଷେପ ପରେ ଚଳିତ ବର୍ଷ ଜୁଲାଇ ୨୪ରେ ଆଇଓଏ ସଭାପତି ପିଟି ଉଷା ଓ କାର୍ଯ୍ୟକାରୀ ପରିଷଦର ସଦସ୍ୟଙ୍କ ମଧ୍ୟରେ ଚାଲିଥିବା ବିବାଦର ଅନ୍ତ ଘଟିଥିଲା। ପରେ ଏକ ସ୍ୱତନ୍ତ୍ର ସାଧାରଣ ବୈଠକ(ଏସ୍‌ଜିଏମ୍)ରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଭାରତର ବିଡ୍‌କୁ ମଞ୍ଜୁରୀ ମିଳିଥିଲା।

ତୁମ ଜାତୀୟ ଅଲିମ୍ପିକ୍ କମିଟି(ଆଇଓଏ)ରେ ଥିବା ଅନ୍ତଃକନ୍ଦଳ ଓ ଶାସନଗତ ସମସ୍ୟାର ସମାଧାନ ପାଇଁ ଗତ କିଛି ସପ୍ତାହରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ସମସ୍ତ ସମସ୍ୟା ଓ ଭୁଲ୍ ବୁଝାମଣା ସମ୍ପର୍କରେ ତୁମ କାର୍ଯ୍ୟକାରୀ ପରିଷଦରେ ପାରଦର୍ଶିତା ସହ ଆଲୋଚନା ହୋଇଥିଲା। ପରିଷଦର ସଦସ୍ୟମାନେ ମିଳିତ ଭାବେ ଏକତ୍ରିତ ହୋଇ ଶାନ୍ତିରେ ଆଗକୁ ବଢ଼ିବାକୁ ରାଜି ହୋଇଥିଲେ ଏବଂ ଅଗଷ୍ଟ ୧୩ରେ ବସିଥିବା ସାଧାରଣ ବୈଠକରେ ଅଡିଟ୍ ସହ ଅନ୍ୟାନ୍ୟ ବକେୟା ରିପୋର୍ଟ୍ସ ଆନୁଷ୍ଠାନିକ ଭାବେ ଅନୁମୋଦିତ ହୋଇଥିଲା। ଯାହା ଫଳରେ ଆମେ ଖୁସିର ସହ ସ୍ପଷ୍ଟ କରୁଛୁ ଯେ, ଆଇଓସି ଓ ଅଲିମ୍ପିକ୍ ସଲିଡାରିଟି ଏବେ ଆଇଓଏ ଲାଗି ସମସ୍ତ ପାଣ୍ଠି ଯୋଗାଇବା ସହ କାର୍ଯ୍ୟ ସମ୍ପର୍କକୁ ସ୍ୱାଭାବିକ କରିବାକୁ ନିଷ୍ପତ୍ତି ନେଇଛି। ଏଥିସହିତ ଆଇଓଏ ତା'ର ଦୈନନ୍ଦିନ କାର୍ଯ୍ୟକଳାପରେ ସ୍ୱଚ୍ଛତା ବଜାୟ ରଖିବ ବୋଲି ଆଇଓସି ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ଏହାର ପ୍ରତିକ୍ରିୟାରେ ଆଇଏଓ ପକ୍ଷରୁ କୁହାଯାଇଛି ଯେ, ଅଲିମ୍ପିକ୍ ସଲିଡାରିଟି ଯୋଜନାରେ ପୁନଃ ସାମିଲ କରାଯିବା ଦ୍ୱାରା ଭାରତର ଆଥଲେଟ୍ ସବୁଠୁ ଅଧିକ ଫାଇଦା ପାଇବେ। ଏହି ସମର୍ଥନ ଆମକୁ ସିଧାସଳଖ ପାଣ୍ଠି ମାଧ୍ୟମରେ ମିଳିବ। ଏହାଦ୍ୱାରା ଆଥଲେଟ୍‌ଙ୍କ ବିକାଶ ଲାଗି ଟ୍ରେନିଂ, ପ୍ରସ୍ତୁତି ସହିତ ଅଲିମ୍ପିକ୍ସ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେବା ଉପରେ ଖର୍ଚ୍ଚ ହେବ।

# କ୍ରୀଡ଼ା ପ୍ରଶାସନକୁ ଫେରିଲେ ଶ୍ରୀନିବାସନ୍

**ନୂଆଦିଲ୍ଲୀ,୩।୯(ପି.ଟି.):** ବିସିସିଆଇର ପୂର୍ବତନ ସଭାପତି ଏନ୍. ଶ୍ରୀନିବାସନ୍ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ଚେୟାରମ୍ୟାନ ଭାବେ କ୍ରୀଡ଼ା ପ୍ରଶାସନରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ ସେ ପରାମର୍ଶଦାତା ଭାବେ କାର୍ଯ୍ୟ କରିବେ। କିନ୍ତୁ ଏହା ଫ୍ରାଞ୍ଚାଇଜ୍ ପାଇଁ ଏକ ବରଦାନ ବୋଲି ସିଇଓ କାଶୀ ବିଶ୍ୱନାଥନ୍ ବୁଧବାର କହିଛନ୍ତି। ୮୦ ବର୍ଷୀୟ ଶ୍ରୀନିବାସନ୍‌ଙ୍କୁ କିଛି ସପ୍ତାହ ତଳେ ବସିଥିବା ଚେନ୍ନାଇ ଫ୍ରାଞ୍ଚାଇଜ୍‌ର ବୋର୍ଡ ମିଟିଂରେ ଚେୟାରମ୍ୟାନ ନିଯୁକ୍ତ କରାଯାଇଥିଲା। 'ଶ୍ରୀନିବାସନ୍ ଫେରିବା ଆମ ପାଇଁ ଏକ ବରଦାନ ସଦୃଶ। ସେ ଆମ ଲାଗି ଶ୍ରେଷ୍ଠ ପ୍ରଶାସନିକ ଅଧିକାରୀ ରହିଛନ୍ତି। ସେ ସିଏସ୍‌କେକୁ ଫେରି ଆସିଥିବାରୁ ମୁଁ ବହୁତ ଖୁସି। ଅଧିକ ଟ୍ରାଭେଲ କରୁ ନ ଥିବାରୁ ସେ ପରାମର୍ଶଦାତା ଭାବେ କାର୍ଯ୍ୟ କରିବେ। କିନ୍ତୁ ଆମେ ତାଙ୍କ ଯୋଗାଯୋଗରେ ରହିବୁ' ବୋଲି ବିଶ୍ୱନାଥନ୍ କହିଛନ୍ତି।

# ପ୍ରଥମଥର କ୍ୱାର୍ଟରରେ ଭାମ୍ବ୍ରି

**ନ୍ୟୁୟର୍କ, ୩।୯(ପି.ଟି.)**

ଭାରତର ୟୁକି ଭାମ୍ବ୍ରି କ୍ୟାରିୟରରେ ପ୍ରଥମଥର ପାଇଁ ଏକ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୟୁଏସ୍ ଓପନ୍ ପୁରୁଷ ଡବଲ୍ସରେ ସେ ମାଇକେଲ ଭେନସ୍‌ଙ୍କୁ ସାଥିକରି ଏହି ସଫଳତା ପାଇଛନ୍ତି। ୧୪ଶ ସିଡ୍ ଏହି ଭାରତ-ନ୍ୟୁଜିଲାଣ୍ଡ ଯୋଡ଼ି ୧ ଘଣ୍ଟା ୨୩ ମିନିଟ ସମୟ ନେଇ ଜର୍ମାନୀ ଯୋଡ଼ି କେଭିନ କ୍ରାୱିଜ ଓ ଟିମ୍ ପୁଏଜଙ୍କୁ ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। କ୍ୱାର୍ଟର ଫାଇନାଲରେ ଭାମ୍ବ୍ରି-ଭେନସ୍ କ୍ରୋଏସିଆର ନିକୋଲା ମେକ୍‌ଟିକ୍ ଓ ଆମେରିକାନ୍ ଭେଟେରାନ୍ ରାଜୀବ ରାମଙ୍କୁ ଭେଟିବେ। କ୍ୟାରିୟରରେ ଅଧିକାଂଶ ସମୟ ଆହତ ସମସ୍ୟା ଦେଇ ଗତି କରିଥିବା ଭାମ୍ବ୍ରି ସିଙ୍ଗଲ୍ସରେ କେବେହେଲେ ପ୍ରଥମ ରାଉଣ୍ଡ ଅତିକ୍ରମ କରିପାରି ନ ଥିଲେ। ମାତ୍ର ଡବଲ୍ସରେ ତାଙ୍କ ପ୍ରଦର୍ଶନ ଭଲ ରହିଛି। ଚଳିତ ବର୍ଷ ଫ୍ରେଞ୍ଚ ଓପନ୍ ଏବଂ ୱିମ୍ବେଲଡନ୍‌ରେ ସେ ୩ୟ ରାଉଣ୍ଡରେ ପ୍ରବେଶ କରିଥିଲେ।



ମ୍ୟାଚ ଜିତିବାପରେ ମାଇକେଲ ଭେନସ୍ ଓ ୟୁକି ଭାମ୍ବ୍ରି।

## ଜୁନିୟରରେ ଭାରତୀୟ ଅଭିଯାନ ଶେଷ

ଜୁନିୟର ମୁକାବିଲାରେ ଭାରତର ଅଭିଯାନ ଶେଷ ହୋଇଛି। ବାଳିକା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରତିଭାସମ୍ପନ୍ନ ମାୟା ରାଜେଶ୍ୱରନ ରେଭଥି ୨ୟ ସିଡ୍ ବ୍ରିଟେନ୍‌ର ହାନା କ୍ଲୁଗମାନ୍‌ଙ୍କଠାରୁ ୬(୧)-୭, ୬-୪, ୩-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଲାଇମା ସିନାଲିଙ୍କୁ ସାଥିକରି ଖେଳିଥିବା ମାୟା ବାଳିକା ଡବଲ୍ସରୁ ମଧ୍ୟ ବିଦାୟ ନେଇଛନ୍ତି। ସେହିପରି ବାଳକ ଡବଲ୍ସରେ ହିତେଶ ଚୌହାନ ଓ କ୍ରିଶ୍ ତ୍ୟାଗୀ ସେମାନଙ୍କ ଡବଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ହାରିଯାଇଛନ୍ତି।

# ଏଚ୍‌ଟୁଏଚ୍ ଫାଇଟିଂ ସ୍ପୋର୍ଟ୍ସ ଆସୋସିଏଶନକୁ ଓଓଏ ସ୍ୱୀକୃତି

**ଭୁବନେଶ୍ୱର, ୩।୯(ତପନ ସ୍ୱାଇଁ):** ହ୍ୟାଣ୍ଡ ଟୁ ହ୍ୟାଣ୍ଡ ଫାଇଟିଂ ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶାକୁ ରାଜ୍ୟ ଅଲିମ୍ପିକ୍ ଆସୋସିଏଶନ(ଓଓଏ)ର ସ୍ୱୀକୃତି ମିଳିଛି। ଏହା ଦ୍ୱାରା ଖେଳ ଓ ଖେଳାଳିଙ୍କ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ଆସୋସିଏଶନ ପକ୍ଷରୁ ପ୍ରକାଶ କରାଯାଇଛି। ଆସୋସିଏଶନର ସଦସ୍ୟମାନେ ହେଲେ ସଭାପତି ଅଭିମନ୍ୟୁ ବାରିକ, ଉପସଭାପତି ଅନ୍ତର୍ଯ୍ୟାମୀ ଖିଲାଲ, ସମ୍ପାଦକ ସବିତା ବାସ୍କେ, ଯୁଗ୍ମ ସମ୍ପାଦକ ପୀୟୂଷ ରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ମମତା ହେମ୍ବ୍ରମ୍, ଚେୟାରମ୍ୟାନ୍ ଯଦୁ ହାଁସ୍ଦା ଓ ଚେୟାରମ୍ୟାନ୍ କୋର୍ କମିଟି ସଦସ୍ୟ ତପନ ମଣ୍ଡଳ। ପ୍ରକାଶଯୋଗ୍ୟ, ୨୦୨୩ରେ ହ୍ୟାଣ୍ଡ ଟୁ ହ୍ୟାଣ୍ଡ ଫାଇଟିଂ ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଗଠନ କରାଯାଇ ସ୍ୱୀକୃତି ଲାଗି ଆବେଦନ କରାଯାଇଥିଲା।

# କିଟ୍‌ରେ ରଶ୍ମିତା ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୩।୯(ତପନ ସ୍ୱାଇଁ)**

ଶ୍ରୀନଗରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସରେ ୨ଟି ସ୍ୱର୍ଣ୍ଣ ଜିତିଥିବା ରଶ୍ମିତା ସାହୁଙ୍କୁ ବୁଧବାର କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଫଳତା ପାଇଁ ରଶ୍ମିତାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍‌କି ବାତ୍ କାର୍ଯ୍ୟକ୍ରମରେ କଥା ହୋଇଥିଲେ। ସମ୍ବର୍ଦ୍ଧନା ଅବସରରେ ରଶ୍ମିତାଙ୍କୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା। ରଶ୍ମିତା ସମ୍ପ୍ରତି କିଟ୍‌ରେ ଅଧ୍ୟୟନରତ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ କରିବା ଅବସରରେ ରଶ୍ମିତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ।



ରଶ୍ମିତା ସାହୁଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ କରୁଛନ୍ତି।

# ସଭାପତି, ଆଇପିଏଲ୍ ଚେୟାରମ୍ୟାନ୍ ପଦ ଉପରେ ନଜର

**ବିସିସିଆଇ ନିର୍ବାଚନ**

**ନୂଆଦିଲ୍ଲୀ, ୩।୯(ପି.ଟି.)**

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ବାର୍ଷିକ ସାଧାରଣ ବୈଠକ(ଏଜିଏମ୍) ଚଳିତ ମାସ ଶେଷଭାଗରେ ହେବାର ଅଛି। ଏହି ଅବସରରେ ସଭାପତି ଓ ଆଇପିଏଲ ଚେୟାରମ୍ୟାନ୍ ଆଦି କେତେକ ଶୀର୍ଷ ପଦ ଉପରେ ନଜର ରହିବ। ବର୍ତ୍ତମାନର ଆଇପିଏଲ ଚେୟାରମ୍ୟାନ୍ ଅରୁଣ ଧୂମାଲ ସମ୍ଭବତଃ ୩ ବର୍ଷ ପାଇଁ ବାଧ୍ୟତାମୂଳକ କୁଲିଂ ପିରିୟଡ୍‌ରେ ରହିବେ। କାରଣ ସେ ଅଫିସ୍‌ରେ ୬ ବର୍ଷ ବିତାଇ ସାରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ୩ ବର୍ଷ ଶେଷ କରିଥିବା ଦେବଜିତ ସାଇକିଆ(ଯୁଗ୍ମ ସମ୍ପାଦକ ଭାବେ ୨ ବର୍ଷ ୩ ମାସ ଓ ସମ୍ପାଦକ ଭାବେ ୯ ମାସ) ନିଜ ପଦରେ ଅପରିବର୍ତ୍ତିତ ରହିବେ। ଆଇପିଏଲ୍ ଚେୟାରମ୍ୟାନ୍ ପଦ ପାଇଁ ପୂର୍ବତନ ମୁମ୍ବାଇ କ୍ରିକେଟ୍ ଆସୋସିଏଶନ ସମ୍ପାଦକ ସଞ୍ଜୟ ନାଏକ ଏବଂ ବର୍ତ୍ତମାନ ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲାଙ୍କ ନାମ ଆସୁଛି। ତେବେ କିଛି ଚୂଡ଼ାନ୍ତ ହୋଇନାହିଁ। ଯଦି କଂଗ୍ରେସର ଶୁକ୍ଲା ପୁଣି ଆଇପିଏଲ ଚେୟାରମ୍ୟାନ୍ ହୁଅନ୍ତି ତେବେ ବିହାର କ୍ରିକେଟ ଆସୋସିଏଶନ ସଭାପତି ତଥା ଭାଜପା ନେତା ରାକେଶ ତିୱାରୀ ବିସିସିଆଇ ଉପସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି।



ସେହିପରି ଗତ ଜୁଲାଇରେ ୭୦ ବର୍ଷ ବୟସରେ ପଦାର୍ପଣ କରିଥିବା ରୋଜର ବିନ୍ନି ବର୍ତ୍ତମାନର ସମ୍ବିଧାନ ଅନୁସାରେ ଆଉ ସଭାପତି ପଦରେ ପୁନଃନିର୍ବାଚିତ ହୋଇପାରିବେ ନାହିଁ। ତାଙ୍କ ସ୍ଥାନରେ କିଏ ନୂଆ ସଭାପତି ହେବେ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସାଧାରଣତଃ କ୍ରିକେଟ୍‌ରେ ନିପୁଣ ବ୍ୟକ୍ତି ନିକଟ ଅତୀତରେ ସଭାପତି ପଦ ମଣ୍ଡନ କରି ଆସିଛନ୍ତି। ବିସିସିଆଇର ଗୁରୁତ୍ୱପୂର୍ଣ୍ଣ ଅଂଶୀଦାରଙ୍କ ମନରେ ମଧ୍ୟ ଏହି ଭାବନା ରହିଛି। ତେବେ ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଏବଂ ଭାରତର ପ୍ରଥମ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ରୋଜର ବିନ୍ନିଙ୍କ ପରି ଆଉ କେଉଁ କ୍ରିକେଟର ଏହି ପଦ ପାଇଁ ଆଶାୟୀ ରହୁଛନ୍ତି ତାକୁ ନେଇ ନିଶ୍ଚିତ କୌତୂହଳ ରହିବ। ବିସିସିଆଇ ଏଜିଏମ୍ ସେପ୍ଟେମ୍ବର ଶେଷ ସପ୍ତାହରେ ହେବା ସମ୍ଭାବନା ରହିଛି। ଏହି ସମୟରେ ଆସୋସିଏଶନର ନିଜସ୍ୱ ନିୟମ ଅନୁସାରେ ଖାଲି ପଡ଼ିଥିବା କେତେକ ପଦ ପୂରଣ ହେବା ନେଇ ଆଶା କରାଯାଉଛି।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ